# ଉତ୍କଳ ଯୁଗେ ଯୁଗେ

ଶ୍ରୀ ସୁରେନ୍ଦ୍ର ମହାନ୍ତି

ବି. ସି. ଦାଶ.

ଓଡ଼ିଶା ବୁକ୍ ଷ୍ଟୋର

ବିନୋଦ ବିହାରୀ, କଟକ—୨

ପ୍ରଥମ ମୁଦ୍ରଣ

୧୯୫୯

ମୂଲ୍ୟ—ଦୁଇଟଙ୍କା ଆଠଅଣା

ବନ୍ଧାଇ—ଆଠଅଣା

ମୁଦ୍ରାକର :

ଆର. ଏନ୍. ରଞ୍ଜଦେଓ

କଳିକା ପ୍ରେସ,

କଟକ—୧

*

# ଲୋପାମୁଦ୍ରା
# ଜିତାମିତ୍ର
# ଓ
# ନୀଳୋତ୍ପଳ
# ହାତରେ

*

# ସୂଚୀପତ୍ର


| | | |
|---|---|---|
| ୧ । ଉପୋଦ୍‌ଘାତ | ... | |
| ୨ । ପ୍ରସ୍ତାବନା | ... | ୧ |
| ୩ । ଅଶୋକ ବିଜୟ | ... | ୭ |
| ୪ । ଶିଶୁପାଳ ଗଡ଼ | ... | ୧୧ |
| ୫ । କଳିଙ୍ଗର ପ୍ରତିଶୋଧ | ... | ୫୧ |
| ୬ । ବିଜୟସିଂହ ଓ ହେମମାଳା | ... | ୨୩ |
| ୭ । ବକୁଳ ମହାଦେବୀ | ... | ୨୯ |
| ୮ । କେଶରୀ ସନ୍ଧ୍ୟା | ... | ୩୬ |
| ୯ । ଓଡ଼ିଶାର ମନ୍ଦିର | ... | ୪୪ |
| ୧୦ । ଶ୍ରୀ ଜଗନ୍ନାଥ | ... | ୫୦ |
| ୧୧ । କାବେରୀରୁ ଗଙ୍ଗା | ... | ୬୪ |
| ୧୨ । ସାହିତ୍ୟ ଓ ସାମ୍ରାଜ୍ୟ | ... | ୮୬ |
| ୧୩ । ସନ୍ଧି ଓ ସର୍ତ୍ତ | ... | ୧୦୧ |
| ୧୪ । ଦଳେଇ ବୁଢ଼ା | ... | ୧୧୭ |
| ୧୫ । ଓଡ଼ିଶାରେ ଇଂରେଜ | ... | ୧୩୩ |
| ୧୬ । ଶେଷର ଆରମ୍ଭ | ... | ୧୪୭ |

# ଉପୋଦ୍‌ଘାତ

"ଉତ୍କଳ ଯୁଗେ ଯୁଗେ"ଇତିହାସ ନୁହେ ବା ମୁଁ ଐତିହାସିକ ନୁହେଁ । ଓଡ଼ିଶାର ଇତିହାସ ସମ୍ବନ୍ଧରେ ପ୍ରାମାଣିକ ପୁସ୍ତକର ଅଭାବ ନାହିଁ । ତେଣୁ ମୁଁ ଓଡ଼ିଶାର ଇତିହାସ ଲେଖିବା ପାଇଁ ଧୃଷ୍ଟତା କରିନାହିଁ । ମୁଁ ଆଶା କରେ, ଇତିହାସରୂପେ କେହି ଏହାକୁ ଗ୍ରହଣ କରିବେ ନାହିଁ ।

କେତେବର୍ଷ ତଳେ ଥରେ ଓଡ଼ିଶା ବାହାରେ ଜଣେ ଓଡ଼ିଆ ଯୁବକଙ୍କ ସହିତ ସାକ୍ଷାତ ହୋଇଥିଲା । କଥା ପ୍ରସଙ୍ଗରେ ସେ ନିଜ ପ୍ରବାସଭୂମିରେ ଓଡ଼ିଆମାନଙ୍କର ବଡ଼ମ୍ବିତ ଓ ଉପେକ୍ଷିତ ସ୍ଥିତିର ନାନା ଦୁଃଖ, ଦୁର୍ଯୋଗ ବର୍ଣ୍ଣନା କରି, ଓଡ଼ିଆ ଜାତିକୁ ବାହାରେ ଚିହ୍ନାଇବା ଆମର କର୍ତ୍ତବ୍ୟ ବୋଲି ସେ ମୋତେ ପରାମର୍ଶ ଦେଇଥିଲେ ।

ଯୁବକଙ୍କ କଥା ଶୁଣି ଫରାସୀ ଦାର୍ଶନିକ ରେନାଁଙ୍କ ଗୋଟିଏ ପ୍ରସିଦ୍ଧ ଉକ୍ତି ମନେ ପଡ଼ିଲା । ପ୍ରାୟ ଅଶୀବର୍ଷ ତଳେ ଜଣେ ଉତ୍ସାହୀ ଯୁବକ ଫରାସୀ ପଣ୍ଡିତ ରେନାଁଙ୍କୁ ସାକ୍ଷାତ କରି ଫ୍ରାନ୍‌ସର ପୁନରୁତ୍‌ଥାନ ପାଇଁ, କିଛି କରିବା ଲାଗି ତାଙ୍କୁ ଅନୁରୋଧ କରି-ଥିଲେ । ରେନାଁ ତାଙ୍କୁ ଉତ୍ତରରେ କହିଥିଲେ···"ଫ୍ରାନ୍‌ସ

ବର୍ତ୍ତମାନ ମୃତ୍ୟୁ ଶଯ୍ୟାରେ । ଫ୍ରାନ୍‌ସର ମୃତ୍ୟୁଶଯ୍ୟାର ପ୍ରଶାନ୍ତ ଓ ନୀରବତାକୁ ଭଙ୍ଗ କର ନାହିଁ ।”

ମୁଁ ତାଙ୍କୁ ରେନାଁଙ୍କ ସେହି ଉକ୍ତିରେ ଉତ୍ତର ଦେଇଥିଲି । ମାତ୍ର ସେଥିରେ ସନ୍ତୁଷ୍ଟ ହେବା ଲୋକ ସେ ନ ଥିଲେ । ତାଙ୍କର ଦର୍ପପୂର୍ଣ୍ଣ ଆଶାବାଦକୁ ଆହତ କରିବା ମୋର ଉଦ୍ଦେଶ୍ୟ ନଥିଲେ ବି ମୁଁ ତାଙ୍କୁ କହିଥିଲି···“ଓଡ଼ିଆଜାତିକୁ ବାହାରେ ଯେଉଁମାନେ ଚିହ୍ନିବା ଓ ଜାଣିବା କଥା, ସେମାନେ ଚିହ୍ନନ୍ତି ଓ ଜାଣନ୍ତି । କିନ୍ତୁ ସମସ୍ୟା ହେଉଛି, ଓଡ଼ିଆଜାତି ନିଜ ପାଖରେ ନିଜେ ଅପରିଚିତ ।”

ମୋର ଏ ପ୍ରକାର ଉତ୍ତରରେ ସେ କ୍ଷୁର୍ଣ୍ଣ ଓ ହତାଶ ହୋଇ ଚାଲିଗଲେ ।

ଓଡ଼ିଶାର ସାଧାରଣ ଲୋକେ ସେମାନଙ୍କ ଇତିହାସ, ଐତିହ୍ୟ ସଂସ୍କୃତି ଓ ଜାତୀୟ ମୂଲ୍ୟବୋଧ ସମ୍ବନ୍ଧରେ ସଚେତନ ନୁହନ୍ତି । ସେଥିପାଇଁ ଓଡ଼ିଆମାନେ ଓଡ଼ିଶା ବାହାରେ ଏକ ଅହେତୁକ ଗୌଣ-ମନୋବୃତ୍ତିରୁ ନିଜକୁ ମୁକ୍ତ ରଖି ନପାରି, ନିଜେ ନିଜ ଦ୍ୱାରା ବିଡ଼ମ୍ବିତ ହୁଅନ୍ତି ।

ଏ ସମ୍ପର୍କରେ ପ୍ରାମାଣିକ ଗ୍ରନ୍ଥର ଅଭାବ ନ ଥିଲେହେଁ, ଓଡ଼ିଆରେ ଖଣ୍ଡେ ସୁଖପାଠ୍ୟ ପୁସ୍ତକର ଅଭାବ, ଏହାପରେ ମୁଁ ବହୁବାର ଅନୁଭବ କରିଅଛି । 'ଉତ୍କଳ ସ୍ୱର୍ଗ ଯୁଗେ' ସେ ଦିଗରେ ଏକ ବିନୀତ ପ୍ରଚେଷ୍ଟା ମାତ୍ର । ଐତିହାସିକ ଗବେଷଣା ଦୃଷ୍ଟିରୁ, ଏଥିରେ କେଉଁଠି କେଉଁଠି ଭ୍ରମ ପ୍ରମାଦ ଥାଇପାରେ । ରହିଥିବା ସ୍ୱାଭାବିକ—କାରଣ ମୁଁ ଗବେଷକ ନୁହେଁ । ବସ୍ତୁତଃ ଇତିହାସ

ଏଥିରେ ଗୌଣ—ମୁଖ୍ୟ ହେଉଛି ଇତିହାସର ପ୍ରାଣ ଓ ମୂଲ୍ୟବୋଧ-ତାହାର ରୂପାୟନ ଓ ବ୍ୟଞ୍ଜନାରେ ମୁଁ କେଉଁ ପରିମାଣରେ ସଫଳ ହୋଇଛି, ତାହା ସୁଧୀ ପାଠକବର୍ଗ ବିଚାର କରିବେ ।

ଦେଶ ଓ ଜାତି ପ୍ରୀତି ଏକ ଉନ୍ନତ ଗୃରବିକ ଆଦର୍ଶ, ସନ୍ଦେହ ନାହିଁ । ମାତ୍ର ଏ ଆଦର୍ଶ କେତେକ ପରିମାଣରେ ଗ୍ରାମ୍ୟତାଯୁକ୍ତ । ନିଜ ଗାଁ ନଦୀର ପାଣି ସବୁଠାରୁ ଶୀତଳ, ଗାଁ ଦାଣ୍ଡର ଆକାଶ ସବୁଠାରୁ ନିର୍ମଳ ଓ ଗାଁ ଆଖଡ଼ାର ଯାତ୍ରା ସବୁଠାରୁ ପ୍ରସିଦ୍ଧ ମନେହେଲା ପରି, ନିଜ ଦେଶର ଐତିହ୍ୟ ଓ ଇତିହାସ ସବୁବେଳେ ଅତ୍ୟନ୍ତ ଉଜ୍ଜ୍ୱଳ ମନେ ହୋଇଥାଏ । ଗୌଣତ୍ୱ-ପୀଡ଼ିତ ଓ ଅଖ୍ୟାତ-ସର୍ବସ୍ୱ ଜାତି ପକ୍ଷରେ, ଏ ବିପଦର ମାତ୍ରା ପୁଣି ଆହୁରି ଅଧିକ ।

ମୁଁ ମଧ୍ୟ ଏ ସ୍ୱାଭାବିକ ବିକୃତିରୁ ସମ୍ପୂର୍ଣ୍ଣ ମୁକ୍ତ ନୁହେଁ । ଅନେକେ ସମ୍ଭବତଃ 'ଉତ୍କଳ ଯୁଗେ ଯୁଗେ'ର ପୃଷ୍ଠାରେ ସେହି ବିକୃତିର ଅତିରଂଜିତ ପ୍ରତିଫଳନ ଦେଖିପାରନ୍ତି । କୋଣାର୍କ ଓ ଭୁବନେଶ୍ୱର ମନ୍ଦିର ଦେହର ଶିଉଳି ପରି ଆତ୍ମପ୍ରତ୍ୟୟହୀନ ଓଡ଼ିଆ-ଜାତି ବହୁକାଳ କୋଣାର୍କ, ଭୁବନେଶ୍ୱରକୁ ଅବଲମ୍ବନ କରି ବର୍ତ୍ତମାନର ଶତ ଆତ୍ମଗ୍ଳାନି ମଧ୍ୟରେ ବଞ୍ଚି ରହିଅଛି । ତା ଉପରେ ଆତ୍ମଶ୍ଳାଘାର ନୂଆ ପୁଟ ବୋଳିବା ମୋର ଉଦ୍ଦେଶ୍ୟ ନୁହେଁ । ତଥାପି ଏହା ସତ୍ତ୍ୱେ, ଖାରବେଳଙ୍କ ଦିଗ୍‌ବିଜୟ, ଭୁବନେଶ୍ୱରର ମନ୍ଦିର, ଶ୍ରୀ ଜଗନ୍ନାଥଙ୍କ ପରିକଳ୍ପନା, କପିଳେନ୍ଦ୍ରଙ୍କ ସାମ୍ରାଜ୍ୟ, ସାରଳାଙ୍କ ମହାଭାରତ, ପୁଣି ୧୮୦୪ ସାଲରେ ଅଶସ୍ତ୍ର ଓଡ଼ିଆ ପାଇକମାନଙ୍କ ଯୁଦ୍ଧ, ଭାରତୀୟ ସଂସ୍କୃତିସାଧନା ଓ ଇତିହାସର ଗୋଟିଏ ଗୋଟିଏ ଉଜ୍ଜ୍ୱଳ ଅଧ୍ୟାୟ ।

ଓଡ଼ିଶା ଇତିହାସର ବିଭିନ୍ନ ଯୁଗ ବା ଐତିହାସିକ କାଳର ଐତିହାସିକ ଓ ସାଂସ୍କୃତିକ ଚିତ୍ର, ଏଥିରେ ବିବରଣୀ, ଆଲୋଚନା ଓ କ୍ଷୁଦ୍ରଗଳ୍ପ ଆକାରରେ ବର୍ଣ୍ଣିତ ହୋଇଅଛି । ଓଡ଼ିଆସାହିତ୍ୟରେ ଏହା ଏକ ସମ୍ପୂର୍ଣ୍ଣ ନୂତନ ଉଦ୍ୟମ । ପ୍ରତି ନୂତନ ଉଦ୍ୟମରେ କେତେକ ଅପୂର୍ଣ୍ଣତା ରହିପିବା ସ୍ୱାଭାବିକ । ପାଠକ ଓ ସମାଲୋଚକମାନେ ସେଥିପ୍ରତି ମୋର ଦୃଷ୍ଟି ଆକର୍ଷଣ କଲେ ବାଧିତ ହେବି ।

କଟକ,
ତ୍ରିବେଣୀ ଅମାବାସ୍ୟା
ତା ୭-୨-୫୧ ରିଖ

ସୁରେନ୍ଦ୍ର ମହାନ୍ତି

# ପ୍ରସ୍ତାବନା

ଇଂ ୧୮୦୩ ସାଲରେ ଇଂରେଜମାନେ ଓଡ଼ିଶା ଅଧିକାର କଲା କାଳକୁ ମହାରାଜା ରଣଜିତ୍ ସିଂହଙ୍କର ଉତ୍ତର-ପଶ୍ଚିମ ଭାରତ ଛାଡ଼ିଦେଲେ, ଭାରତର ଅନ୍ୟ ସବୁ ଅଞ୍ଚଳ ଇଂରେଜମାନଙ୍କର ଅଧୀନତା ସ୍ୱୀକାର କରି ସାରିଥିଲା । ୧୮୦୩ ସାଲରେ ଇଂରେଜମାନେ ଓଡ଼ିଶାର ସମୁଦ୍ରୋପକୂଳବର୍ତ୍ତୀ 'ମୋଗଲବନ୍ଦୀ' ଅଞ୍ଚଳମାନ ଅଧିକାର କରିଥିଲେ । ମାତ୍ର ତାହାର କେତେବର୍ଷ ପର୍ଯ୍ୟନ୍ତ ସେଠାରେ କୋମ୍ପାନୀ-ଶାସନ ପୂରାପୂରି ପ୍ରତିଷ୍ଠିତ ହୋଇ ପାରି ନ ଥିଲା । ଖୋର୍ଦ୍ଧା ବେଡ଼ଙ୍ଗ କିଲ୍ଲାର ବକ୍ସୀ ଜଗବନ୍ଧୁଙ୍କ ନେତୃତ୍ୱରେ ଇଂରେଜ ଶାସନ ବିରୁଦ୍ଧରେ ଯେଉଁ ବିଦ୍ରୋହ ପ୍ରକାଶ ପାଇଥିଲା, ଇତିହାସରେ ତାହାକୁ "ପାଇକ-ମେଳି" ଆଖ୍ୟା ଦେଇ, ତାହାର ମହତ୍ତ୍ୱକୁ କ୍ଷୁଣ୍ଣ କରିବାର ଚେଷ୍ଟା ହୋଇଥିଲେହେଁ, ଇଂରେଜ ଶାସନ ବିରୁଦ୍ଧରେ ତାହାହିଁ ଭାରତର ପ୍ରଥମ ସ୍ୱାଧୀନତା ସମର । ଇଂରେଜମାନେ ବକ୍ସୀ ଜଗବନ୍ଧୁଙ୍କ ନେତୃତ୍ୱରେ ପରିଚାଳିତ ପାଇକ-ବିଦ୍ରୋହକୁ ଆସୁରିକ ଶକ୍ତି ବଳରେ ଦମନ କଲେ ସୁଦ୍ଧା, ଓଡ଼ିଶା ପୂରାପୂରି ଏହାପରେ ବ୍ରିଟିଶ ଅଧୀନକୁ ଆସି ନ ଥିଲା । ପଶ୍ଚିମ-ଓଡ଼ିଶା ସେତେବେଳେ ସମ୍ବଲପୁରକୁ କେନ୍ଦ୍ର କରି ଇଂରେଜ ଶାସନରୁ ପ୍ରାୟ ସ୍ୱାଧୀନ ରହିଥିଲା ।

୧୮୫୭ ସାଲରେ ସିପାହି ବିଦ୍ରୋହର ଅବ୍ୟବହିତ ପୂର୍ବରୁ ତତ୍କାଳୀନ ବଡ଼ଲାଟ ଡେଲହାଉସୀ ରାଜ୍ୟସ୍ୱତ୍ୱଲୋପ ନୀତି ବଳରେ ସମ୍ବଲପୁର ରାଜ୍ୟକୁ ବ୍ରିଟିଶ ଶାସିତ ଅଞ୍ଚଳ ସାଙ୍ଗରେ ମିଶାଇ-ଦେଲେ । ଏ ଅବିଚାରର ପ୍ରତିବାଦରେ ସମଗ୍ର ପଶ୍ଚିମ-ଓଡ଼ିଶା

ସମ୍ବଲପୁର ରାଜବଂଶର ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ଭାରତର ସିପାହୀ-ବିଦ୍ରୋହରେ ଯୋଗ ଦେଇଥିଲା । ସିପାହୀ-ବିଦ୍ରୋହର ଇତିହାସରେ ତାହା ଏକ ଗୌରବୋଜ୍ଜ୍ୱଳ ଅଧ୍ୟାୟ । ତେଣୁ କୁହାଯାଇ ପାରେ ୧୮୫୮ ସାଲ ସୁଦ୍ଧା ଓଡ଼ିଶା ପୂରାପୂରି ଇଂରେଜ ଅଧିକାରକୁ ଆସି ନ ଥିଲା । ଅଥଚ ସେତେବେଳକୁ ସାରା ଭାରତ ଇଂରେଜର ଦାସତ୍ୱ ସ୍ୱୀକାର କରି ସାରିଥିଲା !

(ଦାସତ୍ୱର ସେ ଘୋର ଅନ୍ଧକାର ଭିତରେ ଓଡ଼ିଶାର ଜାତୀୟତା ଏକ ଉଜ୍ଜ୍ୱଳ, ନିଷ୍ପନ୍ଦ ଦୀପଶିଖା ପରି ଜଳୁଥିଲା । ତେଣୁ ଓଡ଼ିଶାର ଜାତୀୟତାକୁ ହତ୍ୟା କରିବା, ଭାରତରେ ବ୍ରିଟିଶ କଟନୀତିର ମୂଳନୀତି ଥିଲା । ଇଂରେଜ ଅମଳରେ ଓଡ଼ିଶାକୁ ଏଠି ଖଣ୍ଡେ, ସେଠି ଟିକିଏ କରି ରଖି ଓଡ଼ିଆ ଭାଷା, ସଂସ୍କୃତି ଓ ଜାତୀୟତାକୁ ହତ୍ୟା କରି, ଓଡ଼ିଶା ଓ ଓଡ଼ିଆ ଜାତିକୁ ତଳିତଳାନ୍ତ କରି ଦିଆ ଯାଇଥିଲା । ଏବର ଦକ୍ଷିଣ ଓଡ଼ିଶାକୁ ରଖାଗଲା ମାନ୍ଦ୍ରାଜ ପ୍ରଦେଶ ସଙ୍ଗରେ, ସମ୍ବଲପୁର, ଫୁଲଝର, ସାରଙ୍ଗଗଡ଼, ଶକ୍ତି, ରାୟଗଡ଼ ପ୍ରଭୃତି ଅଞ୍ଚଳକୁ ରଖାଗଲା ମଧ୍ୟପ୍ରଦେଶ ସଙ୍ଗରେ । ଅବଶିଷ୍ଟ କଟକ, ପୁରୀ ଓ ବାଲେଶ୍ୱର ଜିଲ୍ଲା ପୁଣି ସିଂହଭୂମି ସମେତ ଛୋଟନାଗପୁର ଅଞ୍ଚଳକୁ ବିହାର ସହିତ ଯୋଡ଼ି ରଖାଗଲା ବଙ୍ଗଳା ପ୍ରଦେଶ ସହିତ । ଊନବିଂଶ ଶତାବ୍ଦୀର ଜଣେ ଇଂରେଜ ଐତିହାସିକ ହଣ୍ଟର ନିଜ ଓଡ଼ିଶା ଇତିହାସରେ ପିଠାଇ ଲେଖିଛନ୍ତି, "ଓଡ଼ିଶାରୁ ଖଜଣା ଟିକସ ଆଦାୟ କରି ଲୋକଙ୍କୁ ଶାସନ କରିବା ଛଡ଼ା, ଇଂରେଜମାନଙ୍କର ଓଡ଼ିଶାପ୍ରତି ଅନ୍ୟ କର୍ତ୍ତବ୍ୟ ନ ଥିଲା !")

ଭାରତର ଅନ୍ୟ ଅଞ୍ଚଳମାନଙ୍କରେ ଇଂରେଜମାନେ ଇତି-ମଧ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା, ଘାଟ, ବାଣିଜ୍ୟ ଓ ବ୍ୟବସାୟ ଆଦିର

ବହୁଳ ପ୍ରସାର କରିଥିଲେ ସୁଦ୍ଧା ଓଡ଼ିଶାକୁ ଏକ ଅନୁନ୍ନତ ଅଞ୍ଚଳ କରି ଦେଇଥିଲେ ।

ବର୍ଷ କେତୋଟା ପୂର୍ବେ ସୁଦ୍ଧା, ଚାନ୍ଦବାଲି ଓ ବାଲେଶ୍ୱର ପ୍ରଭୃତି ଯେଉଁ ବନ୍ଦରମାନଙ୍କରୁ ଓଡ଼ିଆ ସାଧବମାନେ, ବଙ୍ଗୋପ-ସାଗର ଓ ଭାରତ ମହାସାଗରର ଅଥଳ ପାଣିରେ ବୋଇତ ବାହୁଥିଲେ ସେ ବନ୍ଦରମାନ ଗୋଟିକ ପରେ ଗୋଟିଏ, ବନ୍ଦ ହୋଇଗଲା । ଇଂରେଜ ଅମଳରେ, ଭାରତ ଉପନବେଶ ଭିତରେ ଓଡ଼ିଶା ପାଲଟିଗଲା ଆଉ ଏକ କ୍ଷୁଦ୍ର ଉପନବେଶ । କାରଣ ଓଡ଼ିଆ ଜାତି ଇଂରେଜ ଶାସନକୁ ଯେଉଁ ମରଣ କାମୁଡ଼ା ଦେଇଥିଲା, ତାହାର ଜ୍ୱାଳା ଇଂରେଜ ମନରୁ ନଭି ନ ଥିଲା ।

ଏହା ପରେ ପରେ ଓଡ଼ିଆ ଭାଷା ଓ ସାହିତ୍ୟ ସୁଦ୍ଧା ଲୋପ ପାଇବାକୁ ବସିଥିଲା । ଓଡ଼ିଆ ଜାତି ନିଜର ଜାତୀୟତା ମଧ୍ୟ ଭୁଲି-ଯିବାକୁ ବସିଥିଲା । ସେତେବେଳେ ଗୌରୀଶଙ୍କର, ଫକୀରମୋହନ, ରାଧାନାଥ ଓ ମଧୁସୂଦନ ପ୍ରମୁଖ ଓଡ଼ିଆ ଲେଖକ ଓ ମନସ୍ୱୀମାନେ ବାହାରି ନ ଥିଲେ, ଆଜି କେ ଜାଣେ ଓଡ଼ିଆ ଭାଷା ଓ ସାହିତ୍ୟର ସତ୍ତା ସୁଦ୍ଧା ନ ଥାନ୍ତା ! ଗୌରୀଶଙ୍କର ଓ ଫକୀରମୋହନ ପ୍ରମୁଖଙ୍କର ସାହିତ୍ୟସାଧନା, ଓଡ଼ିଆ ଜାତୀୟ-ଆନ୍ଦୋଳନର ଭିତ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ । ଓଡ଼ିଆ ଭାଷାଭାଷୀମାନଙ୍କର ପୁଣି ଏକ ଶାସନାଧୀନରେ ରହି ଓଡ଼ିଆ ଭାଷା, ଜାତୀୟତା ଓ ସଂସ୍କୃତିର ବିକାଶ ପାଇଁ ପରେ ଯେଉଁ ଆଶା ଓ ଅଭୀପ୍ସା ପ୍ରକାଶ ପାଇଲା, ସେମାନଙ୍କର ସାହିତ୍ୟ-ସାଧନା ତାହାର ମୂଳ ।

ଏହାପରେ ମଧୁସୂଦନ ଓ ଗୋପବନ୍ଧୁଙ୍କ ନେତୃତ୍ୱରେ ୧୯୩୬ ସାଲରେ ବିହାରରୁ ବିଛିନ୍ନ ହୋଇ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ-

ରୂପେ ଗଠିତ ହେଲା । କିନ୍ତୁ ଏହି ଓଡ଼ିଶା ପ୍ରଦେଶରୁ ସେତେବେଳେ ସିଂହଭୂମି, ମେଦିନୀପୁର, ଫୁଲଝର, ରାୟଗଡ଼, ନାରଙ୍ଗଗଡ଼, ବନ୍ଦ୍ରା ନୂଆଗଡ଼, ଇଚ୍ଛାପୁର, ମଞ୍ଜୁଷା ଓ ଟିକାଲି ପ୍ରଭୃତି ବହୁ ଓଡ଼ିଆ ଅଞ୍ଚଳ ବିଚ୍ଛିନ୍ନ ହୋଇ ରହିଗଲା । ୧୯୩୬ ସାଲରେ ଯେଉଁ ଓଡ଼ିଶା ପ୍ରଦେଶ ଗଠିତ ହୋଇଥିଲା, ତାହା ମୋଟେ ଛଅଗୋଟି ଜିଲ୍ଲା ଯଥା, କୋରାପୁଟ, ଗଞ୍ଜାମ, ପୁରୀ, କଟକ, ବାଲେଶ୍ୱର ଓ ସମ୍ବଲପୁର ଜିଲ୍ଲାକୁ ନେଇ ଗଠିତ ହୋଇଥିଲା । ଇଂ ୧୯୪୮ ସାଲରେ ଓଡ଼ିଆଭାଷାଭାଷୀ ଗଡ଼ଜାତ ମାନ ଓଡ଼ିଶା ସହିତ ମିଶିଲା ପରେ, ଆଉ ସାତଗୋଟି ନୂଆ ଜିଲ୍ଲା ଓଡ଼ିଶା ସହିତ ଯୁକ୍ତ ହୋଇଅଛି ।

ଏବର ଓଡ଼ିଶା ଐତିହାସିକ କାଳରେ ଉତ୍କଳ, ଉତ୍କଳ-ବିଷୟ ଓ ଉତ୍କଳ-ଦେଶ ନାମରେ ପରିଚିତ ଥିଲା । ଏହି ଉତ୍କଳ ପୁଣି ଇତିହାସ ପ୍ରସିଦ୍ଧ କଳିଙ୍ଗ ସାମ୍ରାଜ୍ୟର ପ୍ରାଣକେନ୍ଦ୍ର ଥିଲା । ବୈଦିକ ଓ ପୌରାଣିକ କାଳରେ ସୁଦ୍ଧା ଏହି କଳିଙ୍ଗଭୂମି ଭାରତ-ପ୍ରସିଦ୍ଧ ଥିଲା । ବୈଦିକ କିମ୍ବଦନ୍ତୀରୁ ଜଣାପଡ଼େ ଆର୍ଯ୍ୟଋଷି ଦୀର୍ଘତମା କଳିଙ୍ଗ ଦେଶକୁ ଆସିଥିଲାବେଳେ କଳିଙ୍ଗରାଜ ବାଲୀ ନିଜ ମହିଷୀ ସୁଦେଷ୍ଣାଙ୍କୁ ସେବା ପାଇଁ ଅର୍ପଣ କରିଥିଲେ । ମାତ୍ର ସୁଦେଷ୍ଣା ନିଜେ ନ ଯାଇ ନିଜର ଦାସୀକୁ ଦୀର୍ଘତମାଙ୍କ ନିକଟକୁ ପଠାଇ ଦେଇଥିଲେ । ଏହି ଦାସୀର ପୁତ୍ର କକ୍ଷୀବନ୍ତ ଜଣେ ବୈଦିକ ଋଷି ରୂପେ ବହୁ-ପ୍ରସିଦ୍ଧ ଥିଲେ । କକ୍ଷୀବନ୍ତଙ୍କ ରଚିତ କେତେକ ସୁକ୍ତ ଋକ୍‌ବେଦରେ ଅଛି ।

ମହାଭାରତର ଆଦିପର୍ବରେ କଳିଙ୍ଗର ରାଜାମାନେ ଉତ୍ତର-ଭାରତର ଆର୍ଯ୍ୟ ରାଜକନ୍ୟାମାନଙ୍କ ପାଣିଗ୍ରହଣ କରିଥିବା ଉଲ୍ଲେଖ

ଅଛି । ଜ୍ୟେଷ୍ଠପାଣ୍ଡବ ଯୁଧିଷ୍ଠିର, ବନବାସ ବେଳେ କଳିଙ୍ଗ ଆସିଥିବା, ମହାଭାରତର ବନପର୍ବରେ ଉଲ୍ଲେଖ ଅଛି । କୌଟିଲ୍ୟ 'ଅର୍ଥଶାସ୍ତ୍ର' ଗ୍ରନ୍ଥରେ, କଳିଙ୍ଗ ହସ୍ତୀ ପାଇଁ ଭାରତପ୍ରସିଦ୍ଧ ଥିଲା ବୋଲି ଉଲ୍ଲେଖ କରିଅଛନ୍ତି । ବୌଦ୍ଧଯୁଗରେ କଳିଙ୍ଗର ଦନ୍ତପୁର ନଗର, ସିଂହପୁର, ରାଜପୁର ଓ କଳିଙ୍ଗନଗର ପ୍ରଭୃତି ସ୍ଥାନ ବହୁ ପ୍ରସିଦ୍ଧ ଲାଭ କରିଥିଲା । ଆନ୍ଧ୍ର ଦେଶର ଶ୍ରୀକାକୁଲମ୍ ଜିଲ୍ଲାରେ ଏବେ ସୁଦ୍ଧା ସିଂହପୁରର ଅବଶେଷ ଅଛି; ପୁଣି ବଂଶଧାରା ନଦୀ କୂଳର ମୁଖଲିଙ୍ଗମ୍ ସେ ଦିନର କଳିଙ୍ଗନଗର ବୋଲି ଐତିହାସିକମାନେ ସ୍ଥିର କରିଅଛନ୍ତି । ବୁଦ୍ଧଙ୍କ ଜୀବଦ୍ଦଶାରେ କଳିଙ୍ଗ ଅତି ସଭ୍ୟ ଓ ଉନ୍ନତ ଥିଲା । ବୌଦ୍ଧ ଶାସ୍ତ୍ରମାନଙ୍କରୁ ଜଣାପଡ଼େ କଳିଙ୍ଗର କୌଣସି ରାଜା ବୁଦ୍ଧଙ୍କୁ କଳିଙ୍ଗରେ ଧର୍ମପ୍ରଚାର ପାଇଁ ଆମନ୍ତ୍ରଣ କରିଥିଲେ । ମାତ୍ର ସେ ନିଜେ ଆସି ନ ପାରି ନିଜର ପ୍ରତିନିଧିଙ୍କୁ 'ନିର୍ମିତ ବୁଦ୍ଧ' ରୂପରେ ପଠାଇଥିଲେ । ପୁଣି ବୁଦ୍ଧଙ୍କ ପରିନିର୍ବାଣ ପରେ ବୁଦ୍ଧଙ୍କ ଦନ୍ତ କଳିଙ୍ଗ ଅଣାଯାଇ ଦନ୍ତପୁରଠାରେ ପ୍ରତିଷ୍ଠିତ ହୋଇଥିଲା । ଏଠାରୁ ସିଂହଳକୁ ରାଜା ଶ୍ରୀ ମେଘବର୍ଣ୍ଣଙ୍କ ରାଜତ୍ୱ କାଳରେ ବୁଦ୍ଧଦନ୍ତ ଆନୀତ ହୋଇଥିବାର କିମ୍ବଦନ୍ତୀ ଅଛି ।

ଅଶୋକଙ୍କ ରାଜତ୍ୱ କାଳରେ କଳିଙ୍ଗ ଶୌର୍ଯ୍ୟ ଓ ବୀର୍ଯ୍ୟରେ ଥିଲା ଅତୁଳନୀୟ । ଚେଦି ବଂଶର ଖାରବେଳ ଯେତେଦୂର ସମ୍ଭବ ଖ୍ରୀ:ପୂ: ପ୍ରଥମ ଶତାବ୍ଦୀର ବ୍ୟକ୍ତି । ଖାରବେଳଙ୍କ ପରଠାରୁ ଓଡ଼ିଶାର ଯେଉଁ ଧାରାବାହିକ ଇତିହାସ ମିଳେ, ସେଥିରୁ କଳିଙ୍ଗର ସଭ୍ୟତା, ସଂସ୍କୃତି, ଶୌର୍ଯ୍ୟ ଓ ସମୃଦ୍ଧି ଭାରତରେ ବହୁ ପ୍ରସିଦ୍ଧି ଲାଭ କରିଥିବା ସ୍ପଷ୍ଟ ଅନୁମିତ ହୁଏ । ଖ୍ରୀ: ଅ. ୭ମ ଶତାବ୍ଦୀରେ, କବି କାଳିଦାସଙ୍କର ଆବିର୍ଭାବ ହୋଇଥିଲା ବୋଲି ଐତିହାସିକ ପଣ୍ଡିତମାନେ ମତ ଦିଅନ୍ତି । କାଳିଦାସଙ୍କର ଅମର-ଙ୍କର

"ରଘୁବଂଶ"ରେ ସୁଦ୍ଧା ଉତ୍କଳ ଓ କଳିଙ୍ଗର ଉଲ୍ଲେଖ ଅଛି । ତେଣୁ ଖ୍ରୀଷ୍ଟୀୟ ଶତାବ୍ଦୀ ଆରମ୍ଭର ବହୁପୂର୍ବରୁ, ବୈଦିକ ଯୁଗର ଆରମ୍ଭରୁ ସୁଦ୍ଧା, କଳିଙ୍ଗ ଯେ ଏକ ଇତିହାସ—ପ୍ରସିଦ୍ଧ ଭୂମି ଥିଲା ତାହା ଉପରୋକ୍ତ ସୂଚନାବଳୀରୁ ସ୍ପଷ୍ଟ ହେବ ।

# ଅଶୋକ ବିଜୟ

**ଗୌ**ତମ ବୁଦ୍ଧଙ୍କ ପ୍ରବର୍ତ୍ତିତ ବୌଦ୍ଧଧର୍ମ ଦିନେ ଭାରତଭୂମିରୁ ବ୍ୟାପ୍ତ ହୋଇ ସମଗ୍ର ଏସିଆ ଖଣ୍ଡ ଓ ୟୁରୋପର ବହୁ ଦେଶ ଓ ଜାତିକୁ ସଭ୍ୟତାର ଏକ ନୂତନ ମନ୍ତ୍ରରେ ଦୀକ୍ଷିତ କରିଥିଲା । ବୋଧି ଲାଭ ପରେ ତଥାଗତ ବୁଦ୍ଧ ଶିଷ୍ୟହୀନ ହୋଇ ଉରୁବେଲ ପଥରେ ଦିନେ ଯାଉଥିଲା ବେଳେ, ବିପରୀତ ଦିଗରୁ ଦୁଇଜଣ ବଣିକ ଶକଟରେ ନାନା ବାଣିଜ୍ୟ ସମ୍ଭାର ଧରି, ଆସୁଥିବାର ଦେଖିଲେ— ସେ ଦୁହେଁ କଳିଙ୍ଗର ତପୁସ ଓ ବହ୍ଲୀକ । ଦୀର୍ଘ ବାରବର୍ଷର ଉପବାସକ୍ଲିଷ୍ଟ ସାଧନା ପରେ ତଥାଗତ କ୍ଲାନ୍ତ ଓ କ୍ଷୁଧାରେ ଅବସନ୍ନ ହୋଇ ପଡ଼ିଥିଲେ । ତପୁସ ଓ ବହ୍ଲୀକ ତଥାଗତଙ୍କୁ ଦେଖି ତାଙ୍କ ପାଦତଳେ ସାଷ୍ଟାଙ୍ଗ ପ୍ରଣିପାତ କରି ତାଙ୍କୁ ପାୟସ ଭୋଜନ କରିବା- ପାଇଁ ଦେଇଥିଲେ । ତଥାଗତ ତପୁସ ଓ ବହ୍ଲୀକଙ୍କର ସାଧୁତାରେ ତୁଷ୍ଟ ହୋଇ ସେମାନଙ୍କୁ ସର୍ବପ୍ରଥମେ ନିଜ ଧର୍ମରେ ଦୀକ୍ଷିତ କରିଥିଲେ । ତପୁସ ଓ ବହ୍ଲୀକ ତେଣୁ ବୌଦ୍ଧ ଜଗତରେ ସର୍ବ- ପ୍ରଥମ ଶ୍ରାବକ ରୂପରେ ପ୍ରସିଦ୍ଧ ।

ବୁଦ୍ଧଙ୍କ ପରିନିର୍ବାଣ ପରେ କଳିଙ୍ଗ-ଭିକ୍ଷୁ କ୍ଷେମ ବୁଦ୍ଧଦନ୍ତ ଆଣି କଳିଙ୍ଗରେ ପ୍ରତିଷ୍ଠିତ କରିଥିଲେ । ସେହିଦିନଠୁ କଳିଙ୍ଗ ବୌଦ୍ଧର

କଳନାରେ ଏକ ପ୍ରଧାନ ତୀର୍ଥଭୂମି ରୂପେ ପରିଗଣିତ ହୋଇଥିଲା । କଳିଙ୍ଗର ଇଷ୍ଟଦେବ ଜଗନ୍ନାଥ ଏବେ ସୁଦ୍ଧା ବୁଦ୍ଧମୂର୍ତ୍ତି ରୂପରେ କଳ୍ପିତ ।

ଶାନ୍ତି, ମୈତ୍ରୀ ଓ ଅହିଂସାର ତୀର୍ଥଭୂମି ଏହି କଳିଙ୍ଗ ଉପରେ ଯେବେ, ମଗଧ ରାଜ ଚଣ୍ଡାଶୋକ ଆରମ୍ଭ କରିଥିଲେ ପ୍ରଚଣ୍ଡ ପୈଶାଚିକ ଆକ୍ରମଣ । ଚଣ୍ଡାଶୋକ ମଗଧ ସିଂହାସନରେ ଖ୍ରୀ: ପୂ: ୨୭୩ ସାଲରେ ଅଭିଷିକ୍ତ ହୋଇଥିଲେ । ରାଜତ୍ୱର ଦ୍ୱାଦଶ ବର୍ଷରେ ଖ୍ରୀ: ପୂ: ୨୬୧ ରେ ଚଣ୍ଡାଶୋକ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ସୁବିସ୍ତୃତ କଳିଙ୍ଗଭୂମିକୁ ମଗଧ ସାମ୍ରାଜ୍ୟରେ ମିଶାଇବାପାଇଁ କଳିଙ୍ଗ-ଅଭିଯାନ ଆରମ୍ଭ କରିଥିଲେ । ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ କଳିଙ୍ଗର କୋଣେ କୋଣେ, ଗୃହେ, ଗୃହେ, ଚଣ୍ଡାଶୋକର ସୈନ୍ୟବାହିନୀ ହତ୍ୟା, ରକ୍ତପାତ ଓ ଧ୍ୱଂସର ବୀଭତ୍ସ ତାଣ୍ଡବ ଲଗାଇ ଦେଲେ । କିନ୍ତୁ କଳିଙ୍ଗ ପ୍ରାଣ ଦେଲା ପଛେ ମାନ ଦେଲା ନାହିଁ । ଲକ୍ଷ ଲକ୍ଷ କଳିଙ୍ଗଯୁବକ ଚଣ୍ଡାଶୋକର ସୈନ୍ୟବାହିନୀ ବିରୁଦ୍ଧରେ ଠିଆ ହୋଇ ଜନ୍ମଭୂମିର ସ୍ୱାଧୀନତା ରକ୍ଷା ଲାଗି ପ୍ରାଣ ବଳି ଦେଲେ । ହାଣ ଖଣ୍ଡା ମୁହଁରୁ ଯେଉଁମାନେ ବର୍ତ୍ତି ଥିଲେ, ସେମାନେ ଗଲେ ଦୁର୍ଭିକ୍ଷ ଓ ମହାମାରୀ କବଳରେ ।

କିନ୍ତୁ ମଗଧର ଏ ଅଜେୟ ସୈନ୍ୟବାହିନୀ ବିରୁଦ୍ଧରେ କଳିଙ୍ଗର କେଉଁ ରାଜା କଳିଙ୍ଗବାହିନୀକୁ ପରିଚାଳିତ କରିଥିଲେ ? ମଗଧ ସମ୍ରାଟ ଚଣ୍ଡାଶୋକ ଓ କଳିଙ୍ଗ ସମରର ବର୍ଣ୍ଣନା ଇତିହାସରେ ବିଶଦ-ଭାବରେ ବର୍ଣ୍ଣିତ ଅଛି । କିନ୍ତୁ ସେଥିରୁ କଳିଙ୍ଗରେ ରାଜା ଥିବାର କୌଣସି ପ୍ରମାଣ ମିଳେ ନାହିଁ । କଳିଙ୍ଗରେ ଯଦି ସେତେବେଳେ କୌଣସି ରାଜା ଥାନ୍ତେ, ତାହେଲେ ଇତିହାସରେ ତାଙ୍କ ନାମ

ନିଶ୍ଚୟ କଳିଙ୍ଗ-ସମର ସମ୍ଭବତ ଉତ୍କୀର୍ଣ୍ଣ ହୋଇଥାନ୍ତା। କଳିଙ୍ଗରେ ସେ ସମୟରେ ହୁଏତ ରାଜତନ୍ତ୍ର ନ ଥିଲା । କଳିଂ ଶାସନ ବ୍ୟବସ୍ଥାର ସ୍ୱରୂପ ସେ କାଳରେ ହୁଏତ ଥିଲା ଗଣତାନ୍ତ୍ରିକ ଲୋକଶାସନ ।

କଳିଙ୍ଗ ଯୁଦ୍ଧ ପରେ ·····

ମଗଧର ରାଜଧାନୀ ପାଟଳିପୁତ୍ର ନଗରୀର ପ୍ରବେଶ ପଥରେ ସେ ଦିନ ବହୁ ତୋରଣର ସଜ୍ଜା ; ରାଜପଥରେ ନାଗରିକମାନଙ୍କର ବହୁ ହର୍ଷୋତ୍‌ଫୁଲ୍ଲ କୋଳାହଳ ।

ମଗଧସମ୍ରାଟ ଅଶୋକ କଳିଙ୍ଗ ବିଜୟରୁ ଫେରି ଆସୁଛନ୍ତି । ତାଙ୍କୁ ଅଭିନନ୍ଦନ ଜଣାଇବା ପାଇଁ ପାଟଳିପୁତ୍ରରେ ବହୁ ଉତ୍ସବର ଆୟୋଜନ । କିନ୍ତୁ କାହାନ୍ତି ସମ୍ରାଟ ଚଣ୍ଡାଶୋକ ? କାହିଁ ତାଙ୍କ ବେଗବିକ୍ଷୁବ୍‌ଧ ଅଶ୍ୱର ପଦାଘାତରେ ଧୂଳିର କୁଣ୍ଡଳୀ ?

ଏହି ସମୟରେ ଜଣେ ଲୁଣ୍ଡିତ ମସ୍ତକ ଭିକ୍ଷୁ ଚୀରାବରଣରେ ଆବୃତ ହୋଇ ଦକ୍ଷିଣ ହସ୍ତରେ ଭିକ୍ଷାପାତ୍ର ଓ ବାମ ହସ୍ତରେ ଖଣ୍ଡେ ଯଷ୍ଟି ଧରି, ନଗରୀର ତୋରଣ ପଥରେ ପ୍ରବେଶ କଲାବେଳେ, ଦ୍ୱାରପାଳ ତାଙ୍କୁ ବାଧା ଦେଲା ।

କିନ୍ତୁ ତାଙ୍କ ପଛରେ ଅବନତ ମସ୍ତକରେ ଆସୁଥିବା ମହାମାତ୍ୟ ଓ ଅନ୍ୟ ଅମାତ୍ୟମାନଙ୍କୁ ଦେଖି ଦ୍ୱାରପାଳ ମୁହୂର୍ତ୍ତିକ ପାଇଁ ସ୍ତବ୍‌ଧ ହୋଇଗଲା । ନାଗରିକମାନେ ବିସ୍ମୟାଭିଭୂତ ହୋଇ ପରସ୍ପର ଆଡ଼େ ଚାହାଁ ଚାହିଁ ହେଲେ ।

ଭିକ୍ଷୁ ପଚାରିଲେ···ଏ ଉତ୍ସବ ସଜ୍ଜା କାହିଁକି ? ପାଟଳି-ପୁତ୍ରରେ ଆଜି କେଉଁଥିପାଇଁ ଏ ଆନନ୍ଦୋତ୍ସବ ?

କଳନାଦୋରପାଳ କହିଲା···ମଗଧ ସମ୍ରାଟ କଳିଙ୍ଗ ବିଜୟରୁ ଫେରି ଜାଉଛନ୍ତି ଆଜି । ଏଇ ଯେ କୌଣସି ମୁହୂର୍ତ୍ତରେ ସେ ଆସିଯିବେ । ତୁମେ ବାଟ ଛାଡ଼ି ଠିଆ ହୁଅ ।

ଭିକ୍ଷୁ କହିଲେ···"ତୁମେ ଭୁଲ ଶୁଣିଛ ଦ୍ୱାରପାଳ । ମଗଧ ସମ୍ରାଟ ଚଣ୍ଡାଶୋକ କଳିଙ୍ଗରେ ପରାଜିତ ହୋଇ ଫେରୁଛନ୍ତି ଭିକ୍ଷୁର ବେଶରେ । କଳିଙ୍ଗ ପ୍ରାଣ ଦେଇ ଚଣ୍ଡାଶୋକଙ୍କୁ ଦେଇଛି ଧର୍ମ । କଳିଙ୍ଗ ଚଣ୍ଡାଶୋକଙ୍କୁ ଜୟ କରିଛି ହିଂସାର ତରବାରିରେ ନୁହେଁ; ପ୍ରେମରେ, ଶ୍ରଦ୍ଧାରେ, ପ୍ରାଣର ମହିମାରେ । ସମ୍ରାଟ ହୋଇଛି ଭିକ୍ଷୁ ।"

ଅଶୋକଙ୍କର ଯେଉଁ ଧର୍ମଚକ୍ର ଆଜି ଭାରତର ଜାତୀୟ ପତାକାରେ ଶୋଭିତ, ତାହା ତେଣୁ ଯଥାର୍ଥରେ କଳିଙ୍ଗର ଭାରତକୁ ଏକ ଅତୁଳନୀୟ ଦାନ !

# ଶିଶୁପାଳ ଗଡ଼

ପୁରୀ ଜାଣାପୁ ରାଜପଥରେ ଭୁବନେଶ୍ୱର ଆଡ଼ୁ ପୁରୀ ଗଲା-ବେଳେ, ରାସ୍ତାର ବାମ ପାଖରେ, ଧାନ କ୍ଷେତ ଭିତରେ, ଗଙ୍ଗୁଆ ନଦୀ କୂଳରେ ବଡ଼ ବଡ଼ ଉଚ୍ଚ ମାଟିକୁଦ ମାନ ଆଖିରେ ପଡ଼େ । ବାଟର ବାଟୋଇ ସେ ଆଡ଼େ କେବେ ଚାହେଁ ନାହିଁ, କାଳେ ଚାହିଁଲେ ସୁଦ୍ଧା ସେ ମାଟିକୁଦ ସମ୍ବନ୍ଧରେ ଭାବିବା ପାଇଁ ତାର ତର ନ ଥାଏ । କ୍ଷେତରେ ଗାଈଆଳ ପିଲାଙ୍କୁ ପଚାରିଲେ ସେମାନେ ମଧ୍ୟ କିଛି କହି ପାରନ୍ତି ନାହିଁ । ଭୁବନେଶ୍ୱରର ସ୍ଥାନୀୟ ଲୋକେ ବି, ସେ ମାଟିକୁଦଗୁଡ଼ାକ ସମ୍ବନ୍ଧରେ ବିଶେଷ କିଛି ଜାଣନ୍ତି ନାହିଁ ।

କିନ୍ତୁ ସେ'ତ ଖାଲି ମାଟିକୁଦ ନୁହେଁ, ଚେଦି-ବଂଶ-ଅବତଂସ ବୀର ଖାରବେଳଙ୍କର ଗଙ୍ଗବକ୍ଷସେବିତ ପ୍ରସିଦ୍ଧ କଳିଙ୍ଗ ନଗର । ଏହିଠାରୁ ପ୍ରାୟ ତିନି ମାଇଲ ଦୂରରେ ଦୟାକୂଳର ଧଉଳୀ ପର୍ବତ ଉପରେ ସମ୍ରାଟ ଅଶୋକଙ୍କର ଅନୁଶାସନ ପଥର ଦେହରେ ଉତ୍କୀର୍ଣ୍ଣ ହୋଇଅଛି । ଅଶୋକଙ୍କର ଅନୁଶାସନରେ ଯେଉଁ ତୋଷଳୀ ସହରର ଉଲ୍ଲେଖ ଅଛି, କେଜାଣେ ଏହି କଳିଙ୍ଗନଗର ହୁଏତ ସେହି ତୋଷଳୀ ! ପୁଣି କେଶରୀ ବଂଶର ଶିଶୁପାଳ-କେଶରୀ

କଳନାଟେ'ରପାଳ କହିଲା···ମଗଧ ସମ୍ରାଟ କଳିଙ୍ଗ ବିଜୟରୁ ଫେରି ଆସୁଛନ୍ତି ଆଜି । ଏଇ ହେ କୌଣସି ମୁହୂର୍ତ୍ତରେ ସେ ଆସିଯିବେ । ତୁମେ ବାଟ ଛାଡ଼ି ଠିଆ ହୁଅ ।

ଭିକ୍ଷୁ କହିଲେ···"ତୁମେ ଭୁଲ ଶୁଣିଛ ଦ୍ୱାରପାଳ । ମଗଧ ସମ୍ରାଟ ଚଣ୍ଡାଶୋକ କଳିଙ୍ଗରେ ପରାଜିତ ହୋଇ ଫେରୁଛନ୍ତି ଭିକ୍ଷୁର ବେଶରେ । କଳିଙ୍ଗ ପ୍ରାଣ ଦେଇ ଚଣ୍ଡାଶୋକକୁ ଦେଇଛି ଧର୍ମ । କଳିଙ୍ଗ ଚଣ୍ଡାଶୋକକୁ ଜୟ କରିଛି ହିଂସାର ତରବାରିରେ ନୁହେଁ; ପ୍ରେମରେ, ଶ୍ରଦ୍ଧାରେ, ପ୍ରାଣର ମହିମାରେ । ସମ୍ରାଟ ହୋଇଛି ଭିକ୍ଷୁ ।"

ଅଶୋକଙ୍କର ଯେଉଁ ଧର୍ମଚକ୍ର ଆଜି ଭାରତର ଜାତୀୟ ପତାକାରେ ଶୋଭିତ, ତାହା ତେଣୁ ଯଥାର୍ଥରେ କଳିଙ୍ଗର ଭାରତକୁ ଏକ ଅତୁଳନୀୟ ଦାନ !

# ଶିଶୁପାଳ ଗଡ଼

ପୁରୀ ଜାଗାପୁ ରାଜପଥରେ ଭୁବନେଶ୍ୱର ଆଡ଼ୁ ପୁରୀ ଗଲା-ବେଳେ, ରାସ୍ତାର ବାମ ପାଖରେ, ଧାନ କ୍ଷେତ ଭିତରେ, ଗଙ୍ଗୁଆ ନଦୀ କୂଳରେ ବଡ଼ ବଡ଼ ଉଚ୍ଚ ମାଟିକୁଦ ମାନ ଆଖିରେ ପଡ଼େ । ବାଟର ବାଟୋଇ ସେ ଆଡ଼େ କେବେ ଚାହେଁ ନାହିଁ, କିମ୍ବା ଚାହିଁଲେ ସୁଦ୍ଧା ସେ ମାଟିକୁଦ ସମ୍ବନ୍ଧରେ ଭାବିବା ପାଇଁ ତାର ତର ନ ଥାଏ । କ୍ଷେତରେ ଗାଈଆଳ ପିଲାଙ୍କୁ ପଚାରିଲେ ସେମାନେ ମଧ୍ୟ କିଛି କହି ପାରନ୍ତି ନାହିଁ । ଭୁବନେଶ୍ୱରର ସ୍ଥାନୀୟ ଲୋକେ ବି, ସେ ମାଟିକୁଦଗୁଡ଼ାକ ସମ୍ବନ୍ଧରେ ବିଶେଷ କିଛି ଜାଣନ୍ତି ନାହିଁ ।

କିନ୍ତୁ ସେ'ତ ଖାଲି ମାଟିକୁଦ ନୁହେଁ, ଚେଦି-ବଂଶ-ଅବତଂସ ଐର ଖାରବେଳଙ୍କର ଗଙ୍ଗବଣ୍ଟସେବିତ ପ୍ରସିଦ୍ଧ କଳିଙ୍ଗ ନଗର । ଏହିଠାରୁ ପ୍ରାୟ ତିନ ମାଇଲ ଦୂରରେ ଦୟାକୂଳର ଧଉଳି ପର୍ବତ ଉପରେ ସମ୍ରାଟ ଅଶୋକଙ୍କର ଅନୁଶାସନ ପଥର ଦେହରେ ଉତ୍କୀର୍ଣ୍ଣ ହୋଇଅଛି । ଅଶୋକଙ୍କର ଅନୁଶାସନରେ ଯେଉଁ ତୋଷଳୀ ସହରର ଉଲ୍ଲେଖ ଅଛି, କେଜାଣେ ଏହି କଳିଙ୍ଗନଗର ହୁଏତ ସେହି ତୋଷଳୀ ! ପୁଣି କେଶରୀ ବଂଶର ଶିଶୁପାଳ-କେଶରୀ

ଏଇଠାରେ ଏକ ଗଡ଼ ତିଆରି କରିଥିଲେ । ତାଙ୍କର ନାମ ଅନୁସାରେ, ଏହି ସ୍ଥାନ ଅଦ୍ୟାବଧି ପରିଚିତ ହୋଇ ଆସୁଅଛି । ତେବେ ଅତୀତ-ଗୌରବର ଏହି ଶ୍ମଶାନ,କଳିଙ୍ଗନଗରୀ ହେଉ ବା ତୋଷଲୀ ହେଉ, ଏହା ଏକଦା କଳିଙ୍ଗ-ଗୌରବ ଖାରବେଳଙ୍କର ରାଜଧାନୀ ଥିଲା ବୋଲି ଅନେକେ ଅନୁମାନ କରନ୍ତି । ପୂର୍ବରେ ଯେଉଁ ମାଟିକୁଦ ଉଲ୍ଲେଖ କରାଯାଇଅଛି ତାହା ସମ୍ଭବତଃ ଏକଦା ଏହି ନଗରୀର ରକ୍ଷା ପ୍ରାଚୀର ଥିଲା ।

ପ୍ରତ୍ନତାତ୍ତ୍ୱିକମାନେ ଶିଶୁପାଳଗଡ଼ର ମାଟି ତଳୁ, ଏହି ପ୍ରାଚୀନ ସହରର ଅଜ୍ଞାତ ଇତିହାସ ଆବିଷ୍କାର କରି ଅଛନ୍ତି । ସେମାନଙ୍କ ଗବେଷଣାରୁ ପ୍ରକାଶ, ଖୁବ୍ ସମ୍ଭବ ଖ୍ରୀ· ପୂ· ପ୍ରଥମ ଶତାବ୍ଦୀରେ ଏହି ନଗରୀ ସ୍ଥାପିତ ହୋଇଥିଲା । ଖାରବେଳ ଖ୍ରୀ. ଅ. ପ୍ରଥମ ଶତାବ୍ଦୀର ବ୍ୟକ୍ତି ବୋଲି କେତେକ ଐତିହାସିକ ସ୍ଥିର କରିଥିଲେହେଁ; ସର୍ବାଧୁନିକ ଗବେଷଣା ଅନୁସାରେ ଖାରବେଳଙ୍କ ରାଜତ୍ୱକାଳ ଖ୍ରୀ. ପୂ. ପ୍ରଥମ ଶତାବ୍ଦୀର ବୋଲି ନିର୍ଦ୍ଦିଷ୍ଟ ହୋଇଅଛି ।

ଏହି ସ୍ଥାନରୁ ମାଟିତଳୁ ଯେଉଁ ପ୍ରାଚୀନ ନିତ୍ୟ ବ୍ୟବହାର୍ଯ୍ୟ ବସ୍ତୁମାନ ମିଳିଅଛି, ସେଥିରୁ ତତ୍କାଳୀନ ଉତ୍କଳ, ସଭ୍ୟତା ଓ ସମୃଦ୍ଧିର ଶୀର୍ଷସ୍ଥାନ ଅଧିକାର କରିଥିଲା ବୋଲି ସହଜରେ ଅନୁମିତ ହୋଇପାରେ । ଏଠାରେ ଏକ ବିଶେଷ ଆକୃତିର, ଲମ୍ବାକାର, ମୃତ୍ତିକାନିର୍ମିତ ପାତ୍ର ମିଳିଅଛି । ଐତିହାସିକମାନେ ଏହାର ନାମ "ଆରେଟାଇନ୍ ପାତ୍ର" ଦେଇଅଛନ୍ତି । ଏ ପାତ୍ରମାନ ଭୂମଧ୍ୟ-ସାଗର କୂଳର ଆରେଟାଇନ୍ ସହରରେ ନିର୍ମିତ ହେଉ-ଥିଲା । ଏହି ପାତ୍ରମାନଙ୍କରେ ବିଦେଶରୁ ବିଳାସ ଓ ବ୍ୟସନର ସାମଗ୍ରୀମାନ ଆମଦାନୀ ହେଉଥିଲା । ସେ କାଳର ଏକ ପ୍ରାଚୀ

ବନ୍ଦର ଆରିକାମେଡ଼ୁରେ—ଏବେ ପଣ୍ଡିଚେରୀଠାରେ—ଠିକ୍ ଏହି ପ୍ରକାରର ପାତ୍ରମାନ ମିଳିଅଛି । ଏଥିରୁ ଐତିହାସିକମାନେ ଅନୁମାନ କରନ୍ତି, ସେ କାଳରେ ସୁଦ୍ଧା ଉତ୍କଳର ସାମୁଦ୍ରିକ ବାଣିଜ୍ୟ ଥିଲା । ପୁଣି ଲୋକମାନଙ୍କର ଅବସ୍ଥା ସ୍ୱଚ୍ଛଳ ନଥିଲେ, ସେମାନେ ଏହି "ଆରେଟାଇନ୍ ପାତ୍ର"ରେ ବିଦେଶରୁ ବିଳାସ ବ୍ୟସନର ସାମଗ୍ରୀମାନ ଆମଦାନୀ କରନ୍ତେ କିପରି ?

ଏଠାରୁ ଅନ୍ୟ ଯେଉଁ ମୃତ୍ପାତ୍ରମାନ ମିଳିଅଛି ତାହା ମଧ୍ୟ ବହୁ ଚିତ୍ର ଓ ରଙ୍ଗରେ ବିଚିତ୍ରିତ । ନିତ୍ୟ ବ୍ୟବହାର୍ଯ୍ୟ ବସ୍ତୁମାନଙ୍କୁ ଚିତ୍ରିତ କରିବା ଉନ୍ନତ ସଭ୍ୟତାର ଏକ ଲକ୍ଷଣ । ତେଣୁ ସେ କାଳରେ ଉତ୍କଳରେ ସାଧାରଣ ଜୀବନଯାତ୍ରା ଓ ସଂସ୍କୃତିର ମାନ ଅତି ଉନ୍ନତ ଥିଲା ବୋଲି ନିଃସନ୍ଦେହରେ କୁହାଯାଇପାରେ । ଏଠାରେ ଲୌହ ନିର୍ମିତ ବହୁ ଅସ୍ତ୍ରଶସ୍ତ୍ର ମାଟିତଳୁ ମିଳିଅଛି । ତେଣୁ ଉତ୍କଳରେ ସେ କାଳେ ସୁଦ୍ଧା ଲୌହଶିଳ୍ପ ବିକଶିତ ଅବସ୍ଥାରେ ଥିଲା । ଏଥିରୁ ଉତ୍କଳରେ କାରିଗରମାନଙ୍କର ବୈଜ୍ଞାନିକ ପ୍ରଗତି ମଧ୍ୟ ସହଜରେ ଅନୁମିତ ହୋଇପାରେ । ଶିଶୁପାଳ ଗଡ଼ଠାରେ ଏକ ବିଶେଷ ଆକୃତିର ଲୌହଶସ୍ତ୍ର ମିଳିଅଛି, ଯାହା ଭାରତରେ ଏ ପର୍ଯ୍ୟନ୍ତ ଅନ୍ୟ କୌଣସିଠାରେ ମିଳି ନଥିଲା । ଏହାର ଇଂରାଜୀ ନାମ 'କାଲ୍‌ଟ୍ରପ୍' ( Caltrop ) ଓ ଆକୃତି ଠିକ୍ ଜାହାଜର ଲଙ୍ଗର ପରି । ୟୁରୋପର କେତେକ ଅଞ୍ଚଳରେ ଠିକ୍ ଏହି ପ୍ରକାରର ଶସ୍ତ୍ର ମାଟିତଳୁ ମିଳିଅଛି । ରୋମାନ୍‌ମାନଙ୍କର ଏହା ଏକ ପ୍ରଧାନ ଶସ୍ତ୍ର ଥିଲା । ଯୁଦ୍ଧ କ୍ଷେତ୍ରରେ ଏ ସବୁ ମାଟିରେ ଅଧା ପୋତା ହୋଇ ରହିଥାଏ । ଘୋଡ଼ା ଓ ହାତୀମାନେ ଯୁଦ୍ଧକ୍ଷେତ୍ରରେ ଦଉଡ଼ିଲାବେଳେ, ଏହି 'କାଲ୍‌ଟ୍ରାପ୍'କୁ ଖୁଣ୍ଟି ଖଣ୍ଡିଆ ଖାବୁଡ଼ା ହୋଇ ପଡ଼ିଯାନ୍ତି । ଶତ୍ରୁମାନଙ୍କର ଗତି

ନିରୋଧ ପାଇଁ ଦୁର୍ଗ ବାହାରେ ଏ ପ୍ରକାର ଶସ୍ତ୍ର ମାଟିରେ ପୋତିବାର ନିର୍ଦ୍ଦେଶ କୌଟିଲ୍ୟଙ୍କର 'ଅର୍ଥ ଶାସ୍ତ୍ର'ରେ ଥିଲେ ସୁଦ୍ଧା ଭାରତରେ ଅନ୍ୟତ୍ର କେଉଁଠାରେ ଏହାର ସନ୍ଧାନ ଏ ପର୍ଯ୍ୟନ୍ତ ମିଳି ନାହିଁ । ଏଥିରୁ ସେ କାଳ ଉତ୍କଳର ସମର ନୈପୁଣ୍ୟ ସହଜରେ ଅନୁମିତ ହୋଇପାରେ ।

କିନ୍ତୁ ଖାରବେଳ କିଏ ? ଖଣ୍ଡଗିରି ଦେହରେ ଉତ୍କୀର୍ଣ୍ଣ ହାତୀଗୁମ୍ଫା ପ୍ରଶସ୍ତି ଛଡ଼ା ଖାରବେଳଙ୍କ ସମ୍ବନ୍ଧରେ ଅନ୍ୟକୌଣସି ଐତିହାସିକ ଉପାଦାନ ମିଳେନାହିଁ । ସେଥିରେ ଖାରବେଳଙ୍କ ରାଜତ୍ୱର ତେରବର୍ଷ କାଳର ଘଟଣା ଲିପିବଦ୍ଧ ହୋଇଅଛି । ଗ୍ରୀକ୍ ଡେମିଟ୍ରିୟସ୍- ବିଜୟୀ ପୁଣି ଦକ୍ଷିଣାପଥ, ଉତ୍ତର-ପଥ ଓ ମଧ୍ୟଦେଶ-ବିଜୟୀ ସମ୍ରାଟ ଖାରବେଳଙ୍କ ରାଜତ୍ୱର ଅବଶିଷ୍ଟାଂଶ ସମ୍ବନ୍ଧରେ ଏ ଶିଳାଲିପିରେ କିନ୍ତୁ କୌଣସି ଉଲ୍ଲେଖ ନାହିଁ ।

ଖାରବେଳ ଯେଉଁ ବଂଶରେ ଜନ୍ମଗ୍ରହଣ କରିଥିଲେ, ଇତିହାସରେ ତାହା ଚେଦିବଂଶ ନାମରେ ପ୍ରସିଦ୍ଧ । କିନ୍ତୁ ଖାରବେଳ କାହାର ପୁତ୍ର ବା ଖାରବେଳଙ୍କ ପୁତ୍ର କିଏ ବା ଚେଦି ବଂଶର ଆଉ କେଉଁ କେଉଁ ରାଜା କଳିଙ୍ଗରେ ରାଜପଣ କରିଥିଲେ, ତାର ମଧ୍ୟ କୌଣସି ଇତିହାସ ନାହିଁ । ଏଥିରୁ ମନେହୁଏ ଖାରବେଳ ହୁଏତ ଥିଲେ ଜଣେ ଜନନେତା । ଉତ୍କଳର ଲୋକଶାସନ ତାଙ୍କୁ ହୁଏତ ଅଶୋକଙ୍କ ମୃତ୍ୟୁ ପରେ, କଳିଙ୍ଗର ଅଭ୍ୟୁଦୟରେ ନେତୃତ୍ୱ ପାଇଁ ରାଜା ବା "ମହାସମ୍ମତ" ପଦରେ ଅଭିଷିକ୍ତ କରିଥିଲା । ସେଥିପାଇଁ ହୁଏତ ଖାରବେଳଙ୍କ ସହିତ ଚେଦି ବଂଶର ଅଭ୍ୟୁଦୟ ପୁଣି ଖାରବେଳଙ୍କ ସହିତ ଚେଦି ବଂଶର ବିଲୟ !

# କଳିଙ୍ଗର ପ୍ରତିଶୋଧ

ଏଠାରେ ଯେଉଁ ସମୟର ଘଟଣା ବର୍ଣ୍ଣିତ ହେଉଅଛି ସେ ସମୟରେ ମଗଧ-ସମ୍ରାଟ ଅଶୋକଙ୍କ ମୃତ୍ୟୁ ପରେ ବିଶାଳ ମୌର୍ଯ୍ୟ-ସାମ୍ରାଜ୍ୟ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ପଡୁଥିଲା । ନରହତ୍ୟା, ରକ୍ତପାତ ଓ ଆସୁରିକ ଶକ୍ତି ଉପରେ ଯେଉଁ ସାମ୍ରାଜ୍ୟ ଗଢ଼ା ହୋଇଥିଲା ତାହା ବା କେତେ କାଳ ତିଷ୍ଠନ୍ତା ? ମୌର୍ଯ୍ୟ ସାମ୍ରାଜ୍ୟରୁ ଗୋଟିକ ପରେ ଗୋଟିଏ ହୋଇ ବିଜିତ ଅଞ୍ଚଳମାନ ସ୍ୱାଧୀନ ହୋଇ ଯାଉଥିଲା । ମୌର୍ଯ୍ୟ ବଂଶର ଶେଷ ରାଜା ବୃହଦ୍ରଥଙ୍କୁ ହତ୍ୟା କରି ସେନାପତି ପୁଷ୍ପମିତ୍ର ମଗଧ ସିଂହାସନରେ ଅଧିଷ୍ଠିତ ହୋଇଥିଲେ ମଗଧ ସାମ୍ରାଜ୍ୟର ଏ ଦୁର୍ଦ୍ଦିନର ସୁଯୋଗ ନେଇ, ଭାରତର ଉତ୍ତର-ପଶ୍ଚିମ ସୀମାନ୍ତ ଆଡୁ ଗ୍ରୀକ୍ ଆଣ୍ଟିଓକସ୍ ଭାରତ ଉପରେ ପୁଣି ଆକ୍ରମଣ ଆରମ୍ଭ କରିଦେଲେ । ବହୁକାଳ ପୂର୍ବେ ଆଲେକଜାଣ୍ଡାରଙ୍କ ସେନାପତି ସେଲ୍ୟୁକସ୍ ଉତ୍ତର ଭାରତରେ ଗ୍ରୀକ୍ ସାମ୍ରାଜ୍ୟ ପ୍ରତିଷ୍ଠାର ସ୍ୱପ୍ନ ଦେଖିଥିଲେ । ମାତ୍ର ମୌର୍ଯ୍ୟ ଚନ୍ଦ୍ରଗୁପ୍ତଙ୍କ ଦ୍ୱାରା ପରାସ୍ତ ହୋଇ ଗ୍ରୀକ୍ ଶକ୍ତି ଭାରତରେ ସାମ୍ରାଜ୍ୟ ପ୍ରତିଷ୍ଠାର ଆଶା ହରାଇ ସାରିଥିଲେ । କିନ୍ତୁ ଅଶୋକଙ୍କ ମୃତ୍ୟୁ ପରେ ମଗଧର

ଆଭ୍ୟନ୍ତରୀଣ ଦୂର୍ବଳତାର ସୁଯୋଗ ନେଇ ଗ୍ରୀକ୍ ମାନେ ପୁଣି ଭାରତ ଅଧିକାର ପାଇଁ ଅଭିଯାନ ଆରମ୍ଭ କରିଦେଲେ ।

× × ×

ସେଦିନ "କଳିଙ୍ଗ-ନଗର"ର ଗଣସଭା-ଭବନ କଳିଙ୍ଗର ବହୁ ସାମନ୍ତ, ସେନାପତି ଓ ଜନନେତାଙ୍କ ଦ୍ୱାରା ପୂର୍ଣ୍ଣ ହୋଇ ଯାଇ-ଥିଲା । କଳିଙ୍ଗ ନଗରର ଶ୍ରେଷ୍ଠୀ ଓ ବଣିକଙ୍କ ଠାରୁ ଆରମ୍ଭ କରି ସାଧାରଣ କୃଷକ ଓ ଶିଳ୍ପୀ ପର୍ଯ୍ୟନ୍ତ ସମସ୍ତେ ଗଣ ଭବନ ଗୃହକୁ ସମବେତ ହୋଇଥିଲେ । ମଗଧର ଦାସତ୍ୱରୁ କଳିଙ୍ଗ ପୁଣି କପରି ସ୍ୱାଧୀନ ହେବ, ସେଇ ଆଲୋଚନା ଦିନ ଦିନ ଧରି ଗଣସଭାରେ ଚାଲିଥିଲା ।

ଜଣେ ବୃଦ୍ଧ ସେନାପତି ଉଠି କହିଲେ···"ହେଇ ସେଦିନପରି ମନେ ପଡୁଛି । ଆଜି ମୋତେ ଆସି ଅଶୀ ବର୍ଷ ହେଲା । ଅଶୋକ ଯେତେବେଳେ କଳିଙ୍ଗ ଯୁଦ୍ଧରେ ଆସିଥିଲେ, ସେତେବେଳେ ମୋର ବୟସ ଥିଲା ପଚିଶି । ଏଇ ଦୟାନଦିର ପାଣି ସେଦିନ କଳିଙ୍ଗୀ ପାଇକର ରକ୍ତରେ ନାଲି ହୋଇ ଉଠିଥିଲା ! କଳିଙ୍ଗର ବୀର ପାଇକକୁଳ ସେଇ ଲଢ଼େଇରେ ମରି ଶେଷ ହୋଇଥିଲେ । ତା ପରେ ଏ ପଞ୍ଚାବନ ବର୍ଷର ପରାଧୀନତା ଭିତରେ କଳିଙ୍ଗର ଅଣ୍ଟାଭାଙ୍ଗି ପଡ଼ିଛି । ମନରେ ବଳ ଅଛି, ହେଲେ ମଗଧକୁ ଜୟ କରିବାପାଇଁ ମନ ବଳ ସାଙ୍ଗକୁ ଦେହ ବଳ କାହିଁ ?"

ଆଉ ଜଣେ ସେନାପତି ଉଠି କହିଲେ···"ମଗଧ ଜୟ ପାଇଁ ବାହାରିଛ ଯେ, ଏଣେ ତମ ଘରଆଡ଼େ ତ ଶତ୍ରୁ ! ସମସ୍ତେ ଚାହିଁ ବସିଛନ୍ତି କଳିଙ୍ଗକୁ ଗ୍ରାସ କରିବାପାଇଁ ।" ଦକ୍ଷିଣାପଥର ସାତବାହାନ ସାତକର୍ଣ୍ଣୀ, କୃଷ୍ଣା କୂଳର ମୂଷିକ ପୁଣି ବିନ୍ଧ୍ୟର ଅରଣ୍ୟ ଭିତରେ ରାଷ୍ଟ୍ରିକ ଓ ଭୋଜକ ସମସ୍ତଙ୍କ ଆଖି କଳିଙ୍ଗ ଉପରେ । ତେଣେ

ତମେ ପାଟଳୀପୁତ୍ରରେ ପଢ଼ୁଥିଲ ବେଳକୁ, ଏଣେ ତମ ଚୂଲ୍ଲୀଗୂଳ ନଥିବ ! ଏ ସବୁ କଣ ପିଲାଖେଳ କଥା ହୋଇଛି ?"

ଏହାଙ୍କ କଥା ଓ କହିବା ଭଙ୍ଗୀରେ ଗଣ-ସଭା ଭବନ ସମବେତ ଜନତାର ଅଟ୍ଟହାସରେ ଫାଟି ପଡ଼ିଲା ।

ଜଣେ ଯୁବକ ଗଣସଭା ଭବନର ଗୋଟିଏ କୋଣରେ ନୀରବରେ ବସି ଏ ସମସ୍ତ ଆଲୋଚନା ଶୁଣୁଥିଲେ । କଳିଙ୍ଗନଗରର ଚେଦୀବଂଶୀୟ ସେ ଜଣେ ସାମନ୍ତ ପୁତ୍ର । ରୂପରେ, ବିଦ୍ୟାରେ, ସମରକୁଶଳତାରେ କେହି ତାଙ୍କର ସମକକ୍ଷ ନଥିଲେ । ପନ୍ଦର ବର୍ଷ ବୟସ ବେଳକୁ ସେ "ଲେଖ", "ରୂପ", "ଗଣନ", "ବ୍ୟବହାର" ଓ "ବିଧି"* ପ୍ରଭୃତି ବିଦ୍ୟାରେ ପାରଙ୍ଗମ ହୋଇ ସାରିଥିଲେ । ତାଙ୍କ ନାମ ଖାରବେଳ ।

ଜନତାର ଦାସତ୍ୱ ଓ କ୍ଳୀବତ୍ୱ ନିପୀଡ଼ିତ ଅଟ୍ଟହାସ ନୀରବ ହେଲା ପରେ, ସେ ଉଠି ଠିଆହେଲେ । ତାଙ୍କ ପ୍ରଶସ୍ତ କପାଳରେ ଖଣ୍ଡାଧାର ପରି ଋଜୁ ନାସିକାରେ, ପୁଣି କୃଷ୍ଣ ଭ୍ରୂଲତା ତଳେ, ବୁଦ୍ଧି ଦୀପ୍ତ ଦୁଇ ଆଖିରେ କଳିଙ୍ଗ ଆକାଶରେ ଏକ ନୂତନ ସୂର୍ଯ୍ୟ ଯେପରି ନୈରାଶ୍ୟ ଓ ଜଡ଼ତାର ଅନ୍ଧକାର କାଟି ଫେରି ଉଠିଲା ।

ଖାରବେଳ କହିଲେ "ଆପଣମାନେ ପିତୃତୁଲ୍ୟ ଏଣୁ ନମସ୍ୟ" କିନ୍ତୁ ବାର୍ଦ୍ଧକ୍ୟରେ ଆପଣମାନଙ୍କର କେବଳ ଦେହର ବଳ ଭାଙ୍ଗି ନାହିଁ, ମନର ବଳ ମଧ୍ୟ ଭାଙ୍ଗି ପଡ଼ିଛି । ଆପଣମାନେ ପଛରେ ରହି ଆମକୁ ଆଶୀର୍ବାଦ ଦିଅନ୍ତୁ ! ଆମେ ଆଜି ବାହାରୁଛୁ ।

* ଲେଖ = ଲିଖନ, ରୂପ = ଚିତ୍ରାଙ୍କନ, ଗଣନ = ଅଙ୍କ ବ୍ୟବହାର = ଆଇନ, ବିଧି = ଧର୍ମଶାସ୍ତ୍ର । (ହାତୀଗୁମ୍ଫା ଶିଳାଲେଖରେ ଏ ଶବ୍ଦ ଗୁଡ଼ିକର ବ୍ୟବହାର ଅଛି) ।

ଆ[illegible]ସାନ୍ତଙ୍କ' ମହାପଦ୍ମ ନନ୍ଦଙ୍କ ଠାରୁ ଅଶୋକଙ୍କ ପର୍ଯ୍ୟନ୍ତ ମଗଧ, କଳିଙ୍ଗ ଉପରେ ଯେଉଁ ଅତ୍ୟାଚାର କରି ଆସିଛି, କଳିଙ୍ଗକୁ ତାର ପ୍ରତିଶୋଧ ନେବାପାଇଁ ପଡ଼ିବ । ଆଜି ସେଥିପାଇଁ ସୁଯୋଗ ଆସି ପହଞ୍ଚିଛି । ଏତେବେଳେ ଆପଣମାନେ ଉତ୍ସାହ ଦିଅନ୍ତୁ, ଆଶୀର୍ବାଦ ଦିଅନ୍ତୁ···କଳିଙ୍ଗର ଲଲାଟରୁ ଦାସତ୍ୱର କଳଙ୍କ ଲିଭିଯାଉ !"

ଖାରବେଳଙ୍କ କଥା ଶୁଣି ଗଣସଭା ଏକ ନୂତନ ଉତ୍ତେଜନା ଓ ନୂତନ ସ୍ୱପ୍ନରେ ମାତି ଉଠିଲା । "ଜୟ ଖାରବେଳଙ୍କର ଜୟ" "ଜୟ କଳିଙ୍ଗର ଜୟ" ନାଦରେ କଳିଙ୍ଗ ନଗରର ଗଣସଭା ଭବନ ମୁଖରିତ ହୋଇ ପଡିଲା । ସେହିଦିନ ସର୍ବସମ୍ମତିକ୍ରମେ କଳିଙ୍ଗର ନବୀନ ଅଭ୍ୟୁଦୟ ଓ ନବୀନ ଜାଗରଣରେ ଖାରବେଳ ନେତାରୂପରେ ଅଭିଷିକ୍ତ ହେଲେ ।

ତାର ତିନିବର୍ଷ ପରେ·············

କଳିଙ୍ଗ ନଗରର ଘରେ ଘରେ, ଭଲ କରି ସକାଳ ନ ହେଉଣୁ କୁଳବଧୂମାନେ ପୂର୍ଣ୍ଣକୁମ୍ଭ ଓ ତୋରଣ ବସାଇଅଛନ୍ତି । ଆଜି ମହା-ମେଘବାହନ ଖାରବେଳ ଦକ୍ଷିଣାପଥ ଅଭିମୁଖରେ ବିଜୟ ଅଭି-ଯାନରେ ବାହାରିବେ । କଳିଙ୍ଗର ଗ୍ରାମଆଡୁ ପାଇକମାନେ ଆସି କଳିଙ୍ଗ ନଗରରେ ଠୁଳ ହୋଇଅଛନ୍ତି । କଳିଙ୍ଗନଗରର ଦୁର୍ଗ ପ୍ରାଚୀର ଚୂଡ଼ାରେ ସକାଳର ଖରା ପଡ଼ିବା ସଙ୍ଗେ ସଙ୍ଗେ, ମାଦଳ, ଢେଙ୍କା, ତୁରୀ ଓ କାହାଳିର ଶବ୍ଦରେ ଚାରିଆଡ଼ କମ୍ପି ଉଠିଲା । କଳିଙ୍ଗନଗରର ପାଇକମାନେ ରାଜପଥ ଦୁଇ କଡ଼େ ଆସି ଠିଆ ହୋଇଗଲେ । ପାଇକ ବଧୂମାନଙ୍କର ହୁଳହୁଳି ଯୁଦ୍ଧବାଦ୍ୟର ଶବ୍ଦକୁ ସୁଦ୍ଧା ବୁଡ଼ାଇ ଦେଲା । ବୃଦ୍ଧ ପିତା ବିଦାୟୋନ୍ମୁଖ ପୁଅକୁ ପାଦ ତଳୁ ଉଠାଇ ଆଣି, ତା ମୁଣ୍ଡରେ ସ୍ନେହ ଓ ଆଶୀର୍ବାଦରେ

ହାତ ବୁଲାଇ ଆଣିଲେ । ଜନନୀ ଗୋଟିଏ ହାତରେ ଆଖିରୁ ଲୁହ ପୋଛୁ ଆଉ ହାତରେ ପୁତ୍ରର କପାଳରେ ସିନ୍ଦୂରର ଟୀକା ପିନ୍ଧାଇ ଦେଲେ । ପାଇକ ବଧୂ ହସି ହସି ସ୍ୱାମୀର ଗଳାରେ ଆଶୀର୍ବାଦ-ଫୁଲମାଳ ପିନ୍ଧାଇ ଦେଲେ ।······କ୍ରମେ ଦେଖାଗଲା, ହସ୍ତୀ ପୃଷ୍ଠରେ ଆସୀନ ଛତ୍ରଧାରୀଙ୍କ ହାତରେ କଳିଙ୍ଗର ଧର୍ମଚକ୍ର ଲାଂଛିତ ପତାକା । ତାଙ୍କ ପଛରେ ଗଜବାହିନୀ । ଗଜବାହିନୀ ପଛରେ ଏକ ସୁସଜ୍ଜିତ ରଥ ଉପରେ ମହାମେଘବାହନ ଖାରବେଳ । ଶିରସ୍ତ୍ରାଣର ମଣି ମୁକ୍ତା ଉପରେ ସୂର୍ଯ୍ୟର ଆଲୋକ, ଶତ ଶତ ସୂର୍ଯ୍ୟର ଦ୍ୟୁତିରେ ଝଲମଲ ହୋଇ ଉଠୁଛି । ଖାର-ବେଳଙ୍କ ଦୁଇ ପାଖରେ ସେନାପତିମାନେ ଅଶ୍ୱପୃଷ୍ଠରେ ଆସୁଛନ୍ତି ଯୁଦ୍ଧବେଶରେ ସଜ୍ଜିତ ହୋଇ । ଅଶ୍ୱବାହିନୀ ପଛରେ ଆସୁଛନ୍ତି ପାଞ୍ଚଲକ୍ଷ ପଦାତିକ ସୈନ୍ୟବାହିନୀ, ଢାଲ, ତରବାରୀ, ଧନୁ, ଶର ଓ ତୂଣୀରରେ ସଜ୍ଜିତ ହୋଇ ।

ଜନନୀ ପୁତ୍ରକୁ ବିଦାୟ ଦେଇ କହିଲେ······"ଧର୍ମର ଜୟ ହେଉ", କୁଳବଧୂ ସ୍ୱାମୀକୁ ବିଦାୟ ଦେଇ କହିଲେ······"ପ୍ରାଣ ଦେବ ପଛେ, ମାନ ଦେବ ନାହିଁ ।" ପିତା ପୁତ୍ରକୁ ସ୍ନେହାଶୀଷ ଦେଇ କହିଲେ······"କଳିଙ୍ଗର ଜୟ ହେଉ ।"

······ଏ ଯୁଦ୍ଧଯାତ୍ରା, ଏ ଉନ୍ମାଦନା, ମୁକ୍ତିର ଆକାଙ୍‌କ୍ଷାର ଏ ପ୍ରଚଣ୍ଡ ପ୍ରକାଶ କଳିଙ୍ଗ ନଗର କେବେ ଦେଖି ନ ଥିଲା !

ସେ ବର୍ଷ ସାତବାହନ ଆନ୍ଧ୍ର ରାଜା ଶ୍ରୀ ସାତକର୍ଣୀ ଓ କୃଷ୍ଣା-କୂଳର ମୂଷିକମାନଙ୍କୁ ପରାସ୍ତ କରି ଖାରବେଳ କଳିଙ୍ଗନଗର ଫେରି ଆସିଲେ । ତା ପରବର୍ଷ ପୁଣି କଳିଙ୍ଗର ଅଭିଯାନ ଆରମ୍ଭ ହେଲା ମଧ୍ୟଦେଶର ରାଷ୍ଟ୍ରୀକ ଓ ଭୋଜକମାନଙ୍କ ବିରୁଦ୍ଧରେ । ରାଷ୍ଟ୍ରୀକ ଓ ଭୋଜକମାନେ ମଧ୍ୟ ପରାସ୍ତ ହୋଇ କଳିଙ୍ଗର ଆଧିପତ୍ୟ ସ୍ୱୀକାର

କଲେ । ଏହାପରେ ମହାମେଘବାହନ ଖାରବେଳ କଳିଙ୍ଗ-ନଗରରେ ଏକ ରାଜସୂୟ ଯଜ୍ଞ ଆରମ୍ଭ କଲେ, କଳିଙ୍ଗର ଅଭ୍ୟୁଦୟ ବିଶ୍ୱରେ ଘୋଷଣା କରିବାପାଇଁ । ଏ ରାଜସୂୟ ଯଜ୍ଞକୁ ଆସିଲେ ଦକ୍ଷିଣାପଥ ଓ ମଧ୍ୟଦେଶର ବିଜିତ ରାଜାମାନେ, ନବଜାଗ୍ରତ କଳିଙ୍ଗକୁ ଅଭିନନ୍ଦନ ଜଣାଇବାପାଇଁ । ଏଥର କଳିଙ୍ଗ ନିରାପଦ । ଏହାପରେ ଉତ୍ତରାପଥ ଆକ୍ରମଣ କରି, ମଗଧ ଜୟ କରିବାର ପଥ ନିଷ୍କଣ୍ଟକ ହୋଇଗଲା ।

ରାଜତ୍ୱର ଅଷ୍ଟମବର୍ଷରେ ଖାରବେଳ ମଗଧ ବିରୁଦ୍ଧରେ ଆରମ୍ଭ କଲେ, କଳିଙ୍ଗର ବହୁ ବାଂଛିତ ଅଭିଯାନ । ମଗଧ ସାମ୍ରାଜ୍ୟର ଦ୍ୱାର ପ୍ରବେଶ ଗୋରଥଗିରିଠାରେ, ଏକ ଭୀଷଣ ଯୁଦ୍ଧ ହେଲା । ସେଥିରେ ଝଡ଼ ମୁହଁରେ ଶୁଖିଲା ପତ୍ର ପରି ମଗଧ ବାହିନୀ କେଉଁଆଡ଼େ ଯେ ଉଡ଼ିଗଲେ ତାର ପତ୍ତା ରହିଲା ନାହିଁ । ଗୋରଥ-ଗିରି ପରେ ରାଜଗୃହ ମଧ୍ୟ କଳିଙ୍ଗ ସେନା ଆଗରେ ତିଷ୍ଠି ପାରିଲା ନାହିଁ । ରାଜଗୃହ ଜୟ କରିବା ପରେ ଖାରବେଳ ବାହାରିଲେ ପାଟଳୀପୁତ୍ର ଅଭିମୁଖରେ ।

ପାଟଳୀପୁତ୍ରର ଭାଗ୍ୟାକାଶରେ ସେ ଏକ ନିରନ୍ଧ୍ର, ଅନ୍ଧକାର ରାତି । ପାଟଳୀପୁତ୍ର ଉପକଣ୍ଠରେ ଖାରବେଳ ଶିବିର ପକାଇ, ଆକ୍ରମଣ ପ୍ରତୀକ୍ଷାରେ ଅପେକ୍ଷା କରି ରହିଛନ୍ତି । ତେଣେ ଡ଼ିମିତ୍ରିଅସ ଗ୍ରୀକ୍ ସୈନ୍ୟବାହିନୀ ଧରି ଜଗି ବସିଛନ୍ତି ପାଟଳୀପୁତ୍ର ଅଧିକାର ପାଇଁ । ବୃହସ୍ପତି ମିତ୍ର ପାଟଳୀ ଦୁର୍ଗଭିତରେ ବନ୍ଦୀ ପରି ଚରମ ମୁହୂର୍ତ୍ତର ଅପେକ୍ଷାରେ ପଡ଼ି ରହିଛନ୍ତି ।

ଜଣେ ସେନାପତି, ବୃହସ୍ପତି ମିତ୍ରଙ୍କୁ ସମ୍ବାଦ ଦେଲେ······ "ମହାମେଘବାହନ ଖାରବେଳ ଆପଣଙ୍କ ସହିତ ସାକ୍ଷାତ ପାଇଁ **ଦୁର୍ଗ ବାହାରେ ଅପେକ୍ଷା କରିଛନ୍ତି !"**

"କଏ ମହାମେଘବାହନ ଭାରତ-ବିଜୟୀ ଖାରବେଳ ? ସେ ତ ଆଦେଶ ଦେଇ ପାରଥାନ୍ତେ ଆଉ ବୃହସ୍ପତି ମିତ୍ର ଆସିଥାନ୍ତେ ନତମସ୍ତକରେ ଆଦେଶ ଶିରୋଧାର୍ଯ୍ୟ କରି । ପୁଷ୍ପମିତ୍ର କହିଲେ··· "ତାହାଙ୍କୁ ସସମ୍ମାନେ ଏଠାକୁ ଘେନି ଆସ । ମୁଁ ଜାଣେ ସେ ଆସିଛନ୍ତି ମୋତେ ବନ୍ଦୀ କରିବା ପାଇଁ । ତାଙ୍କୁ ପ୍ରତିରୋଧ କରିବାର ଶକ୍ତି ଆଜି ମଗଧର ନାହିଁ ।"

ଖାରବେଳ ବୃହସ୍ପତି ମିତ୍ରଙ୍କ କକ୍ଷରେ ପ୍ରବେଶ କଲା ମାତ୍ରେ ବୃହସ୍ପତି ମିତ୍ର ମଗଧର ରାଜମୁକୁଟ ଖାରବେଳଙ୍କ ପାଦତଳେ ସମର୍ପଣ କରି କହିଲେ···"ମୁଁ ଜାଣେ ମହାପଦ୍ମନନ୍ଦଙ୍କଠାରୁ ଅଶୋକଙ୍କ ପର୍ଯ୍ୟନ୍ତ ମଗଧର ସବୁ ଅବିଚାର, ସବୁ ଅତ୍ୟାଚାରର ପ୍ରତିଶୋଧପାଇଁ ଆପଣ ଆଜି ମଗଧ ଅଭିଯାନରେ ଆସିଛନ୍ତି । ମଗଧ ହାରିଛି, କଳିଙ୍ଗ ଜିଣିଛି । ମୋତେ ଆପଣ ବନ୍ଦୀ କରି ପାରନ୍ତି !"

ଖାରବେଳ ସ୍ମିତ ହସି କହିଲେ,···"ମଗଧ-ରାଜ, କଳିଙ୍ଗ ଏତେ ମାତ୍ର ସୁବିଧାବାଦୀ ଓ ଦୁର୍ବଳ ନୁହେଁ ଯେ; ଆଜି ଡମିତ୍ରିୟୁସ୍‌ର ସୁଯୋଗ ନେଇ କଳିଙ୍ଗ ମଗଧ ଆକ୍ରମଣ କରିବ ।"

ତା ପରେ ବୃହସ୍ପତି ମିତ୍ରଙ୍କ ମୁଣ୍ଡରେ ରାଜମୁକୁଟ ପିନ୍ଧାଇ ପୁଣି ତାଙ୍କ ହାତରେ ନିଜର ତରବାରି ଦେଇ ଖାରବେଳ କହିଲେ ···"ଭାରତର ଶତ୍ରୁ ଆଜି ଗ୍ରୀକ୍ ଡମିତ୍ରିୟୁସ୍ । ଭାରତରେ ପୁଣି ସେ ଗ୍ରୀକ୍ ସାମ୍ରାଜ୍ୟ ପ୍ରତିଷ୍ଠାର ସ୍ୱପ୍ନ ଦେଖୁଛି । ଭାରତର ସ୍ୱାଧୀନତା, ଭାରତର ମାନ ଠାରୁ, କଳିଙ୍ଗର ମାନ, ଅପମାନ ବଡ଼ ନୁହେଁ । ଭାରତର ସ୍ୱାର୍ଥ ପାଇଁ କଳିଙ୍ଗ ଅକାତରରେ ଆତ୍ମଦାନ କରି ପାରେ । ଆପଣ ନିଶ୍ଚିନ୍ତ ରହନ୍ତୁ ମଗଧରାଜ, ଡମିତ୍ରିୟୁସ୍‌କୁ ଭାରତ-ଭୂମିରୁ ଦୂର ନ କରିବା ପର୍ଯ୍ୟନ୍ତ କଳିଙ୍ଗ ମଗଧ ଆକ୍ରମଣ କରିବ ନାହିଁ ।"

ବସ୍ତୁପୂରେ ବୃହସ୍ପତି ମିତ୍ର, ହତବାକ୍ ହୋଇଗଲେ ।

× × × ×

ସେଥର ଡିମିତ୍ରୀଅସ୍‌କୁ ପରାସ୍ତ କରି, ଗ୍ରୀକ୍ ଆକ୍ରମଣରୁ ଉତ୍ତର-ଭାରତକୁ ସମ୍ପୂର୍ଣ୍ଣ ନିରାପଦ ରଖି, ଖାରବେଳ କଳିଙ୍ଗ ଫେରି ଆସିଲେ । ତାର ପୁଣି ତିନି ବର୍ଷ ପରେ ଖାରବେଳ ମଗଧ ଅଭିଯାନରେ ବୃହସ୍ପତି ମିତ୍ରଙ୍କୁ ସମ୍ପୂର୍ଣ୍ଣରୂପେ ପରାସ୍ତ କରିଥିଲେ । ବହୁବର୍ଷ ପୂର୍ବେ ମଗଧରାଜ ମହାପଦ୍ମନନ୍ଦ କଳିଙ୍ଗର ଇଷ୍ଟଦେବ କଳିଙ୍ଗଜିନଙ୍କୁ, କଳିଙ୍ଗ ଅଧିକାର ପରେ ମଗଧ ନେଇ ଯାଇ ଥିଲେ । ଖାରବେଳ ମଗଧ ବିଜୟ ପରେ କଳିଙ୍ଗର ସେହି ଇଷ୍ଟ-ଦେବ କଳିଙ୍ଗ ଜିନଙ୍କୁ କଳିଙ୍ଗ ଫେରାଇ ଆଣି ଖଣ୍ଡଗିରିର ଏକ ଗୁହା ମନ୍ଦିରରେ ପୁଣି ପ୍ରତିଷ୍ଠିତ କରାଇଥିଲେ । କଳିଙ୍ଗର ଇତିହାସରେ ସେ ଆଉ ଗୋଟିଏ ଦିନ । ସେ ଦିନ ଯେପରିକି କୁରୁସଭାତଳେ ଲାଞ୍ଛିତା ଦ୍ରୌପଦୀର ପୁଣି ଥରେ ବେଣୀବନ୍ଧନ ହୋଇଥିଲା । ଖଣ୍ଡଗିରିର 'ମଞ୍ଚପୁରୀ' ଗୁହାରେ ଆଜି ସୁଦ୍ଧା କଳିଙ୍ଗ ଜିନଙ୍କ ସେ ପବିତ୍ରପୀଠ ରହିଛି । ସେ ପୀଠ ଦେହରେ କଳିଙ୍ଗଜିନଙ୍କ ମୂର୍ତ୍ତି ସହିତ ଖାରବେଳଙ୍କର କଳିଙ୍ଗ ପ୍ରତ୍ୟାବର୍ତ୍ତନର ଚିତ୍ର ଆଜି-ସୁଦ୍ଧା ଉତ୍କୀର୍ଣ୍ଣ ହୋଇ ରହିଅଛି । କଳିଙ୍ଗଜିନଙ୍କ ପ୍ରତ୍ୟାବର୍ତ୍ତନର ସେହି ପାଷାଣ-ଚିତ୍ରରେ ଏବେ ସୁଦ୍ଧା କଳିଙ୍ଗର ମର୍ମବାଣୀ ପ୍ରଚ୍ଛନ୍ନ ହୋଇ ରହିଅଛି·· "ବିଶ୍ୱର କଲ୍ୟାଣ ପାଇଁ ଯେଉଁ କଳିଙ୍ଗ ଆତ୍ମଦାନ ଦେଇପାରେ, ସେ କଳିଙ୍ଗର ମୃତ୍ୟୁ ନାହିଁ । ଶତ ଲାଞ୍ଛନା ଓ ପରାଜୟ ଭିତରେ ସୁଦ୍ଧା ସେ କଳିଙ୍ଗର ଅଭ୍ୟୁଦୟ ହେବ ।"

ତୁମେ କେବେ ଚେଷ୍ଟା କଲେ, ଖଣ୍ଡଗିରିର ନିର୍ଜନ ଗୁହା ଭିତରେ ତାହାର ପ୍ରତିଧ୍ୱନି ହୁଏତ ଶୁଣି ପାରିବ ।

# ବିଜୟ ସିଂହ ଓ ହେମମାଳା

ମହାମେଘବାହନ ଖାରବେଳଙ୍କ ପର ଠାରୁ ଖ୍ରୀ:ଅ: ସପ୍ତମ ଶତାବ୍ଦୀରେ ଶୈଳୋଦ୍ଭବ ବଂଶର ରାଜତ୍ୱ ପର୍ଯ୍ୟନ୍ତ, ପ୍ରାୟ ଆଠଶହ ବର୍ଷର ଇତିହାସ ଆଜି ଠିକ୍ ଜଣା ନାହିଁ । ଏହି ସମୟ ମଧ୍ୟରେ ଶୈଳୋଦ୍ଭବ ଓ ଭୌମ ମାନେ କଳିଙ୍ଗର ବିଭିନ୍ନ ଅଞ୍ଚଳରେ ରାଜପଣ କରିଥିଲେ । କିନ୍ତୁ ସେ କଳିଙ୍ଗ ଖାରବେଳଙ୍କ ସୁବିଶାଳ କଳିଙ୍ଗ ସାମ୍ରାଜ୍ୟ ନଥିଲା । କଳିଙ୍ଗରୁ ଖାରବେଳଙ୍କ ରାଜଶକ୍ତି ଅପସୃତ ହେବା ପରେ ପରେ, ଅନ୍ତର୍ଦ୍ୱନ୍ଦ୍ୱ, ପୁଣି ଉତ୍ତର ଭାରତର ବାରମ୍ବାର ଆକ୍ରମଣରେ କଳିଙ୍ଗ ସାମ୍ରାଜ୍ୟ ଖଣ୍ଡ ଖଣ୍ଡ ହୋଇ ପଡ଼ିଥିଲା । କିନ୍ତୁ ଏହି କାଳରେ ଦକ୍ଷିଣ-ପୂର୍ବ-ଏସିଆର ଭାରତ-ମହାସାଗର ମଧ୍ୟସ୍ଥିତ ଦ୍ୱୀପମାନଙ୍କରେ କଳିଙ୍ଗର ସାଧବ ଓ ସାଧବମାନେ ବୃହତ୍ତର ଭାରତ ପ୍ରତିଷ୍ଠା କରିବା ସଙ୍ଗେ ସଙ୍ଗେ କଳିଙ୍ଗର ସଂସ୍କୃତି ଓ ସଭ୍ୟତା ବିସ୍ତାର କରିଥିଲେ । କଳିଙ୍ଗ ପୁଣି ସେ କାଳେ ସିଂହଳ, ଜାଭା, ସୁମାତ୍ରା ବା ବାଲି ପ୍ରଭୃତି ଦ୍ୱୀପମାନଙ୍କୁ ଗ୍ରୀକ୍‌ମାନଙ୍କ ପରି ଉପନିବେଶର ସନ୍ଧାନରେ ଆସି ନଥିଲା, ବା ସେହି ଅଞ୍ଚଳର ଅଧିବାସୀମାନଙ୍କର ସ୍ୱାଧୀନତା ଲୁଣ୍ଠନ କରି, ସେମାନଙ୍କ ରକ୍ତରେ କଳିଙ୍ଗ ଔପନିବେଶିକ ସିଂହାସନରେ ଅଭିଷିକ୍ତ

ହୋଇ ନଥିଲା । ଅକୂଳ ଦରିଆର ଅଥଳ ପାଣି ଆଜି ଲହରୀ କାଟି କଳିଙ୍ଗ ଆସିଥିଲା ମୈତ୍ରୀ, ଶାନ୍ତି ଓ ସଂସ୍କୃତିର ବାର୍ତ୍ତା ଧରି ! ବୃହତ୍ତର ଭାରତର ପ୍ରାଣ ପ୍ରତିଷ୍ଠାରେ, କଳିଙ୍ଗର ଦାନ ତେଣୁ ଅତୁଳନୀୟ ।

ଏହି ବୃହତ୍ତର ଭାରତର ଆଦି ପ୍ରତିଷ୍ଠାତାରୂପେ କଳିଙ୍ଗର ଜଣେ ରାଜପୁତ୍ରଙ୍କ ନାମ ଇତିହାସକୀର୍ତ୍ତିତ;ତାଙ୍କ ନାମ ବିଜୟ ସିଂହ । ଏ ବିଜୟ ସିଂହ ପୁଣି ଅଧା ଇତିହାସ ଓ ଅଧା କିମ୍ବଦନ୍ତୀ ମଧ୍ୟରେ ପ୍ରାୟ ଅବଲୁପ୍ତ । ବିଜୟ ସିଂହଙ୍କର ପିତାମହୀ କଳିଙ୍ଗର ରାଜକନ୍ୟା ଥିଲେ । ବଙ୍ଗର ଜଣେ ରାଜପୁତ୍ରଙ୍କ ସହିତ ତାଙ୍କର ବିବାହ ହୋଇଥିଲା । ଏହି ବିବାହରୁ ଯେଉଁ କନ୍ୟା ଜନ୍ମ ହୋଇଥିଲେ, ସେ ବିଜୟ ସିଂହଙ୍କର ଜନନୀ । କିମ୍ବଦନ୍ତୀ ଅନୁସାରେ ଏହି କନ୍ୟା ଥରେ ଲାଢ ଦେଶ ବାଟେ ବଙ୍ଗ ଯାଉଥିଲା ବେଳେ, ବାଟରେ ଲାଢ ଦେଶର ଜଣେ ସିଂହ ରାଜା ତାଙ୍କୁ ଅପହରଣ କରି ବିବାହ କରିଥିଲେ । ଏବର ସିଂହଭୂମି ସମେତ ଛୋଟନାଗପୁର ଅଞ୍ଚଳ ପୌରାଣିକ କାଳରେ 'ଲାଢ ଦେଶ' ନାମରେ ପରିଚିତ ଥିଲା । ପୁଣି ତାହା କଳିଙ୍ଗର ଅନ୍ତର୍ଭୁକ୍ତ ଥିଲା । ବିଜୟ ସିଂହ ଏହି କଳିଙ୍ଗର ରାଜକୁମାରୀଙ୍କ ଗର୍ଭରୁ ଲାଢ ଦେଶର ରାଜପୁତ୍ରରୂପେ ଜନ୍ମଗ୍ରହଣ କରିଥିଲେ । ବିଜୟ ସିଂହ କୈଶୋର ଓ ଯୌବନରେ ମହା ଦୁର୍ଦ୍ଦଣ୍ଡ ଥିଲେ । ତାଙ୍କ ଅତ୍ୟାଚାର ଓ ଉତ୍ପୀଡ଼ନରେ ବିବ୍ରତ ହୋଇ ଲାଢ ଦେଶର ରାଜା ତାଙ୍କୁ ରାଜ୍ୟରୁ ନିର୍ବାସିତ କରିଥିଲେ । ଏହାପରେ ବିଜୟ ସିଂହ ରାଜ୍ୟରୁ ନିର୍ବାସିତ ହୋଇ ଖଣ୍ଡେ ବୋଇତରେ ଦରିଆ ବାଟେ ଆସି ପହଞ୍ଚିଥିଲେ ଲଙ୍କା ଦ୍ୱୀପରେ । ବିଜୟ ସିଂହ ଲଙ୍କା ଦ୍ୱୀପରେ ପହଞ୍ଚି, ଲଙ୍କାର ରାଜକନ୍ୟାଙ୍କୁ ବିବାହ କରି ଲଙ୍କା ସିଂହାସନରେ ଅଭିଷିକ୍ତ ହୋଇଥିଲେ । ଏହା ପରେ

ନିଜର ନାମାନୁସାରେ ସେ ଏହି ଦ୍ୱୀପର ନୂତନ ନାମ ସିଂହଳ ।

ଏବେ ସୁଦ୍ଧା ସିଂହଭୂମିରେ କେଉଁଠି କେଉଁଠି ପ୍ରତି ଆଶ୍ୱିନ ମାସରେ "ଶୁଭସଥୀ" ପୂଜା ହୁଏ । ସେହି ପୂଜା ଉପଲକ୍ଷେ କୁଳବଧୂମାନେ କାନ୍ଥରେ ବିଜୟ ସିଂହଙ୍କର ସିଂହଳଯାତ୍ରାର ଚିତ୍ର ଚିତାରେ ଲେଖନ୍ତି । ଏହି ପୂଜାରେ ଯେଉଁ ଓଡ଼ିଆ ପୋଥି ବୋଲିଯାଏ ସେଥିରେ ସୁବର୍ଣ୍ଣରେଖା ନଦୀ ବାଟେ, ସମୁଦ୍ରରେ ବିଜୟ ସିଂହଙ୍କର ସିଂହଳ ଯାତ୍ରାର କାହାଣୀ ବର୍ଣ୍ଣିତ ଅଛି ।

ସିଂହଳ ସହିତ କଳିଙ୍ଗର ବୈବାହିକ ସମ୍ପର୍କ ସେ କାଳରୁ ଏକାଦଶ ଶତାବ୍ଦୀ ପର୍ଯ୍ୟନ୍ତ ରହି ଆସିଥିଲା । ଏକାଦଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ସିଂହଳର ରାଜା ବିଜୟବାହୁ କଳିଙ୍ଗ ରାଜକନ୍ୟା ତିଳକ ସୁନ୍ଦରୀଙ୍କୁ ବିବାହ କରିଥିଲେ । ପୁଣି କଳିଙ୍ଗରୁ ପାଲି ଭାଷା ପ୍ରଥମେ ସିଂହଳରେ ପ୍ରବର୍ତ୍ତିତ ହୋଇଥିଲା ବୋଲି ମୁଲର୍ ଓ ଓଲଡେନବର୍ଗ ପ୍ରମୁଖ ବହୁ ପାଲିଭାଷାବିତ୍ ଅନୁମାନ କରନ୍ତି । ଆଜି ସୁଦ୍ଧା ସିଂହଳରେ 'କଳିଙ୍ଗ' ନାମରେ ଏକ ଜାତି ଅଛନ୍ତି । ଏମାନେ ଯେ ସୁଦୂର ସିଂହଳରେ ସେ ଦିନର ଗୌରବୋଜ୍ଜ୍ୱଳ କଳିଙ୍ଗର ଶେଷ ସ୍ମୃତି, ସେଥିରେ କୌଣସି ସନ୍ଦେହ ନାହିଁ ।

ସିଂହଳରେ ବୃହତ୍ତର ଭାରତ ଓ ମହାଭାରତୀୟ ସଂସ୍କୃତିର ପ୍ରତିଷ୍ଠା ସହିତ ଆଉ ଜଣେ କଳିଙ୍ଗ ରାଜକନ୍ୟାଙ୍କ ଇତିହାସ ଜଡ଼ିତ—ତାଙ୍କ ନାମ ହେମମାଳା ।

ଖ୍ରୀ: ଅ. ଚତୁର୍ଥ ଶତାବ୍ଦୀରେ କଳିଙ୍ଗରେ ଗୁହଶିବ ନାମରେ ଜଣେ ରାଜା ରାଜୁତି କରୁଥିଲେ । ପୂର୍ବେ ଉଲ୍ଲେଖ କରା ଯାଇଅଛି

ହୋଇ ପରିନିର୍ବାଣ ପରେ ବୁଦ୍ଧଙ୍କ ମରଣଶୀଳ ଦେହର ଅବଶେଷ ସ୍ୱରୂପ ତାଙ୍କର ଗୋଟିଏ ଦନ୍ତ, କଳିଙ୍ଗର ଜଣେ ଭିକ୍ଷୁ କ୍ଷେମ ଆଣି କଳିଙ୍ଗର ଦନ୍ତପୁରଠାରେ ପ୍ରତିଷ୍ଠିତ କରିଥିଲେ । ଏଣୁ ସେ କାଳେ କଳିଙ୍ଗରେ ବୌଦ୍ଧଧର୍ମ ଲୋକଧର୍ମ ଥିଲା ବୋଲି ଅନୁମିତ ହୁଏ ।

ଖ୍ରୀ: ଅ. ଚତୁର୍ଥ ଶତାବ୍ଦୀରେ ଯେତେଦୂର ସମ୍ଭବ, ଉତ୍ତର-ଭାରତର ବ୍ରାହ୍ମଣ୍ୟଧର୍ମାବଲମ୍ବୀ ଗୁପ୍ତ ରାଜା ସମୁଦ୍ରଗୁପ୍ତ କଳିଙ୍ଗ ଆକ୍ରମଣ କଲା ବେଳେ ଗୁହଶିବ କଳିଙ୍ଗର ବହୁପୂଜ୍ୟ ବୁଦ୍ଧଦନ୍ତ ଲୁଣ୍ଠିତ ହେବା ଆଶଙ୍କାରେ ତାହା ନିଜ କନ୍ୟା ହେମମାଳା ହାତରେ ସିଂହଳ ପଠାଇ ଦେଇଥିଲେ । କାରଣ, କଳିଙ୍ଗର ସଂସ୍କୃତିରେ ପରିପୁଷ୍ଟ ସିଂହଳରେ, କଳିଙ୍ଗର ଇଷ୍ଟଦେବ ସମ୍ମାନିତ ହେବାର ଦୃଢ଼ ବିଶ୍ୱାସ ଗୁହଶିବଙ୍କର ଥିଲା । ସେହିକାଳରୁ ସିଂହଳରେ ବୁଦ୍ଧଦନ୍ତ ବହୁ ଭକ୍ତି ସହକାରେ ପୂଜିତ ହୋଇ ଆସୁଅଛି । ଭାରତରୁ ବୌଦ୍ଧଧର୍ମ ଗଲାଣି, କିନ୍ତୁ ସିଂହଳରେ ଏବେ ସୁଦ୍ଧା ତାହା ଲୋକଧର୍ମରୂପେ ରହିଅଛି । ସିଂହଳର କାଣ୍ଡୀ ସହରରେ ଏହି ବୁଦ୍ଧଦନ୍ତ ମନ୍ଦିର ସମଗ୍ର ବୌଦ୍ଧ ଜଗତରେ ଏକ ପରମ ତୀର୍ଥ । ପୁରୀରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପରି ପ୍ରତିବର୍ଷ କାଣ୍ଡୀରେ ଏହି ବୁଦ୍ଧଦନ୍ତକୁ ବହୁ ଆଡ଼ମ୍ବରରେ ଶୋଭାଯାତ୍ରାରେ ବାହାର କରାଯାଏ—ଅନେକାଂଶରେ ଜଗନ୍ନାଥଙ୍କ ପହଣ୍ଡି ପରି । ଏହି ଉପଲକ୍ଷରେ 'କଳିଙ୍ଗ' ଜାତିର ଲୋକେ ପୂଜା କରିବାର ଏକ ବିଶେଷ ଅଧିକାର ପାଆନ୍ତି । ପୁରୀ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ବେଳେ ଯେପରି ଦଇତାମାନଙ୍କର ପୂଜାରେ ଏକ ବିଶେଷ ଅଧିକାର ଥାଏ, କଳିଙ୍ଗମାନଙ୍କର ଏ ଅଧିକାର ଅନେକାଂଶରେ ଠିକ୍ ସେହିପରି । ଯେଉଁ କଳିଙ୍ଗ ସିଂହଳରେ ବୁଦ୍ଧଦନ୍ତ ପ୍ରତିଷ୍ଠା କରିଥିଲା, ପରମ୍ପରାରେ ଓ ବିଧିରେ ସେହି କଳିଙ୍ଗର ଉତ୍ତର-ପୁରୁଷମାନଙ୍କର ଏ ବିଶେଷ ଅଧିକାର ସମ୍ଭବତଃ ସ୍ୱୀକୃତ ହୋଇ ଆସୁଅଛି ।

ଦକ୍ଷିଣ-ପୂର୍ବ-ଏସିଆର ଦ୍ୱୀପପୁଞ୍ଜ ମଧ୍ୟରେ ଜାଭା ଦ୍ୱୀପ । କେବେ କେଉଁ ସୁପ୍ରାଚୀନ ଐତିହାସିକ କାଳରେ ଏଠାରେ ମଧ୍ୟ ବୃହତ୍ତର ଭାରତର ଭିତ୍ତି ପ୍ରତିଷ୍ଠା କରିଥିଲା, ତା ଜଣା ନ ଥିଲେ ବି ପରମ୍ପରା ଓ କିମ୍ବଦନ୍ତୀରୁ ପ୍ରକାଶ କଳିଙ୍ଗରୁ ପ୍ରଥମେ କୋଡ଼ିଏ ହଜାର ପରିବାର ଆସି ଏଠାରେ ବସବାସ କରି ରହିଥିଲେ । ସେଥିପାଇଁ ଜାଭାର ଅନ୍ୟ ନାମ 'ହୋ-ଲିଙ୍ଗ' ଥିଲା । ପରେ ଖ୍ରୀ: ଅ. ଅଷ୍ଟମ ଶତାବ୍ଦୀରେ ଶୈଳୋଦ୍ଭବମାନେ ଖୁବ୍ ସମ୍ଭବ ଭୌମମାନଙ୍କଦ୍ୱାରା ବିତାଡ଼ିତ ହୋଇ ଏହି ବୃହତ୍ତର କଳିଙ୍ଗ ଭୂମିରେ ଇତିହାସ-ପ୍ରସିଦ୍ଧ ଶୈଳେନ୍ଦ୍ର ରାଜବଂଶ ପ୍ରତିଷ୍ଠା କରିଥିଲେ । ଶୈଳେନ୍ଦ୍ର-ବଂଶର ପରାକ୍ରମରେ ଏହି କ୍ଷୁଦ୍ର କ୍ଷୁଦ୍ର ଦ୍ୱୀପମାନ ଏକ ରାଜଶକ୍ତି ଅଧୀନରେ ଏକତ୍ରିତ ହୋଇ 'କଳିଙ୍ଗ' ନାମରେ ପ୍ରସିଦ୍ଧ ହୋଇଥିଲା ।(ଜାଭାର ବୋରବନ୍ଦର ମନ୍ଦିରରେ ସେହି ଶୈଳେନ୍ଦ୍ରମାନଙ୍କର ଅମର କୀର୍ତ୍ତି ଆଜି ସୁଦ୍ଧା ଅକ୍ଷୟ ଓ ଅମଳିନ ରହିଅଛି । ସେଥିରେ ପୁଣି କଳିଙ୍ଗ ସ୍ଥାପତ୍ୟର ନିଦର୍ଶନ ଦେଖି ମନେ ପଡ଼ିଯାଏ, ଅଜ୍ଞାତର ସେହି କଳିଙ୍ଗ ଶିଳ୍ପୀମାନଙ୍କ କଥା, ଯେଉଁମାନଙ୍କର ନିହାଣ ମୁନରେ ବୋରବନ୍ଦରର ପଥର ସୁଦ୍ଧା କଥା କହିଥିଲା !

ଆଜକୁ ଶଏବର୍ଷ ତଳେ ସୁଦ୍ଧା ଓଡ଼ିଆ ସାଧବମାନେ ସୁମାତ୍ରା, ବାଲି, ଜାଭା ଓ ସିଂହଳର ଏହି ଦ୍ୱୀପମାନଙ୍କୁ ନାନା ବାଣିଜ୍ୟସମ୍ଭାର ଧରି ଦରିଆରେ ବୋଇତ ମେଲି ଦେଉଥିଲେ । ବାଲେଶ୍ୱରଠାରେ ସୁବର୍ଣ୍ଣରେଖା ଘାଟ ଶଏ ବର୍ଷ ତଳେ ସୁଦ୍ଧା ଏକ ପ୍ରସିଦ୍ଧ ବନ୍ଦର ଥିଲା । ଇଂରେଜମାନେ ଓଡ଼ିଶା ଅଧିକାର ପରେ, ପୁଣି ସୁବର୍ଣ୍ଣରେଖା ମୁହାଣ ପୋତି ହୋଇ ପଡ଼ିବା ଫଳରେ ସବୁ ନୌ-ବାଣିଜ୍ୟ ଲୋପ ପାଇଅଛି । ସେଦିନର ପାଲ୍ଲୋର,

ହୋଙ୍କଙ୍ଗ, ତାମ୍ରଲିପ୍ତି, ଦନ୍ତପୁର, ସିଂହପୁର ପ୍ରଭୃତି ବନ୍ଦର ନିକୁଆଡ଼େ ମାଟି ତଳେ ହଜି ଗଲାଣି । ସେ ବିଜୟସିଂହ, ହେମମାଳା ନାହାନ୍ତି କି ସେ ସାଧବମାନେ ନାହାନ୍ତି ! କିନ୍ତୁ ଆଜି ସୁଦ୍ଧା ତାର ସ୍ମୃତିରୂପେ ଓଡ଼ିଆ ଝିଅ ବୋହୂମାନେ କାର୍ତ୍ତିକ ପୂର୍ଣ୍ଣିମା ଦିନ ବଡ଼-ସକାଳୁ ଉଠି ମୁରୁଜରେ ,ବୋଇତ ବନ୍ଦାଣ ଚିତା ଲେଖନ୍ତି, ପିଲାଏ କଦଳୀବାହୁଙ୍ଗା, ସୋଲ ଆଉ କାଗଜର ଡଙ୍ଗା କରି ପୋଖରୀରେ ଭସାଇ ଦିଅନ୍ତି ମାର୍ଗଶୀର ମାସରେ ବୋହୂ ଭୁଆସୁଣୀ ; ମାନେ, ଦୂର ପ୍ରବାସୀ ଆତ୍ମୀୟ ସ୍ୱଜନଙ୍କ ନିରାପଦରେ ବୋଇତ-ବାହୁଡ଼ା ପାଇଁ ଉପାସ କରି ବାର ବ୍ରତ, ଓଷା ମନାସନ୍ତି । କର୍ପୂର ଉଡ଼ି ଯାଇଛି, କନା ପଡ଼ିଛି । କିନ୍ତୁ ସେ ଛିଣ୍ଡା କନାରୁ ଏବେ ବି କର୍ପୂରର ଶେଷ ମହକ ମରିନାହିଁ ।

# ବକୁଳ ମହାଦେବୀ

'ଗୁହଦେବ ପାଟକ' ନାଁଟି ଆଜି ଓଡ଼ିଶାର ମାନଚିତ୍ରରେ ଖୋଜି ବସିଲେ ମିଳିବ ନାହିଁ । କିନ୍ତୁ ଏବେ କଟକଜିଲ୍ଲାର ଜାଜପୁରଠାରେ ବୈତରଣୀ କୂଳରେ ଭୌମମାନଙ୍କର ରାଜଧାନୀ ଗୁହେଶ୍ୱର ପାଟକ ସହର ଥିଲା । ଏ ଭୌମମାନେ କିଏ, କୁଆଡ଼ୁ ଆସିଲେ ଜଣା ନାହିଁ । କିନ୍ତୁ ଖ୍ରୀ. ଅ. ଷଷ୍ଠ ଶତାବ୍ଦୀରେ ଏମାନେ ଶୈଳୋଦ୍ଭବମାନଙ୍କୁ କଳିଙ୍ଗର ଉତ୍ତରସୀମା ଅର୍ଥାତ ଉତ୍କଳ ଖଣ୍ଡରୁ ତଡ଼ି, ସେଠାରେ ଭୌମରାଜତ୍ୱ ପ୍ରତିଷ୍ଠା କରିଥିଲେ । ଏମାନେ ଖୁବ୍ ସମ୍ଭବ ବୌଦ୍ଧଥିଲେ, କିନ୍ତୁ ପରବର୍ତ୍ତୀ କାଳରେ ଶାକ୍ତ ଧର୍ମରେ ଦୀକ୍ଷିତ ହୋଇଥିଲେ । ଭୌମ ରାଜତ୍ୱର ଆରମ୍ଭରେ ରାଜାମାନଙ୍କର ନାମ 'ପରମ ଆଗତ' ଓ 'ପରମ ସୌଗତ' ଆଦି ବୌଦ୍ଧ ଉପାଧିରେ ଭୂଷିତ ହେଉଥିଲା । ଖ୍ରୀ. ଅ. ସପ୍ତମ ଶତାବ୍ଦୀରେ ହର୍ଷବର୍ଦ୍ଧନ ଭୌମମାନଙ୍କୁ ପରାସ୍ତ କରି, ଉତ୍କଳକୁ ନିଜ ସାମ୍ରାଜ୍ୟରେ ଅନ୍ତର୍ଭୁକ୍ତ କରିଥିଲେ ।

ଓଡ଼ିଆରେ ଗୋଟିଏ କଥା ଅଛି, "ବାରଭାଇଆ ଆଖଡ଼ା ।" ଅର୍ଥାତ, ଯେଉଁଠି ଜଣେ ଲୋକର କର୍ତ୍ତୃତ୍ୱ ନ ଥାଇ ବହୁ ଲୋକଙ୍କର କର୍ତ୍ତୃତ୍ୱ ଥାଏ ଓ ଫଳରେ ନାନା ବିଶୃଙ୍ଖଳା ଦେଖାଦିଏ, ସେଠାରେ

'ବାର ଘରିଆ ଆଖଡ଼ା' ଗୃହିତ୍ତ ବୋଲି କୁହା ଯାଇଥାଏ । ଏ କଥାଟିର ମୂଳ ହେଉଛି ଆସାମରେ । ଆସାମର ଐତିହାସିକ ନାମ "ଆହମ" ଓ ତା ପୂର୍ବରୁ ଅର୍ଥାତ୍ ଆହମ ରାଜାମାନେ ସେଠାରେ ରାଜୁତି କରିବା ପୂର୍ବରୁ ଆସାମର ନାମ ଥିଲା କାମରୂପ । ପୁରାଣରେ କାମରୂପ ହୁଏତ ନାଗଦେଶ ନାମରେ ପରିଚିତ ଥିଲା । ଭୌମ ମାନଙ୍କର ସମସାମୟିକ କାଳରେ କାମରୂପରେ ସାମନ୍ତଚକ୍ର ଶାସନ ରୀତି ପ୍ରଚଳିତ ଥିଲା । ଅର୍ଥାତ, ସେଠାରେ କେହି ଜଣେ ରାଜା ସିଂହାସନରେ ବସି ରାଜ୍ୟ ଶାସନ କରୁ ନ ଥିଲେ । ବାର ଜଣ ଭୂୟାଁ । ବା ସାମନ୍ତ ଏକାଠି ମିଳି ରାଜ୍ୟ ଶାସନ କରୁଥିଲେ । ସେମାନଙ୍କ ଭିତରୁ ଜଣେ ହୁଏତ ଥିଲେ ମୁଖ୍ୟ, ସେଇ ଥିଲେ ରାଜା ।

ଭୌମ ମାନଙ୍କର ରାଜତ୍ୱରେ ଏହି କାମରୂପ ଦେଶ ସହିତ ବୈବାହିକ ଓ ସାଂସ୍କୃତିକ ସମ୍ବନ୍ଧ ଥିବା ହେତୁ ହେଉ ବା ଅନ୍ୟ ଯେଉଁ କାରଣରୁ ହେଉ, 'ସାମନ୍ତ-ଚକ୍ର' ଶାସନ ପ୍ରଚଳିତ ଥିଲା । ଏହି ବଂଶର ପରମସୌଗତ ମହାରାଜ ଶୁଭକରଙ୍କ ରାଜତ୍ୱରେ ଉତ୍କଳ ଅନେକାଂଶରେ ହର୍ଷଙ୍କ ସାମ୍ରାଜ୍ୟରୁ ସ୍ୱାଧୀନ ହୋଇଥିଲା । ଶୁଭକରଙ୍କ ପୁଅ ଶାନ୍ତିକର ନାଗ ରାଜକନ୍ୟା ତ୍ରିଭୁବନ ମହାଦେବୀଙ୍କୁ ବିବାହ କରିଥିଲେ । ଶାନ୍ତିକରଙ୍କ ଅକାଳ ମୃତ୍ୟୁ ହେବାରୁ ସାମନ୍ତ-ଚକ୍ରର ଅନୁରୋଧରେ ପରମ ବୈଷ୍ଣବୀ ତ୍ରିଭୁବନ ମହାଦେବୀ ଭୌମ ସିଂହାସନରେ ବସି ରାଜ୍ୟ ଚଳାଇଥିଲେ । ଏ ସମ୍ପର୍କରେ ମିଳିଥିବା ଖଣ୍ଡିତ ତମ୍ବାପଟା-ଲେଖ ପଣ୍ଡିତ ମାଲକଣ୍ଡ ନିମ୍ନରୂପେ ଓଡ଼ିଆରେ ଅନୁବାଦ କରିଅଛନ୍ତି । ସାମନ୍ତ ମାନେ ତ୍ରିଭୁବନ ମହାଦେବୀଙ୍କୁ ନିବେଦନ କରି କହୁଅଛନ୍ତି....."ହେ ଦେବୀ, ପୃଥିବୀ ବିସ୍ତାର ରାଜ୍ୟ ଧର୍ମ କାର୍ଯ୍ୟକୁ ନିଜର ସର୍ବସ୍ୱ କରିଥିବା

ଗୋସ୍ୱାମିନୀ, ପ୍ରଜାଙ୍କ କଥା ରକ୍ଷା କରି ବହୁକାଳ ବସୁନ୍ଧରା ଚଳାଇଥିଲେ । ସେଇପରି ଏବେ ତୁମେ ପ୍ରସନ୍ନ ହୁଅ, ସେଇପରି ସୁଚିର କାଳ ଏ ସାମ୍ରାଜ୍ୟ ଧରି ରଖ, ଲୋକଙ୍କୁ ଅନୁଗ୍ରହ କର, ପରଂପରାଗତ କରି ରାଜ୍ୟଲକ୍ଷ୍ମୀଙ୍କୁ ନିଜର ବୋଲି ସ୍ୱୀକାର କର ।"

ସାମନ୍ତମାନଙ୍କର ଏ ପ୍ରକାର ନିବେଦନରେ ତ୍ରିଭୁବନ ମହାଦେବୀ କାତ୍ୟାୟନୀ (ଦୁର୍ଗା) ପରି ସିଂହାସନରେ ବସିଲେ । ଏଥିରୁ ମନେ ହୁଏ ତ୍ରିଭୁବନ ମହାଦେବୀଙ୍କ ପୂର୍ବରୁ ସୁଦ୍ଧା ଆଉ କେତେ କେତେ ରାଣୀ ଉତ୍କଳ-ସିଂହାସନରେ ବସି ରାଜପଣ କରିଥିଲେ । ଖ୍ରୀଷ୍ଟୀୟ ଶତାବ୍ଦୀର ଆରମ୍ଭରେ ସୁଦ୍ଧା ଉତ୍କଳର ନାରୀ, ସମାଜରେ ପୁରୁଷ ସହିତ କିପରି ସମାନ ସୁଯୋଗ ଓ ଅଧିକାର ପାଇଥିଲା, ତାହା ଏଥିରୁ ମଧ୍ୟ ଅନୁମିତ ହୁଏ । ଭୌମ ବଂଶରେ ଗୌରୀ ମହାଦେବୀ, ବକୁଳ ମହାଦେବୀ ଓ ପରମ ମହେଶ୍ୱରୀ ଦଣ୍ଡୀ ମହାଦେବୀ ନାମରେ ଆଉ ଦୁଇ ଜଣ ରାଣୀ ମଧ୍ୟ ସିଂହାସନରେ ବସିଥିଲେ । ଶୁଭକର ଦେବଙ୍କ ମୃତ୍ୟୁ ପରେ ସେ ଅପୁତ୍ରିକ ହେବାରୁ ତାଙ୍କର ଦୁଇ ରାଣୀଙ୍କ ମଧ୍ୟରୁ ପାଟରାଣୀ ଗୌରୀ ମହାଦେବୀ କେତେକାଳ ରାଜ୍ୟ ସମ୍ଭାଳି ଥିଲେ । ଗୌରୀ ମହାଦେବୀଙ୍କ ପରେ ତାଙ୍କ କନ୍ୟା, ପରମଭଟ୍ଟାରିକା, ପରମେଶ୍ୱରୀ ଦଣ୍ଡୀ ମହାଦେବୀ ସିଂହାସନରେ ଅଭିଷିକ୍ତ ହୋଇଥିଲେ । ଦଣ୍ଡୀ ମହାଦେବୀଙ୍କ ରାଜତ୍ୱ କାଳରେ ଭୌମ ରାଜ୍ୟ ଉତ୍କଳର ଦକ୍ଷିଣରେ ସମ୍ଭବତଃ ଶୈଳୋଦ୍ଭବ-ଶାସିତ କଙ୍ଗୋଦମଣ୍ଡଳରେ ପ୍ରସାରିତ ହୋଇଥିଲା । କିଛିକାଳ ପରେ ଦଣ୍ଡୀ ମହାଦେବୀ ରାଜ୍ୟଶାସନରେ ବୀତସ୍ପୃହା ହୋଇ ସିଂହାସନ ନିଜ ବିମାତା ବକୁଳ ମହାଦେବୀଙ୍କ ହାତରେ ଛାଡ଼ି ଦେଇଥିଲେ ।

× × ×

ଗୁହଦେବ ପାଠକର ଭୌମ-ପ୍ରାସାଦ ସେ ଦିନ ମୃତ୍ୟୁପରି ନୀରବ । ତଳେ କଣ୍ଟାଟିଏ ପକାଇଲେ ସୁଦ୍ଧା ଶୁଭିବ । ବକୁଳ ମହାଦେବୀ, ଦଣ୍ଡୀ ମହାଦେବୀଙ୍କ ପରି ଶାସନ ଓ ସିଂହାସନରେ ବୀତଶ୍ରଦ୍ଧ ହୋଇ ସନ୍ନ୍ୟାସିନୀ ହୋଇ ଯିବାର ସିଦ୍ଧାନ୍ତ କରିଛନ୍ତି । ସାମନ୍ତମାନେ ଖୋଜି ଖୋଜି ଜଣେ ଭୌମ ରାଜବଂଶୀୟ ଶାନ୍ତିକରଙ୍କୁ ରାଜା ହେବା ପାଇଁ ମନୋନୀତ କରି ଅଛନ୍ତି । କିନ୍ତୁ ବକୁଳ ମହାଦେବୀଙ୍କୁ ଛାଡ଼ିବାରେ ରାଜ୍ୟ ସାରା କାହାରି ଇଚ୍ଛା ନାହିଁ ।

ସନ୍ଧ୍ୟା । ବକୁଳ ମହାଦେବୀ ଉଆସ ଭିତରେ ନିଜର ମନ୍ଦିରରେ ପରମ ଆଗତ ବୁଦ୍ଧଙ୍କ ମୂର୍ତ୍ତି ସମ୍ମୁଖରେ ବସି ଧ୍ୟାନ କରୁଛନ୍ତି । ପରିଚ୍ଛଦରେ ତାଙ୍କର ସାମ୍ରାଜ୍ଞୀର ଅଭିମାନ ବା ଆଭିଜାତ୍ୟ ନାହିଁ । ଭିକ୍ଷୁଣୀ ପରି ଦେହରେ ଖଣ୍ଡେ ହଳଦିଆ ବେଢ଼ଣି । ବୁଦ୍ଧ ମୂର୍ତ୍ତି ପାଦ ତଳେ ଗୋଟିଏ ଦୀପ ଶିଖା ନିଷ୍ପନ୍ଦ ଭାବରେ ଜଳୁଅଛି । ଧୂପଦାନୀରୁ ଝୁଣା କେବେଠୁ ପୋଡ଼ି ଚାଲିଣି । ସେଥିରୁ କୁଣ୍ଡଳୀ ବୁଲି ଧୂଆଁ ଆଉ ବାହାରୁ ନାହିଁ । କିନ୍ତୁ ଝୁଣାର ସୁଗନ୍ଧରେ ମନ୍ଦିରର ଭିତର ଓ ବାହାର ସୁରଭିତ । କେତେବେଳ ପରେ ବକୁଳ ମହାଦେବୀଙ୍କ ଧ୍ୟାନ ଭାଙ୍ଗିଲା । ସେ ଆଖି ମେଲି ଚାହିଁ ଦେଖିଲେ ମହାସାମନ୍ତଚକ୍ରର ଜଣେ ସାମନ୍ତ ଯେପରି ତାଙ୍କୁ କଣ କହିବା ଅପେକ୍ଷାରେ ମନ୍ଦିର ଦୁଆରେ ଠିଆ ହୋଇଛନ୍ତି । ବକୁଳ ମହାଦେବୀ ପଚାରିଲେ......"କିଏ ? ସାମନ୍ତ ଧର୍ମକର ?"

ସାମନ୍ତ ଧର୍ମକର ଦୁଇ ହାତ ଉପରକୁ ଉଠାଇ ଆଶୀର୍ବାଦ କଲେ......"ପରମ ଭଟ୍ଟାରିକା ମହାରାଣୀ ବକୁଳ ମହାଦେବୀଙ୍କର ଜୟ ହେଉ !"

ବକୁଳ ମହାଦେବୀ କହିଲେ......"କର-ରାଜ୍ୟଲକ୍ଷ୍ମୀ ଏଥର ଆପଣମାନେ ସମ୍ଭାଳନ୍ତୁ, ମୋତେ ଛୁଟି ଦିଅନ୍ତୁ । ସିଂହାସନରେ

ମୋର ଆଉ କାମନା ନାହିଁ ବା ରାଜ୍ୟଶାସନରେ ଆନନ୍ଦ ନାହିଁ । ଶାନ୍ତିକର ମଧ୍ୟ ଭୌମ ବଂଶୀୟ, ମହାରାଣୀ ଧର୍ମ ମହାଦେବୀଙ୍କ ପିତୃବ୍ୟ ।"

ଧର୍ମକର କହିଲେ......"ମା, ଯଦି ଅପରାଧ ନ ଘେନନ୍ତୁ, ତା ହେଲେ ମୁଁ ନିବେଦନ କରିବି ଏ ବୈରାଗ୍ୟ ପରିହାର କରି ଆପଣ ସ୍ୱହସ୍ତରେ ଭୌମ ରାଜ୍ୟ ସମ୍ଭାଳନ୍ତୁ । ତଥାଗତ ସିନା ଭୌମ ସିଂହାସନକୁ ପୁରୁଷଠାରୁ ବାଞ୍ଛିତ କରିଛନ୍ତି, ହେଲେ, ଆପଣଙ୍କ ବିକ୍ରମ ଆଗରେ କୁଙ୍ଗୋଦାର ରାଜାମାନେ ସୁଦ୍ଧା ଭୀତତ୍ରସ୍ତ ହୋଇଅଛନ୍ତି ।"

ବକୁଳ ମହାଦେବୀ କହିଲେ......"ମୋତେ ଆଉ ନିବୃତ୍ତିର ଏ ମାର୍ଗରୁ ଫେରାଇବାର ଚେଷ୍ଟା କରନ୍ତୁ ନାହିଁ ସାମନ୍ତ ଧର୍ମକର । ଭୌମମାନେ ପୂର୍ବ ଜନ୍ମର କୌଣସି ଦୁଷ୍କୃତରୁ ଏ ଜନ୍ମରେ ଅଭିଶପ୍ତ ହୋଇ ଜନ୍ମିଛନ୍ତି । ଏ ବଂଶରେ କାହାରି ପୁତ୍ରଲାଭ ହେବ ନାହିଁ, ହେଲେ ବି ସେମାନେ ଦୀର୍ଘଜୀବୀ ହେବେ ନାହିଁ ।" ଧର୍ମକର କହିଲେ......"ତ୍ରିଭୁବନ ମହାଦେବୀ, ଦଣ୍ଡୀ ମହାଦେବୀଙ୍କ ପରି ରାଣୀମାନେ, ପୁରୁଷ ତୁଳନାରେ ବା ଊଣା କେଉଁ ଗୁଣରେ ? ଦଣ୍ଡୀ ମହାଦେବୀ ଜାତ୍ୟାମ୍ବୁଜା ପରି ଯେତେବେଳେ କଙ୍ଗୋଦ ଅଭିଯାନରେ ବାହାରିଥିଲେ, ସେତେବେଳେ ଶକ୍ତିମତୀ ଦଣ୍ଡୀଙ୍କ ଆଗରେ କଙ୍ଗୋଦର କେତେଜଣ ପୁରୁଷ ସେନାପତି ବା ଠିଆ ହୋଇ ପାରିଥିଲେ ? ଭୌମ ମହାରାଣୀମାନେ ତ ପ୍ରମାଣ ଦେଇ ଗଲେ ଉତ୍କଳର ଅବଳା ଦୁର୍ବଳା ନୁହେଁ ।"

ବକୁଳ ମହାଦେବୀ ଗୋଟିଏ ଦୀର୍ଘଶ୍ୱାସ ପକାଇ କହିଲେ... "କିନ୍ତୁ ତଥାଗତଙ୍କର ଇଚ୍ଛା ଅନ୍ୟ ପ୍ରକାର । ମଧ୍ୟଦେଶର

କେଶରୀମାନେ ଦକ୍ଷିଣ-କୋଶଳ ଆଡ଼େ ମୁହାଁଇଲେଣି । ଉତ୍କଳରେ ଭୌମ ବଂଶର ଦିନ ଶେଷ ହୋଇ ଆସିଲା ।”

ଏତିକବେଳେ ମନ୍ଦିର ଭିତରର ଦୀପ, ଦମକାଏ ପବନରେ ନିଭିଗଲା । ଧର୍ମକର ଆର୍ତ୍ତକଣ୍ଠରେ କହି ଉଠିଲେ·····“ଏ ତ ମଙ୍ଗଳର ସଙ୍କେତ ନୁହେଁ ମା !”

ବକୁଳ ମହାଦେବୀ ନୀରବ ରହିଲେ । ଧର୍ମକର ମଧ୍ୟ ନୀରବ । ମନ୍ଦିରର ଗୋଟିଏ ବାତାୟନ ପଥରେ ଆଖିରେ ପଡ଼େ କଳନାଦିନୀ ବୈତରଣୀର ଅନ୍ଧକାରାଚ୍ଛନ୍ନ ଜଳରାଶି । ତା ଉପରେ ରାତିର ତାରକିତ ଆକାଶର ଛାୟା ଝଲମଲ ହେଉଛି ।

× × ×

ତା ପରଦିନ ସାମନ୍ତ-ଚକ୍ରର ସାମନ୍ତମାନେ ବକୁଳ ମହାଦେବୀଙ୍କ ସନ୍ନ୍ୟାସ ଘୋଷଣା କରି ଶାନ୍ତକରଙ୍କୁ ସିଂହାସନରେ ଅଭିଷିକ୍ତ କଲେ ।

× × ×

( ସେ କାଳରେ ଗୁହ୍ୟଦେବପାଟକର ସମୀପବର୍ତ୍ତୀ ପୁଷ୍ପଗିରିଠାରେ ନାଳନ୍ଦା ଓ ତକ୍ଷଶୀଳା ପରି ଏକ ପ୍ରସିଦ୍ଧ ବିଶ୍ୱବିଦ୍ୟାଳୟ ଥିଲା । ଉଦୟଗିରି, ଲଳିତଗିରି ଓ ରତ୍ନଗିରିର ବୌଦ୍ଧକୀର୍ତ୍ତିମାନଙ୍କୁ ଅନେକେ ସେହି ପୁଷ୍ପଗିରି ବିହାର ବୋଲି ଅନୁମାନ କରନ୍ତି । ସମ୍ଭବତଃ ଏହି ବିହାରରେ ନାଳନ୍ଦା ବା ତକ୍ଷଶୀଳା ପରି ମହାଯାନ ବୌଦ୍ଧଧର୍ମର ଚର୍ଚ୍ଚା ନହୋଇ, ଯୋଗ ଓ ମନ୍ତ୍ରଯାନ ବୌଦ୍ଧଧର୍ମର ଚର୍ଚ୍ଚା ହେଉଥିଲା । ତେଣୁ ଅନେକେ ନାଳନ୍ଦାରେ ଶିକ୍ଷା ସମାପ୍ତ କରି ପୁଷ୍ପଗିରି ଆସୁଥିଲେ । କପିଶା ନଦୀ କୂଳର କୌଣସି ଏକ ସ୍ଥାନରୁ ପ୍ରାଜ୍ଞ ନାମରେ ଜଣେ ଭିକ୍ଷୁ ନାଳନ୍ଦାରେ ଶିକ୍ଷା ସମାପ୍ତ କରି ଏଠାକୁ ଶିକ୍ଷାଲାଭ ପାଇଁ ଆସିଥିଲେ ।

ବିଖ୍ୟାତ ଚୀନ ପରିବ୍ରାଜକ ହୁଏନ୍-ସାଂ ଭୌମମାନଙ୍କ ରାଜତ୍ୱ କାଳରେ ଉତ୍କଳ ଭ୍ରମଣରେ ଆସିଥିଲେ । ସେ ନିଜ ଭ୍ରମଣ ବୃତ୍ତାନ୍ତରେ ଏହି ପୁଷ୍ପଗିରି ବିହାରର ବହୁ ପ୍ରଶଂସା କରିଅଛନ୍ତି । ଭୌମ ନରପତି ଶୁଭକର ଅଷ୍ଟମ ଶତାବ୍ଦୀରେ ଏହି ପୁଷ୍ପଗିରି ବିହାରର ଗୁରୁ,ପ୍ରାଜ୍ଞଙ୍କ ହାତରେ, "ବୁଦ୍ଧାବତଂଶକ ସୂତ୍ର" ନାମରେ ଗୋଟିଏ ବୌଦ୍ଧ ସୂତ୍ର ନିଜ ହାତରେ ଲେଖି ତତ୍କାଳୀନ ଚୀନ ସମ୍ରାଟ ଟି-ସଙ୍ଗ୍‌ଙ୍କ ନିକଟକୁ ପଠାଇଥିଲେ । ସେ କାଳରେ ସୁଦ୍ଧା, ସୁଦୂର ଚୀନ୍ ଦେଶ ସଙ୍ଗରେ ଉତ୍କଳର ନିବିଡ଼ ସାଂସ୍କୃତିକ ସମ୍ପର୍କର ସ୍ୱରୂପ ଭାବିଲେ ଆଜି ବିସ୍ମୟରେ ଅଭିଭୂତ ହେବାକୁ ପଡ଼େ ।

# କେଶରୀ ସନ୍ଧ୍ୟା

ପୁଣ୍ୟତୋୟା ମହାନଦୀସେବିତ ବାରାଣସୀ-କଟକରେ କେଶରୀ ପ୍ରାସାଦର ଗୋଟିଏ ନିର୍ଜନ କକ୍ଷ । କକ୍ଷ ଭିତରେ କେଶରୀ ବଂଶର ଶେଷରାଜା ସୁବର୍ଣ୍ଣ କେଶରୀ ମୁକ୍ତ ବାତାୟନ ପଥରେ ଉଦ୍‌ଭାସିତ ହୋଇଥିବା ବିଷନ୍ନ ଗୋଧୂଳିର ରମଣୀୟ ଛଟା ଭିତରେ ଆତ୍ମ-ବିସ୍ମୃତ ହୋଇପଡ଼ିଥିଲେ ।

ଗୋଧୂଳିର ସ୍ୱର୍ଣ୍ଣାଭଦ୍ୟୁତିରେ ମହାନଦୀର ଜଳସ୍ରୋତ, ତରଳ ସ୍ୱର୍ଣ୍ଣର ବର୍ଣ୍ଣ ଧାରଣ କରିଥିଲା । ପଶ୍ଚିମର ପର୍ବତମାଳାର ନେପଥ୍ୟରେ ଅସ୍ତସୂର୍ଯ୍ୟର ରକ୍ତିମ ଆଲୋକ ଯେପରି ଦିନର ଶେଷଚିତା ଜଳାଇ ଦେଇଥିଲା । ଲୋହିତାଭ ଚକ୍ରବାଳର ପୃଷ୍ଠଭୂମିରେ ପଶ୍ଚିମ ପର୍ବତମାଳାର ନୀଳଶୈଳଶ୍ରେଣୀ ଓ ଶ୍ୟାମଳ ବନରେଖା ଏକ ଅନିର୍ବଚନୀୟ ମହିମାରେ ଏହି ନିର୍ଜନ ଗୋଧୂଳିକୁ ବିମଣ୍ଡିତ କରିଥିଲା ।

ସୁବର୍ଣ୍ଣ କେଶରୀ ଅସ୍ତସୂର୍ଯ୍ୟର ଶେଷଦୀପ୍ତି ଆଡ଼େ ଚାହିଁ ଭାବୁଥିଲେ, କେଶରୀ ବଂଶର ଭାଗ୍ୟାକାଶରେ ମଧ୍ୟ ସନ୍ଧ୍ୟା ଆସନ୍ନପ୍ରାୟ । ପଶ୍ଚିମର କେତେ ଦୁର୍ଗମ ପାର୍ବତ୍ୟ ଉପତ୍ୟକା, 'ମହାକାନ୍ତାର'ର କେତେ ଦୁସ୍ତର ବନପଥ, ତୈଳନଦୀ ତଟର କେତେ ସମୃଦ୍ଧ ଜନପଦ ଅତିକ୍ରମ କରି, କେଶରୀମାନେ ଦିନେ ପୁଣ୍ୟଭୂମି

ଉତ୍କଳଭୂମିରେ ପାଦ ଦେଇଥିବେ ଯଯାତିଙ୍କ କାଳରେ 'ରୁକ୍ଷ କଙ୍କରିତ ଭଳର କଥା ! …ଙ୍କ ନିର୍ବାଣ ମୂଳରେ ସ୍ୱପ୍ନିଳ

ସେଦିନ କେଶରୀମାନେ ଆସିଥିବେ, ଖାଲି ଉତ୍କଳଖଣ୍ଡରେ ରୂପେ ! ମାତ୍ର ଆଜି କେଶରୀମାନେ ଭୋଇ ଉଠିଲା । ରଣ-କ୍ଳାନ୍ତ ପରମାଣୁରେ ପରିଣତ ହୋଇ ସାରିଛନ୍ତି ।…ପର ନିର୍ମିତ ହେଲା, ଉତ୍କଳ ଅଶୋକଙ୍କଠାରୁ କେଶରୀମାନଙ୍କ ପ୍ରାଣର ନିବେଦନ ଏହିପରି ଭାବରେ ଜୟ କରିଛି ! ସୁବର୍ଣ୍ଣକେଶରୀ, …ର ନୁହେଁ । …ମାନଙ୍କ କଥା ଆସନ୍ନ କେଶରୀ ସନ୍ଧ୍ୟାର ମଳିନ ସ୍ମରଣ କରି, ବସି ଭାବୁଥିଲେ । ପୂର୍ବକାଳରେ ବୈରାଗ୍ୟର ଯେଉଁ… ପାଇଁ ଦିଗ୍‌ବିଜୟୀ ଖାରବେଳଙ୍କୁ ରାଜତ୍ୱ ଓ ସିଂହାସନରୁ ମୁକ୍ତ କରିଥିଲା, ପୁଣି ଯେଉଁ ଆବେଦନ ଭୌମ-ମହିଷୀଙ୍କରୁ ପରମ ଭଟ୍ଟାରିକା ବକୁଳ ମହାଦେବୀଙ୍କୁ ସନ୍ନ୍ୟାସିନୀର ଘର-ଦେଇଥିଲା, ଆଜି ସେହି ଆହ୍ୱାନ ଓ ଆବେଦନରେ ଅପୁତ୍ରିକ ସୁବର୍ଣ୍ଣ କେଶରୀଙ୍କ ପ୍ରାଣ ଉଦ୍‌ବେଳିତ ହୋଇଉଠିଛି । ସୁବର୍ଣ୍ଣକେଶରୀ ବାନପ୍ରସ୍ଥ ଗ୍ରହଣର ସିଦ୍ଧାନ୍ତ କରିସାରିଅଛନ୍ତି ।

ଆଦି-କେଶରୀ "ତ୍ରିକଳିଙ୍ଗାଧିପତି, ମହାରାଜାଧିରାଜ, ପରମ ମହେଶ୍ୱର" ଜନମେଜୟ କିଏ ? କେଉଁଠି ତାଙ୍କ ଜନ୍ମଭୂମି ? କେଉଁ ବଂଶରେ ତାଙ୍କର ଜନ୍ମ ? ……ଇତିହାସ ସେ ସମ୍ପର୍କରେ ନୀରବ ।

ଭୌମ ରାଜତ୍ୱର ଅବସାନ ପରେ ଜନମେଜୟକେଶରୀ, ପଶ୍ଚିମରୁ ଆସି ରାଜଧାନୀ ସ୍ଥାପନ କରିଥିଲେ ବିରୂପା କୂଳରେ, ଚଉଦ୍ୱାରଠାରେ ।

ଓଡ଼ିଶାରେ ସେପର୍ଯ୍ୟନ୍ତ ବୈଦିକ ବ୍ରାହ୍ମଣ୍ୟ-ଧର୍ମର ପ୍ରତିଷ୍ଠା ନଥିଲା । କେଶରୀଙ୍କ ପୂର୍ବ ରାଜାମାନେ ଥିଲେ ମହାଯାନୀ ବୌଦ୍ଧ ।

ଦିକ-ଧର୍ମ ପ୍ରତିଷ୍ଠାର ଘୋଷଣା
ଦିକ ମନ୍ତ୍ରୋଚ୍ଚାରଣର ମନ୍ଦ୍ରଧ୍ୱନିରେ
ସୁରଭିରେ ସୁରଭିତ ହୋଇ ଉଠିଥିଲା ।
ରେ ବୈଶ୍ୱାନରଙ୍କର ଲେଲିହାନ ଶିଖା-
ଧାଇ ଉଠିଥିଲା ।

କେଶରୀ, ନିଜ ପୂର୍ବ ପୁରୁଷମାନଙ୍କ କଥା ଚିନ୍ତା
ଶରୀମାନେ ଅତି ଚଞ୍ଚଳ ପ୍ରକୃତିର ଥିଲେ, ଏହି
ପୁଣ୍ୟତୋୟଣ ତଟ ।

ପ୍ରାସାଦର ଜନ୍ମେଜୟଙ୍କ ପରେ ତାଙ୍କ ପୁତ୍ର ମହାଶିବଗୁପ୍ତ ଯଯାତି, ଶେଷରାଜାର ଗୁଡ ପଶ୍ଚିମରେ ମହାନଦୀ ତଟରେ ବିନୀତପୁରଠାରେ ହୋଇଧାନୀ ପ୍ରତିଷ୍ଠା କଲେ ।

ବିହ ଏହାଙ୍କ ପରେ, କେଶରୀ-ବଂଶ-ତିଳକ ଯଯାତି-କେଶରୀଙ୍କ ଯଶ-ସୌରଭରେ ଉତ୍କଳଖଣ୍ଡ ସମଗ୍ର ଆର୍ଯ୍ୟାବର୍ତ୍ତରେ ମହିମାନ୍ୱିତ ହୋଇଥିଲା । ପଶ୍ଚିମର ବିନୀତପୁରରୁ ସେ ରାଜଧାନୀ ଉଠାଇ ନେଲେ, ସୁଦୂର ପୂର୍ବକୁ ପୁଣ୍ୟତୋୟା ବୈତରଣୀ ତଟରେ ବୌଦ୍ଧଧର୍ମର ପୀଠ ଗୁହେଶ୍ୱର ପାଟକଠାରେ, ବ୍ରାହ୍ମଣ୍ୟଧର୍ମର ଅଭ୍ୟୁଦୟ ଘୋଷଣା କରି, ଯଯାତି ଗୋଟିକ ପରେ ଗୋଟିଏ, ଦଶଗୋଟି ଅଶ୍ୱମେଧ ଯଜ୍ଞର ଅନୁଷ୍ଠାନ କରିଥିଲେ । ଏହାପରେ ଗୁହେଶ୍ୱରପାଟକ ହେଲା, ଯଜ୍ଞପୁର ଯଯାତିଙ୍କ ନୂତନ ରାଜଧାନୀ ! ବୈତରଣୀର ତଟଭୂମି, ଦଶାଶ୍ୱମେଧ ଘାଟ ନାମରେ ସମଗ୍ର ଆର୍ଯ୍ୟାବର୍ତ୍ତରେ ବିଖ୍ୟାତ ହୋଇଗଲା । ଯଜ୍ଞ ପାଇଁ ପୁଣି ପଶ୍ଚିମ-ଭାରତରୁ ଆସିଥିଲେ ଦଶ ସହସ୍ର ବୈଦିକ ବ୍ରାହ୍ମଣ । ମାତ୍ର ଉତ୍କଳର ପ୍ରାକ୍ ବୈଦିକ, ପ୍ରାକୃତ ସଂସ୍କୃତି କେଉଁକାଳୁ ସେମାନଙ୍କୁ ନିଜର ଆୟତ୍ତରେ ଦୀକ୍ଷିତ କରି ସାରିଲାଣି !

କେବଳ ସଙ୍ଗପୁର ନୁହେଁ, ଯଯାତିଙ୍କ କାଳରେ 'ରୁଷ କଙ୍କରିତ 'ଭୁବନେଶ୍ୱର' ଉତ୍କଳୀୟ ଶିଳ୍ପୀଙ୍କ ନିହାଣ ମୂନରେ ସ୍ୱପ୍ନିଳ ହୋଇଗଲା । ମନ୍ଦିରମାଳିନୀ ଭୁବନେଶ୍ୱର, ଖାଲି ଉତ୍କଳଖଣ୍ଡରେ ନୁହେଁ, ସମଗ୍ର ଆର୍ଯ୍ୟାବର୍ତ୍ତରେ ପ୍ରସିଦ୍ଧ ହୋଇ ଉଠିଲା । ରଣ-କ୍ଳାନ୍ତ କେଶରୀପ୍ରାଣର ସବୁ ସ୍ୱପ୍ନ ନିଗାଡ଼ି ଯେପରି ନିର୍ମିତ ହେଲା, ଲିଙ୍ଗରାଜ କୃତ୍ତିବାସଙ୍କ ମନ୍ଦିର, ଭକ୍ତିବିନମ୍ର ପ୍ରାଣର ନିବେଦନ ଘେନି; କେଶରୀ-ରାଜ-ଶକ୍ତିର ସ୍ପର୍ଦ୍ଧିତ ଆସ୍ଫାଳନ ଧରି ନୁହେଁ ।

ପୂର୍ବପୁରୁଷ ଯଯାତିଙ୍କ ଅମର ଅମଳିନ କୀର୍ତ୍ତିରାଜି ସ୍ମରଣ କରି, ସୁବର୍ଣ୍ଣକେଶରୀଙ୍କ ଚନ୍ଦ୍ରାବିଷନ୍ନ ବଦନମଣ୍ଡଳ ମୁହୂର୍ତ୍ତକ ପାଇଁ ଉଜ୍ଜ୍ୱଳ ହୋଇଗଲା ।

ଯଯାତିଙ୍କ ପରେ ଶିଶୁପାଳ କେଶରୀ, ଭୁବନେଶ୍ୱରରୁ ରାଜଧାନୀ ଉଠାଇ ନୂତନ ରାଜଧାନୀ ପ୍ରତିଷ୍ଠା କଲେ, ଭୁବନେଶ୍ୱର-ଠାରୁ ଅଦୂରବର୍ତ୍ତୀ ଶିଶୁପାଳଗଡ଼ରେ । ରାଜଧାନୀ ନିର୍ମାଣ ଓ ମନ୍ଦିର ନିର୍ମାଣର ନିଶା, କେଶରୀମାନଙ୍କୁ ମୁହୂର୍ତ୍ତକ ପାଇଁ ଛାଡ଼ି ନ ଥିଲା । କେତେ ରାଜଧାନୀ, କେତେ ମନ୍ଦିର, କେତେ ହ୍ରଦ, କେତେ ଜଳା-ଶୟ ନିର୍ମାଣ କରିଗଲେ ତାଙ୍କ ପୂର୍ବଜମାନେ !

ଶିଶୁପାଳ କେଶରୀଙ୍କ ପରେ, ନୃପ କେଶରୀ ରାଜଧାନୀ ଉଠାଇ ଆଣିଲେ, ମହାନଦୀ ତଟଭୂମିରେ ବାରାଣସୀ-କଟକକୁ । ଯେଉଁ ପ୍ରାସାଦରେ ସୁବର୍ଣ୍ଣ କେଶରୀ ବସି, କେଶରୀ-ଜୀବନ-ସନ୍ଧ୍ୟାରେ ପୂର୍ବଜମାନଙ୍କର ସ୍ମୃତି ତର୍ପଣ କରୁଥିଲେ, ନୃପ କେଶରୀ ତାହାର ନିର୍ମାତା ।

ଦକ୍ଷିଣ ଅଞ୍ଚଳ ଶତ୍ରୁମାନଙ୍କର ଆକ୍ରମଣଠାରୁ ଆଉରି ଭୀଷଣ ମହାନଦୀ ଓ କାଠଯୋଡ଼ି-ବନ୍ୟାର ଆକ୍ରମଣ ପ୍ରତିହତ କରିବା ପାଇଁ ମରକତ କେଶରୀ ନିର୍ମାଣ କଲେ, ମହାନଦୀ ଓ କାଠଯୋଡ଼ିର ପଥର

ବନ୍ଧ; ଅକ୍ଷୟ ଅବ୍ୟୟ ମହାକାଳ ପରି, ଏହା ଅନନ୍ତ ଭବିଷ୍ୟତରେ ବାରବର୍ଷୀ କଟକକୁ ପ୍ରକୃତିର ଆକ୍ରମଣରୁ ରକ୍ଷାକରିବ । ତାଙ୍କ ପରେ, ସାରଙ୍ଗ-କେଶରୀ ବାରବର୍ଷୀ କଟକରେ ତୁଷ୍ଟ ନ ରହି, କାଠଯୋଡ଼ିର ଅପରପାର୍ଶ୍ୱରେ ନିର୍ମାଣ କଲେ, ସାରଙ୍ଗଗଡ଼ ।

କେଶରୀମାନେ ସ୍ରଷ୍ଟା ଓ ଧର୍ମୀ । ଶେଷ ପର୍ଯ୍ୟନ୍ତ ସେମାନଙ୍କର ନିର୍ମାଣ ଓ ସୃଷ୍ଟିର ପିପାସା ମରି ନ ଥିଲା ।

କଳନାଦିନୀ ମହାନଦୀର ବେଗବତୀ ଧାରା ପରି, ସେମାନେ କେଉଁ ଅନନ୍ତିତ ଅନ୍ଧକାର ଗହ୍ୱରରୁ ଆସି, ପୁଣି କେଉଁ ଅନିର୍ଦ୍ଦିଷ୍ଟ ଅନ୍ଧକାର ମଧ୍ୟରେ ଅବଲୁପ୍ତ ହୋଇଗଲେ !

ମାତ୍ର ସେମାନଙ୍କର ଜଳାଶୟ କାଳେ କାଳେ ତୃଷାର୍ତ୍ତଙ୍କୁ ଜଳଦାନ କରିବ, ସେମାନଙ୍କର ଦେବାୟତନ କାଳେ କାଳେ ବିଶ୍ୱାସୀଙ୍କୁ ମୋକ୍ଷଦାନ କରିବ, ସେମାନଙ୍କ ପଥରବନ୍ଧ କାଳେ କାଳେ ବାରବର୍ଷୀ କଟକକୁ ପ୍ରକୃତିର ପୀଡ଼ନରୁ ଆଶ୍ରୟଦାନ କରିବ !

କୀର୍ତ୍ତିର ମୃତ୍ୟୁ ନାହିଁ !
କେଶରୀମାନଙ୍କର ମୃତ୍ୟୁ ନାହିଁ !

ପ୍ରାସାଦ-ସଂଲଗ୍ନ ବିସ୍ତୃତ ଭୂମିରେ ଏକ ରମଣୀୟ ଉଦ୍ୟାନ । ଉଦ୍ୟାନର ଗୋଟିଏ ପ୍ରାନ୍ତରେ କେଶରୀମାନଙ୍କର ଇଷ୍ଟଦେବ ମହେଶ୍ୱର ଶିବଙ୍କର ଗୋଟିଏ ମନ୍ଦିର ଅବସ୍ଥିତ ଥିଲା । ପ୍ରାସାଦର ଅନ୍ତଃପୁରରୁ ମନ୍ଦିରର ମୁଖଶାଳା ପର୍ଯ୍ୟନ୍ତ ପଥ, ଲତା-କୁଞ୍ଜ ଓ ବୃକ୍ଷ ସମ୍ଭାରରେ ଶୋଭିତ ଥିଲା । କଳନାଦିନୀ ମହାନଦୀର କଳକଣ୍ଠୀଧ୍ୱନି ସମୀରଣ ସେଠାରେ ଏକ ସ୍ନିଗ୍ଧ ସୁଶୀତଳ କଳ୍ପଲୋକ ସୃଷ୍ଟି କରୁଥିଲା । ସେହି ଉଦ୍ୟାନପଥ ହଠାତ୍ ନୂପୁର ଶିଞ୍ଜନରେ ଅନୁରଣିତ ହୋଇ ଉଠିଲା । ରାଜକନ୍ୟା ନନ୍ଦିକା

ସମାଭିବ୍ୟାହାରଣୀ ପରିଚାରିକାମାନଙ୍କ ସହିତ ସନ୍ଧ୍ୟାରତି ଦର୍ଶନ ପାଇଁ ସମ୍ଭବତଃ ଶିବାଳୟକୁ ଯାଉଥିଲେ ।

ନନ୍ଦିକାଙ୍କ କଥା ସ୍ମରଣ କରି ବୃଦ୍ଧ ସୁବର୍ଣ୍ଣ କେଶରୀଙ୍କ ମୁଖ-ମଣ୍ଡଳ ପୁଣି ବେଦନାପ୍ଲୁତ ହୋଇଗଲା । ହତଭାଗିନୀ ମାତୃହୀନା ନନ୍ଦିକା ! କେଉଁ ଅଶୁଭ ମୁହୂର୍ତ୍ତରେ ନନ୍ଦିକାଙ୍କର ସାକ୍ଷାତ ହୋଇ-ଥିଲା, ଚୋଡ଼ଗଙ୍ଗଙ୍କ ସହିତ ! ଅଧୁନା କି ସୁବର୍ଣ୍ଣ କେଶରୀଙ୍କ ଅନ୍ତେ କେଉଁ ଅଶୁଭ ମୁହୂର୍ତ୍ତରେ ଚୋଡ଼ଗଙ୍ଗଙ୍କ ପ୍ରାଣରେ ଉଦୟ ହୋଇଥିଲା, ନନ୍ଦିକାଙ୍କର ପାଣିଗ୍ରହଣ କରି ଉତ୍କଳ ସିଂହାସନ ଅଧିକାର କରିବାର ଦୁରାକାଂକ୍ଷା । କେଉଁ ଅଶୁଭ ମୁହୂର୍ତ୍ତରେ ପୁଣି ସୁବର୍ଣ୍ଣ କେଶରୀ ଚୋଡ଼ଗଙ୍ଗଙ୍କୁ ଦକ୍ଷିଣରେ ମହାମାଣ୍ଡଳିକ ପଦରେ ନିଯୁକ୍ତ କରିଥିଲେ !

ଉତ୍କଳର ସାମନ୍ତ ନରପତିମାନେ ବିଦ୍ରୋହୀ; ତେଣେ ରାଜ-ମନ୍ତ୍ରୀ ବାସୁଦେବ ବାହିନୀପତି ଚୋଡ଼ଗଙ୍ଗଙ୍କ ସହିତ ମିଳିତ ହୋଇ-ଛନ୍ତି । କେଶରୀଭାଗ୍ୟଲକ୍ଷ୍ମୀ ସୁବର୍ଣ୍ଣ କେଶରୀଙ୍କ ଉପରେ ଆଜି ବଡ଼ ଅପ୍ରସନ୍ନା ।

ସନ୍ଧ୍ୟା ହୋଇ ସାରିଥିଲା । ପ୍ରାସାଦର କକ୍ଷମାନ ସ୍ୱର୍ଣ୍ଣ-ଦୀପ-ମାନଙ୍କର ସ୍ନିଗ୍ଧ ଆଲୋକରେ ଆଲୋକିତ ହୋଇଥିଲା । ସୁବର୍ଣ୍ଣ କେଶରୀ ତଥାପି ସ୍ଥାଣୁ ପ୍ରତିମୂର୍ତ୍ତି ପରି ପୂର୍ବୋକ୍ତ ସ୍ଥାନରେ ବସି ସନ୍ଧ୍ୟାର ଅନ୍ଧକାର ଭିତରକୁ ଚାହିଁ ରହିଥିଲେ ।

ଜଣେ ସେନାପତି ସେହି କକ୍ଷ ଭିତରକୁ ଅତି ସନ୍ତର୍ପଣରେ ଆସି ଶଙ୍କିତ କଣ୍ଠରେ ସୁବର୍ଣ୍ଣକେଶରୀଙ୍କୁ ସମ୍ବୋଧନ କରି କହିଲେ, "ଘୋର ଦୁଃସମ୍ବାଦ ମହାରାଜ ।"

ସୁବର୍ଣ୍ଣକେଶରୀ ସେନାପତିଙ୍କ ଆଡ଼େ ନ ଚାହିଁ, ଗମ୍ଭୀର କଣ୍ଠରେ କହିଲେ······

"ଆଉ କହିବାର ପ୍ରୟୋଜନ ନାହିଁ ଚମୂପତି ! ମହେଶ୍ୱରଙ୍କ ଇଚ୍ଛା ଅନ୍ୟପ୍ରକାର । କେଶରୀ-ଭାଗ୍ୟଲକ୍ଷ୍ମୀ ଆଜି ଅପ୍ରସନ୍ନା । ମୁଖଲିଙ୍ଗଙ୍କୁ ଆଉ ସୈନ୍ୟବାହିନୀ ପଠାଇବାରେ ପ୍ରୟୋଜନ ନାହିଁ । ଚୋଡ଼ଗଙ୍ଗଙ୍କୁ ପ୍ରତିରୋଧ କରିବାର ଶକ୍ତି ଆଜି ସୁବର୍ଣ୍ଣ କେଶରୀର ନାହିଁ ।"

ସେନାପତି କହିଲେ......"ମୁଖଲିଙ୍ଗଠାରେ ଇତିମଧ୍ୟରେ ଚୋଡ଼ଗଙ୍ଗ ଅଭିଷିକ୍ତ ହୋଇ ସାରିଲେଣି । ଏହାପରେ ଅତି ନିଶ୍ଚିତ ଭାବରେ କୋଙ୍ଗଦ ମଣ୍ଡଳ ବାଟେ ତାଙ୍କର ସୈନ୍ୟବାହିନୀ ଉତ୍କଳ ଆକ୍ରମଣ କରିବେ । ମାତ୍ର ଏବେ ବି ସମୟ ଅଛି, ଆମ୍ଭେମାନେ ଅବିଳମ୍ବରେ ଚୋଡ଼ଗଙ୍ଗଙ୍କ ସୈନ୍ୟବାହିନୀକୁ ଶିଶୁପାଳଗଡ଼ଠାରେ ପ୍ରତିରୋଧ କରିପାରିବା ! ଶିଶୁପାଳଗଡ଼ ଅତିକ୍ରମ କଲେ ସାରଙ୍ଗଗଡ଼ଠାରେ ଚୋଡ଼ଗଙ୍ଗ ସୁତୀବ୍ର ପ୍ରତିଆକ୍ରମଣର ସମ୍ମୁଖୀନ ହେବା ସ୍ୱାଭାବିକ । ସାରଙ୍ଗଗଡ଼ ଅତିକ୍ରମ କଲେ ସୁଦ୍ଧା, ମହାନଦୀ ଅତିକ୍ରମ କରିବା ଚୋଡ଼ଗଙ୍ଗଙ୍କ ପକ୍ଷରେ ସହଜସାଧ୍ୟ ହେବ ନାହିଁ !"

ସୁବର୍ଣ୍ଣକେଶରୀ ସେନାପତିଙ୍କ କଥା ଶୁଣି ନ ଶୁଣିଲାପରି, କକ୍ଷମଧ୍ୟରେ ଇତଃସ୍ତତ ପାଦଚାରଣ କରୁଥିଲେ । ସୁବର୍ଣ୍ଣକେଶରୀ କଣ ଭାବୁଥିଲେ, କିଏ ଜାଣେ ?

ଏହି ସମୟରେ ଆଉ ଜଣେ ରାଜକର୍ମଚାରୀ କକ୍ଷମଧ୍ୟକୁ ଆସି ଜଣାଇଲେ........"ବାସୁଦେବ ବାହିନୀପତିଙ୍କୁ ବନ୍ଦୀ କରାଯାଇଅଛି । ଚୋଡ଼ଗଙ୍ଗଙ୍କ ଅଭିଷେକ ପରେ ବାହିନୀପତି ମୁଖଲିଙ୍ଗମ୍‌ଠାରୁ ଓ କସାଡ଼ ଅଭିମୁଖରେ ଆସୁଥିଲା ବେଳେ ବନ୍ଦୀ ହୋଇଛନ୍ତି । ସାରଙ୍ଗଗଡ଼ଠାରେ ତାଙ୍କୁ ଆବଦ୍ଧ ରଖାଯାଇଅଛି !"

ସେନାପତି, ଉତ୍ତେଜିତ କଣ୍ଠରେ ଚିତ୍କାର କରି ଉଠିଲେ, ......"ବାହିନୀପତି ବନ୍ଦୀ ହୋଇଛନ୍ତି ! ଏହି ମୁହୂର୍ତ୍ତରେ ତାଙ୍କପରି ଦେଶଦ୍ରୋହୀର ମୁଣ୍ଡକାଟ ହେବା ଉଚିତ !"

ସୁବର୍ଣ୍ଣକେଶରୀ ଶାନ୍ତ, ନିର୍ଲିପ୍ତ କଣ୍ଠରେ କହିଲେ······
"ବାସୁଦେବ ବାହିନୀପତିଙ୍କୁ ମୁକ୍ତିଦିଅ ଚମୂପତି ! ତାଙ୍କର ଦୋଷ-ନାହିଁ ! କେଶରୀସୂର୍ଯ୍ୟ ଆଜି ଅସ୍ତମିତ । ଉତ୍କଳ ଇତିହାସରେ, କାଳେକାଳେ ଏହିପରି ବହୁ ଦେଶଦ୍ରୋହୀ, ଜାତିଦ୍ରୋହୀଙ୍କର ଆବିର୍ଭାବ ହେବ ! ବାସୁଦେବଙ୍କର ମୁଣ୍ଡ କାଟି ଭବିଷ୍ୟତର ସେ ଅଭିଶାପ ଏଡ଼ି ହେବ ନାହିଁ ! ସିଂହାସନରେ ଆଉ ମୋର ଶ୍ରଦ୍ଧା-ନାହିଁ, ରାଜଦଣ୍ଡ ଧାରଣ ପାଇଁ ଆଉ ମୋର ଇଚ୍ଛା ନାହିଁ । ମୁଁ ବାନପ୍ରସ୍ଥ ଗ୍ରହଣ କରିବି । କେଶରୀମାନେ ଦିନେ ବହୁ ଦୁର୍ଗମ ଗିରି, କାନ୍ତାର, ଲଙ୍ଘି ପତଙ୍ଗ ପରି ମୃତ୍ୟୁମୁଖକୁ ଝାସ ଦେଇ, ଉତ୍କଳ-ଭୂମିର ବନ୍ଦନା ପାଇଁ ଆସିଥିଲେ । କର୍ମରେ, ସାଧନାରେ, କୀର୍ତ୍ତିରେ ସେମାନେ ଉତ୍କଳଭୂମିକୁ ମହିମାନ୍ୱିତ କରିଗଲେ । ଏହାପରେ ଗଙ୍ଗମାନେ ଆସିବେ । ନିଜ ସାଧନା ଓ କର୍ମ ଶେଷ ହୋଇଗଲେ, ସେମାନେ ମଧ୍ୟ ଇତିହାସର ଅନ୍ତରାଳରେ ଅବଲୁପ୍ତ ହୋଇଯିବେ ! ସେମାନଙ୍କ ପରେ ଆସିବେ ଅନ୍ୟ ବଂଶଧରମାନେ । ଉତ୍କଳ ମାତୃକାର ବନ୍ଦନା ପାଇଁ ନାନା ଉପଚାର ଘେନି ! ସେଥିରେ ବାଧା ଦିଅନାହିଁ ଚମୂପତି ! ଉତ୍କଳ ଜନନୀଙ୍କର ଜୟ ହେଉ । ଚୋଡ଼ଗଙ୍ଗଙ୍କ ଇଚ୍ଛା ପୂର୍ଣ୍ଣ ହେଉ । ମୁଁ ତାଙ୍କୁ ଜାମାତାରୂପେ ବରଣ କରି ସାରିଅଛି !"

ଚମୂପତି, ସୁବର୍ଣ୍ଣକେଶରୀଙ୍କ କଥାଶୁଣି ହତବାକ୍ ହୋଇଗଲେ । ପ୍ରାସାଦସଂଲଗ୍ନ ଶିବ ମନ୍ଦିର ଘଣ୍ଟ, ଘଣ୍ଟା, ଭେରୀ, ତୂରୀ ଓ ଶଙ୍ଖନାଦରେ ମୁଖରିତ ହୋଇ ଉଠିଥିଲା । ସନ୍ଧ୍ୟାରତି ଦର୍ଶନ ପାଇଁ ସୁବର୍ଣ୍ଣକେଶରୀ କକ୍ଷ ବାହାରକୁ ଚାଲିଗଲେ । ପ୍ରାସାଦର ସୋପାନ ଶ୍ରେଣୀରେ ତାଙ୍କ ପାଦୁକା ଶବ୍ଦ ଧୀରେ ଧୀରେ ମିଳାଇଗଲା ।

# ଓଡ଼ିଶାର ମନ୍ଦିର

ପୂର୍ବେ ଯେଉଁ ରାଜବଂଶର କାହାଣୀ ବର୍ଣ୍ଣିତ ହେଲା, ତାହା ଉତ୍କଳ ଇତିହାସରେ କେଶରୀ ବଂଶ ନାମରେ କୀର୍ତ୍ତିତ । ଇତିହାସରେ କେଶରୀମାନଙ୍କର ସତ୍ତା, କେବେଠାରୁ ନିଶ୍ଚିହ୍ନ ହୋଇଅଛି, ମାତ୍ର ଉତ୍କଳରେ ସେମାନଙ୍କ ପୂତ ପଦଚିହ୍ନ ଆଜ ସୁଦ୍ଧା ବୈତରଣୀର ଉପତ୍ୟକାଠାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ସର୍ବତ୍ର ବହୁ ଦେବାୟତନରୂପେ ଶୋଭିତ ହେଉଅଛି । ମନ୍ଦିରମାଳିନୀ ଭୁବନେଶ୍ୱର, କେଶରୀମାନଙ୍କର ଏକ ବିଶିଷ୍ଟ କୀର୍ତ୍ତି । ଏକଦା ଭୁବନେଶ୍ୱରରେ ସାତଶତ ମନ୍ଦିର ଥିଲା ବୋଲି ଶ୍ରୀ ମନମୋହନ ଗାଙ୍ଗୁଲିଙ୍କପରି ପ୍ରତ୍ନତତ୍ତ୍ୱବିତପଣ୍ଡିତ ମାନଙ୍କର ମତ। ଭୁବନେଶ୍ୱର ମନ୍ଦିର ନିର୍ମିତ ହେବା ପୂର୍ବରୁ, ପରଶୁରାମେଶ୍ୱର ଓ ଶତ୍ରୁଘ୍ନେଶ୍ୱର ପ୍ରଭୃତି ମନ୍ଦିରମାନ ନିର୍ମିତ ହୋଇସାରିଥିଲା । ପରଶୁରାମେଶ୍ୱର ମନ୍ଦିର ଖ୍ରୀ. ଅ. ୭ମ ଶତାବ୍ଦୀର କୀର୍ତ୍ତି ଆଜ ସୁଦ୍ଧା ଏହା ଅବିକୃତ ଅବସ୍ଥାରେ କେଶରୀମାନଙ୍କର ଅମଳିନ କୀର୍ତ୍ତିର ସଙ୍କେତ ଧରି, ଶତାବ୍ଦୀ ପରେ ଶତାବ୍ଦୀବ୍ୟାପି ବହୁ ଦୁର୍ଦ୍ଦିନ ଦୁର୍ଯୋଗ ଓ ବିପର୍ଯ୍ୟୟ ମଧ୍ୟରେ ଦଣ୍ଡାୟମାନ ରହିଅଛି । ପ୍ରସ୍ତର ଦେହରେ ସୂକ୍ଷ୍ମ ଭାସ୍କର୍ଯ୍ୟ ଦୃଷ୍ଟିରୁ କେବଳ ନୁହେଁ, ମନ୍ଦିରନିର୍ମାଣ କଳାର ବିକାଶ ଦୃଷ୍ଟିରୁ ଭୁବନେଶ୍ୱରର ମନ୍ଦିରମାନ ଅନନ୍ୟ ସାଧାରଣ ।

ଭାରତୀୟ ମନ୍ଦିରମାନଙ୍କୁ ପ୍ରାଚୀନ "ଶିଳ୍ପଶାସ୍ତ୍ର" ଅନୁସାରେ ମୁଖ୍ୟତଃ ଦୁଇ ଶ୍ରେଣୀରେ ବିଭକ୍ତ କରାଯାଇଅଛି —

(୧) ଦ୍ରାବିଡ଼ ଓ (୨) ନାଗର ।

ମନ୍ଦିର-ନିର୍ମାଣରେ ଦ୍ରାବିଡ଼ରୀତି ଦକ୍ଷିଣଭାରତରେ ଓ ନାଗର ରୀତି ଉତ୍ତର-ଭାରତ ବା ଆର୍ଯ୍ୟାବର୍ତ୍ତରେ ପ୍ରଚଳିତ ଥିଲା । ମାତ୍ର ଉତ୍କଳର ମନ୍ଦିରମାନ ଏ ଦୁଇ ରୀତିର ଅପୂର୍ବ ସମନ୍ୱୟରେ ନିର୍ମିତ ହୋଇଅଛି । ଉତ୍କଳର ମନ୍ଦିର ନିର୍ମାଣ ଶୈଳୀ ଉପରୋକ୍ତ ଦୁଇଗୋଟି ଶ୍ରେଣୀମଧ୍ୟରୁ କୌଣସି ଶ୍ରେଣୀର ଅନ୍ତର୍ଭୁକ୍ତ ନୁହେଁ । ଏହା ଉତ୍କଳୀୟ ସ୍ଥପତି ଓ ଶିଳ୍ପୀ ମାନଙ୍କର ସମ୍ପୂର୍ଣ୍ଣ ନିଜସ୍ୱ ସ୍ୱକୀୟ ଅନନ୍ୟତାରେ ପୁଣି ଏହା ଉଜ୍ଜ୍ୱଳ ଓ ମହିମାନ୍ୱିତ ।

ଭାରତୀୟ ସଂସ୍କୃତିରେ ଉତ୍କଳୀୟ ସଂସ୍କୃତିର ଏକ ବିଶେଷ ସ୍ଥାନ ଅଛି । ଉତ୍କଳୀୟ ସ୍ଥାପତ୍ୟ,ଭାସ୍କର୍ଯ୍ୟ,ସଙ୍ଗୀତ,ନୃତ୍ୟ, ଚିତ୍ରାଙ୍କନ, ଲିପି, ସାହିତ୍ୟ ଓ ଧର୍ମସାଧନା ପ୍ରଭୃତି ସାଂସ୍କୃତିକ ଜୀବନର ପ୍ରତି ବିଭାବରେ, ଉତ୍କଳୀୟ ସଂସ୍କୃତିର ଏହି ବୈଶିଷ୍ଟ୍ୟ ଅତି ସମୁଜ୍ଜ୍ୱଳ ଭାବରେ ପ୍ରତିଫଳିତ ହୋଇଅଛି । ଶୌର୍ଯ୍ୟ, ପୃଷ୍ଠପୋଷକତା, ଉଦ୍ୟମ ଓ ସାଧନା ଅଭାବରୁ ଭାରତର ସାଂସ୍କୃତିକ ମାନଚିତ୍ରରେ ଉତ୍କଳ ସାମୟିକ ଭାବରେ ଏକ ଅନୁନ୍ନତ ଅଞ୍ଚଳ ହୋଇପାରିଥାଏ; ମାତ୍ର ଉତ୍କଳୀୟର ସଂସ୍କୃତିସାଧନା, ଦିନେ ସମଗ୍ର ଭାରତକୁ ଧନ୍ୟ କରିଥିଲା । ଯଥାର୍ଥରେ କୁହାଯାଇପାରେ, ଉତ୍କଳ-ଭାରତୀୟ ସଂସ୍କୃତି ମନ୍ଦିରର ଉଜ୍ଜ୍ୱଳ "କୀର୍ତ୍ତିମୁଖ !"

ମନ୍ଦିର ନିର୍ମାଣର ଦ୍ରାବିଡ଼-ଶୈଳୀରେ, ଲାଳିତ୍ୟ ଓ ସୌକୁମାର୍ଯ୍ୟ ଅପେକ୍ଷା ଗାମ୍ଭୀର୍ଯ୍ୟ ଉପରେ ଅଧିକ୍ୟ ଗୁରୁତ୍ୱ ଆରୋପିତ ହୋଇଥାଏ । ଦ୍ରାବିଡ଼-ଶୈଳୀର ମନ୍ଦିରମାନଙ୍କର ଭିତ୍ତିଭୂମି ଚତୁଷ୍କୋଣାକାର । ଏହି ଚତୁଷ୍କୋଣାକାର ଭିତ୍ତିଭୂମି ଉପରେ, ମନ୍ଦିରଟି ପ୍ରାଚୀନ

ଇଜିପ୍ଟର ପିରାମିଡ଼୍ ଷ୍ଟାଇଲରେ ଉପରକୁ ଉଠିଯାଇଥାଏ । ଭୁବନେଶ୍ୱରର ବୈତାଳ ମନ୍ଦିର ଏହାର ଏକ ଉଜ୍ଜ୍ୱଳ ନିଦର୍ଶନ । ମାତ୍ର ନାଗର ଶୈଳୀର ଭିତ୍ତିଭୂମିଠାରୁ ମନ୍ଦିରଟି ଶିଖର ଆକାରରେ ଉପରକୁ ଉଠିଯାଏ ।

ଓଡ଼ିଶାର ମନ୍ଦିର ନିର୍ମାଣରେ ନାଗର ଷ୍ଟାଇଲର ଗୋଲାକାର ଶିଖର ଓ ଦ୍ରାବିଡ଼ ଷ୍ଟାଇଲର ଚତୁଷ୍କୋଣ ପୀଢ଼ର ପ୍ରୟୋଗ ସମନ୍ୱିତ ହୋଇଥାଏ । ଓଡ଼ିଶାର ମନ୍ଦିରମାନଙ୍କର ସାଧାରଣତଃ ଦୁଇଗୋଟି ବିଶିଷ୍ଟ ବିଭାଗ ଥାଏ, 'ବିମାନ' ବା ବଡ଼-ଦେଉଳ ଓ 'ଜଗମୋହନ' ବିମାନର ଅନ୍ୟନାମ ଗର୍ଭଗୃହ । ଏଥିରେ ଦେବବିଗ୍ରହ ସ୍ଥାପିତ ହୋଇଥାନ୍ତି । ଜଗମୋହନରେ ଭକ୍ତ ଓ ଦର୍ଶକମାନେ ସମବେତ ହୋଇ ଦେବଦର୍ଶନ କରିଥାନ୍ତି । ଉଭୟ ବିମାନ ଓ ଜଗମୋହନର ଭିତ୍ତିଭୂମି ବର୍ଗାକାର । ମାତ୍ର ବିମାନର ଉପର ଅଂଶ ବକ୍ର-ରେଖ ହୋଇ "କଳଶ" ବା ଚୂଡ଼ା ପର୍ଯ୍ୟନ୍ତ ଉଠିଯାଇଥାଏ । କିନ୍ତୁ ଜଗମୋହନର ଉପରଭାଗ ଦ୍ରାବିଡ଼ ଶୈଳୀର ପୀଢ଼ ବା ପିରାମିଡ୍ ଷ୍ଟାଇଲରେ ଉପରକୁ ଥାକ ଥାକ ହୋଇ ନିର୍ମିତ ହୋଇଥାଏ ।

ଏହି ମନ୍ଦିରମାନ ପୁଣି ବିଭିନ୍ନ ଅଂଶରେ ବିଭକ୍ତ । ପ୍ରତି ଅଂଶର ନାମ ସ୍ୱତନ୍ତ୍ର । ପ୍ରଥମେ ପିଷ୍ଟ ବା ଭିତ୍ତିଭୂମି । ପିଷ୍ଟ ଉପରେ ମନ୍ଦିରର ବାଡ଼ ଉଠିଥାଏ । ବାଡ଼ ଉପରେ ମନ୍ଦିରର ଗୋଲାକାର ଗଣ୍ଡି ବା ଶିଖର ନିର୍ମିତ ହୋଇଥାଏ । ବାଡ଼ ବା ଶିଖରର ନିମ୍ନ-ଦେଶ ତିନି ଭାଗରେ ବିଭକ୍ତ; ଯଥା :—ପାଭାଗ, ଜଂଘ ଓ ବରଣ୍ଡ । ବାଡ ଉପରର ଶିଖର ପୁଣି ବିଭିନ୍ନ ଭାଗରେ ବିଭକ୍ତ ହୋଇଥାଏ । ଶିଖରର ପ୍ରତ୍ୟେକ ବିଭାଗର ନାମ ଭୂମି । ଶିଖର ଉପରେ ମସ୍ତକ ବା ଚୂଡ଼ା । ମସ୍ତକର ପୁଣି ତିନିଗୋଟି ବିଭାଗ ଅଛି, ଯଥା :— ବେକି, ଆମଳକଶିଳା ବା ଅଁଳା ଖପୁରି ଓ କଳଶ । କଳଶ ଉପରେ,

ଧ୍ୱଜ ବା ଆୟୁଧ ମନ୍ଦିରରେ ପ୍ରତିଷ୍ଠିତ ଦେବତାଙ୍କ ଆୟୁଧ ଅନୁସାରେ କଳଶ ଉପରେ ଧ୍ୱଜ ବା ଆୟୁଧ ନିରୂପିତ ହୋଇଥାଏ । ବିଷ୍ଣୁଙ୍କ ଆୟୁଧ ସୁଦର୍ଶନ ଚକ୍ର ଥିବାରୁ, ବିଷ୍ଣୁ ମନ୍ଦିର-ମାନଙ୍କ କଳଶ ଉପରେ ବିଷ୍ଣୁଙ୍କ ଆୟୁଧ ସୁଦର୍ଶନ ଚକ୍ର ସ୍ଥାପିତ ହୋଇଥାଏ । ସେହିପରି ଶିବମନ୍ଦିରମାନଙ୍କରେ କଳଶ ଉପରେ ଶିବଙ୍କ ଆୟୁଧ ତ୍ରିଶୂଳ ସ୍ଥାପିତ ହୁଏ । ଏହିପରି ଭାବରେ ମନ୍ଦିରର ଭିତ୍ତିଭୂମିଠାରୁ କଳଶ ପର୍ଯ୍ୟନ୍ତ ମନ୍ଦିରର ବିଭିନ୍ନ ଅଂଶ ନାନା ବିଭାଗ ଓ ଉପବିଭାଗରେ ବିଭକ୍ତ । ଆଜକୁ ଏକହଜାର ବର୍ଷରୁ ଊର୍ଦ୍ଧ କାଳ ପୂର୍ବେ ସୁଦ୍ଧା, ଓଡ଼ିଶାରେ ନିର୍ମାଣଶୈଳୀରେ ଯେଉଁ ବୈଜ୍ଞାନିକ ଉତ୍କର୍ଷ ପ୍ରକାଶିତ ହୋଇଥିଲା, ତାହା ଭାବିଲେ ଆଜ ବିସ୍ମିତ ହେବାକୁ ପଡ଼େ ।

କେଶରୀମାନଙ୍କ କାଳରେ ଯେଉଁ ଶତ ଶତ ମନ୍ଦିର ନିର୍ମିତ ହୋଇଥିଲା, ତାହା ନିର୍ମାଣ କରିବା ପାଇଁ କେତେ ସ୍ଥପତି ଓ କାରିଗର ଯେ ନିଯୁକ୍ତ ହୋଇଥିବେ, ତାହା ଆଜ କଳନାର ବାହାରେ । ଏମାନଙ୍କୁ ମନ୍ଦିର ନିର୍ମାଣ ବିଦ୍ୟା ଶିକ୍ଷା ଦେବା ପାଇଁ ସେତେବେଳେ ହୁଏତ କୌଣସି ବିଦ୍ୟାଳୟ ନ ଥିଲା । ବଂଶ ପରମ୍ପରାରେ ଏକ କୌଳିକ ବିଦ୍ୟାରୂପେ ଏମାନେ ସମ୍ଭବତଃ ସ୍ଥାପତ୍ୟ ଶିକ୍ଷା କରୁଥିଲେ । ଏଥିପାଇଁ ବହୁ ଶିଳ୍ପଶାସ୍ତ୍ର ମଧ୍ୟ ରଚିତ ହୋଇଥିଲା । ଆଜି ସୁଦ୍ଧା ଓଡ଼ିଶାରେ କେଉଁଠି କେଉଁଠି କେଉଁ ମହାରଣା କୁଳରେ ସେ ଶାସ୍ତ୍ରମାନ ତଥାପି ହୁଏତ ତାଳପତ୍ର ପୋଥି ଆକାରରେ ରହିଥିବ ।

ମନ୍ଦିର ନିର୍ମାଣରେ, କେତେକ ସ୍ପଷ୍ଟ ନିୟମ ମଧ୍ୟ ଅନୁସୃତ ହେଉଥିଲା । ଓଡ଼ିଶାର ମନ୍ଦିରମାନ ସାଧାରଣତଃ ପୂର୍ବମୁଖୀ । ମନ୍ଦିର ମଧ୍ୟରେ ଦେବତାଙ୍କ ଦର୍ଶନ ପାଇଁ ଦର୍ଶକମାନଙ୍କୁ ପଶ୍ଚିମାଭିମୁଖୀ

ହେବାପାଇଁ ପଡ଼େ । ମାତ୍ର ଏ ନିୟମ ସବୁ କ୍ଷେତ୍ରରେ ପ୍ରଯୁକ୍ତ ନୁହେଁ । ମୁକ୍ତେଶ୍ୱର ଓ ପରଶୁରାମେଶ୍ୱର ପରି କେତେକ ମନ୍ଦିର ପଶ୍ଚିମମୁଖୀ ହୋଇ ନିର୍ମିତ ହୋଇଅଛି ।

(ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର ସମ୍ପର୍କରେ ଜଣେ ଇଂରେଜ ପଣ୍ଡିତ ଫର୍ଗୁସନ "ଭାରତୀୟ ଓ ପ୍ରାଚ୍ୟ ସ୍ଥାପତ୍ୟର ଇତିହାସ" ନାମକ ଗ୍ରନ୍ଥରେ ଲେଖିଥିଲେ......"ଯଦି ଏପରି ଏକ ମନ୍ଦିର ନିର୍ମାଣ ପାଇଁ ଆନୁମାନିକ ଏକ ଲକ୍ଷ ପାଉଣ୍ଡ ବା ଟଙ୍କା ଖର୍ଚ୍ଚ ହେବ, ତାହେଲେ ମନ୍ଦିର ଦେହରେ ଉତ୍କୀର୍ଣ୍ଣ ହୋଇଥିବା ଭାସ୍କର୍ଯ୍ୟ ପାଇଁ ତାହାର ତିନିଗୁଣ ବ୍ୟୟ କରିବା ପାଇ ପଡ଼ିବ ।" ପରଶୁରାମେଶ୍ୱର ଓ ମୁକ୍ତେଶ୍ୱର ପରି ମନ୍ଦିରମାନଙ୍କରେ ପ୍ରତି ଇଞ୍ଚପରିମିତ ଭୂମି ଯେପରି ସୂକ୍ଷ୍ମ ଭାସ୍କର୍ଯ୍ୟରେ ମଣ୍ଡିତ ହୋଇଅଛି, ତାହା କଳା-ଜଗତରେ ଏକ ପରମ ବିସ୍ମୟ । ବିଭିନ୍ନ ଦେବ, ଦେବୀ, ନର୍ତ୍ତକ, ନର୍ତ୍ତକୀ, ଯକ୍ଷ, ଯକ୍ଷୀ, କିନ୍ନର, କିନ୍ନରୀ, ପଶୁ ପକ୍ଷୀ ଓ ବୃକ୍ଷ ଲତା ପ୍ରଭୃତିର ଅପୂର୍ବ ରୂପାୟନରେ ଏହି ମନ୍ଦିରମାନ ପ୍ରସ୍ତରୀଭୂତ କାବ୍ୟରେ ପରିଣତ ହୋଇଅଛି । ସେ କାଳେ ଉତ୍କଳରେ ସ୍ଥାପତ୍ୟ ସଙ୍ଗେ ସଙ୍ଗେ ଭାସ୍କର୍ଯ୍ୟରେ ମଧ୍ୟ ଏ ଦେଶରେ ଶିଳ୍ପୀମାନେ ଯେଉଁ ନିପୁଣତା ଲାଭ କରିଥିଲେ, ତାହା ଏହି ମନ୍ଦିରମାନଙ୍କରୁହିଁ ସୂଚିତ ହୁଏ ।

ଦେବଦେବୀମାନଙ୍କର ମୂର୍ତ୍ତି ନିର୍ମାଣ, ମନ୍ଦିର ନିର୍ମାଣ ପରି ଏକ ବିଶିଷ୍ଟ ବିଦ୍ୟା ଥିଲା । ମୂର୍ତ୍ତି ନିର୍ମାଣ ପାଇଁ ଶିଳ୍ପୀମାନଙ୍କୁ ଗଠନରେ ଏକ ନିର୍ଦ୍ଦିଷ୍ଟ ରୀତି ଅବଲମ୍ବନ କରିବା ପାଇଁ ପଡ଼ୁଥିଲା । ପ୍ରତି ଦେବ ଦେବୀଙ୍କ ପୂଜା ପାଇଁ ଯେଉଁ ଧ୍ୟାନ ମନ୍ତ୍ର ଥିଲା, ସେହି ଧ୍ୟାନ ମନ୍ତ୍ରର ବର୍ଣ୍ଣନା ଅନୁସାରେ ଏ ମୂର୍ତ୍ତିମାନ ନିର୍ମିତ ହେଉଥିଲା । ଭୁବନେଶ୍ୱରର ଲିଙ୍ଗରାଜ ଓ ରାଜା ରାଣୀ ପ୍ରଭୃତି ମନ୍ଦିରମାନଙ୍କ ଦେହରେ ଉତ୍କୀର୍ଣ୍ଣ ହୋଇଥିବା ବହୁ ମୂର୍ତ୍ତି ବିଶ୍ୱପ୍ରସିଦ୍ଧି ଲାଭ କରିଅଛି ।

ମାନ ବିଶ୍ୱର ବିସ୍ମୟ, ଏହି ମନ୍ଦିରମାନ କେଉଁ ରାଜାଙ୍କ ଆଦେଶରେ, କେବେ, କେଉଁ ସ୍ଥପତିଙ୍କ ଦ୍ୱାରା ନିର୍ମିତ ହୋଇଥିଲା, ତାହା ନିର୍ଦ୍ଦିଷ୍ଟ ଭାବରେ ଜାଣିବାର କୌଣସି ଉପାୟ ନାହିଁ। ପରୋକ୍ଷ ପ୍ରମାଣ ଓ ଅନୁମାନ ଦ୍ୱାରା ତାହାର କଳନା ସମ୍ଭବ ହେଲେହେଁ; ସେଥିପାଇଁ କୌଣସି ପ୍ରତ୍ୟକ୍ଷ ପ୍ରମାଣ ମିଳେ ନାହିଁ। ମୃତ୍ୟୁହୀନ ସୌନ୍ଦର୍ଯ୍ୟର, ଅପୌରୁଷେୟ ପ୍ରକାଶ ରୂପେ, ଏହି ମନ୍ଦିରମାନ, କାଳେ କାଳେ, ସ୍ରଷ୍ଟା ଅପେକ୍ଷା ସୃଷ୍ଟିର ମହିମା ଘୋଷଣା କରୁଅଛନ୍ତି।

# ଶ୍ରୀ ଜଗନ୍ନାଥ

ଇତିହାସର ମହାମୌନ ନୀରବତା ମଧ୍ୟରେ କେଶରୀ-ମାନଙ୍କର ପଦଧ୍ୱନି ନୀରବ ନହେଉଣୁ ଦକ୍ଷିଣ ସୀମାନ୍ତ ଆଡୁ, ଗଙ୍ଗମାନଙ୍କର ଜୈତ୍ରନାଦରେ ଉତ୍କଳଖଣ୍ଡ ମୁଖରିତ ହୋଇ ଉଠିଲା । ନବମ ଶତାବ୍ଦୀର ପ୍ରଥମାର୍ଦ୍ଧରୁ ପଞ୍ଚଦଶ ଶତାବ୍ଦୀର ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ପ୍ରାୟ ଛଅଶହ ବର୍ଷ ଗଙ୍ଗମାନେ ଉତ୍କଳରେ ରାଜପଣ କରିଥିଲେ । ଏହି ଗଙ୍ଗମାନଙ୍କର ରାଜତ୍ୱ କାଳରେ, ଉତ୍କଳରେ କେଶରୀମାନଙ୍କ ଦ୍ୱାରା ପ୍ରବର୍ତ୍ତିତ "ଆର୍ଯ୍ୟ-ସଂସ୍କୃତି" ସହିତ ଗଙ୍ଗମାନଙ୍କ "ଦ୍ରାବିଡ଼-ସଂସ୍କୃତି"ର ଏକ ଅପୂର୍ବ ସମନ୍ୱୟ ସାଧିତ ହୋଇଥିଲା ।

(ଶ୍ରୀ ଜଗନ୍ନାଥ—ଧର୍ମ ଓ ସଂସ୍କୃତି, ଗଙ୍ଗ ମାନଙ୍କର ଏକା ଦେଶାକୁ ନୁହେଁ, ସମଗ୍ର ଭାରତକୁ ଏକ ବିପୁଳ ଦାନ । ଭାରତରେ ହିନ୍ଦୁ ସଂସ୍କୃତିର ସମନ୍ୱୟ ସାଧନାରେ ଶ୍ରୀ ଜଗନ୍ନାଥ ଓ ସେହି ସୂତ୍ରରେ ଉତ୍କଳର ଦାନ ଯଥାର୍ଥରେ ଅତୁଳନୀୟ ।

ଶ୍ରୀ ଜଗନ୍ନାଥ ଭାରତୀୟ ସଂସ୍କୃତିର ଇତିହାସରେ ଆଜ ସୁଦ୍ଧା ଏକ ଅନୁଦ୍‌ଘାଟିତ ରହସ୍ୟ ହୋଇ ରହିଅଛନ୍ତି । ଶ୍ରୀ ଜଗନ୍ନାଥ ସମଗ୍ର ଭାରତବ୍ୟାପୀ ହିନ୍ଦୁ ସମାଜର କେବଳ ପରମାରାଧ୍ୟ "ଜଗନ୍ନାଥ" ନୁହନ୍ତି; ସେ ପୁଣି ଓଡ଼ିଆ ଜାତିର ଇଷ୍ଟଦେବ ।

ପ୍ରତି ଓଡ଼ିଆ ଗୃହସ୍ଥ ପ୍ରତି ମାଙ୍ଗଳିକ କାର୍ଯ୍ୟ ଆରମ୍ଭରେ ଶ୍ରୀ ଜଗନ୍ନାଥଙ୍କୁ ସ୍ମରଣ କରିଥାଏ । ପୁଣି "ସର୍ବମଙ୍ଗଳ ଜଗନ୍ନାଥ" ଉଚ୍ଚାରଣ କଲେ, ସବୁ ଅଶୁଭ ଓ ଅକଲ୍ୟାଣ କଟିଯାଏ ବୋଲି ଓଡ଼ିଆର ପାରମ୍ପରିକ ବିଶ୍ୱାସ ଆଜି ସୁଦ୍ଧା ଅତୁଟ ରହିଅଛି । ଶ୍ରୀ ଜଗନ୍ନାଥ — କେବଳ କାଠର ଦେବତା ନୁହନ୍ତି । ଓଡ଼ିଶା ଇତିହାସର ସେ ଏକ ବିଶିଷ୍ଟ ଚରିତ୍ର । ବୈଦେଶିକ ଆକ୍ରମଣ ଓ ପୀଡ଼ନରେ ଓଡ଼ିଆ ଜାତି ଯେତେବେଳେ ନିପୀଡ଼ିତ ହୋଇଛି, ଶ୍ରୀ ଜଗନ୍ନାଥ ଓଡ଼ିଆଜାତି ସହିତ ସମଦଶାଭୋଗୀ ହୋଇ, କମ୍ ନିର୍ଯ୍ୟାତିତ ଓ ନିପୀଡ଼ିତ ହୋଇ ନାହାନ୍ତି । କିମ୍ବଦନ୍ତୀ ଓ ଇତିହାସନିନ୍ଦିତ ରକ୍ତବାହୁ ଉତ୍କଳ ଆକ୍ରମଣ କଲାବେଳେ ଶ୍ରୀ ଜଗନ୍ନାଥ ମଧ୍ୟ ଆତ୍ମଗୋପନ କରିଅଛନ୍ତି । ପୁଣି କାଞ୍ଚିବିଜୟ ପାଇଁ ଉତ୍କଳର ଅଭିଯାନରେ ଶ୍ରୀ ଜଗନ୍ନାଥ କଳାଘୋଡ଼ାରେ ଚଢ଼ି ଜଣେ ସାଧାରଣ ସୈନିକ ପରି ମଧ୍ୟ ବାହାରି ପଡ଼ିଛନ୍ତି । ମାଣିକ ଗଉଡୁଣୀର ସାମାନ୍ୟ ଦହିରେ ତାଙ୍କୁ ବିଶ୍ୱତୃଷା ନିବାରଣ କରିବା ପାଇଁ ପଡ଼ିଛି । କିମ୍ବଦନ୍ତୀରେ, ଇତିହାସରେ ପୁଣି ସ୍ମୃତି ଓ ପରମ୍ପରାରେ ଶ୍ରୀ ଜଗନ୍ନାଥ ଓଡ଼ିଆଜାତିର ପରମ ଆତ୍ମୀୟ । ବିଦେଶରେ ଓଡ଼ିଶାର ପରିଚୟ ପୁଣି—ଜଗନ୍ନାଥ !

କିନ୍ତୁ ଏ ଶ୍ରୀ ଜଗନ୍ନାଥ କିଏ ?

ଜଗନ୍ନାଥଙ୍କର ଅନ୍ୟ ନାମ ପୁରୁଷୋତ୍ତମ ଓ ଶ୍ରୀକ୍ଷେତ୍ର ପୁରୀ ପୁରୁଷୋତ୍ତମକ୍ଷେତ୍ର ନାମରେ ବିଦିତ । ଗୀତାରେ ଗୋଟିଏ ଶ୍ଲୋକାଂଶ ଅଛି :—

"ଅତୋଽହଂ ଲୋକେ ବେଦେଚ
ପ୍ରଥିତଃ ପୁରୁଷୋତ୍ତମଃ ।"

ଏଇଥିପାଇଁ ସେ ବେଦରେ ତଥା ଲୋକସାଧାରଣରେ ପୁରୁଷୋତ୍ତମ ନାମରେ ପ୍ରତିଷ୍ଠିତ ।

ଗୀତାରେ ପୁରୁଷୋତ୍ତମଙ୍କ ସମ୍ପର୍କରେ ଏହି ଉଲ୍ଲେଖରୁ, ଶ୍ରୀ ଜଗନ୍ନାଥ, ଗୀତାର ପୂର୍ବକାଳୀନ,ଅର୍ଥାତ ବୈଦିକ ଯୁଗର ବୋଲି ଅନେକେ ମତ ଦେଇଥାନ୍ତି । ମାତ୍ର ଶ୍ରୀ ଜଗନ୍ନାଥ ବୈଦିକ ଦେବତା ହୁଅନ୍ତୁ ବା ନହୁଅନ୍ତୁ ସେ ଯେ ପ୍ରାକ୍-ବୈଦିକ ଦ୍ରାବିଡ଼ ମାନଙ୍କର ଇଷ୍ଟଦେବ ଥିଲେ ସେଥିରେ ସନ୍ଦେହ ନାହିଁ । ଏ ତଥ୍ୟଟି ସାଧାରଣ ପରମ୍ପରାରେ ମଧ୍ୟ ପ୍ରତିଷ୍ଠିତ । ଏକଦା ଶ୍ରୀ ଜଗନ୍ନାଥ ଶବର ବିଶ୍ୱାବସୁ ଦ୍ୱାରା ପୂଜିତ ହେଉଥିଲେ । ପରେ ମାଳବର କୌଣସି ଜଣେ ବ୍ରାହ୍ମଣ ଜଗନ୍ନାଥଙ୍କୁ ଧରି ଆଣିଥିଲେ । ରାଜା ଇନ୍ଦ୍ରଦ୍ୟୁମ୍ନ ସେହି ଜଗନ୍ନାଥବିଗ୍ରହଙ୍କ ପୂଜା ଆରାଧନା ପାଇଁ ଗୋଟିଏ ମନ୍ଦିର ନିର୍ମାଣ କରିଥିଲେ । ଏ ଇନ୍ଦ୍ରଦ୍ୟୁମ୍ନ କିମ୍ବଦନ୍ତୀର—କିନ୍ତୁ ଇତିହାସର ନୁହନ୍ତି । କାଳକ୍ରମେ ସେ ମନ୍ଦିର ଜୀର୍ଣ୍ଣ ହୋଇ ଭାଙ୍ଗି ପଡ଼ିଥିଲା । ତେଣୁ କେଶରୀମାନଙ୍କ ରାଜତ୍ୱ କାଳରେ ଯଯାତିକେଶରୀ ଏହି ଜୀର୍ଣ୍ଣ ମନ୍ଦିର ସ୍ଥାନରେ ଅନ୍ୟ ଏକ ମନ୍ଦିର ନିର୍ମାଣ କରିଥିଲେ । ଯଯାତିଙ୍କ ନିର୍ମିତ ମନ୍ଦିର ପୁଣି ଜୀର୍ଣ୍ଣ ହୋଇଯିବା ପରେ, ଗଙ୍ଗବଂଶର ଶ୍ରୀ ଅନଙ୍ଗଭୀମଦେବ ଉପସ୍ଥିତ ମନ୍ଦିରର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ ।

ବ୍ରାହ୍ମଣ୍ୟଧର୍ମର ପରମାରାଧ୍ୟ ଶ୍ରୀ ଜଗନ୍ନାଥ ଯେ ଏକଦା ଶବର ଦେବତା ରୂପେ ପୂଜିତ ହେଉଥିଲେ, ତାହାର ଅନ୍ୟ ଏକ ବିଶିଷ୍ଟ ପ୍ରମାଣ ରହିଅଛି । ମଧ୍ୟପ୍ରଦେଶର ବିଳାସପୁର ଜିଲ୍ଲାରେ ଜୋଙ୍କ ଓ ମହାନଦୀର ସଙ୍ଗମ ସ୍ଥଳରେ ଶବରୀ-ନାରାୟଣ ବା ଶବର-ନାରାୟଣ ନାମରେ ଗୋଟିଏ ସ୍ଥାନ ଅଛି । ଏଇଠାରୁ ଜଣେ

ବ୍ରାହ୍ମଣ ଶ୍ରୀ ଜଗନ୍ନାଥ ବିଗ୍ରହଙ୍କୁ ମହାନଦୀ ବାଟେ ପୁରୀ ନେଇ ଯାଇଥିଲେ ବୋଲି ଏକ ପରମ୍ପରା ଓ ପ୍ରବାଦ ରହିଅଛି ।

ନିର୍ମାଣରୀତି ଓ ଶିଳ୍ପକଳା ଦୃଷ୍ଟିରୁ ଶ୍ରୀ ଜଗନ୍ନାଥଙ୍କ ପ୍ରାକ୍-ବୈଦିକ ଓ ଦ୍ରାବିଡ଼-ଉତ୍ପତ୍ତି ମଧ୍ୟ ସୂଚିତ ହୁଏ । ଯେଉଁ ସ୍ଥପତି ଓ ଶିଳ୍ପୀମାନେ ପୁରୀ ବା ଭୁବନେଶ୍ୱରର ମନ୍ଦିରମାନଙ୍କ ପରି ମନ୍ଦିରମାନ ନିର୍ମାଣ କରି ପାରିଥିଲେ, ସେମାନେ ସକଳ ସୌନ୍ଦର୍ଯ୍ୟର ଆଧାର ପୁରୁଷୋତ୍ତମ ଜଗନ୍ନାଥଙ୍କ ବିଗ୍ରହକୁ ଏପରି କିମ୍ଭୂତ କିମାକାର ଭାବରେ ନିର୍ମାଣ କଲେ କାହିଁକି ? ପୁରୀର ମନ୍ଦିର ଗାତ୍ରରେ ଯେଉଁ ଦେବଦେବୀମାନଙ୍କର ମୂର୍ତ୍ତି ମାନ ରହିଅଛି ନିର୍ମାଣ-କଳା ଓ ଗଠନ ରୀତି ଦୃଷ୍ଟିରୁ, ପ୍ରତ୍ୟେକଟି ଅନବଦ୍ୟ ଓ ଅନନ୍ୟସାଧାରଣ ; ପୁରୀ ମନ୍ଦିର ନିର୍ମିତ ହେବା କାଳକୁ ଗୁପ୍ତ-ଯୁଗର ମୂର୍ତ୍ତି-ଗଠନ-ରୀତି ପୂର୍ଣ୍ଣ କୁଶଳତା ଲାଭ କରି ସାରିଥିଲା । ତେଣୁ ଜଗନ୍ନାଥ-ମୂର୍ତ୍ତି ପ୍ରାକ୍-ବୈଦିକ ନ ହୋଇଥିଲେ, ମୂର୍ତ୍ତିର ଆକାର ଓ ଗଠନ ରୀତି ନିଶ୍ଚୟ ଭିନ୍ନ ପ୍ରକାର ହୋଇଥାନ୍ତା ।

ଏ ସମ୍ବନ୍ଧରେ ଏହା ମଧ୍ୟ ଉଲ୍ଲେଖଯୋଗ୍ୟ ଯେ, ହିନ୍ଦୁ ଦେବ-ଦେବୀମାନ ସାଧାରଣତଃ ପ୍ରସ୍ତରନିର୍ମିତ । ଧାତୁନିର୍ମିତ ବିଗ୍ରହମାନ ଚଳନ୍ତି ବିଗ୍ରହ ରୂପେ ମଧ୍ୟ ପୂଜିତ ହୋଇଥାନ୍ତି । ମାତ୍ର ଶ୍ରୀ ଜଗନ୍ନାଥଙ୍କ ବିଗ୍ରହ ଦାରୁ ବା କାଷ୍ଠନିର୍ମିତ । ପ୍ରବାଦ ଅଛି, ପୁରୀ ମହୋଦଧି କୂଳରେ କେଉଁ ସୁଦୂର ଅତୀତ ସତ୍ୟଯୁଗରେ ଖଣ୍ଡେ କାଠ କୁଆଡୁ ଭାସି ଆସି ଲାଗିଥିଲା । ସେହି କାଠ ବା ଦାରୁରେ ନିର୍ମିତ ହୋଇଥିଲା ଶ୍ରୀ ଜଗନ୍ନାଥଙ୍କ ବିଗ୍ରହ ।

ପ୍ରାକ୍-ବୈଦିକ ଅଷ୍ଟ୍ରିକ୍ ଜାତିମାନଙ୍କ ମଧ୍ୟରେହିଁ କାଷ୍ଠ ବା ଦାରୁରେ ଦେବଦେବୀ ମାନଙ୍କର ମୂର୍ତ୍ତି-ନିର୍ମାଣ ରୀତି ପ୍ରଚଳିତ ଥିଲା । ଏବେ ସୁଦ୍ଧା ଆଫ୍ରିକାରେ ଏହି ଜାତିର ଲୋକମାନଙ୍କ

ମଧ୍ୟରେ କାଷ୍ଠନିର୍ମିତ ଦେବଦେବୀମାନ ପୂଜିତ ହୋଇଥାନ୍ତି । ତେଣୁ ମୂର୍ତ୍ତି ନିର୍ମାଣ ଦୃଷ୍ଟିରୁ ଶ୍ରୀ ଜଗନ୍ନାଥଙ୍କ ପ୍ରାକ୍-ଆର୍ଯ୍ୟ ଉତ୍ପତ୍ତି ଅବିସମ୍ବାଦିତ ପରି ମନେହୁଏ । ଏ ସବୁ ଅନୁମାନ, କଳନା ଓ କଳ୍ପନା ବାଦ୍ ଦେଲେ ବି, ମନ୍ଦିରରେ କେତେକ ଚଳଣିରୁ ଶ୍ରୀଜଗନ୍ନାଥଙ୍କୁ ଏକଦା ଶବରସେବିତ ଦେବତା ରୂପେ ସହଜରେ ଅନୁମାନ କରିହୁଏ । ସ୍ନାନଯାତ୍ରା ଠାରୁ ବାହୁଡ଼ା ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥଙ୍କ ପ୍ରଧାନ ପୂଜକଙ୍କୁ ଦଇତା ପଣ୍ଡା ନାମରେ ପରିଚିତ । ଦଇତା ଶବ୍ଦଟି "ଦୈତ୍ୟ" ବା ଅନାର୍ଯ୍ୟ ଶବ୍ଦରୁ ଉତ୍ପନ୍ନ । ତେଣୁ ଶ୍ରୀ ଜଗନ୍ନାଥ ଏକଦା ଯେ ଅନାର୍ଯ୍ୟ ବା ପ୍ରାକ୍-ଆର୍ଯ୍ୟ-ମାନଙ୍କ ଦ୍ୱାରା ପୂଜିତ ହେଉଥିଲେ ସେଥିରେ ଆଉ ସନ୍ଦେହର ଅବକାଶ ନାହିଁ ।

ମାତ୍ର ଶ୍ରୀ ଜଗନ୍ନାଥ ବୈଦିକ ପୁରୁଷୋତ୍ତମ ହୁଅନ୍ତୁ ବା ଶବର-ସେବିତ କୌଣସି "ବନ ଦେବତା" ହୁଅନ୍ତୁ, ବିଶ୍ୱାବସୁଙ୍କ ଠାରୁ ଆରମ୍ଭ କରି ଶ୍ରୀ ଚୈତନ୍ୟଙ୍କ ପର୍ଯ୍ୟନ୍ତ ଭାରତରେ ନାନା ଓ ବହୁ ଧର୍ମ ସାଧନାର ସମନ୍ୱୟ ତାଙ୍କଠାରେ ହୋଇଅଛି । ଶ୍ରୀ ଜଗନ୍ନାଥଙ୍କୁ "ପ୍ରବୁଦ୍ଧ-ବୁଦ୍ଧ" ଅବତାର ରୂପରେ ମଧ୍ୟ କଳ୍ପନା କରାଯାଇଅଛି । ଡକ୍ଟର ରାଜେନ୍ଦ୍ର ଲାଲ ମିତ୍ରଙ୍କ ମତରେ ଜଗନ୍ନାଥ-ବିଗ୍ରହରେ ବୁଦ୍ଧଦନ୍ତ ଗର୍ଭିତ ହୋଇଅଛି । ଏ ସମ୍ପର୍କରେ ସେ "ଦାଠା (ଧାତୁ) ବଂଶ"ରେ ବର୍ଣ୍ଣିତ ଗୋଟିଏ ବିବରଣୀକୁ ଅବଲମ୍ବନ କରି ନିଜ ଅନୁମାନ ପ୍ରତିଷ୍ଠିତ କରିଅଛନ୍ତି । ଏହି ବିବରଣୀ ଅନୁସାରେ, ବୁଦ୍ଧଙ୍କ ପରିନିର୍ବାଣ ପରେ, କ୍ଷେମ ବୁଦ୍ଧଙ୍କ ଚିତାରୁ ତାଙ୍କ ବାଁପାଖରୁ ଗୋଟିଏ ବିଶିଦାନ୍ତ ଆଣି, ତାହା କଳିଙ୍ଗ ବା ଉତ୍କଳର ତତ୍କାଳୀନ ରାଜା ବ୍ରହ୍ମଦତ୍ତଙ୍କୁ ଉପହାର ଦେଇଥିଲେ । ବ୍ରହ୍ମଦତ୍ତ ଏକ ସ୍ତୂପ ନିର୍ମାଣ କରି, ସେଥିରେ ଏହି ଦନ୍ତର ପୂଜା

ଆରମ୍ଭ କରିଥିଲେ । ପରେ ଏହି ସ୍ଥାନର ନାମ ଦନ୍ତପୁର ହୋଇଥିଲା । ଏହିଠାରେ ବୁଦ୍ଧଦନ୍ତ ପୂଜା କରିବାପାଇଁ ପୁଣି, ଉଜ୍ଜୟିନୀର ରାଜପୁତ୍ର ଦନ୍ତକୁମାର କଳିଙ୍ଗ ଆସି, କଳିଙ୍ଗରାଜ ଗୁହଶିବଙ୍କ କନ୍ୟା ହେମମାଳାଙ୍କ ପାଣିଗ୍ରହଣ କରିଥିଲେ । ପରେ ଏହି ଦନ୍ତ ପାଇଁ କଳିଙ୍ଗ କୌଣସି ଏକ ପ୍ରତିବେଶୀ ରାଜ୍ୟ ଦ୍ୱାରା ଆକ୍ରାନ୍ତ ହୋଇଥିଲା । କଳିଙ୍ଗରାଜ ଗୁହଶିବ ବୁଦ୍ଧଦନ୍ତ ରକ୍ଷା କରିବାକୁ ଯାଇଁ ଯୁଦ୍ଧରେ ପ୍ରାଣ ହରାଇଲେ । ଏହାପରେ ଦନ୍ତକୁମାର ଓ ହେମମାଳା, ବୁଦ୍ଧଦନ୍ତ ଧରି ସିଂହଳ ପଳାୟନ କରିଥିଲେ । ସିଂହଳରାଜ ମହାସେନ, ଦନ୍ତକୁମାର ଓ ହେମମାଳାଙ୍କ ଠାରୁ ବୁଦ୍ଧଦନ୍ତ ଗ୍ରହଣ କରି, ଦନ୍ତପୂଜା ପାଇଁ ଏକ ମନ୍ଦିର ନିର୍ମାଣ କରିଥିଲେ ।

ଏହି ଗ୍ରନ୍ଥର ରଚୟିତା ଧମ୍ମ-କିତ୍ତୀ ଖ୍ରୀ: ଅ: ୧୨ଶ ଶତାବ୍ଦୀରେ ସିଂହଳରେ ଜନ୍ମଗ୍ରହଣ କରିଥିଲେ । ବୁଦ୍ଧଙ୍କ ପରିନିର୍ବାଣ ଓ ଖ୍ରୀ: ଅ: ଦ୍ୱାଦଶ ଶତାବ୍ଦୀ ମଧ୍ୟରେ ବହୁ ଶତାବ୍ଦୀର ବ୍ୟବଧାନ ଅତିକ୍ରମ କରିବା ପାଇଁ, ଧମ୍ମ-କିତ୍ତୀ ଆଲୋଚିତ ଗ୍ରନ୍ଥରେ, କେଉଁ ପରିମାଣରେ ଐତିହାସିକ ସତ୍ୟ ଓ କେଉଁ ପରିମାଣରେ ନିର୍ମଳା କଳ୍ପନାପ୍ରବଣତା ଅବଲମ୍ବନ କରିଛନ୍ତି; ଜଣାନାହିଁ । ମାତ୍ର ବୁଦ୍ଧଦନ୍ତ ଯଦି, ଏହି ଇତିବୃତ୍ତ ଅନୁସାରେ ଦନ୍ତପୁରରୁ ଯାଇଁ ସିଂହଳରେ ପ୍ରତିଷ୍ଠିତ ହୋଇଥାଏ, ତାହେଲେ ଜଗନ୍ନାଥ - ବିଗ୍ରହ ବୁଦ୍ଧଦନ୍ତଗର୍ଭିତ ବୋଲି ଅନୁମାନ କରାଯାଇନପାରେ ।

କେତେକ ପଣ୍ଡିତ, ଜଗନ୍ନାଥ, ସୁଭଦ୍ରା ଓ ବଳଭଦ୍ର ମୂର୍ତ୍ତି, ଧର୍ମ, ବୁଦ୍ଧ ଓ ସଂଘ ଏହି ବୌଦ୍ଧ-ତ୍ରିରତ୍ନର ପରବର୍ତ୍ତୀକାଳୀନ ରୂପାୟନ ବୋଲି ଅନୁମାନ କରିଥାନ୍ତି । ସାଞ୍ଚି ସ୍ତୂପରେ ବୌଦ୍ଧ ତ୍ରିରତ୍ନର ସାଙ୍କେତିକ ଚିହ୍ନ ସହିତ, ଜଗନ୍ନାଥ, ସୁଭଦ୍ରା ଓ ବଳଭଦ୍ର ମୂର୍ତ୍ତିତ୍ରୟର ରୈଖିକ ସାମଂଜସ୍ୟ ଥିବାର ଅନୁମାନ ଉପରେ ଏ

ପ୍ରକାର ସିଦ୍ଧାନ୍ତ ପ୍ରତିଷ୍ଠିତ । ଏ ପ୍ରକାର ଅନୁମାନ କେବଳ ଅନୁମାନରେହିଁ ରହିଅଛି । ଏହାର ସତ୍ୟତା ଏ ପର୍ଯ୍ୟନ୍ତ ନିର୍ଣ୍ଣୀତ ହୋଇନାହିଁ, କିମ୍ବା ନିଶ୍ଚିତ ଭାବରେ ନିର୍ଣ୍ଣୀତ ହେବାର ସମ୍ଭାବନା ମଧ୍ୟ ନାହିଁ ।

ବୌଦ୍ଧ ଧର୍ମାଗ୍ରରେ ରଥଯାତ୍ରା ଏକ ବିଶିଷ୍ଟ ଅନୁଷ୍ଠାନ । ବୌଦ୍ଧମାନେ ବୁଦ୍ଧପୂଜାର ଏକ ଅଙ୍ଗରୂପେ ପ୍ରତିବର୍ଷ ଆରମ୍ଭରେ ବୁଦ୍ଧ-ମୂର୍ତ୍ତିଙ୍କୁ ରଥରେ ବସାଇ ବାହାର କରାଉଥିଲେ । ଏଥିରୁ ଜଗନ୍ନାଥ ବୌଦ୍ଧମୂର୍ତ୍ତି ବୋଲି ଅନେକେ ଅନୁମାନ କରିଥାନ୍ତି । ମଧ୍ୟ-ଏସିଆର ଖୋଟାନ୍ ଠାରେ, ବୌଦ୍ଧ-ତ୍ରିରତ୍ନର ସଙ୍କେତକୁ ଏକ ରଥରେ ବସାଇ ବୌଦ୍ଧମାନେ ବୁଲାଉଥିବା ଫାହିଆନ୍ ନିଜ ବିବରଣୀରେ ଉଲ୍ଲେଖ କରିଅଛନ୍ତି । ଶ୍ରୀ ଜଗନ୍ନାଥଙ୍କ ପ୍ରସିଦ୍ଧ ରଥଯାତ୍ରା ଉତ୍ସବ, ଏହି ବୌଦ୍ଧ-ପରମ୍ପରାରୁ ଉତ୍ପତ୍ତି ଗ୍ରହଣ କରିଅଛି ବୋଲି ଅନୁମାନ କରି, ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ମୂର୍ତ୍ତି, ବୌଦ୍ଧ-ତ୍ରିରତ୍ନ ବୋଲି ଅନେକେ ମଧ୍ୟ ଅନୁମାନ କରିଥାନ୍ତି ।

ଏ ସମସ୍ତ ଅନୁମାନ ଓ ସିଦ୍ଧାନ୍ତ କେତେଦୂର ପ୍ରାମାଣିକ ତାହା ସ୍ଥିର କରିବାର ଉପାୟ ନାହିଁ । ମାତ୍ର ଏ ସବୁ ଛାଡ଼ିଦେଲେ, ସାରଳା ଓ ତାଙ୍କ ପରବର୍ତ୍ତୀ ପଞ୍ଚସଖା-ସାହିତ୍ୟରେ ମଧ୍ୟ ଜଗନ୍ନାଥଙ୍କୁ ବୁଦ୍ଧମୂର୍ତ୍ତିରୂପେ କଳ୍ପନା କରାଯାଇଅଛି । ସାରଳା ମହାଭାରତର "ବନପର୍ବ"ରେ ଶ୍ରୀ ଜଗନ୍ନାଥଙ୍କ ସମ୍ପର୍କରେ ଲେଖିଛନ୍ତି :—

"ନାସା କର୍ଣ୍ଣ ଶ୍ରବଣ ଚକ୍ଷୁ ନୟନ ଦଶି,
ଦେଖି ଇନ୍ଦ୍ରଦ୍ୟୁମ୍ନ ମହାବିସ୍ମୟରେ ବସି ।
ମହା ବୌଦ୍ଧ ବିକାଶ ହୋଇଲ ତିନି ରେଖା,
କର ଚରଣ ପଲ୍ଲବ ନ ଦିଶଇ ଶିଖା ।"

ବେଢ଼ା
ଏହାଛଡ଼ା "ସଭାପର୍ବ"ରେ ଅଛି...... "ସଂସାର ଜନଙ୍କୁ ଧେଳ ତାରିବା ନିମନ୍ତେ ବଉଦ୍ଧରୂପରେ ବିଜେ ଅଛି ଜଗନ୍ନାଥେ।" ଇତ୍ୟାଦି।

ପୁଣି ଜଗନ୍ନାଥଙ୍କ ମନ୍ଦିର, ବୌଦ୍ଧ ଧର୍ମାଗୃହର ଯେ ଏକ ପ୍ରଧାନ ପୀଠ ଥିଲା, ତାହା ସପକ୍ଷରେ ଅନ୍ୟ ଏକ ପ୍ରତ୍ୟକ୍ଷ ପ୍ରମାଣ ମନ୍ଦିର ମଧ୍ୟରେହିଁ ପ୍ରତିଷ୍ଠିତ ରହିଅଛି। ତାହା ହେଉଛି ସ୍ୱୟଂ ବୁଦ୍ଧଙ୍କର ଏକ ପ୍ରକାଣ୍ଡ ଧ୍ୟାନାସୀନ ମୂର୍ତ୍ତି।

ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ବେଢ଼ା ମଧ୍ୟରେ, ଧର୍ମରାଜଙ୍କର ଗୋଟିଏ ଜୀର୍ଣ୍ଣ ମନ୍ଦିର ଅଛି। ଏ ମନ୍ଦିର ଅତି ପୁରାତନ, ପୁଣି ସ୍ଥାପତ୍ୟ ଦୃଷ୍ଟିରୁ ଏହାର କୌଣସି ସ୍ୱତନ୍ତ୍ର ମୂଲ୍ୟ ନାହିଁ। ତେଣୁ ଏ ମନ୍ଦିର ପ୍ରତି କାହାର ଦୃଷ୍ଟି ପଡ଼ି ନଥାଏ ବା ପଣ୍ଡାମାନେ ଯାତ୍ରୀମାନଙ୍କୁ ଏ ମନ୍ଦିର ଆଡ଼େ ସାଧାରଣତଃ ନିଅନ୍ତି ନାହିଁ। ଏହି ମନ୍ଦିରର ବିମାନ ମଧ୍ୟରେ ସୂର୍ଯ୍ୟ ଓ ଚନ୍ଦ୍ରଙ୍କର ଧାତୁନିର୍ମିତ ଦୁଇଗୋଟି ମୂର୍ତ୍ତି ରହିଅଛି। ଏ ଦୁଇ ମୂର୍ତ୍ତି ମଧ୍ୟରେ ଧର୍ମ ବା ସୂର୍ଯ୍ୟନାରାୟଣଙ୍କର ଏକ ପ୍ରକାଣ୍ଡ ବିଗ୍ରହ, ସପ୍ତାଶ୍ୱ-ଲାଂଛିତ ଗୋଟିଏ ପ୍ରସ୍ତର ବେଦୀ ଉପରେ ପ୍ରତିଷ୍ଠିତ। ଏ ପ୍ରସ୍ତର ବେଦୀ ପଛପଟେ ଧ୍ୟାନାସୀନ ବୁଦ୍ଧଙ୍କର ଗୋଟିଏ ପ୍ରକାଣ୍ଡ ମୂର୍ତ୍ତି ଖଣ୍ଡିତ ଅବସ୍ଥାରେ ରହିଅଛି। ଏ ମୂର୍ତ୍ତିମାନ ୧୭ଶ ଶତାବ୍ଦୀରେ କୋଣାର୍କରୁ ଅଣାଯାଇ, ପୁରୁଷୋତ୍ତମଦେବଙ୍କ ରାଜତ୍ୱକାଳରେ ଏଠାରେ ପ୍ରତିଷ୍ଠିତ ହୋଇ-ଥିଲା ବୋଲି ଶ୍ରୀ ମନମୋହନ ଚକ୍ରବର୍ତ୍ତୀଙ୍କ ପରି ପ୍ରାତ୍ନିକମାନେ ଅନୁମାନ କରନ୍ତି। କିନ୍ତୁ ଏ ବୁଦ୍ଧମୂର୍ତ୍ତିଟି ସ୍ମରଣାତୀତ କାଳରୁ ମନ୍ଦିରରେ ରହିଥିବା, ପଣ୍ଡା ଓ ପୂଜକମାନଙ୍କ ମଧ୍ୟରେ କିମ୍ବଦନ୍ତୀ ଓ ପରମ୍ପରାରେ ପ୍ରଚଳିତ।

ପ୍ରଚ ମାନ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ମଧ୍ୟକୁ ବୁଦ୍ଧମୂର୍ତ୍ତି ଆସିଲା କପରି ? ଶ୍ରୀ ଜଗନ୍ନାଥ "ବୌଦ୍ଧ" ହୁଅନ୍ତୁ ବା ନହୁଅନ୍ତୁ, ଜଗନ୍ନାଥଙ୍କୁ କେନ୍ଦ୍ର କରି ଉତ୍କଳରେ, ଭାରତର ଏକ ପ୍ରଧାନ ବୌଦ୍ଧ-କେନ୍ଦ୍ର ପ୍ରତିଷ୍ଠିତ ହୋଇଥିଲା—ଏଥିରେ ସନ୍ଦେହ ନାହିଁ । ପ୍ରତାପରୁଦ୍ରଙ୍କକାଳ ପର୍ଯ୍ୟନ୍ତ ପୁରୀ ସମଗ୍ର ଭାରତ ଓ ଭାରତ ବାହାରେ ଏକ ପ୍ରସିଦ୍ଧ ବୌଦ୍ଧପୀଠ ଥିଲା । ସେଥିପାଇଁ ଶଙ୍କରାଚାର୍ଯ୍ୟଙ୍କଠାରୁ ରାମାନୁଜ ପୁଣି ଚୈତନ୍ୟଙ୍କ ପର୍ଯ୍ୟନ୍ତ ବହୁ ତାନ୍ତ୍ରିକ ଓ ସାଧକ ପୁରୀ ଆସି ଉତ୍କଳରୁ ବୌଦ୍ଧ-ପ୍ରଭାବ ଲୋପ କରିବାପାଇଁ ନିଜନିଜର ମତବାଦ ପ୍ରଚାର କରିଅଛନ୍ତି ।

ତାନ୍ତ୍ରିକମାନେ ପୁଣି ଜଗନ୍ନାଥଙ୍କୁ ତନ୍ତ୍ରଧର୍ମର ପରମଆରାଧ୍ୟ ଇଷ୍ଟଦେବରୂପେ ଗ୍ରହଣ କରି ନେଇଛନ୍ତି । ତାନ୍ତ୍ରିକମାନଙ୍କ କଳ୍ପନାରେ ପୁରୀର ଅନ୍ୟ ନାମ ଭୈରବୀ-ଚକ୍ର; ଏହାର ଅଧିଷ୍ଠାତ୍ରୀ ଦେବୀ ବିମଳା ପରମ ଭୈରବୀ ଓ ଜଗନ୍ନାଥ ଭୈରବ । ତାନ୍ତ୍ରିକ ଇନ୍ଦ୍ରଭୂତି, ଶ୍ରୀ ଜଗନ୍ନାଥଙ୍କୁ "ସର୍ବଜ୍ଞ ବରାର୍ଚ୍ଚିତ"ରୂପେ କଳନା କରିଅଛନ୍ତି । ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ଏକପାତ୍ରରୁ ଏକତ୍ର ବସି ମହାପ୍ରସାଦ ସେବନ କରିବା ଏକ ସ୍ପଷ୍ଟ ତାନ୍ତ୍ରିକ ଆଚାର ବୋଲି ଅନେକେ ଅନୁମାନ କରିଥାନ୍ତି । ତାନ୍ତ୍ରିକ ଭୈରବୀ-ଚକ୍ର ପଦ୍ଧତିରେ ଆଚଣ୍ଡାଳବ୍ରାହ୍ମଣ ସମସ୍ତେ ଏକାଠି ବସି ପ୍ରସାଦ ସେବା କରିଥାନ୍ତି । ଏଥିରେ ଜାତିଭେଦର ବିଚାର ନାହିଁ । ମହାପ୍ରସାଦ ପୁଣି ତାନ୍ତ୍ରିକ ମହାପ୍ରସାଦ । କାରଣ ଜଗନ୍ନାଥଙ୍କ ପୂଜାବିଧି ଅନୁ-ସାରେ ଜଗନ୍ନାଥଙ୍କଠାରେ ନିବେଦିତ ପ୍ରସାଦ ବିମଳାଙ୍କଠାରେ ଅର୍ପିତ ନହେବା ପର୍ଯ୍ୟନ୍ତ, ତାହା ମହାପ୍ରସାଦରୂପେ ଗଣ୍ୟ ହୁଏ ନାହିଁ । ତାନ୍ତ୍ରିକମାନେ ଜଗନ୍ନାଥଙ୍କୁ ସାକ୍ଷାତ ଦକ୍ଷିଣ-କାଳିକାରୂପେ ପୁଣି କଳ୍ପନା କରିଥାନ୍ତି । ସେଥିପାଇଁ ତନ୍ତ୍ରୋକ୍ତ **"ପଞ୍ଚମକାର"**

**ରୀତିରେ** ପୂଜା ମଧ୍ଯ ଜଗନ୍ନାଥ ପୂଜାର ଅନ୍ତର୍ଗତ । ମନ୍ଦିର ବେଢ଼ା ମଧ୍ଯରେ ନ ହେଲେହେଁ, ବେଢ଼ା ବାହାରେ ଛାଗ ବଳି ଦେଇ, ବଳି ରକ୍ତରେ ତଣ୍ଡୁଳ ଗୋଳାଇ, ଆଶ୍ୱିନ ଶୁକ୍ଳାଷ୍ଟମୀ ଦିନ ତାହା ବିମଳାଙ୍କଠାରେ ନିବେଦିତ ହୋଇଥାଏ ।

ପଞ୍ଚସଖା ଯୁଗରେ ଜଗନ୍ନାଥ ଶୂନ୍ୟପୁରୁଷ ରୂପେ ମଧ୍ଯ ପରି-କଳ୍ପିତ ହୋଇ ଅଛନ୍ତି । ଜଗନ୍ନାଥ ପୁଣି ପଞ୍ଚସଖାଙ୍କ ଅଲେଖ । ଜଗନ୍ନାଥହିଁ ବିଷ୍ଣୁଙ୍କ ନିରାକାର-ରୂପ । ପଞ୍ଚସଖାଙ୍କପରେ ଚୈତନ୍ୟ, ଜଗନ୍ନାଥଙ୍କୁ ସାକ୍ଷାତ ବିଷ୍ଣୁ ଓ ପୁରୀକୁ ଏକ ପ୍ରଧାନ ବୈଷ୍ଣବ ପୀଠରେ ପରିଣତ କରିଦେଇଛନ୍ତି । ଏହିପରି ଭାବରେ ଶବର ବିଶ୍ୱାବସୁଠାରୁ ଚୈତନ୍ୟଙ୍କ ପର୍ଯ୍ୟନ୍ତ, ଉତ୍କଳରେ ତଥା ଭାରତରେ ଯେତେ ଧର୍ମଧାରା ପ୍ରବାହିତ ହୋଇଅଛି, ସେସମସ୍ତ ଜଗନ୍ନାଥଙ୍କ-ଠାରେ ଯେପରି କି ସମନ୍ୱିତ ହୋଇଅଛି । ଯଥାର୍ଥରେ ଜଗନ୍ନାଥ କୌଣସି ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ବା ମତବାଦର ଦେବତା ନୁହନ୍ତି । ମୈତ୍ରୀ ଓ ସମନ୍ୱୟ ସାଧନାର ବିଶ୍ୱରୂପ-ଜଗନ୍ନାଥ —!

ଉତ୍କଳ ତଥା ଭାରତକୁ ଏହି ମୈତ୍ରୀଦେବ ଜଗନ୍ନାଥହିଁ, ଗଙ୍ଗମାନଙ୍କର ସର୍ବଶ୍ରେଷ୍ଠ ଦାନ । ଗଙ୍ଗମାନଙ୍କ ପୂର୍ବରୁ ଜଗନ୍ନାଥ ବିଦିତ ଥିଲେ, ଜଗନ୍ନାଥଙ୍କ ପୂଜାବିଧି ବିଦିତ ପ୍ରଚଳିତ ଥିଲି । ମାତ୍ର ତାହା ଏତେ ପ୍ରଖ୍ୟାତ, ପ୍ରତିଷ୍ଠିତ ଓ ପରିବ୍ୟାପ୍ତ ନ ଥିଲା । ବୈଷ୍ଣବ-ଧର୍ମୀ ଗଙ୍ଗମାନଙ୍କ ରାଜତ୍ୱରେହିଁ ଜଗନ୍ନାଥ-ପୂଜା ଓ ଧର୍ମ ଏକ ନୂତନ ମହିମା ଓ ମର୍ଯ୍ୟାଦାରେ ପ୍ରତିଷ୍ଠିତ ହୋଇଥିଲା । ଗଙ୍ଗେଶ୍ୱର ଦେବ ବା ଚୋଡ଼ଗଙ୍ଗଦେବଙ୍କ ରାଜତ୍ୱ କାଳରେ, ଜଗନ୍ନାଥ ମନ୍ଦିର ନିର୍ମିତ ହୋଇଥିବା ଐତିହାସିକମାନେ ଅନୁମାନ କରନ୍ତି । ମାଦଳା-ପାଞ୍ଜିର ବିବରଣୀ ଅନୁସାରେ ଏହି ମନ୍ଦିର ନିର୍ମାଣରେ ଦଶଲକ୍ଷ ମାଢ଼ ସୁବର୍ଣ୍ଣ ଏକମାଢ଼ = ଅଧତୋଳା

ବ୍ୟୟିତ ହୋଇଥିଲା । ଦେବମୂର୍ତ୍ତିମାନଙ୍କୁ ଯେଉଁ ଅଳଙ୍କାର ଦିଆଯାଇଥିଲା, ତାହାର ମୂଲ୍ୟ ପୁଣି ଅଢ଼େଇ ଲକ୍ଷ ମାତ୍ର ସୁବର୍ଣ୍ଣ ।

ମାତ୍ର କେଉଁ ଐତିହାସିକ ପୃଷ୍ଠଭୂମି ଓ ସାଂସ୍କୃତିକ ପରିବେଶରେ, ଉତ୍କଳରେ ସର୍ବଧର୍ମ ସମନ୍ୱୟର ପରମ ସଂକେତ ମୈତ୍ରୀଦେବ ଜଗନ୍ନାଥ ପ୍ରତିଷ୍ଠିତ ହୋଇ ପାରିଲେ, ତାହା ଆଲୋଚନା କରିବାର ଅଛି । ସେଥିପାଇଁ ଦ୍ୱାଦଶ ଶତାବ୍ଦୀରୁ ପଞ୍ଚଦଶ ଶତାବ୍ଦୀ ପର୍ଯ୍ୟନ୍ତ, ତିନି ଶତାବ୍ଦୀ ବ୍ୟାପି ଭାରତର ଇତିହାସ ପ୍ରତି ଦୃଷ୍ଟିପାତ କରିବାପାଇଁ ପଡ଼ିବ ।

ଦ୍ୱାଦଶ ଶତାବ୍ଦୀର ଶେଷପାଦ ବେଳକୁ, ଭାରତ-ଇତିହାସରେ ଘୋର ଦୁର୍ଯୋଗର ସୂତ୍ରପାତ ହୋଇ ସାରିଥିଲା । ଉତ୍ତର ଭାରତରେ ହିନ୍ଦୁରାଜଶକ୍ତିମାନଙ୍କ ମଧ୍ୟରେ ଅନୈକ୍ୟ, ବିଭେଦ ଓ ଶତ୍ରୁତାର ସୁଯୋଗ ନେଇ, ଭାରତର ପଶ୍ଚିମ-ଦିଗ୍‌ବଳୟରେ ମହମ୍ମଦ ଘୋରୀ ଦୁର୍ଦ୍ଦିନର ଘନଘଟା ପରି ପ୍ରକାଶିତ ହୋଇଥିଲେ । କ୍ରମେ ସେ ଘନଘଟାରେ ସମଗ୍ର ଭାରତର ଆକାଶ ଆଚ୍ଛାଦିତ ହୋଇଗଲା । ଖ୍ରୀ. ଅ. ୧୧୯୨ ସାଲରେ, ଦ୍ୱିତୀୟ ତରାଇନ ଯୁଦ୍ଧରେ ପୃଥ୍ୱୀରାଜ ପରାସ୍ତ ଓ ନିହତ ହେଲେ । ପୃଥ୍ୱୀରାଜଙ୍କ ପରାଜୟ ପରେ, ଜୟଚନ୍ଦ୍ରଙ୍କ ପାଳି ପଡ଼ିଲା । ମହମ୍ମଦ ଘୋରୀଙ୍କ ସେନାପତି କୁତବୁଦ୍ଦୀନଙ୍କ ଦ୍ୱାରା ଜୟଚନ୍ଦ୍ର ନିହତ ଓ ପରାଜିତ ହେଲେ । ମହମ୍ମଦ ଘୋରୀଙ୍କ ଅନ୍ୟତମ ସେନାପତି ବଖ୍‌ତିୟାରୁଦ୍ଦୀନ୍ ମହମ୍ମଦ ବିନ୍ ଖିଲ୍‌ଜୀ, ବିହାର ଆକ୍ରମଣ କରି ଅଧିକାର କରିଗଲେ । ସମଗ୍ର ଉତ୍ତର ଭାରତରେ, ହିନ୍ଦୁ ମନ୍ଦିର ଓ ସ୍ତୂପମାନ, ବିଜୟୀ ମୁସଲମାନ ରାଜଶକ୍ତିର ଧର୍ମାନ୍ଧତାରେ ଧୂଳିସାତ ହୋଇଗଲା । ମନ୍ଦିର ଓ ସ୍ତୂପମାନଙ୍କ ଭଗ୍ନ ଭିତ୍ତି ଉପରେ ନିର୍ମିତହେଲା ମସଜିଦ୍ ଓ ମକ୍‌ବରା । ବିହାରରେ ପ୍ରସିଦ୍ଧ ନାଲନ୍ଦା ବିଶ୍ୱବିଦ୍ୟାଳୟ ଧ୍ୱଂସ ହୋଇଗଲା ।

ଏହାପରେ ବଖ୍ତିୟାର ଖିଲ୍ଜୀଙ୍କ ଗୃଧ୍ର-ଦୃଷ୍ଟି ପଡ଼ିଲା ବଙ୍ଗ ଉପରେ । ବଖ୍ତିୟାର ଖିଲ୍ଜୀ ବଙ୍ଗ ଅଧିକାର କରି ଲକ୍ଷ୍ମୌତିରେ ରାଜଧାନୀ ସ୍ଥାପନ କଲେ । ସମଗ୍ର ଉତ୍ତର ଭାରତ ସାଙ୍ଗକୁ ବଙ୍ଗ ମୁସଲମାନ ରାଜଶକ୍ତି ଦ୍ୱାରା କବଳିତ ହୋଇଗଲା । ମୁସଲମାନ ଆକ୍ରମଣରୁ ଦାକ୍ଷିଣାତ୍ୟ ମଧ୍ୟ ବାଦ୍ ଗଲା ନାହିଁ । ଖ୍ରୀ. ଅ. ୧୩୨୦ରେ ଗିୟାସୁଦ୍ଦୀନ୍‌ଙ୍କ ଦାକ୍ଷିଣାତ୍ୟ ଅଭିଯାନ ଆରମ୍ଭ ହେଲା । ଗିୟାସୁଦ୍ଦୀନ୍ ସେନାପତି ଜୁନା ଖାଁ, କାକତୀୟ ରାଜଧାନୀ ବାରାଙ୍ଗଲ ଅଧିକାର କରି ରାଜା ପ୍ରତାପରୁଦ୍ରଙ୍କୁ ବନ୍ଦୀ କଲେ ।

ହିନ୍ଦୁ ଭାରତର ଏ ଘୋର ବିପର୍ଯ୍ୟୟ ମଧ୍ୟରେ, ଏକା ଉତ୍କଳହିଁ, ହିନ୍ଦୁ ସଂସ୍କୃତି ଓ ସଭ୍ୟତାର ପ୍ରାଣକେନ୍ଦ୍ରରୂପେ ଅକ୍ଷତ ହୋଇ ତିଷ୍ଠି ରହି ପାରିଥିଲା । ମୁସଲମାନମାନଙ୍କର ବାରମ୍ବାର ପ୍ରଚଣ୍ଡ ଆକ୍ରମଣ ସତ୍ତ୍ୱେ ଉତ୍କଳ ସ୍ୱାଧୀନ ରହିଥିଲା । ଅନଙ୍ଗଭୀମଦେବ ଥରେ ଗିୟାସୁଦ୍ଦୀନ୍‌ଙ୍କୁ ସମ୍ଭବତଃ ଖ୍ରୀ. ଅ. ୧୨୯୦ ରେ ପରାସ୍ତ କରିଥିଲେ । ଏହାପରେ ଦ୍ୱିତୀୟ ନରସିଂହଦେବଙ୍କ ରାଜତ୍ୱ କାଳରେ ଉତ୍କଳ ପୁଣି ଆକ୍ରାନ୍ତ ହୋଇଥିଲା । ମାତ୍ର ମୁସଲମାନମାନେ, ଉତ୍କଳ ଅଧିକାର କରି ପାରିନଥିଲେ । ସମଗ୍ର ଭାରତବ୍ୟାପୀ ବୈଦେଶିକ ଆକ୍ରମଣ, ନିର୍ଯ୍ୟାତନା, ପୀଡ଼ନ ଓ ଆତ୍ମରକ୍ଷାର ଆର୍ତ୍ତନାଦ ଭିତରେ ଏକା ଉତ୍କଳହିଁ ହିନ୍ଦୁ ସ୍ୱାଧୀନତାର ଶେଷାସୂର୍ଯ୍ୟ । ରୂପେ ଭାରତର ତମସାକ୍ରାନ୍ତ ଆକାଶରେ ଉଦ୍ଦୀପ୍ତ ହୋଇ ରହିଥିଲା । ମୁସଲମାନ-ମାନଙ୍କର ଧର୍ମାନ୍ଧତା ଓ ଆକ୍ରମଣ, ଉତ୍କଳର ଦେବାଳୟ ମାନଙ୍କୁ ଧ୍ୱଂସ କରିବା କରିବା ଦୂରର କଥା, ସ୍ପର୍ଶ ସୁଦ୍ଧା କରିପାରିନଥିଲା । ଏହି ପରିସ୍ଥିତିରେ, ସମଗ୍ର ହିନ୍ଦୁ ଭାରତରେ ଏପରି ଏକ ଅନୁଷ୍ଠାନର ଆବଶ୍ୟକତା ପଡ଼ିଥିଲା—ଯାହା କୌଣସି ଗୋଷ୍ଠୀ ବା ସମ୍ପ୍ରଦାୟର ଏକାନ୍ତ ନିଜସ୍ୱ ନୁହେଁ; ଜୈନ, ବୌଦ୍ଧ ଶୈବ, ତାନ୍ତ୍ରିକ ପୁଣି ଶବର-

ମାନଙ୍କ ଠାରୁ ଆରମ୍ଭ କରି ବ୍ରାହ୍ମଣ୍ୟଧର୍ମାବଲମ୍ବୀମାନଙ୍କ ପର୍ଯ୍ୟନ୍ତ ସବୁ ଧର୍ମ ଓ ମତବାଦ ଯେଉଁ ଅନୁଷ୍ଠାନକୁ ନିଜର ବୋଲି ଗ୍ରହଣ କରି ପାରିବ "ଏହି ଐତିହାସିକ ପରିସ୍ଥିତିରେ ଉତ୍କଳ ସେହି ସମନ୍ୱୟ ସାଧନାର ଚରମ ପୀଠରେ ପରିଣତ ହୋଇଥିଲା । ମୈତ୍ରୀଦେବ ଜଗନ୍ନାଥ ଥିଲେ ସେ ସମନ୍ୱୟର ସଙ୍କେତ ।

ମନୁଷ୍ୟର ଆଧ୍ୟାତ୍ମିକ ସାଧନାରେ, ଶ୍ରୀ ଜଗନ୍ନାଥଙ୍କ ପରି ଏକ ପରିକଳ୍ପନା ଓ ଅନୁଷ୍ଠାନ, ବିଶ୍ୱରେ ଏକ ଓ ଅଦ୍ୱିତୀୟ" ପାଶ୍ଚାତ୍ୟ ଦାର୍ଶନିକ ମାନଙ୍କ କଳନାରେ ବିଧାତା ମନୁଷ୍ୟକୁ ନିଜ ରୂପରେ ଗଢ଼ିଥିବା ଧାରଣାଟି ପ୍ରତିଷ୍ଠିତ । ମାତ୍ର ମନୁଷ୍ୟ ନିଜ ରୂପରେ ବିଧାତାଙ୍କୁ ଯେପରି ପରିକଳ୍ପନା କରିଅଛି, ତାହାର ସଙ୍କେତ—ଶ୍ରୀ ଜଗନ୍ନାଥ । ଶ୍ରୀ ଜଗନ୍ନାଥ, ଜଣେ ରକ୍ତମାଂସଦେହୀ ମଣିଷ । ସମୁଦ୍ର ଉପକୂଳବର୍ତ୍ତୀ ଉତ୍କଳର ଆର୍ଦ୍ରତାପୀଡ଼ିତ ଗ୍ରୀଷ୍ମୋତ୍ତାପରେ ଜଗନ୍ନାଥ ସାଧାରଣ ଓଡ଼ିଆଙ୍କ ପରି ସ୍ୱେଦସିକ୍ତ ହୁଅନ୍ତି । "ଅଣସର ଗୁଳୁଗୁଳ"ରେ ଅନ୍ୟମାନଙ୍କ ପରି ଜଗନ୍ନାଥ ମଧ୍ୟ ପୀଡ଼ିତ ହୁଅନ୍ତି । ସେଥିପାଇଁ ତାଙ୍କ ଦେହରେ ଚନ୍ଦନ ପ୍ରଲେପର ବ୍ୟବସ୍ଥା ହୁଏ । ଅତିରିକ୍ତ ସ୍ନାନ ଫଳରେ ସାଧାରଣ ମଣିଷଙ୍କ ପରି ଜଗନ୍ନାଥ ମଧ୍ୟ ଜ୍ୱରାକ୍ରାନ୍ତ ହୋଇପଡ଼ନ୍ତି । ସେଥିପାଇଁ ତାଙ୍କୁ ବୈଦ୍ୟଙ୍କ ଠାରୁ ଚେର ମୂଳ ଓ ପାଚନ ପ୍ରଭୃତି ସେବନ କରିବା ପାଇଁ ପଡ଼େ । ଜଗନ୍ନାଥ—ହୁଅନ୍ତୁ ପଛେ, ବିଶ୍ୱପତି ପୁରୁଷୋତ୍ତମ, ମାତ୍ର ଶ୍ୱଶୁରାଳୟ ମହୋଦଧିରେ ଶ୍ୱଶୁର ଅନ୍ନରେ ପ୍ରତିପାଳିତ ହେବାରୁ ତାଙ୍କୁ କମ୍ ଗଞ୍ଜଣା ଭୋଗିବାକୁ ପଡୁନଥିଲା । ସେଥିପାଇଁ ନିଜ ମର୍ଯ୍ୟାଦା ଜଗି ସେ ମହୋଦଧି ଛାଡ଼ି, ନୀଳାଚଳରେ ଆସି ରହିଲେ । ଜଗନ୍ନାଥ—ପୁରୁଷୋତ୍ତମ, ତଥାପି ଈର୍ଷାନ୍ୱିତା ଲକ୍ଷ୍ମୀଙ୍କ ଠାରୁ ତାଙ୍କୁ କମ୍ ଗଞ୍ଜଣା ସହିବାକୁ ପଡ଼େନାହିଁ । ଯେ କୌଣସି

ସାଧାରଣ ସ୍ୱାମୀ ସ୍ତ୍ରୀଙ୍କ ପରି, ପୁରୁଷୋତ୍ତମ-ପରିବାରରେ କମ୍ ଝଗଡ଼ା ଲାଗେ ନାହିଁ । ଶ୍ରୀ ଜଗନ୍ନାଥଙ୍କ ଠାରେ ମନୁଷ୍ୟ ଦେବତା ହୋଇଛି; ପୁଣି ଦେବତା ମନୁଷ୍ୟ ହୋଇଛି ।

ଜଗନ୍ନାଥଙ୍କୁ କେନ୍ଦ୍ର କରି ଉତ୍କଳର ଯେଉଁ ସମାଜ ଓ ଶାସନାଦର୍ଶର ବିକାଶ ହୋଇଛି, ବିଶ୍ୱସଭ୍ୟତାରେ ତାହା ଅଦ୍ୱିତୀୟ । ଜଗନ୍ନାଥ, ପତିତପାବନ । ସେ ପତିତରହିଁ ଦେବତା । ତାଙ୍କ ଦୃଷ୍ଟିରେ ଆଚଣ୍ଡାଳ ବ୍ରାହ୍ମଣ ସମସ୍ତେ ସମାନ । ଉତ୍କଳର ଗଜପତି, ଇଜିପ୍ଟ, ଆସିରିଆ ବା ସୁମେରର ସମ୍ରାଟମାନଙ୍କ ପରି "ମହସ୍ତ ଦେବତା" ନୁହନ୍ତି—ଜଣେ ସମାନ୍ୟ ସେବକ ମାତ୍ର । ଅନ୍ୟମାନେ ପଥର ଧୂଳି ହୋଇ ଗଜପତିଙ୍କ ଦେବଦର୍ଶନର ପଥ ରଚନା କରନ୍ତିନାହିଁ । ଗଜପତି ଜଣେ ସାମାନ୍ୟ ସେବକ ରୂପେ ଲକ୍ଷ ଲକ୍ଷ ପତିତଙ୍କ ପାଇଁ ଦେବଦର୍ଶନର ପଥ ପରିଷ୍କାର କରନ୍ତି । ମୈତ୍ରୀଦେବ ଜଗନ୍ନାଥଙ୍କ ଦୃଷ୍ଟିରେ ବ୍ରାହ୍ମଣ ଓ ଚଣ୍ଡାଳ ଶାସକ ଓ ଶାସିତ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ତାଙ୍କ ସିଂହଦ୍ୱାରରେ ଦେବତା ମଣିଷ ହୋଇଛି; ପୁଣି ମଣିଷ ଦେବତା ହୋଇଛି । ଶ୍ରୀ ଜଗନ୍ନାଥ କେବଳ ଉତ୍କଳର ନୁହନ୍ତି—ସମଗ୍ର ମାନବ ସଭ୍ୟତା ଓ ସମାଜର ଏକ ପରମସମ୍ପଦ ।

# କାବେରୀରୁ ଗଙ୍ଗା

କୃଷ୍ଣା କୂଳରେ ବାହାମନି-ରାଜଧାନୀ କଲବର୍ଗର ଉପକଣ୍ଠରେ, ବୀର ଶ୍ରୀ ଗଜପତି ଗୌଡ଼େଶ୍ୱର-କର୍ଣ୍ଣାଟ-କଲ-ବର୍ଗେଶ୍ୱର ଶ୍ରୀ ଶ୍ରୀ ଶ୍ରୀ କପିଳେନ୍ଦ୍ରଙ୍କ ଶିବିର । ମାତ୍ର,ମନ୍ତ୍ରୀ, ପୁରୋହିତ, ସେନାପତି ଓ ସୈନ୍ୟମାନଙ୍କ ଗହଣରେ କାଞ୍ଚନ ହେଲ ଏଠାରେ ଛାଉଣି ପକାଇ କପିଳେନ୍ଦ୍ର ଦେବ ଅବସ୍ଥାନ କରୁଅଛନ୍ତି । ଦିନେ ଏହି ନିର୍ଜନ କୃଷ୍ଣବେଣୀ କୂଳ, କପିଳେନ୍ଦ୍ରଙ୍କ ସୈନ୍ୟବାହିନୀର ସମର ହୁଙ୍କାରରେ ପ୍ରକମ୍ପିତ ହୋଇ ଉଠିଥିଲା । ଦାକ୍ଷିଣାତ୍ୟରେ ଦୁର୍ଦ୍ଧର୍ଷ ମୁସଲମାନ ଶକ୍ତି, ବାହାମନି ସୁଲତାନ୍ ନିଜାମ୍ ଶାହା, ଉତ୍କଳର ସୈନ୍ୟବାହିନୀଙ୍କ ଦ୍ୱାରା ପରାସ୍ତ ଓ ନିହତ ହୋଇଥିଲେ । ବାହାମନି ସୁଲତାନ-ଅନ୍ତଃପୁରର ବେଗମ୍‌ମାନଙ୍କର ସୁର୍ମାଙ୍କିତ ଆଖିର ଉଷ୍ଣ ଲୋତକଧାର,କୃଷ୍ଣବେଣୀର ଜଳଧାରକୁ କୃଷ୍ଣ କରି ଦେଇଥିଲା । ଆଜି କଲବର୍ଗ ଉତ୍କଳ-ସାମ୍ରାଜ୍ୟର ଅନ୍ତର୍ଭୁକ୍ତ । କୌଣସି ସାମରିକ ଉଦ୍ଦେଶ୍ୟ ଧରି କପିଳେନ୍ଦ୍ର ଏଠାରେ ତେଣୁ ଶିବିର-ସ୍ଥାପନ କରି-ନାହାନ୍ତି । ଆଜି ଉତ୍କଳ-ସାମ୍ରାଜ୍ୟ ନିଷ୍କଣ୍ଟକ । ଗୌଡ଼ ଓ ମାଳବ ଆଜି କପିଳେନ୍ଦ୍ରଙ୍କ ପଦାନତ । 'ନବକୋଟି'ର ବଲ୍ଲମକୋଣ୍ଡ, ବିନୁକୋଣ୍ଡ, କୋଣ୍ଡବିଡ଼ୁ, ନାଗାର୍ଜୁନ କୋଣ୍ଡ, ରାଜମହେନ୍ଦ୍ର, ପେଡ଼ପୁରମ୍, କଲୁ ଉଲପଲ୍ଲୀ, ଉଡ଼ାଡ଼ି ଓ ପତନୁରୁର ଦୁର୍ଗମାନଙ୍କ ଉପରେ ଆଜି ସୁଦର୍ଶନ-ଚକ୍ର ଲାଞ୍ଛିତ ଉତ୍କଳର ବିଜୟକେତନ,

ଗୋଦାବରୀର ଜଳକଣାସିକ୍ତ ସମୀରଣରେ ଉଡ୍‌ଡୀନ ହେଉଅଛି । ଦକ୍ଷିଣରେ ରେଡ୍‌ଡି-ରାଜାମାନଙ୍କର ଦର୍ପ ଉତ୍କଳୀୟ ପାଇକମାନେ କେବେଠୁ ଚୂର୍ଣ୍ଣ କରି ସାରିଛନ୍ତି । କର୍ଣ୍ଣାଟର ମଲ୍ଲିକାର୍ଜୁନ ମଧ୍ୟ କପିଳେନ୍ଦ୍ରଙ୍କ ବଶ୍ୟତା ସ୍ୱୀକାର କରିଛନ୍ତି । ଉତ୍ତରରେ ଗଙ୍ଗାଠାରୁ ଦକ୍ଷିଣରେ କାବେରୀ ପର୍ଯ୍ୟନ୍ତ ଆଜି କପିଳେନ୍ଦ୍ରଙ୍କ ସାମ୍ରାଜ୍ୟ ବିସ୍ତୃତ ହୋଇଅଛି ।

ତେଣୁ ଆଜି କୌଣସି ନୂତନ ଅଭିଯାନରେ ବାହାରି କପିଳେନ୍ଦ୍ର କୃଷ୍ଣବେଣୀକୂଳରେ ଶିବିର ସ୍ଥାପନ କରିନାହାନ୍ତି । କପିଳେନ୍ଦ୍ର ନିଜେ ଏହି ସୁବିପୁଳ ସାମ୍ରାଜ୍ୟର ସ୍ରଷ୍ଟା । ସମଗ୍ର ପୂର୍ବୋପକୂଳବର୍ତ୍ତୀ ଭାରତଖଣ୍ଡ ଏବେ ଗଜପତି-ସାମ୍ରାଜ୍ୟର ଅନ୍ତର୍ଭୁକ୍ତ । କପିଳେନ୍ଦ୍ର ଆଜି କିନ୍ତୁ ଜରାଗ୍ରସ୍ତ । ସୁଦୂର ଦକ୍ଷିଣରେ କାବେରୀକୂଳ ପର୍ଯ୍ୟନ୍ତ ବିସ୍ତୃତ ସାମ୍ରାଜ୍ୟ ଥରେ ପରିଭ୍ରମଣ କରି ଆସିବା ପାଇଁ, ସେ କେତେମାସ ପୂର୍ବରୁ ବାହାରିଥିଲେ । ଏବେ ସେହି ଯାତ୍ରା ପଥରେ, ସେ କୃଷ୍ଣାକୂଳରେ ଶିବିର-ସ୍ଥାପନ କରି ବିଶ୍ରାମ କରୁଅଛନ୍ତି ।

କୃଷ୍ଣାକୂଳରେ କପିଳେନ୍ଦ୍ରଙ୍କ ଶିବିର ଉପରେ, ସମଗ୍ର ଭାରତର ଦୃଷ୍ଟି ନିବଦ୍ଧ । କପିଳେନ୍ଦ୍ର ସାମାନ୍ୟ ଅସୁସ୍ଥ ଥିବାର ବାର୍ତ୍ତା ଗୁପ୍ତଚରମାନଙ୍କ ମୁଖରୁ ଶୁଣି, କର୍ଣ୍ଣାଟ, କଲବର୍ଗ, ଗୌଡ଼ ଓ ଦିଲ୍ଲୀର ରାଜଧାନୀମାନଙ୍କରେ ସାମାନ୍ୟ ଆଶା ଓ ଆନନ୍ଦ ସଞ୍ଚାରିତ ହୋଇଅଛି । ମାତ୍ର ଏ ସମ୍ବାଦକୁ କପିଳେନ୍ଦ୍ରଙ୍କ ଶିବିରରେ ଅତି ଗୁପ୍ତ ରଖା ଯାଇଅଛି । କପିଳେନ୍ଦ୍ରଙ୍କ ବୃଦ୍ଧ ଅମାତ୍ୟ ଗୋପିନାଥ, କପିଳେନ୍ଦ୍ରଙ୍କ ଅବସ୍ଥା ଆଶଙ୍କାପ୍ରଦ ଭାବି, କୁମାର ହମ୍ବିରଦେବ ମହାପାତ୍ର ଓ ପୁରୁଷୋତ୍ତମ ପ୍ରମୁଖ ରାଜକୁମାରମାନଙ୍କ ନିକଟକୁ ବାର୍ତ୍ତା

ପଠାଇଥିଲେ । ମାତ୍ର ସେମାନେ ତଥାପି ଏପର୍ଯ୍ୟନ୍ତ କେହି ଆସି ନାହାନ୍ତି । କେବଳ ହମ୍ମିରଙ୍କ ପୁତ୍ର, ଦକ୍ଷିଣ କପିଳେଶ୍ୱର ମହାପାତ୍ର ପିତାମହଙ୍କ ଅସୁସ୍ଥତାର ସମ୍ବାଦ ପାଇ, କୃଷ୍ଣାତୀରରେ ଆସି ପହଞ୍ଚିଛନ୍ତି ।

ଶରତର ସ୍ୱର୍ଣ୍ଣାଭ ଅପରାହ୍ନ, କେତେବେଠାରୁ ଧୂସର ହୋଇ ଆସିଲାଣି । ଶିବିରମାନଙ୍କରେ ଗୋଟି ଗୋଟି ହୋଇ ଦୀପାବଳୀ, ଆକାଶରେ ନକ୍ଷତ୍ର ଫୁଟିଲାପରି ଧୀରେ ଧୀରେ ଜଳି ଉଠିଲାଣି । କୃଷ୍ଣାନଦୀ ବକ୍ଷରେ କୁଜ୍ଝଟିକାର ଗୋଟିଏ ପ୍ରଚ୍ଛଦପଟ ସମସ୍ତଙ୍କର ଅଲକ୍ଷିତରେ କେତେବେଳେ ଲମ୍ବି ଆସିଲାଣି ।

କପିଳେନ୍ଦ୍ରଙ୍କ ଶିବିର-ଅଭ୍ୟନ୍ତର ନୀରବ । ଗୋଟିଏ ପଲଙ୍କ-ଉପରେ ବୃଦ୍ଧ କପିଳେନ୍ଦ୍ର ଆଖିବୁଜି ପଡ଼ିଅଛନ୍ତି । ତାଙ୍କ ମୁଣ୍ଡ ଉପରକୁ ଖଣ୍ଡେ କାଷ୍ଠାସନ ଉପରେ ଚିନ୍ତାନ୍ୱିତଭାବରେ ବସିଛନ୍ତି ବୃଦ୍ଧ ଅମାତ୍ୟ ଗୋପିନାଥ । ତାଙ୍କ ଆଖି ଆଗରେ, ଅତୀତର ତିରିଶ ବର୍ଷର ଘଟଣାବହୁଳ ଇତିହାସର ବହୁ ସୂତ୍ର ଗୋଟିକ ପରେ ଗୋଟିଏ ହୋଇ ଭାସି ଯାଉଛି । ଖୋର୍ଦ୍ଧା ତଳି ହଳଦିଆ ଗାଁର ଅଜ୍ଞାତକୁଳଶୀଳ କପିଳ ରାଉତ, କମଳାଙ୍କ ମନ୍ଦିର ପାହାଚ ଉପରେ ବସି, ମହାପ୍ରସାଦକଣିକା ଖୁଣ୍ଟି ଖାଇବାର ଦୃଶ୍ୟ, ଆଜିସୁଦ୍ଧା ତାଙ୍କୁ ଏଇ ସେଦିନର ଘଟଣାପରି ମନେ ହେଉଛି । କପିଳେନ୍ଦ୍ରଙ୍କ ପାଦତଳେ ଦକ୍ଷିଣ କପିଳେଶ୍ୱର ପ୍ରସ୍ତରନିର୍ମିତ ଗୋଟିଏ ସ୍ଥାଣୁ ମୂର୍ତ୍ତିପରି ବସିଛନ୍ତି । ଗୋଟିଏ ରୁପା ବଇଠା ଉପରେ ପ୍ରକାଣ୍ଡ ଦୀପଟିଏ ଜଳୁଛି । କୃଷ୍ଣାର ସାନ୍ଧ୍ୟସମୀରଣରେ ବେଳେ ବେଳେ ଦୀପଶିଖା ପ୍ରକମ୍ପିତ ହୋଇଉଠୁଛି ।

କପିଳେନ୍ଦ୍ର ଥରେ ଆଖି ମେଲି ଚାରିଆଡ଼କୁ ଚାହିଁ କାହାକୁ ଯେପରି ମନେ ମନେ ଖୋଜୁଥିଲେ । କିନ୍ତୁ କାହାକୁ ପାଇଲେ ନାହିଁ ।

ପଠାଇଥିଲେ । ମାତ୍ର ସେମାନେ ତଥାପି ଏପର୍ଯ୍ୟନ୍ତ କେହି ଆସି ନାହାନ୍ତି । କେବଳ ହମ୍ବିରଙ୍କ ପୁତ୍ର, ଦକ୍ଷିଣ କପିଳେଶ୍ୱର ମହାପାତ୍ର ପିତାମହଙ୍କ ଅସୁସ୍ଥତାର ସମ୍ବାଦ ପାଇ, କୃଷ୍ଣାତୀରରେ ଆସି ପହଞ୍ଚିଛନ୍ତି ।

ଶରତର ସ୍ୱର୍ଣ୍ଣାଭ ଅପରାହ୍ନ, କେବେଠାରୁ ଧୂସର ହୋଇ ଆସିଲାଣି । ଶିବିରମାନଙ୍କରେ ଗୋଟି ଗୋଟି ହୋଇ ଦୀପାବଳୀ, ଆକାଶରେ ନକ୍ଷତ୍ର ଫୁଟିଲାପରି ଧୀରେ ଧୀରେ ଜଳି ଉଠିଲାଣି । କୃଷ୍ଣାନଦୀ ବକ୍ଷରେ କୁଜ୍‌ଝଟିକାର ଗୋଟିଏ ପ୍ରଚ୍ଛଦପଟ ସମସ୍ତଙ୍କର ଅଲକ୍ଷିତରେ କେତେବେଳେ ଲମ୍ବି ଆସିଲାଣି ।

କପିଳେନ୍ଦ୍ରଙ୍କ ଶିବିର-ଅଭ୍ୟନ୍ତର ନୀରବ । ଗୋଟିଏ ପଲଙ୍କ-ଉପରେ ବୃଦ୍ଧ କପିଳେନ୍ଦ୍ର ଆଖିବୁଜି ପଡ଼ିଅଛନ୍ତି । ତାଙ୍କ ମୁଣ୍ଡ ଉପରକୁ ଖଣ୍ଡେ କାଷ୍ଠାସନ ଉପରେ ଚନ୍ତାନ୍ୱିତଭାବରେ ବସିଛନ୍ତି ବୃଦ୍ଧ ଅମାତ୍ୟ ଗୋପିନାଥ । ତାଙ୍କ ଆଖି ଆଗରେ, ଅତୀତର ତିରଶ ବର୍ଷର ଘଟଣାବହୁଳ ଇତିହାସର ବହୁ ସ୍ମୃତି ଗୋଟିକ ପରେ ଗୋଟିଏ ହୋଇ ଭାସି ଯାଉଛି । ଖୋର୍ଦ୍ଧା ତଳି ହଳଦିଆ ଗାଁର ଅଜ୍ଞାତକୁଳଶୀଳ କପିଳ ରାଉତ, କମଳାଙ୍କ ମନ୍ଦିର ପାହାଚ ଉପରେ ବସି, ମହାପ୍ରସାଦକଣିକା ଖୁଣ୍ଟି ଖାଇବାର ଦୃଶ୍ୟ, ଆଜସୁଦ୍ଧା ତାଙ୍କୁ ଏଇ ସେଦିନର ଘଟଣାପରି ମନେ ହେଉଛି । କପିଳେନ୍ଦ୍ରଙ୍କ ପାଦତଳେ ଦକ୍ଷିଣ କପିଳେଶ୍ୱର ପ୍ରସ୍ତରନିର୍ମିତ ଗୋଟିଏ ସ୍ଥାଣୁ ମୂର୍ତ୍ତିପରି ବସିଛନ୍ତି । ଗୋଟିଏ ରୁପା ବଇଠା ଉପରେ ପ୍ରକାଣ୍ଡ ଦୀପଟିଏ ଜଳୁଛି । କୃଷ୍ଣାର ସାନ୍ଧ୍ୟସମୀରଣରେ ବେଳେ ବେଳେ ଦୀପଶିଖା ପ୍ରକମ୍ପିତ ହୋଇଉଠୁଛି ।

କପିଳେନ୍ଦ୍ର ଥରେ ଆଖି ମେଲି ଚାରିଆଡ଼କୁ ଚାହିଁ କାହାକୁ ଯେପରି ମନେ ମନେ ଖୋଜୁଥିଲେ । କିନ୍ତୁ କାହାକୁ ପାଇଲେ ନାହିଁ ।

କପିଳେନ୍ଦ୍ରଙ୍କ ଆସନ୍ନ ମୃତ୍ୟୁ ସମ୍ବାଦ ପାଇ, ହମ୍ବିର ଦେବ ଓ ପୁରୁଷୋତ୍ତମ ଦେବ ପ୍ରମୁଖ ରାଜପୁତ୍ରମାନେ ସମ୍ଭବତଃ ଗଜପତି ସିଂହାସନ ଅଧିକାର ପାଇଁ ପୁରୀ ଧାଇଁବେଣି ।

କପିଳେନ୍ଦ୍ର କ୍ଷୀଣ କଣ୍ଠରେ କହିଲେ·····"ମନେପଡ଼ୁଛି ଗୋପିନାଥ, ଏହି କୃଷ୍ଣାକୂଳରୁ ଫେରି ମୁଁ ଜଗନ୍ନାଥଙ୍କୁ 'ଖଣ୍ଡୁଆଳ ଗୋପ' ଶାଢ଼ୀ ଉପହାର ଦେଇଥିଲି !"

ଗୋପିନାଥ କହିଲେ ·····"ସେହି ଜଗନ୍ନାଥଙ୍କ କୃପାରେ ଆପଣ ଶୀଘ୍ର ଆରୋଗ୍ୟ ଲାଭ କରି ପୁଣି ଉତ୍କଳ ଫେରି ଯିବେ ।"

କପିଳେନ୍ଦ୍ରଙ୍କ ଶୁଷ୍କ, ରକ୍ତହୀନ ଦୁଇ ଓଠରେ ହସର ଗୋଟିଏ କ୍ଷୀଣ ରେଖା ଫୁଟି ଉଠିଲା । ସେ କହିଲେ···"ସେ ଆଶା ଆଉ କର ନାହିଁ ଗୋପିନାଥ । ଏହି ପୁଣ୍ୟ ତ୍ରିବେଣୀ ତଟରେ ଯଦି ମୁଁ ଦେହ ତ୍ୟାଗ କରିପାରେ, ତାହେଲେ ତାହା ମୋର ପରମ ସୌଭାଗ୍ୟ ।"

କପିଳେନ୍ଦ୍ର କ୍ଲାନ୍ତ ହୋଇ ପଡ଼ିଲେ । କିଛି ସମୟ ପୁଣି ନୀରବରେ ଆଖିବୁଜି ପଡ଼ିଲା ପରେ, କପିଳେନ୍ଦ୍ର କ୍ଷୀଣ କଣ୍ଠରେ କହିଲେ···"ଗୋପିନାଥ, ଏଥର ଦାକ୍ଷିଣାତ୍ୟରୁ ଯେତେ ମଣି ମୁକ୍ତା ଓ ସମ୍ପଦ ଧରି ଫେରିଛି ସେ ସବୁ ଉତ୍କଳର ଇଷ୍ଟଦେବ ଜଗନ୍ନାଥଙ୍କଠାରେ ନିବେଦନ କରିବାପାଇଁ ମନସ୍ଥ କରିଥିଲି । ମାତ୍ର ସେ ସୌଭାଗ୍ୟ, ବୋଧହୁଏ ସମ୍ଭବ ହେବନାହିଁ । ମୋର ମୃତ୍ୟୁ ପରେ, ତୁମେ କିନ୍ତୁ ଗୋପିନାଥ ଏ ସମସ୍ତ ଆହୃତ ସମ୍ପଦ, ଶ୍ରୀଜଗନ୍ନାଥଙ୍କଠାରେ ସମର୍ପଣ କରିଦେବ ।"

( ଏକ )

କପିଳେନ୍ଦ୍ର ଆଉ କହୁ କହି ପାରିଲେ ନାହିଁ । ତାଙ୍କ ଦୁଇ ଆଖି କ୍ଳାନ୍ତିରେ ପୁଣି ମୁଦ୍ରିତ ହୋଇଗଲା ।

ଗୋପିନାଥ ଓ ଦକ୍ଷିଣ କପିଳେଶ୍ୱର, ଗୋଟିଏ ଦୀର୍ଘଶ୍ୱାସ ପକାଇ ଶିବିର ବାହାରକୁ ଅତି ଚିନ୍ତାନ୍ୱିତ ଭାବରେ ଚାଲି ଆସିଲେ ।

( ଦୁଇ )

ଉତ୍କଳ ଗଜପତିଙ୍କ ଛାଉଣି ଅସ୍ୱାଭାବିକ ଭାବରେ ନୀରବ । ଜୀବନଯାତ୍ରାର ସବୁ କୋଳାହଳ, ଅତି ଆକସ୍ମିକ ଭାବରେ ନୀରବ ଓ ନିସ୍ପନ୍ଦ ହୋଇ ଯାଇଛି । ବୃଦ୍ଧ ଗୋପିନାଥ ଅତି ଚିନ୍ତାନ୍ୱିତ ଭାବରେ ତଳକୁ ମୁଣ୍ଡ ନୁଆଇଁ କୃଷ୍ଣାତୀରଆଡ଼େ ବୁଲି ବାହାରିଥିଲେ । ଦକ୍ଷିଣ କପିଳେଶ୍ୱର ତାଙ୍କ ପଛେ ପଛେ, ନିଜର ଚିନ୍ତାରେ ନିଜେ ଆତ୍ମବିସ୍ମୃତ ହେଲାପରି ବାଟ ଚାଲୁଥିଲେ । କେଉଁଠି ଜଣେ ଭାଟ, ଗୋଟିଏ ପ୍ରଶସ୍ତି ଅତି ସୁଲଳିତ କଣ୍ଠରେ ଗାନ କରୁଥିଲେ । ଦକ୍ଷିଣ କପିଳେଶ୍ୱର ତାହା ଉତ୍କର୍ଣ୍ଣ ହୋଇ ଶୁଣିଲେ··· ।

"କର୍ଣ୍ଣାଟୋତ୍କାସସିଂହଃ କଳବରଗଜସ୍ପୀ
ମାଳବ ଧ୍ୱଂସଶୀଳଃ
ବଂଗାଳୋ ଗୌଡ଼ମର୍ଦ୍ଦୀ ଭ୍ରମରବରନୃପୋ
ଧ୍ୱସ୍ତଡିଲ୍ଲୀନ୍ଦ୍ରଗର୍ବଃ ॥
ସଂଗ୍ରାମେ ଦୃଷ୍ଟ୍ରମେନଂ ପ୍ରତିଭଟ ସୁଭଟାଃ
କେବଳନ୍ତେ ବଳନ୍ତେ
ଯେଷାଂ ବ୍ୟାନ୍ଧାଳନାସ୍ପ କୁଟକଳିଶତଟୀ
କୁଙ୍କୁମା ସଙ୍ଗରଙ୍ଗଂ ॥"

( ୯ )

କପିଳେନ୍ଦ୍ର ଆଉ କିଛି କହି ପାରିଲେ ନାହିଁ । ତାଙ୍କ ଦୁଇ ଆଖି କ୍ଳାନ୍ତିରେ ପୁଣି ମୁଦ୍ରିତ ହୋଇଗଲା ।

ଗୋପିନାଥ ଓ ଦକ୍ଷିଣ କପିଳେଶ୍ୱର, ଗୋଟିଏ ଦୀର୍ଘଶ୍ୱାସ ପକାଇ ଶିବିର ବାହାରକୁ ଅତି ଚିନ୍ତାନ୍ୱିତ ଭାବରେ ଚାଲି ଆସିଲେ ।

( ଦୁଇ )

ଉତ୍କଳ ଗଜପତିଙ୍କ ଛାଉଣି ଅସ୍ୱାଭାବିକ ଭାବରେ ନୀରବ । ଜୀବନଯାତ୍ରାର ସବୁ କୋଳାହଳ, ଅତି ଆକସ୍ମିକଭାବରେ ନୀରବ ଓ ନିଷ୍ପନ୍ଦ ହୋଇ ଯାଇଛି । ବୃଦ୍ଧ ଗୋପିନାଥ ଅତି ଚିନ୍ତାନ୍ୱିତଭାବରେ ତଳକୁ ମୁଣ୍ଡ ନୁଆଇଁ କୃଷ୍ଣାତୀରଆଡ଼େ ବୁଲି ବାହାରିଥିଲେ । ଦକ୍ଷିଣ କପିଳେଶ୍ୱର ତାଙ୍କ ପଛେ ପଛେ, ନିଜର ଚିନ୍ତାରେ ନିଜେ ଆତ୍ମବିସ୍ମୃତ ହେଲାପରି ବାଟ ଚାଲୁଥିଲେ । କେଉଁଠି ଜଣେ ଭାଟ, ଗୋଟିଏ ପ୍ରଶସ୍ତି ଅତି ସୁଲଳିତ କଣ୍ଠରେ ଗାନ କରୁଥିଲେ । ଦକ୍ଷିଣ କପିଳେଶ୍ୱର ତାହା ଉତ୍କର୍ଣ୍ଣ ହୋଇ ଶୁଣିଲେ··· ।

"କର୍ଣ୍ଣାଟୋତ୍କାସସିଂହଃ କଲବରଗଜସ୍ମୀ
ମାଳବ ଧ୍ୱଂସଶୀଳଃ
ଜଂଘାଲୋ ଗୌଡ଼ମର୍ଦ୍ଦୀ ଭ୍ରମରବରନୃପୋ
ଧ୍ୱସ୍ତଡଲ୍ଲୀନ୍ଦ୍ରଗର୍ବଃ ॥
ସଂଗ୍ରାମେ ଦ୍ରଷ୍ଟୁମେନଂ ପ୍ରଭବତି ସୁଭଟାଃ
କେବଳନ୍ତେ ବଳନ୍ତେ
ଯେଷାଂ ସ୍ୟାନ୍ନାକନାରୀ କୁଚକଲଶତଟୀ
କୁଙ୍କୁମା ସଙ୍ଗରଙ୍ଗଂ ॥"

ଗୋପିନାଥ କହିଲେ···"କର୍ଣ୍ଣାଟଧ୍ୱଂସକ କଲବର୍ଗଜୟୀ, ମାଳବଦଧ୍ୱଂସୀ, ଦିଲ୍ଲୀଶ୍ୱର ଗର୍ବଖର୍ବକାରୀ, ଗୌଡ଼ମର୍ଦ୍ଦୀ, ଭ୍ରମରବର ନୃପ, ଗଜପତି କପିଳେନ୍ଦ୍ର ଦେବଙ୍କ ପ୍ରଶସ୍ତି କେହି ଭାଟ ଗାନ କରୁଅଛି ।"

ଭାଟର ପ୍ରଶସ୍ତିଗାନରେ ଦକ୍ଷିଣ କପିଳେଶ୍ୱର ମନ୍ତ୍ରମୁଗ୍ଧ ହେଲାପରି ହୋଇପଡ଼ିଥିଲେ ।

କେତେ ସମୟ ପରେ ଦକ୍ଷିଣ କପିଳେଶ୍ୱର ଏହି ଭାଟକୁ ଦେଖିବା ପାଇଁ ଇଚ୍ଛା ପ୍ରକାଶ କରିବାରୁ, ବୃଦ୍ଧ ଅମାତ୍ୟ ଗୋପିନାଥ ଓ କପିଳେଶ୍ୱର ଦୁହେଁ ଭାଟର କଣ୍ଠ ବାରି ଆସିଲେ । ସୈନ୍ୟମାନଙ୍କର ଛାଉଣୀଠାରୁ ଅଦୂରରେ ଜଣେ ଅନ୍ଧ ଭାଟ ବସି ଗାଉଥିଲେ··

"ଚଣ୍ଡେ କୋଦଣ୍ଡଦଣ୍ଡେ ସକୃଦପି
ସମରେ ଯସ୍ୟ ସଂସକ୍ତ କାଣ୍ଡେ,
ସବୃତ୍ତେ ସପ୍ରବୃତ୍ତେ ଗତବତି ବିଜୟଂ
ବୈରିଜାଲେ କରାଳେ ।"*

ଅନ୍ଧ ଭାଟର ସଙ୍ଗୀତରେ ବୃଦ୍ଧ ଗୋପିନାଥଙ୍କ ଶୁଷ୍କ, ଶିରାଳ ଦେହ ସୁଦ୍ଧା ରୋମାଞ୍ଚିତ ହୋଇଉଠିଲା । ଗତ ତିରିଶ ବର୍ଷର ଇତିହାସ ଯେପରି ଭାଟର ସେହି ସଙ୍ଗୀତରେ ପ୍ରାଣବନ୍ତ ହୋଇ ଉଠିଥିଲା । ଆତ୍ମରକ୍ଷାର ଶତ ଦୈନ୍ୟ ଓ ବୈଦେଶିକ-ନିର୍ଯ୍ୟାତନାର ଶତ ପୀଡ଼ନ ଭିତରୁ ନବଜାଗ୍ରତ ଉତ୍କଳର ଏ ଯେପରି ନୂତନ

---

* କଟକଜିଲ୍ଲା ଗୋପିନାଥପୁର ଶିଳାଲିପିରେ ଉତ୍କୀର୍ଣ୍ଣ କପିଳେନ୍ଦ୍ର-ପ୍ରଶସ୍ତି ।

ନୈତିକ ସଙ୍ଗୀତ ! ଉତ୍କଳ-ଇତିହାସର ଦିଗ୍‌ବଳୟରେ ଏକ ଅନ୍ଧକାର ରଜନୀ ଶେଷରେ, ଦିନେ ଯେଉଁ ନବୀନ ସୂର୍ଯ୍ୟ ଉଦ୍ଭାସିତ ହୋଇ, ସମଗ୍ର ଭାରତକୁ ଝଲସାଇ ଦେଇଥିଲା, ଏ ସଙ୍ଗୀତ ଯେପରି ସେହି ଅଭ୍ୟୁଦୟର ଦୀପ୍ତିମୟ ଆବାହନ ।

ଗୋପିନାଥ ନିଜ ଅଙ୍ଗୁଳିରୁ ଗୋଟିଏ ସ୍ୱର୍ଣ୍ଣ-ମୁଦ୍ରିକା କାଢ଼ି, ଅନ୍ଧର ପ୍ରସାରିତ ହାତରେ ପକାଇ ଦେଇ ଚାଲିଆସୁଥିଲେ; ଦକ୍ଷିଣ କପିଳେଶ୍ୱର କହିଲେ···"ଏହାଙ୍କ ଠାରୁ ଗଜପତି କପିଳେନ୍ଦ୍ରଙ୍କ ଜୀବନ କାହାଣୀ ଶୁଣିବା ପାଇଁ ଇଚ୍ଛା ହେଉଛି ।"

ଗୋପିନାଥ କହିଲେ···"ଆସନ୍ତୁ କୁମାର, ମୋଠାରୁ ଶୁଣିବେ ସେ କାହାଣୀ । ଗଙ୍ଗବଂଶର ଶେଷ ଗଜପତି ମତ୍ତଭାନୁ, ଯେଉଁଦିନୁ ଜଗନ୍ନାଥ ମନ୍ଦିର ବେଢ଼ାରେ, ବିମଳାଙ୍କ ପାହାଚତଳୁ କପିଳେନ୍ଦ୍ରଙ୍କୁ ଉଠାଇ ତାଙ୍କ ମୁଣ୍ଡରେ ଶିରୋପା ବାନ୍ଧିଲେ, ସେହିଦିନୁ ଆଜିପର୍ଯ୍ୟନ୍ତ ତାଙ୍କୁ ମୁଁ ଦେଖି ଆସୁଛି । ମୋଠାରୁ ତାଙ୍କ କାହାଣୀ ଆଉ ବେଶୀ ଜାଣିବ କିଏ ?"

କୁମାରଙ୍କୁ ସଙ୍ଗରେ ଧରି ଗୋପିନାଥ କୃଷ୍ଣାନଦୀର ନିର୍ଜନ ତଟଭୂମିଆଡ଼େ ଫେରି ଆସିଲେ । କୃଷ୍ଣାର ଶାନ୍ତ ଜଳରାଶି ଉପରେ, ସନ୍ଧ୍ୟାର କେତୋଟି ତାରା ଧୀରେ ଧୀରେ ପ୍ରତିଫଳିତ ହୋଇ ଉଠୁଥିଲା । ଗୋପିନାଥ କପିଳେନ୍ଦ୍ରଙ୍କ କାହାଣୀ ଆରମ୍ଭ କଲେ···

## ( ତିନି )

ଇତିହାସର ପରିହାସ ବିଚିତ୍ର ।

ଉତ୍କଳର ଭାଗ୍ୟଭାନୁ ବହୁ ଶତ୍ରୁ ଆକ୍ରମଣର ଘନଘଟା ମଧ୍ୟରେ ଅସ୍ତମିତ ହେଉଥିଲାବେଳେ ଗଜପତି ସିଂହାସନରେ,

ଶେଷ ଗଙ୍ଗନରପତି ମତ୍ତଭାନୁ ଦେବ ଅଧିଷ୍ଠିତ ଥିଲେ । ଖାଲି ମତ୍ତଭାନୁ ନ ଥିଲେ—ସେ ଥିଲେ ପୁଣି ମଧୁପଭାନୁ, ନିଃଶଙ୍କଭାନୁ । ଉଆସ ଭିତରେ ମାହାରୀମାନଙ୍କ ନାଚ ଦେଖି, ପଶା, ଗଞ୍ଜପା ଖେଳି, ଗୌଡ଼ରୁ ଆମଦାନୀ ହେଉଥିବା ପାରସ୍ୟ ଦେଶର ସୁରା ପିଇ ପିଇ ମତ୍ତଭାନୁଙ୍କ ଦିନ-ଗୁଡ଼ିକ ଯଥାର୍ଥରେ ନିଃଶଙ୍କଭାବରେ କଟୁଥିଲା । ଉତ୍ତର-ଆଡ଼ୁ ମୁସଲମାନମାନେ, ପୁଣି ଦକ୍ଷିଣଆଡ଼ୁ ରେଡ଼୍ଡୀମାନେ, ଉତ୍କଳ ଉପରେ ବାରମ୍ବାର ଆକ୍ରମଣ କରୁଥିଲେ । ମାତ୍ର ସେଥିପ୍ରତି ମତ୍ତଭାନୁଙ୍କର ଚିନ୍ତା ନଥିଲା । ରାଜଶକ୍ତି ଏହିପରି ଦାୟିତ୍ୱହୀନ ଓ ଦୁର୍ବଳ ହୋଇ ପଡ଼ିଥିବାବେଳେ, ଉତ୍କଳର ଦୁର୍ଦ୍ଧର୍ଷ ପାଇକମାନେହିଁ ପ୍ରାଣପଣ କରି ଉତ୍କଳର ସ୍ୱାଧୀନତା ଅକ୍ଷୁଣ୍ଣ ରଖି ପାରିଥିଲେ । ମତ୍ତଭାନୁ ଅପୁତ୍ରିକ । ଘୋର ଇନ୍ଦ୍ରିୟାସକ୍ତି ଫଳରେ ସେ ପୁଣି ଅକାଳ ବାର୍ଦ୍ଧକ୍ୟଗ୍ରସ୍ତ ହୋଇ ପଡ଼ିଥିଲେ । ଗଜପତି ସିଂହାସନର ଭବିଷ୍ୟତ ସମ୍ପର୍କରେ ତେଣୁ ଅମାତ୍ୟ ଓ ସେନାପତିମାନେ ଘୋର ଚିନ୍ତିତ ହୋଇ ପଡ଼ିଥିଲେ ।

ଏହି ସମୟରେ ଉତ୍କଳର ଉତ୍ତର ସୀମାନ୍ତ, ମାଳବର ସୁଲତାନ୍ ହୁଶାଙ୍ଗ ଘୋରୀ ଦ୍ୱାରା ଆକ୍ରାନ୍ତ ହେଲା । ସେନାପତିମାନେ ଅବିଳମ୍ବେ ଏ ଆକ୍ରମଣର ସମ୍ମୁଖୀନ ହେବାପାଇଁ ମତ୍ତଭାନୁଙ୍କୁ ବହୁ ଅନୁରୋଧ କଲେ । ମାତ୍ର ଆଜ ଯିବେ କାଲି ଯିବେ କରି ଦିନ ପରେ ଦିନ ବିତିଲା ସିନା, ମତ୍ତଭାନୁଙ୍କ ଯୁଦ୍ଧଯାତ୍ରାର କୌଣସି ସଙ୍କେତ ମିଳିଲା ନାହିଁ । ପାଇକମାନେ କୌଣସିମତେ ଉତ୍କଳର ଉତ୍ତରସୀମା ଜଗି ରହିଥାନ୍ତି । ଅବଶେଷରେ ସମ୍ବାଦ ମିଳିଲା, ମତ୍ତଭାନୁ ନିଜେ ସୈନ୍ୟ ସାମନ୍ତ ଧରି ନ ଆସିଲେ, ପାଇକମାନେ ପ୍ରତିରୋଧ

୍ବ । କାହାକୁ ଗୃହିଁବା ସେମାନେ ରାଜ୍ୟ ରକ୍ଷା କରିବେ ? ତେଣୁ ଅଗତ୍ୟା ମନ୍ତ୍ରୀମାନେ ସଙ୍ଗରେ ବହୁ ମାହାରୀ, ନର୍ତ୍ତକୀ, ଗାୟକ, ବାଦକ ଓ ପାରିଷଦ ଧରି ସେନାପତିମାନଙ୍କ ପଛେ ପଛେ ବହୁ ଆଡ଼ମ୍ବରରେ ଜାଜନଗର ଅଭିମୁଖରେ ବାହାରିଲେ ।

ମନ୍ତ୍ରୀମାନେ ଜାଜନଗର ଅଭିମୁଖରେ ସୈନ୍ୟ ସାମନ୍ତ ଧରି ବାହାରିଥିବା ଶୁଣି ହୁସାଙ୍ଗ ଘୋରୀ ମନେ ମନେ ଆତଙ୍କ ଗଣିଲେ । ଖଣ୍ଡାୟତ ପାଇକମାନଙ୍କ ବୀରତ୍ୱ ସେ ଅଙ୍ଗେ ନଭେଇଛନ୍ତି ଖଣ୍ଡେଖଣ୍ଡେ ପାଞ୍ଚଣ ବାଡ଼ରେ ସୁଦ୍ଧା ସେମାନେ ମୁସଲମାନବାହିନୀକୁ ନାକରେ ପାଣି ପିଆଇ ଦେଇଛନ୍ତି । ସ୍ୱୟଂ ଗଜପତି ଯଦି ସୈନ୍ୟ ସାମନ୍ତ ଧରି ଯୁଦ୍ଧ କରିବା ପାଇଁ ଆସନ୍ତି, ତାହେଲେ ମୁସଲମାନ ବାହିନୀ ସମୂଳେ ଲୋପ ପାଇଯିବେ ବୋଲି ସେ ମନେ ମନେ ଆତଙ୍କ ଗଣୁଥିଲେ । ରାଜ୍ୟ ଜୟ କରିବା ଅସମ୍ଭବ ମଣି ଲୁଣ୍ଠିତଦ୍ରବ୍ୟରେ ଯାହା ମିଳିଲା ସେତକ ଧରି ସେ ଫେରିଯିବା ପାଇଁ ଭାବୁଥିଲେ । ମୁସଲମାନମାନେ ସମଗ୍ର ଉତ୍ତର-ଭାରତ ଜୟ କରି ପାରିଥାନ୍ତି;ମାତ୍ର ଉତ୍କଳ ଜୟ କରି ଏ ବୀରପ୍ରସବିନୀ ଭୂମିକୁ ପଦାନତ ରଖିବା ଯେ ଅସମ୍ଭବ, ହୁସାଙ୍ଗ ଘୋରୀ ତାହା ବୁଝି ସାରିଥିଲେ ।

ଇତିମଧ୍ୟରେ ମନ୍ତ୍ରୀମାନେ ଜାଜନଗରରେ ପହଞ୍ଚି ଶିବିରସ୍ଥାପନ କରିସାରିଥାନ୍ତି । ଗଜପତିଙ୍କ ସୈନ୍ୟବାହିନୀ ଓ ଯୁଦ୍ଧସଜ୍ଜା ଦେଖି ମୁସଲମାନବାହିନୀ, ଜାଜନଗର ବାହାରେ ଆତ୍ମଗୋପନ କଲେ । ମନ୍ତ୍ରୀମାନଙ୍କ ଦିନଗୁଡ଼ିକ ନର୍ତ୍ତକୀଙ୍କ ନୈକଟ୍ୟରେ ମାହାରୀମାନଙ୍କ ନୃତ୍ୟର ତାଳେ ତାଳେ ସ୍ତ୍ରୀହସ୍ତରେ ସୁରାପାତ୍ରର ବୁଦ୍‌ବୁଦ୍ ପରି ଲୋଟି ଯାଉଥିଲା ।

ସନ୍ଧ୍ୟା ଉତ୍ତୀର୍ଣ୍ଣ ହୋଇଗଲାଣି ।

ମଣ୍ଡଶାନଙ୍କ ଶିବିରର ଅଭ୍ୟନ୍ତର ଦୀପମାଳାର ଉଜ୍ଜ୍ୱଳ ଝଲକରେ ଆଲୋକିତ ହୋଇଥିଲା । ସେନାପତିମାନେ ହୁଣାଙ୍କ ଘାଟିର ସୈନ୍ୟବାହିନୀ ଉପରେ ଆକ୍ରମଣ ଆରମ୍ଭ କରିବା ପାଇଁ ଏତେ ସମୟ ଧରି ମଣ୍ଡଶାନଙ୍କୁ ପ୍ରବର୍ତ୍ତାଉ ଥିଲେ । ଯଥାସମୟରେ ତାହା ଚିନ୍ତାକରି ସ୍ଥିର କରିବେ ବୋଲି କହି, ମଣ୍ଡଶାନ ସେମାନଙ୍କୁ ବିଦାୟ କରି ଦେଇଛନ୍ତି । ସେନାପତିମାନେ ବିଦାୟ ନେଇ ନିଜ ନିଜ ଶିବିରକୁ ପ୍ରତ୍ୟାବର୍ତ୍ତନ କରିବା ପରେ ମଣ୍ଡଶାନ ନିଶ୍ଚିନ୍ତ । ମାହାରୀନୃତ୍ୟ ଆରମ୍ଭ ପାଇଁ ବୀଣାକାରମାନେ ବୀଣାତାର ଉପରେ ଧୀରେ ଧୀରେ ପ୍ରାଥମିକ ଆଳାପ ଆରମ୍ଭ କରିଥିଲେ । ମଣ୍ଡଶାନଙ୍କ ଅନ୍ତରଙ୍ଗ ପାରିଷଦମାନେ ମଧ୍ୟ ସୁରିକଣ୍ଠେ ଜୁଟି ଯାଇଥିଲେ । ସୁରାର ନିଶାରେ ସମସ୍ତେ ମସଗୁଲ୍ । ସମସ୍ତଙ୍କ କଣ୍ଠରେ ମଣ୍ଡଶାନଙ୍କ ଶୌର୍ଯ୍ୟ ଓ ବୀର୍ଯ୍ୟର ଭୂରିଭୂରି ପ୍ରଶଂସା । ମଣ୍ଡଶାନଙ୍କ ଗୌରବରେ ଗଙ୍ଗବଂଶ ଧନ୍ୟ ହୋଇଛି ବୋଲି ପ୍ରକାଶ କରିବା ପାଇଁ, ପାରିଷଦମାନଙ୍କ ମଧ୍ୟରେ ପ୍ରତ୍ୟେକର ଅନ୍ୟ ସହିତ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ହୋଇଯାଇଥିଲା । ସେ କୋଳାହଳରେ ବୀଣାର ବାଦନ ଆଉ ଶୁଭୁ ନଥିଲା ।

ଏହି ସମୟରେ ଜଣେ ପାରିଷଦ ହଠାତ୍ ଆସି ନିବେଦନ କଲେ···"ଗୌଡ଼ ଦେଶରୁ ଦଳେ ନର୍ତ୍ତକୀ ଉତ୍କଳ ଗଜପତିଙ୍କ ମନୋରଞ୍ଜନ ପାଇଁ ରାଜନଗରର ଆସିଛନ୍ତି । ଆଦେଶ ହେଲେ ସେମାନଙ୍କୁ ଏହି ମୁହୂର୍ତ୍ତରେ ଏଠାକୁ ନେଇ ଆସିବ ।"

ଆଉ ଜଣେ ପାରିଷଦ କହିଲେ···"ମାହାରୀମାନଙ୍କ ନାଚ ସବୁଦିନେ ତ ଦେଖୁଛେ । ଆଜି ଗୌଡ଼ର ନର୍ତ୍ତକୀମାନଙ୍କର ନୃତ୍ୟ ଦେଖାଯାଉ ।"

ମନ୍ତ୍ରଭାନୁଙ୍କ ଆଦେଶରେ ନର୍ତ୍ତକୀମାନେ ମନ୍ତ୍ରଭାନୁଙ୍କ ଶିବିର ଅଭ୍ୟନ୍ତରକୁ ଆସିଲେ । ନର୍ତ୍ତକୀମାନଙ୍କ ସଙ୍ଗରେ ଚାରିଜଣ ଭିନ୍ନ ବାଦ୍ୟକାର । ସମସ୍ତଙ୍କ ପଛରେ ଆସିଲେ ଜଣେ ଉଷ୍ଣୀଷଧାରୀ ପ୍ରୌଢ଼, ଦଳର ଓସ୍ତାଦ୍ । ଉଚ୍ଚ ଶାଳଗଛ ପରି ଦେହେରା । ଆଖି ଦୁଇଟି ଅସ୍ୱାଭାବିକ ଭାବରେ ଉଜ୍ଜ୍ୱଳ । ପରିଧାନ ପରିପାଟି ମୁସଲମାନୀ ଢଙ୍ଗର । ଓସ୍ତାଦ୍ ଅଣ୍ଟା ଓ ମୁଣ୍ଡ ନୁଆଁଇ ସାତଥର ଭୂମି ସ୍ପର୍ଶ କରି ମନ୍ତ୍ରଭାନୁଙ୍କୁ କୁର୍ଣ୍ଣିଶ ଜଣାଇ କହିଲେ...“ଦକ୍ଷିଣରେ ବାହାମନୀଠାରୁ, ଉତ୍ତରରେ ଦିଲ୍ଲୀପର୍ଯ୍ୟନ୍ତ ସବୁ ଦରବାରରେ ଉତ୍କଳ ଗଜପତିଙ୍କ ବହୁ ନେକ୍‌ନାମ୍ ଆମ୍ଭେମାନେ ଶୁଣି ଆସିଥିଲୁଁ । ନୃତ୍ୟ ଓ ସଙ୍ଗୀତ ପ୍ରତି ଉତ୍କଳ ଗଜପତିଙ୍କ ଦିଲ୍‌ଚସ୍ପିର ଆମ୍ଭେମାନେ ଢେର୍‌ଢେର ପ୍ରଶଂସା ଶୁଣି ଆସୁଅଛୁଁ । ଗଜପତିଙ୍କ ମନୋରଞ୍ଜନ ପାଇଁ ଆଦେଶ ପାଇଲେ ଆମ୍ଭେମାନେ ନିଜକୁ ବହୁ ଧନ୍ୟ ମନେ କରିବୁଁ ।”

ଓସ୍ତାଦ୍‌ଙ୍କ କଥାରେ ପାରିଷଦମାନେ ସମବେତ କଣ୍ଠରେ “ସାଧୁ ସାଧୁ” ବୋଲି ଚିତ୍କାର କରି ଉଠିଲେ । ଏହା ପରେ ବାଦକମାନଙ୍କ ସମବେତ ବାଦ୍ୟ ସହିତ, ନର୍ତ୍ତକୀମାନଙ୍କର ନୃତ୍ୟ ଆରମ୍ଭ ହେଲା ।

ସମସ୍ତେ ନିଶା ଓ ନୃତ୍ୟବିଭୋର । ମନ୍ତ୍ରଭାନୁ ମଧ୍ୟ ଆତ୍ମସମ୍ବରଣହୀନ ହୋଇ ପଡ଼ିଥିଲେ । ଠିକ୍ ମୁହୂର୍ତ୍ତ ଉତ୍ତରି, ଓସ୍ତାଦ୍ ଲମ୍ଫ ଦେଇ ଗୋଟିଏ ଝଲଙ୍ଗ ତରବାରି କାଢ଼ି ନର୍ତ୍ତକୀମାନଙ୍କ ମଝିରେ ଠିଆ ହୋଇପଡ଼ିଲେ ।

ଶିବିର ମଧ୍ୟରେ ଓସ୍ତାଦ୍‌ଙ୍କୁ ତରବାରି ହସ୍ତରେ ଦେଖି ମନ୍ତ୍ରଭାନୁ ଓ ଅନ୍ୟ ପାରିଷଦମାନେ କିଂକର୍ତ୍ତବ୍ୟବିମୂଢ଼

ହୋଇପଡ଼ିଲେ । କେଉଁ ଐନ୍ଦ୍ରଜାଲିକର ଯାଦୁକାଠିରେ ଯେପରି ବାଦ୍ୟକାରମାନେ ମଧ୍ୟ ହଠାତ୍ ଖଡ୍‌ଗଧାରୀ ଆତତାୟୀରେ ପରିଣତ ହୋଇଗଲେ । ବାଦ୍ୟଯନ୍ତ୍ର ଫିଙ୍ଗି ସେମାନେ ତରବାରୀ ଧରି ସ୍ତ୍ରୋତ୍‌ଙ୍କ ପଛପଟେ ଠିଆ ହୋଇଗଲେ ।

ସ୍ତ୍ରୋତ୍ କହିଲେ···"ମୋତେ ଚିହ୍ନିପାରୁଛନ୍ତି ଗଜପତି ? ମୁଁ ହୁଶାଙ୍ଗ ଘୋରୀ । ଆପଣ ବର୍ତ୍ତମାନ ମୋର ବନ୍ଦୀ !"

ମତ୍ସ୍ୟଭାନୁ ଅବିଚଳିତ ଭାବରେ ଆସନ ଛାଡ଼ି ଠିଆହେଲେ । ତାଙ୍କର ଦୁଇ ଆଖିରୁ ଯେପରି ଅଗ୍ନିସ୍ଫୁଲିଙ୍ଗ ନିର୍ଗତ ହେଲା । ମତ୍ସ୍ୟଭାନୁ କିନ୍ତୁ ଆତ୍ମସମ୍ବରଣ କରି ସ୍ମିତ ହସି କହିଲେ···"ହୁଶାଙ୍ଗ ଘୋରୀ, ଉତ୍କଳର ଗଜପତିଙ୍କୁ ଆପଣ ବନ୍ଦୀ କରି ପାରନ୍ତି; ମାତ୍ର ଆତତାୟୀ ଦ୍ୱାରା ହତ୍ୟା ମଧ୍ୟ କରି ପାରନ୍ତି; ମାତ୍ର ଉତ୍କଳକୁ ଜୟ କରିବାର ଆଶା ଭୁଲିଯାନ୍ତୁ । ଗଜପତି ଉତ୍କଳ ଇତିହାସର ଏକ ସଙ୍କେତ—ମାତ୍ର ଉତ୍କଳର ପ୍ରାଣ ନୁହନ୍ତି । ଉତ୍କଳର ଯଥାର୍ଥ ପ୍ରାଣ ଏହାର ପାଇକକୁଳ । ସମଗ୍ର ଉତ୍ତର-ଭାରତ ଓ ଦାକ୍ଷିଣାତ୍ୟରେ ମୁସଲମାନ୍ ଶକ୍ତି ପ୍ରତିଷ୍ଠିତ ହୋଇ ପାରିଥିଲେ ସୁଦ୍ଧା, ଉତ୍କଳକୁ ସେମାନେ ପାରି ନାହାନ୍ତି, ଆପଣ ମଧ୍ୟ ପାରିବେ ନାହିଁ । ପାଇକମାନଙ୍କ ଆକ୍ରମଣରେ ଆପଣ ତୁଳାପରି କେଉଁଆଡ଼େ ଉଡ଼ିଯିବେ । ତେଣୁ ଉତ୍କଳ ଅଧିକାର କରିବାର ଧୃଷ୍ଟତା ଆପଣ ପରିହାର କରନ୍ତୁ ।"

ସୁଲତାନ୍ ହୁଶାଙ୍ଗ ଘୋରୀ ବୁଦ୍ଧିମାନ । ଗଜପତି ମତ୍ସ୍ୟଭାନୁଙ୍କୁ ଛଳ ଓ କୌଶଳରେ ବନ୍ଦୀ କରିବା ସମ୍ଭବ ହୋଇପାରେ, ମାତ୍ର ଉତ୍କଳର ପାଇକବାହିନୀ ଆଗରେ ହୁଶାଙ୍ଗ ଘୋରି ଯଥାର୍ଥରେ

ତୂଳାପରି କେଉଁ ଆଡ଼େ ଉଡ଼ିଯିବେ । ଏହାଠାରୁ ଘରପୋଡ଼ିରୁ ଯଥାଲାଭ ହେଲପରି ଯଦି ଏହି ସୁଯୋଗରେ ଗଜପତିଙ୍କଠାରୁ କିଛି ଅର୍ଥ ମିଳେ, ତାହେଲେ ସେଥିରେ ବରଂ କିଛି ଲାଭ ହୋଇପାରେ ।

ହୁଶାଙ୍ଗଘୋରୀ ଅର୍ଥବିନିମୟରେ ଗଜପତି ମତ୍ତଭାନୁଙ୍କୁ ମୁକ୍ତ କରିଦେବାର ପ୍ରସ୍ତାବ କଲେ । ମତ୍ତଭାନୁ ସ୍ମିତ ହସି କହିଲେ··· "ସୁଲତାନ୍ ହୁଶାଙ୍ଗ ଘୋରୀ ଯେତେବେଳେ ସୁଦୂର ମାଳବରୁ ଆସି ଗଜପତିଙ୍କ ଦରବାରରେ ଖେମଟା ନାଚିଛନ୍ତି, ସେତେବେଳେ କିଛି ପାରିତୋଷିକରେ ତାଙ୍କୁ ବିଦାୟ ଦେବା କି ଉଚିତ ହୁଅନ୍ତା ନାହିଁ ।"

ଗଜପତିଙ୍କଠାରୁ କେତେଘର ହାତୀ ଓ ସାମାନ୍ୟ ଅର୍ଥ ପାଇ ହୁଶାଙ୍ଗ ଘୋରୀ ସୈନ୍ୟବଳ ଧରି ଜାଜନଗରଠାରୁ ଫେରିଗଲେ ।

ମତ୍ତଭାନୁ "ଯୁଦ୍ଧ" ଶେଷରେ ଶିବିର ଉଠାଇ ପୁରୀ ଫେରି ଆସିଲେ ।

ବୀର ଶ୍ରୀଗଜପତି ମତ୍ତଭାନୁ ଦେବ ଜାଜନଗର ରଣକ୍ଷେତ୍ରରେ ଦୁର୍ଦ୍ଦାନ୍ତ ସୁଲ୍‌ତାନ୍ ହୁଶାଙ୍ଗ ଘୋରୀକୁ ପରାସ୍ତ କରି, ଅକ୍ଷତ ଶରୀରରେ ପୁରୀ ବାହୁଡ଼ି ଆସିଥିବାରୁ ସବୁଆଡ଼େ ଜୟ ଜୟ ରବ ପଡ଼ିଗଲା । ତୋଷାମୋଦକାରୀ ପାରିଷଦ ଓ ପାଖଲୋକମାନେ, ମତ୍ତଭାନୁଙ୍କ ଶୌର୍ଯ୍ୟ ଓ ବୀର୍ଯ୍ୟର ଅତିରଂଜିତ କାହାଣୀମାନ ଲୋକରେ ପ୍ରଚାର କରିଦେଲେ । ତଥାପି ସତ କଥାଟା ଲୁଚି ରହି

ପାରିଲା ନାହିଁ । ଗଜପତି, "ଗଜ" ବନିମୟରେ, ହୁଣାଙ୍କ ଘୋ ଯାଇଁ କ
କବଳରୁ ମୁକ୍ତ ପାଇ ଆସିଥିବା କଥାଟା ମଧ୍ୟ ଲୁଚ ରହିଲା ନାହିଁ ।

## ( ଗ୍ଚର )

ଏବେ କେତେଦିନ ହେଲା, ଶ୍ରୀମନ୍ଦିର ବେଢ଼ା ଭିତରେ ବିମଳାଙ୍କ ପାହାଚ ତଳେ, ସକାଳୁ ରାତିରେ ପହଡ଼ ପଡ଼ିବା ପର୍ଯ୍ୟନ୍ତ ଜଣେ ଲୋକ ବେଳେବେଳେ ତଳକୁ ମୁଣ୍ଡ ନୁଆଁଇ, ଆଉ କେତେବେଳେ ବା ମନ୍ଦିର ଚୂଡ଼ାରେ ସୁଦର୍ଶନ ଚନ୍ଦ୍ରଲକ୍ଷ୍ମୀର ପତକାଆଡ଼େ ଶୂନ୍ୟଦୃଷ୍ଟିରେ ଚାହିଁ ବସୁଥିବା, ଅନେକଙ୍କ ଦୃଷ୍ଟିରେ ପଡ଼ିଲାଣି । ଲୋକଟି ସବଳକାୟ ଯୁବକ । ମୁଣ୍ଡରେ ବାବୁରି ବାଳ, କାନ୍ଧ ଉପରକୁ ଲମ୍ବି ଆସିଅଛି । ଦେହର ମାଂସପେଶୀସବୁ ଲୁହାର କନ୍ଦୁକପରି । ଲୋକଟି କାହାକୁ କିଛି କୁହେନାହିଁ । ଯାତ୍ରିମାନେ କେହି ଦୟା ଓ ସହାନୁଭୂତି-ପରବଶ ହୋଇ ତା ହାତରେ କିଛି ଦେଲେ, ସେ ସଙ୍ଗେ ସଙ୍ଗେ ତାହା ଉଠାଇ, ଦେବା ଲୋକର ମୁହଁକୁ ଫିଙ୍ଗି ଦିଏ । ଏଥିରୁ ସେ ଭିକ୍ଷୁକ ନୁହେ ବୋଲି ସମସ୍ତଙ୍କର ଧାରଣା । ଲୋକଟାର ଆଚରଣ ମଧ୍ୟ ମାନସିକ ରଖିଥିବା କୌଣସି ଭକ୍ତପରି ନୁହେ । ତେଣୁ ଲୋକଟା ପାଗଳ ବୋଲି ସମସ୍ତଙ୍କର ଧାରଣା ହୋଇଅଛି । କିନ୍ତୁ ତାର ପାଗଳାମି କେହି କେବେ ଲକ୍ଷ୍ୟ କରିନାହାନ୍ତି । ମୁହଁରେ ତାର ସବୁବେଳେ ହସ ଲାଗିରହିଛି । ଆଖି ଦୁଇଟିରେ ବୁଦ୍ଧିର ଦୀପ୍ତି । ଜୀବନରେ ଅଭାବ କଣ, ସେ ଯେପରି ଜାଣିନାହିଁ । ବିମଳାଙ୍କ ପାହାଚ ତଳୁ ମହାପ୍ରସାଦକଣିକା ଖୁଣ୍ଟି ଖାଏ ସିନା, କାହାକୁ ମୁହଁ ଫିଟାଇ କିଛି କେବେ ମାଗେ ନାହିଁ ।

କେତେଦିନ ପରେ ଜଣା ପଡ଼ିଲା ଲୋକଟାର ନାଁ କପିଳ । ଘର ଖୋର୍ଦ୍ଧା ତଳ ହିଳଗଡ଼ିଆ ଗାଁ । ମା ବାପ ଛେଉଣ୍ଡ । ଗାଁରେ ଗୋରୁ ଜଗୁଥିଲା । କେହି କେହି ବା କହିଲେ ଚୋର କରୁଥିଲା । ଗାଁରୁ ପୁଣି ପଳାଇ ଆସିଛି । ନାଁ ତାର କପିଳ ରାଉତ ।

ମାତ୍ର କପିଳ ରାଉତ, ପାଗଳ ନୁହେ, ଭିକ୍ଷୁକ ନୁହେ, ସାଧାରଣ ଗାଈ ଜଗୁଆଳ ନୁହେ ବା ଲାଉ କଖାରୁ ଚୋର ନୁହେ । ବେଳେ ବେଳେ ସେ ସେଉଁ କଥାମାନ କହେ ତାହା ଶୁଣିଲେ ଶୁଣିବା ଲୋକର ଆଖିରୁ ଯେପରି ଯୁଗ ଯୁଗର ଗୋଟାଏ ଅନ୍ଧ ପୁଟୁଳି ଖସି ପଡ଼େ । ଦିନେ ମତ୍ତଭାନୁଙ୍କ କଥା ପଡ଼ିଥିଲା । କପିଳ ରାଉତ ସବୁ ଶୁଣି କହିଲା···"ଆରେ ପୋଷାପୁଅ, ଗୁଣ୍ଡା ପୁଅ । ଗଙ୍ଗମାନେ କୁଆଡ଼ୁ ଦକ୍ଷିଣରୁ ଆସି ରାଜୁତି କରୁଛନ୍ତି ସିନା, ସେମାନେ ତ ଆଉ ଏ ଦେଶର ମାଟିରୁ ଜନ୍ମ ହୋଇନାହାନ୍ତି । ତେଣୁ ଦେଶ ଯାଉ ବା ରହୁ, ତାଙ୍କର କି ଚିନ୍ତା ? ଜଗନ୍ନାଥ ଇଚ୍ଛାକଲେ ଏ ମାଟିର ମଣିଷ ଦିନେ ନିଦଭାଙ୍ଗି ପୁଣି ଉଠିବ । ସେଦିନ ସାରା ଭାରତ ଖଣ୍ଡରେ ଚହଳ ପଡ଼ିଯିବ ।"

ସେଦିନ·········

ଗଜପତି ମତ୍ତଭାନୁ ହୁଶାଙ୍ଗ ଘୋରୀକୁ ପରାସ୍ତ କରି ଉତ୍କଳକୁ ନିଃଶତ୍ରୁ କରିଥିବାରୁ ଗଜପତିଙ୍କ ନବରରେ ଉତ୍ସବର ଆୟୋଜନ ହୋଇଥିଲା । ସନ୍ଧ୍ୟା ଧୂପ ସରିବା ପରେ, ଶ୍ରୀମନ୍ଦିର ବେଢ଼ା ନିର୍ଜନ ହୋଇଗଲା । ସହରର ସବୁଆଡ଼ୁ ଲୋକେ ସୁଅପରି ଗଜପତିଙ୍କ ନବରଆଡ଼େ ଛୁଟିଥିଲେ । ନିର୍ଜନ ମନ୍ଦିର ବେଢ଼ା ମଧ୍ୟରେ ବିମଳାଙ୍କ ପାହାଚ ତଳେ, ଏକା କପିଳ ରାଉତ ତଳକୁ ମୁଣ୍ଡ ନୁଆଇଁ ବସି ମନକୁ ମନ କଣ ବଡ଼ବଡ଼ ହେଉଥିଲା ।

କଏ ଜଣେ ମନ୍ଦିରସେବକ ସେ ବାଟେ ଅନ୍ଧାରରେ ଯାଉଁ ଯାଉଁ କପିଳକୁ ଦେଖି କହିଲା···"କିରେ କପିଳା, ପୁରୀ ସହରଯାକ ସମସ୍ତେ ଗଜପତିଙ୍କ ଦର୍ଶନକୁ ଛୁଟିଛନ୍ତି, ତୁ ଏଠି ବସିଛୁ କାହିଁକି ?"

କପିଳ ପଚାରିଲା···"କାହିଁକି ଆଜି କଣ ହେଉଛି କି ?"

ସେ ଲୋକଟି କହିଲା···"ଆରେ, ଗଜପତି ମଙ୍ଗରାଜନ୍ ପରା ମ୍ଲେଚ୍ଛ ସୁଲତାନ୍ ହୁଶାଙ୍ଗ ଘୋରୀକୁ ପରାସ୍ତ କରି ଫେରିଛନ୍ତି । ଏ କଣ ସାମାନ୍ୟ କାର୍ଯ୍ୟ ? ସେଥିପାଇଁ ରାଜନଗରରେ ଉତ୍ସବ ହେଉଛି ।"

ଲୋକଟିର କଥା ଶୁଣି କପିଳ ପାଗଳପରି ହସି ଉଠିଲା । ତା ହସରେ ମନ୍ଦିରର ନିର୍ଜନ ବେଢ଼ା ଯେପରି ଥରି ଉଠିଲା । କପିଳ ହସି ହସି କହିଲା···"ଗଜପତି ନା ଗଧପତି ହେ" !

ଲୋକଟି ଉଷ୍ମକଣ୍ଠରେ ପଚାରିଲା···"କିରେ କଣ କହିଲୁ ? ଛୋଟ ମୁହଁରେ ବଡ଼ କଥା ।"

କପିଳ କହିଲା ···"ଯାଅ, ଯାଅ, ଉତ୍ସବ ଦେଖିବ ଯାଅ । ସେଠି ଭୂରିଭୋଜନ ମିଳିଯିବ । ହେଲେ ତମ ଗଜପତିଙ୍କୁ କହିଦେବ କେହି ନ ଜାଣିଲେ ବି କପିଳ ଜାଣେ—ଗଜପତି ସୁଲତାନ୍ ହୁଶାଙ୍ଗ ଘୋରୀକୁ ହାରି ଦେଇ, ନିଜେ ଗଧପତି ସାଜି ଫେରିଛନ୍ତି । ସେ କି ଗଜପତି ହେ !"

ଲୋକଟି ଚାଲିଗଲା । କପିଳା ପାଗଳ—ତା ମୁହଁରେ କୋଉ ବାଡ଼ବତା ଅଛି ?

× × ×

ଯେହେ ଯେହେ ସ୍ତାବକ ଓ ତୋଷାମୋଦକାରୀଙ୍କ ମଧ୍ୟରେ ମଙ୍ଗରାଜନ୍, ମଙ୍ଗରାଜନ୍ ପରି ଠିଆ ହୋଇ, ସମସ୍ତଙ୍କ ଅଙ୍କୁରିତ

ସ୍ତୁତିଗାନ ହସି ହସି ଶୁଣୁଥିଲେ । ଜୟ ଗଜପତି ମତ୍ତଭାନୁଙ୍କ ଜୟନାଦରେ ନବରର ପ୍ରାଙ୍ଗଣ ଓ ଅଳିନ୍ଦମାନ ପ୍ରକମ୍ପିତ ହେଉଥିଲା ।

ମତ୍ତଭାନୁ ସ୍ମିତ ହସି ପଚାରିଲେ···"ଆଜି ଭାରତଖଣ୍ଡରେ ମୋ ଠାରୁ ବଳି ବଡ଼ ଆଉ କିଏ ଅଛି ?"

ତୋଷାମୋଦକାରୀମାନେ ଏକ ସଙ୍ଗରେ ଉତ୍ତର ଦେଲେ··· "କେହି ନାହିଁ ପ୍ରଭୁ, କେହି ନାହିଁ । ଗଜପତିଙ୍କୁ ବଳି ଆଉ କିଏ ବଳିଆର ଅଛି ?"

କିନ୍ତୁ ସେହି ଲୋକଗହଳି ଭିତରେ କିଏ ଜଣେ ପାଟି କରି ଉଠିଲା···"ଜଣେ ଅଛି ପ୍ରଭୁ !"

ମତ୍ତଭାନୁ ସ୍ମିତ ହସି ପଚାରିଲେ···"କିଏ ? କେଉଁଠି ?"

ପାରିଷଦମାନେ ମୁହଁରେ ଭ୍ରୂକୁଟୀ ଫୁଟାଇ କହିଲେ··· "ଏ କେଉଁଠିକା ମାଗିଖିଆ ଛତରାଟାଏ । ଏହା କଥା କାହିଁକି ଶୁଣୁଛନ୍ତି ପ୍ରଭୁ ?"

ମତ୍ତଭାନୁ ସେମାନଙ୍କ କଥା ପ୍ରତି କର୍ଣ୍ଣପାତ ନ କରି କହିଲେ ···"କୁହ, କିଏ ସେ, ପୁଣି କେଉଁଠି ରହନ୍ତି ?"

ସେ ଲୋକଟି କହିଲା···"ବିମଳାଙ୍କ ମନ୍ଦିର ପାହାଚ ତଳେ, କେଉଁଠୁ ଲୋକଟାଏ ନିତିଦିନ ଆସି ବସେ । ସେ ସମସ୍ତଙ୍କୁ କହୁଛି, ଏକା ଜଗନ୍ନାଥଙ୍କ ଛଡ଼ା, ଆଉ କେହି ତା'ଠାରୁ ବଳିଆର ନାହାନ୍ତି ସେ ପୁଣି କହୁଛି ପ୍ରଭୁ ଗଜପତି ନୁହନ୍ତି, ଗଧପତି !"

ପାରିଷଦମାନେ ପାଟିକରି ଉଠିଲେ··· 'ପ୍ରସାଦକଣିକା ମୋ ଦେବାକୁ ଆଜ୍ଞା ହେଉ ପ୍ରଭୁ । ଗଜପତିଙ୍କୁ ଗଧପତି ·· ।" ଆସ୍ପର୍ଦ୍ଧା !"

ମତିଭାନୁ କହିଲେ···"ତା ହେଲେ ସେ ମହାପୁରୁଷଙ୍କୁ ଏଇ କପିଳ ! ଡାକିଆଣ । ଥରେ ତାଙ୍କୁ ଦେଖିବା !"

ମତିଭାନୁଙ୍କ ମୁହଁରୁ ଆଦେଶ ବାହାରିଛି କି ନାହିଁ, କପିଳ ରାଉତକୁ ଡାକି ଆଣିବା ପାଇଁ କେତେଜଣ ଚର ସଙ୍ଗେସଙ୍ଗେ, ବିମଳାଙ୍କ ମନ୍ଦିରଆଡ଼େ ଧାଇଁଗଲେ । କପିଳକୁ କି ଶାସ୍ତି ଦିଆଯିବ, ତାହା ଦେଖିବା ପାଇଁ ଉପସ୍ଥିତ ଜନତା ମଧ୍ୟରେ ଏକ ଚାଞ୍ଚଲ୍ୟ ସୃଷ୍ଟି ହୋଇଗଲା । ଯେଉଁମାନେ ଫେରି ଯାଉଥିଲେ ସେମାନେ ଏ ଘଟଣା ଶୁଣି, ପୁଣି ଭିଡ଼ ବାନ୍ଧି ଫେରି ଆସିଲେ ।

ମାତ୍ର କିଛି ସମୟ ପରେ ଚରମାନେ ଫେରିଆସି ଜଣାଇଲେ, କପିଳ ଏଠାକୁ ଆସିବା ପାଇଁ ନାସ୍ତି କରିଦେଲା । ଗଜପତିଙ୍କ ପ୍ରୟୋଜନ ଥିଲେ ସେ ନିଜେ ଆସନ୍ତୁ । ଛୋଟ ମୁହଁରେ ବଡ଼ କଥା; ଇତ୍ୟାଦି ।

ଏହାପରେ ? ଗଜପତି ସମ୍ଭବତଃ ପାଇକମାନଙ୍କୁ ଆଦେଶ ଦେବେ, ଲୋକଟାକୁ ଏଠାକୁ ଭିଡ଼ି ବାନ୍ଧି ଆଣିବା ପାଇଁ । ତାପରେ ସମ୍ଭବତଃ ସଙ୍ଗେସଙ୍ଗେ ତାକୁ ଶୂଳିଆପଡ଼ାକୁ ପଠାଇବା ପାଇଁ ଆଦେଶ ଦିଆଯିବ । ଏହି ନାଟକୀୟ ପରିସ୍ଥିତିରେ ସମସ୍ତେ ନୀରବ ହୋଇ ପଡ଼ିଲେ ।

ମାତ୍ର ମତିଭାନୁ ସ୍ମିତ ହସି କହିଲେ···"ତା' ହେଲେ ଆସନ୍ତୁ, ତାଙ୍କୁ ଦେଖିବା ପାଇଁ ଆମେ ଯିବା ।"

ସୁ ଭଗାନ ହସି ଦି ଆଜ କୌଣସି କଥା ନ କହ, ବିମଳାଙ୍କ
ଜୟନାଦରେ ଚ ଗୁଳିଲେ । ସୁଅ ଛୁଟିଲା ପରି ମନ୍ତ୍ରଭାନୁଙ୍କ ପଛେ ପଛେ
ହେଉଥିଲା ସୁଅ ଛୁଟିଲେ ।

ବିମଳାଙ୍କ ମନ୍ଦିର ପାହାଚତଳ ଅନ୍ଧାର । ସେହି ଅନ୍ଧାର ଭିତରେ, କପିଳ ଗଭୀର ତଳକୁ ମୁଣ୍ଡ ନୁଆଁଇ ପୂର୍ବପରି ବସିଥିଲା । ଏତେ ଲୋକଭିଡ଼ରେ ଓ କୋଳାହଳରେ ସୁଦ୍ଧା ସେ ଉପରକୁ ମୁଣ୍ଡ ଟେକି ଚାହିଁଲା ନାହିଁ ।

ଜଣେ ପାରିଷଦ ଭର୍ତ୍ସନାମିଶ୍ରିତ କଣ୍ଠରେ କହିଲେ···"କିରେ କପିଳା, ତଳକୁ ମୁହଁମାଡ଼ି ଖୁଣ୍ଟପରି ବସିଛୁ ! ସ୍ୱୟଂ ଗଜପତି ମହାରାଜା ପରି ବିଜେ ହୋଇଛନ୍ତି !"

କପିଳ ତଥାପି ଉଠିଲା ନାହିଁ କି ଚାହିଁଲା ନାହିଁ ।

ମନ୍ତ୍ରଭାନୁ ଡାକିଲେ···"କପିଳ !"

କପିଳ ତଳୁ ମୁହଁ ଉଠାଇ ମନ୍ତ୍ରଭାନୁଙ୍କ ଆଡ଼େ ଚାହିଁଲା ।

ମନ୍ତ୍ରଭାନୁ ପଚାରିଲେ···"ମୋତେ ଚିହ୍ନୁଛ, ମୁଁ କିଏ ?"

ମନ୍ତ୍ରଭାନୁଙ୍କ ପ୍ରଶ୍ନରେ କପିଳ ପାଗଳ ପରି ଅଟ୍ଟହାସ କରି ଉଠିଲା ।

ମନ୍ତ୍ରଭାନୁ ପଚାରିଲେ···"ହସିଲ ଯେ !"

କପିଳ କହିଲା···"ଆପଣ ହସାଇଲେ ! ସାରା ଦେଶକୁ ତ ଆପଣ ହସାଉଛନ୍ତି !"

ମନ୍ତ୍ରଭାନୁ ମୁହୂର୍ତ୍ତକ ପାଇଁ ନୀରବ ରହି କହିଲେ··· "ତୁମେ ଯାହା କହିବ, ମୁଁ ଦେବାପାଇଁ ପ୍ରସ୍ତୁତ ଅଛି କପିଳ ! କୁହ କ'ଣ ଲୋଡ଼ା ତମର ?"

କପିଳ ଗମ୍ଭୀର କଣ୍ଠରେ କହିଲା···"ମହାପ୍ରସାଦକଣିକା ମୋ ପକ୍ଷରେ ଯଥେଷ୍ଟ । ମୋର ଆଉ କିଛି ଲୋଡ଼ା ନାହିଁ ।"

ମନ୍ତ୍ରୀଭାନୁ କହିଲେ···"ଆଉ ଥରେ ଚିନ୍ତାକର ବୃଦ୍ଧ କପିଳ ! ଉତ୍କଳର ରାଜଭଣ୍ଡାର ଇଚ୍ଛା କଲେ ତୁମେ ଅକ୍ଲେଶରେ, ଏଇ ମୁହୂର୍ତ୍ତରେ ପାଇ ପାରିବ ।"

କପିଳ ପୁଣି ପାଗଳ ପରି ହସି ଉଠିଲା । ମନ୍ତ୍ରୀଭାନୁ ବିସ୍ମିତ କଣ୍ଠରେ ପଚାରିଲେ···"ଏପରି ହସୁଛ କାହିଁକି ?"

କପିଳ କହିଲା···"ମୁଁ ତ ହୀଣାଙ୍ଗ ଯୋଗୀ ନୁହେଁ, ଅର୍ଥ ଦେଇ ମୋତେ ସନ୍ତୁଷ୍ଟ କରି ଦେବେ ।"

ମନ୍ତ୍ରୀଭାନୁଙ୍କ ମୁହଁ ଗମ୍ଭୀର ହୋଇଗଲା । ସେ ପଚାରିଲେ "ଆଉ ତା' ହେଲେ କ'ଣ ଲୋଡ଼ା ତମର ?"

କପିଳ କହିଲା···"ମୁଁ ଚାହେଁ ଉତ୍କଳର ଅଭ୍ୟୁଦୟ; ମୁଁ ଚାହେଁ ଉତ୍କଳର ସାମ୍ରାଜ୍ୟ, ମୁଁ ଚାହେଁ ଭାରତଖଣ୍ଡରେ ଉତ୍କଳର ପ୍ରତିଷ୍ଠା । ଆପଣ ତାହା ଦେଇ ପାରିବେ ?"

ମନ୍ତ୍ରୀଭାନୁ ନୀରବ ରହିଲେ । କପିଳ ପୁଣି ତଳକୁ ମୁଣ୍ଡ ନୁଆଇଁ ବସିଲା । କେତେକ୍ଷଣପରେ ମନ୍ତ୍ରୀଭାନୁ କପିଳକୁ ଟେକି ଉଠାଇ, ତା କାନ୍ଧରେ ହାତରଖି କହିଲେ···"ଆସ କପିଳ, ତୁମର ସ୍ଥାନ ଆଉ ଏଠି ନୁହେଁ ।"

ତାପରେ ସେହିଦିନଠାରୁ ବିମଳାଙ୍କ ମନ୍ଦିର ପାହାଚ-ତଳର କପିଳ ପରିଣତ ହେଲେ କପିଳେନ୍ଦ୍ର ଭ୍ରମରବରର ମହାପାତ୍ର ।

ସେହି କପିଳେନ୍ଦ୍ର ଭ୍ରମରବର ମହାପ୍ରାଣ ଆଜି ବୀର ଶ୍ରୀ ଗଜପତି ନବକୋଟି ଗୌଡ଼େଶ୍ୱର, କର୍ଣ୍ଣାଟ କଳବର୍ଗେଶ୍ୱର ବୀରାଧିବୀରବର ଶ୍ରୀ ଶ୍ରୀ ଶ୍ରୀ କପିଳେନ୍ଦ୍ର ଦେବ !

## ( ପାଞ୍ଚ )

ରାତି ପ୍ରଭାତ ପ୍ରାୟ ।

କୁମାର ପୁରୁଷୋତ୍ତମ ରାତାରାତି ଆସି କୃଷ୍ଣାକୂଳରେ ପହଞ୍ଚିଛନ୍ତି । କପିଳେନ୍ଦ୍ର ଦେବଙ୍କ ଶେଷ ନିଃଶ୍ୱାସ ବହିବା ପାଇଁ ଆଉ ବେଶୀ ବିଳମ୍ବ ନାହିଁ । ତାଙ୍କ ଶଯ୍ୟା ଚାରିପଟେ ଘେରି ଠିଆ ହୋଇଛନ୍ତି, ବିଶ୍ୱସ୍ତ ମନ୍ତ୍ରୀ ଗୋପୀନାଥ, କୁମାର ପୁରୁଷୋତ୍ତମ ଓ ଅନ୍ୟ ସେନାପତିମାନେ ।

କପିଳେନ୍ଦ୍ର ଗୋପୀନାଥଙ୍କ ଆଡ଼େ ଚାହିଁ, କ୍ଷୀଣକଣ୍ଠରେ କହିଲେ···"ବିଦାୟ ଗୋପୀନାଥ, ବିଦାୟ ବନ୍ଧୁଗଣ, ପୁରୁଷୋତ୍ତମ ହେବେ ଉତ୍କଳ ସିଂହାସନରେ ମୋର ଉତ୍ତରାଧିକାରୀ । ଉତ୍କଳର ଜୟ ହେଉ, ଜଗନ୍ନାଥଙ୍କର ଇଚ୍ଛା ପୂର୍ଣ୍ଣ ହେଉ ।"

ଜଗନ୍ନାଥ ନାମ ସ୍ମରଣ କରି, କପିଳେନ୍ଦ୍ରଙ୍କ ଶେଷ ପ୍ରାଣବାୟୁ କୃଷ୍ଣାକୂଳର ଅନନ୍ତ ମହାଶୂନ୍ୟରେ ମିଶିଗଲା ।

ସେନାପତିମାନେ ଗଜପତିଙ୍କ ରାଜମୁକୁଟ, ପୁରୁଷୋତ୍ତମ ଦେବଙ୍କ ମସ୍ତକରେ ସ୍ଥାପନ କରି, ସମବେତ କଣ୍ଠରେ ଘୋଷଣା କଲେ··· "ଜୟ ଗଜପତି ବୀର ଶ୍ରୀ ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟ କଳବର୍ଗେଶ୍ୱର ବୀରାଧିବୀରବର ଶ୍ରୀ ଶ୍ରୀ ଶ୍ରୀ ପୁରୁଷୋତ୍ତମ ଦେବଙ୍କ ଜୟ ।"

ପୂର୍ବ ଦିଗ୍‌ବଳୟରେ ଉଷାର ପ୍ରଥମ ପାଂଶୁଳ ଆଲୋକ ଧୀରେ ଧୀରେ ଫିଟି ଆସୁଥିଲା । ବୃଦ୍ଧ ଗୋପିନାଥଙ୍କ ଦୁଇ ଆଖି ଆଗରେ ଭାସି ଉଠୁଥିଲା, ଅଜ୍ଞାତରେ ଗତ ଚଉବିଶ ବର୍ଷର ଇତିହାସ । ନବୋଦିତ ସୂର୍ଯ୍ୟ ଆଡ଼େ ଚାହିଁ ଗୋପିନାଥ ଭାବୁଥିଲେ, ଉଦୟ ଓ ଅସ୍ତ, ଉତ୍‌ଥାନ ଓ ପତନର ଚିରନ୍ତନ ପଥରେ, ତୁମର ରଥ ଏହିପରି ଭାବରେ ଗଡ଼ି ଚାଲିଛି ଜଗନ୍ନାଥ ! ତୁମର ଜୟ ହେଉ ! ଉତ୍କଳର ଜୟ ହେଉ ।

# ସାହିତ୍ୟ ଓ ସାମ୍ରାଜ୍ୟ

ଝଙ୍କଡ଼ ସାରଳା ପୀଠରେ ଆଜି ସୁଦ୍ଧା ପ୍ରତି ସନ୍ଧ୍ୟାରେ ପ୍ରକମ୍ପିତ ଦୀପ ଶିଖାର ଅସ୍ପଷ୍ଟ ଆଲୋକରେ ଜଣେ ପୁରାଣ ପଣ୍ଡା ବସି ସାରଳାଙ୍କ ମହାଭାରତ ଦାଣ୍ଡି ବୃତ୍ତରେ ବୋଲନ୍ତି । ଦୂର ଦୂରାନ୍ତରୁ ଆସିଥିବା ଯାତ୍ରୀମାନେ, ଭକ୍ତିପୂତ ଚିତ୍ତରେ ବସି, ମହାଭାରତ ପାଠ ଶୁଣନ୍ତି । ବାଗ୍‌ଦେବୀ ସାରଳାଙ୍କ ନିତ୍ୟ ନୈମିତ୍ତିକ ପୂଜା ବିଧିର ଏହା କେବଳ ଗୋଟିଏ ଅଙ୍ଗ ନୁହେଁ—ଗତ ଅର୍ଦ୍ଧ ସହସ୍ର ବର୍ଷ ବ୍ୟାପି ବହି ଯାଇଥିବା, ଓଡ଼ିଶା ଇତିହାସର ଏକ ଧାରା । ଏବେ ସୁଦ୍ଧା ଭଗ୍ନ, ଜରାଜୀର୍ଣ୍ଣ ଦୁର୍ଗରେ ଅତୀତର ପ୍ରତିଧ୍ୱନି ପରି, ସାରଳାଙ୍କ ମନ୍ଦିର ବେଢ଼ାର ନିର୍ଜନତା ଭିତରେ ଶୁଭେ···

"କଳିକାଳ-ଧ୍ୱଂସନକୁ ଭୋଗଗୋଟି ପୂଜା,
ପ୍ରଣମିତେ ଖଣ୍ଡିଇ କପିଳେଶ୍ୱର ରାଜା॥"

ଏହି ସାରଳାଙ୍କ ପୀଠରେ, ଆଜକୁ ଆନୁମାନିକ ପ୍ରାୟ ପାଞ୍ଚଶହ ବର୍ଷ ତଳେ, ସୂର୍ଯ୍ୟବଂଶୀ କପିଳେନ୍ଦ୍ରଙ୍କ କାଳରେ, ଓଡ଼ିଆ ସାହିତ୍ୟର ଯେଉଁ ଅଙ୍କୁରଣ ହୋଇଥିଲା; ତାହା ଆଜି ସୁଦ୍ଧା ଦୀପ୍ତିମନ୍ତ ହୋଇରହିଅଛି । ଲୋକରେ ଓଡ଼ିଆ ସାହିତ୍ୟର

ପ୍ରସାର ଓ ପ୍ରତିଷ୍ଠା ପାଇଁ ସେଦିନ ସମ୍ଭବତଃ କପିଳେନ୍ଦ୍ରଙ୍କ ଆଦେଶରେ ସାରଳା ପୀଠରେ ଓଡ଼ିଆ ମହାଭାରତପାଠର ବ୍ୟବସ୍ଥା ହୋଇଥିଲା । ଆଜି କପିଳେନ୍ଦ୍ର ନାହାନ୍ତି; ମାତ୍ର ସେ କାଳର ବ୍ୟବସ୍ଥା ଅନାହତ ଭାବରେ ଗଡ଼ି ଆସୁଅଛି ।

ସାମ୍ରାଜ୍ୟ ସୂର୍ଯ୍ୟବଂଶର କୀର୍ତ୍ତି ନୁହେଁ—କାରଣ ସେ ସାମ୍ରାଜ୍ୟ ଇତିହାସରେ ଆଜି ନିଶ୍ଚିହ୍ନ ହୋଇଅଛି । ସୂର୍ଯ୍ୟବଂଶର ଶେଷ ନରପତି ପ୍ରତାପରୁଦ୍ରଙ୍କ କାଳରେହିଁ, ଗଙ୍ଗାଠାରୁ କାବେରୀ ପର୍ଯ୍ୟନ୍ତ ବିଶାଳ ସାମ୍ରାଜ୍ୟ, ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ପଡ଼ିଥିଲା । ବଙ୍ଗର ସୁଲତାନ ଆଲାଉଦ୍ଦିନ ହୋସେନ ସାହା, ଉତ୍ତର ସୀମାନ୍ତଆଡ଼ୁ ଆକ୍ରମଣ କରି, ଗୌଡ଼ ଓ ଓଡ଼ିଶା ମଧ୍ୟବର୍ତ୍ତୀ ବହୁ ଅଞ୍ଚଳ ଅଧିକାର କରିଗଲେ । ଦକ୍ଷିଣ ସୀମାନ୍ତରେ କୃଷ୍ଣଦେବ ରାୟଙ୍କ ପ୍ରଚଣ୍ଡ ଆକ୍ରମଣରେ କୋଣ୍ଡବିଡ଼ୁ, କୋଣ୍ଡପଲ୍ଲୀ ଓ ସୀମାଚଳ ପ୍ରଭୃତି ଅଞ୍ଚଳମାନ, ଗଜପତି ସାମ୍ରାଜ୍ୟରୁ ଚିରକାଳପାଇଁ ବିଚ୍ଛିନ୍ନ ହୋଇଗଲା । ଗୋଲକୁଣ୍ଡାର ସୁଲତାନ ମଧ୍ୟ, ଉତ୍କଳ—ସାମ୍ରାଜ୍ୟ ଆକ୍ରମଣ କରି, ଗୋଦାବରୀ ନଦୀର ଉତ୍ତରବର୍ତ୍ତୀ ତେଲେଙ୍ଗା ରାଜ୍ୟମାନ ଅଧିକାର କରି ନେଲେ । କପିଳେନ୍ଦ୍ରଙ୍କ ବିଶାଳ-ସାମ୍ରାଜ୍ୟ ଏହିପରି ଭାବରେ ଭାଙ୍ଗି, ନିଶ୍ଚିହ୍ନ ହୋଇଗଲା ।

ସୂର୍ଯ୍ୟବଂଶୀ ସମ୍ରାଟମାନେ ମନ୍ଦିରନିର୍ମାତା ନ ଥିଲେ । କେଶରୀ ବା ଗଙ୍ଗମାନଙ୍କପରି ସେମାନେ ଉତ୍କଳରେ କୌଣସି ମନ୍ଦିର ନିର୍ମାଣ କରି ନ ଥିଲେ । ସୂର୍ଯ୍ୟବଂଶ କାଳରେ, କେଉଁଠି କେଉଁଠି ଯେଉଁ ମନ୍ଦିର ବା ନିର୍ମିତ ହୋଇଥିଲା,ସେଥିରେ ସ୍ଥାପତ୍ୟର କୌଣସି ଚମତ୍କାରିତା ବା କଳାସୌଷ୍ଠବ ନଥିଲା । ସେ ମନ୍ଦିରମାନ ଆଜି ମଧ୍ୟ ଧୂଳିସାତ ହେଲଣି । ତେଣୁ ମନ୍ଦିର, ସୂର୍ଯ୍ୟବଂଶର କୀର୍ତ୍ତି ନୁହେଁ ।

ସୂର୍ଯ୍ୟବଂଶର ଶ୍ରେଷ୍ଠ କୀର୍ତ୍ତି—ଓଡ଼ିଆ ସାହିତ୍ୟ । ସୂର୍ଯ୍ୟବଂଶର ସାମ୍ରାଜ୍ୟ ଆଜି ଲୋପ ପାଇ ପାରିଥାଏ; ମାତ୍ର ସୂର୍ଯ୍ୟବଂଶ କାଳରେ ଓଡ଼ିଆ ସାହିତ୍ୟର ଯେଉଁ ଭିତ୍ତି ନିର୍ମିତ ହୋଇଥିଲା, ଆଜି ତାହାର ସୀମାନ୍ତ ଓ ଦିଗ୍‌ବଳୟ କ୍ରମପ୍ରସାରିତ ହେଉଅଛି । "ଓଡ଼ି ଚଷା" ସାରଳାଙ୍କ ମହାଭାରତ ଯଥାର୍ଥରେ ମହାଭାରତୀୟ ସାହିତ୍ୟରେ ଏକ ବିଶିଷ୍ଟ ସମ୍ପଦ । ବଙ୍ଗଳାରେ କାଶୀରାମ ଦାସଙ୍କ ମହାଭାରତ ପ୍ରକାଶିତ ହୋଇଥିଲେହେଁ, ସାରଳାଙ୍କ ଓଡ଼ିଆ ମହାଭାରତ ଷୋଡ଼ଶ ଶତାବ୍ଦୀର ଆରମ୍ଭରେ ବହୁ ପ୍ରସିଦ୍ଧି ଲାଭ କରିଥିଲା । ବଙ୍ଗଭାଷାରେ ଅନୂଦିତ ହୋଇ,ବଙ୍ଗଳାର ଘରେ ଘରେ ଏହା ଆଦୃତ ହୋଇଥିବା, ଶ୍ରୀ ବି ସି. ମଜୁମଦାରଙ୍କ ପରି ବଙ୍ଗୀୟ ପଣ୍ଡିତମାନେ ସ୍ୱୀକାର କରିଅଛନ୍ତି । ଏବେସୁଦ୍ଧା ସାରଳା-ମହାଭାରତର 'ବିରାଟପର୍ବ' ବଙ୍ଗଳା ଭାଷାରେ, ବଙ୍ଗଦେଶରେ କେଉଁଠି କେଉଁଠି ପ୍ରଚଳିତ ଥିବା, ଶ୍ରୀ ଦିନେଶ ଚନ୍ଦ୍ର ସେନ ଉଲ୍ଲେଖ କରିଅଛନ୍ତି ।

ସାରଳା ଓଡ଼ିଆ ସାହିତ୍ୟର ଆଦିକବି ନୁହନ୍ତି । ମାର୍କଣ୍ଡେୟ ଦାସଙ୍କ କେଶବ କୋଇଲି ଓଡ଼ିଶାର ପ୍ରାଚୀନତମ କବିତାମାନଙ୍କ ମଧ୍ୟରୁ ଅନ୍ୟତମ ବୋଲି ଅନେକେ ଉଲ୍ଲେଖ କରିଥାନ୍ତି । ଷୋଡ଼ଶ ଶତାବ୍ଦୀର ଆଦ୍ୟପାଦରେ ଭାଗବତକାର ଜଗନ୍ନାଥ ଦାସ, "କେଶବ-କୋଇଲି"ର ଏକ ଆଧ୍ୟାତ୍ମିକ ବ୍ୟାଖ୍ୟାନ ରୂପେ "ଅର୍ଥ-କୋଇଲି" ରଚନା କରିଥିବାରୁ, ଅନେକେ ଏହାକୁ ବହୁ ପ୍ରସିଦ୍ଧ ପ୍ରାଚୀନ ରଚନା ବୋଲି ଅନୁମାନ କରିଥାନ୍ତି । ମାତ୍ର ଏହି କବିତାରେ ବାତ୍ସଲ୍ୟରସାଶ୍ରିତ କୃଷ୍ଣ-ଭକ୍ତିର ଯେଉଁ ଲଳିତ ଓ ମଧୁର ପ୍ରକାଶ ହୋଇଅଛି, ସେଥିରୁ ଏହାକୁ ସାରଳାଙ୍କ ପୂର୍ବକାଳର ବୋଲି ଅନୁମାନ କରିବା ସମୀଚୀନ ହେବନାହିଁ । କାରଣ ଓଡ଼ିଶାର

ବାସୁଲୀରସାଶ୍ରିତ କୃଷ୍ଣ-ଭକ୍ତ ମଧ୍ୟଯୁଗୀୟ ବୈଷ୍ଣବ ଧର୍ମର ଆଦ୍ୟ-ପ୍ରକାଶ ହେଲେହେଁ; ଐତିହାସିକକାଳ ଦୃଷ୍ଟିରୁ ଏହା କପିଳେନ୍ଦ୍ରଙ୍କ ପୂର୍ବକାଳର ହୋଇ ନପାରେ। ସେ ଯାହା ହେଉନା କାହିଁକି, ସାରଳାଙ୍କ ପୂର୍ବରୁ ଓଡ଼ିଆ ସାହିତ୍ୟ ସମ୍ଭବତଃ ଲୋକସାହିତ୍ୟ ଆକାରରେ ଥିଲା । ତା ନହେଲେ ପ୍ରାଥମିକ ଉଦ୍ୟମ ରୂପେ ସାରଳା ମହାଭାରତର ଅଭୂତପୂର୍ବ ସଫଳତା ଆଦୌ ଆଶା କରାଯାଇ ନପାରେ ।

ଓଡ଼ିଆ ଭାଷା ଅବଶ୍ୟ ବହୁ ପ୍ରାଚୀନ । ଭରତ ମୁନିଙ୍କ "ନାଟ୍ୟ-ଶାସ୍ତ୍ର"ରେ ଉଡ୍ର- ବିଭାଷାର ଉଲ୍ଲେଖ ଅଛି । ସଂସ୍କୃତ ନାଟକରେ ଶବର ଶ୍ରେଣୀୟ ଚଣ୍ଡାଳମାନେ ଏହି ଉଡ୍ର-ବିଭାଷାରେ ସଂଳାପ କରୁଥିଲେ । ତେଣୁ ସାରଳାଙ୍କ ବହୁ ପୂର୍ବରୁ ସୁଦ୍ଧା ଓଡ଼ିଆ ଭାଷା ଓ ସାହିତ୍ୟ ଥିଲା । ପୁଣି ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀର "ଦୋହାକୋଷ"ର କେତେକ ବୌଦ୍ଧ ଗାନ ଓ ଦୋହା ପ୍ରାଚୀନ ଓଡ଼ିଆ ଭାଷାରେ ରଚିତ ହୋଇଥିବାର ପ୍ରମାଣ, ଏହି ଦୋହାମାନଙ୍କରେ ରହିଅଛି । ଏ ସମ୍ବନ୍ଧରେ ଶବରପାଦଙ୍କ ଗୋଟିଏ ଦୋହାରୁ କେତେକ ପଂକ୍ତି ଉଦ୍ଧାର କରାଯାଇପାରେ :—

"ଉଁଚ୍ଚ ଉଁଚ୍ଚ ପାବତ, ତହିଁ ବସଇ ସବରୀ ବାଳୀ ।
ମୋରଙ୍ଗୀ ପିଚ୍ଛ ପରହିଣ ସବରୀ ଗିବତ ଗୁଞ୍ଜରୀ ମାଳୀ ॥"

ମାତ୍ର କେତେକ ଐତିହାସିକ କାରଣରୁ ଓଡ଼ିଆ ସାହିତ୍ୟର ବିକାଶ ବାଧାପ୍ରାପ୍ତ ହୋଇ ପଡ଼ିଥିଲା । ଭୌମ, କେଶରୀ ଓ ଗଙ୍ଗ କେହି ଓଡ଼ିଆ ନଥିଲେ । ଏମାନେ ସମସ୍ତେ ଓଡ଼ିଶା ବାହାରୁ ଆସି ଓଡ଼ିଶାରେ ରାଜ୍ୟ ସ୍ଥାପନ କରିଥିଲେ । ଭୌମ ଓ କେଶରୀମାନଙ୍କ କାଳରେ ସଂସ୍କୃତ ଭାଷା ଓ ସାହିତ୍ୟ, ରାଜପୃଷ୍ଠପୋଷକତା ଲାଭ

କରୁଥିଲେ । ଗଙ୍ଗମାନେ ସମ୍ଭବତଃ ତାମିଲଭାଷା ପ୍ରତି ପୃଷ୍ଠପୋଷକତା ପ୍ରଦର୍ଶନ କରୁଥିଲେ । ଏ ପରିସ୍ଥିତିରେ ଓଡ଼ିଆ ସାହିତ୍ୟ ଅନାଦୃତ ହୋଇ ପଡ଼ିଥିବା ସ୍ୱାଭାବିକ । ଗଙ୍ଗବଂଶର ଅବସାନ ପରେ ଓଡ଼ିଆ ଖଣ୍ଡାୟତ କପିଳ ରାଉତ ନିଜ ତରବାରି ବଳରେ, ଗଜପତି ସିଂହାସନରେ ବସିଲେ । ନିଜ ବଂଶର ବୁନିଆଦ ପ୍ରତିଷ୍ଠା କରିବା ପାଇଁ ସେ ନିଜକୁ ସୂର୍ଯ୍ୟବଂଶୀ ବୋଲି ପରିଚୟ ଦେଇ ପାରିଥାନ୍ତି; ମାତ୍ର ତାଙ୍କ ଜନ୍ମ ଓଡ଼ିଆ ଖଣ୍ଡାୟତ ପାଇକ କୁଳରେ । ତେଣୁ କପିଳେନ୍ଦ୍ରଙ୍କ ରାଜତ୍ୱରେ ଓଡ଼ିଆ ସାହିତ୍ୟ ପୃଷ୍ଠପୋଷକତା ଲାଭ କରିଥିବା ଅତି ସ୍ୱାଭାବିକ ।

ଏହି କାଳରେ ପୁଣି ସମଗ୍ର ଭାରତରେ ମୁସଲମାନ ରାଜଶକ୍ତିର ପ୍ରଭାବ ପ୍ରତ୍ୟକ୍ଷ ଭାବରେ ଅନୁଭୂତ ହେଉଥିଲା । ଏକାଦଶ-ଦ୍ୱାଦଶ ଶତାବ୍ଦୀ କାଳକୁ ଉତ୍ତର-ଭାରତରେ ମୁସଲମାନ ରାଜଶକ୍ତି ପ୍ରତିଷ୍ଠିତ ହୋଇ ସାରିଥିଲା । ଭାରତର ରାଜନୈତିକ କ୍ଷେତ୍ରରେ ଏ ଅଭିଶାପ, ସାଂସ୍କୃତିକ କ୍ଷେତ୍ରରେ ଏକ ଆଶୀର୍ବାଦ ରୂପେ ପ୍ରକାଶ ପାଇଥିଲା । ଏ ଯାବତ୍ ଏକ ମହାଭାରତୀୟ ଭାଷା ଓ ସାହିତ୍ୟ ରୂପେ ସଂସ୍କୃତର ପ୍ରଭାବ ଓ ପ୍ରତିଷ୍ଠା ଅକ୍ଷୁର୍ଣ୍ଣ ରହିଥିଲା । ମାତ୍ର ମୁସଲମାନ ରାଜଶକ୍ତି ପ୍ରତିଷ୍ଠିତ ହେବାପରେ, ସଂସ୍କୃତ ଭାଷା ରାଜପୃଷ୍ଠପୋଷକତା ଅଭାବରେ ପୂର୍ବ ପ୍ରତିଷ୍ଠା ହରାଇବାରେ ଲାଗିଲା । ପାର୍ଶୀଭାଷା କ୍ରମେ ରାଜଭାଷା ରୂପେ ପ୍ରବର୍ତ୍ତିତ ଓ ପ୍ରତିଷ୍ଠିତ ହେଲା । ଏ ପୃଷ୍ଠ-ଭୂମିରେ ସଂସ୍କୃତଭାଷାର ପ୍ରଭାବ ଲୋପ ପାଇବା ସଙ୍ଗେ ସଙ୍ଗେ ବିଭିନ୍ନ ଆଞ୍ଚଳିକ ଭାଷାମାନ ବିକଶିତ ହେବା ପାଇଁ ଏକ ଅନୁକୂଳ ପରିସ୍ଥିତିର ସୃଷ୍ଟି ହେଲା । ସାରଳା ଓଡ଼ିଆ ସାହିତ୍ୟର ସୃଷ୍ଟି କଲା କାଳକୁ, ମରାଠିରେ ଜ୍ଞାନେଶ୍ୱର, ଅବଧୀ ଓ ବ୍ରଜଭାଷାରେ ତୁଳସୀ

ଦାସ, ମୈଥିଳୀରେ ବିଦ୍ୟାପତି, ବଙ୍ଗଳାରେ ଚଣ୍ଡୀ କୃଷ୍ଣ-
ଆସାମିଆଁରେ ଶଙ୍କର ଦେବ ଓ ଗୁଜରାଟୀରେ ନରସିଂହ ମେହେତା ପ୍ରମୁଖ ଆଦିକବି ମାନଙ୍କର ଆବିର୍ଭାବ ହୋଇଥିଲା ।

ସାରଳାଙ୍କ ପୂର୍ବରୁ ସମ୍ଭବତଃ ଓଡ଼ିଆ ଲିପି ନଥିଲା । ସାରଳା ଦାସ ବିରାଟ ମହାଭାରତ ଲେଖି ଲେଖି ସମ୍ଭବତଃ ଓଡ଼ିଆ ଲିପିର ପ୍ରବର୍ତ୍ତନ କଲେ । ତାଳପତ୍ର ଓ ଲେଖନରେ ଲେଖା ହେଉଥିବା ପାଇଁ ହେଉ ବା ତାମିଲ ଲିପିର ପ୍ରଭାବରେ ହେଉ, ଓଡ଼ିଆ ଲିପି ଦକ୍ଷିଣ ଭାରତୀୟ ଲିପିମାନଙ୍କ ପରି ବର୍ତ୍ତୁଳାକାର ହେଲା । ଓଡ଼ିଆ, ବଙ୍ଗଳା ଓ ଆସାମିଆଁ, ମାଗଧି ଅପଭ୍ରଂଶରୁ ଉତ୍ପନ୍ନ । ମାତ୍ର ବଙ୍ଗଳା ଓ ଆସାମିଆଁ ଲିପି ଦେବନାଗରୀ ଲିପି ପରି ରେଖାବେଷ୍ଟିତ ହେଲେହେଁ, ଓଡ଼ିଆ ଲିପି ବର୍ତ୍ତୁଳାକାର । ଲିପିରେ ଓଡ଼ିଆ, ତାମିଲ ଲିପି ଦ୍ୱାରା ପ୍ରଭାବିତ ହେଲେହେଁ, ଭାଷା ଓ ବ୍ୟାକରଣରେ ଏହା ସଂସ୍କୃତ ଦ୍ୱାରା ପ୍ରଭାବିତ । ଉତ୍କଳୀୟ ସଂସ୍କୃତିର ପ୍ରତ୍ୟେକ ବିଭାବ, ଆର୍ଯ୍ୟ ଓ ଦ୍ରାବିଡ଼ ସଂସ୍କୃତିର ଅପୂର୍ବ ସମନ୍ୱୟ ଦ୍ୱାରା ଯେପରି ପ୍ରଭାବିତ ହୋଇଅଛି ଓଡ଼ିଆ ଲିପି ତାହାର ଅନ୍ୟତମ ଉଦାହରଣ ।

ସାରଳାଙ୍କ ମହାଭାରତ ପରେ ସମ୍ଭବତଃ ଓଡ଼ିଆ ଲିପି, ଶିଳାଲେଖ ଓ ତାମ୍ର ଶାସନମାନଙ୍କରେ ବ୍ୟବହୃତ ହେଲା । କଟକ ଜିଲ୍ଲାର ଗୋପିନାଥପୁରର ଶ୍ରୀ ବଳଦେବ ମନ୍ଦିର କପିଳେନ୍ଦ୍ରଙ୍କ ରାଜତ୍ୱ କାଳରେ ନିର୍ମିତ ହୋଇଥିଲେ, ଏହି ମନ୍ଦିର ପ୍ରାଚୀରରେ ଶିଳାଲିପି ଉତ୍କୀର୍ଣ୍ଣ ହେଲା ବେଳକୁ ଓଡ଼ିଆ ଲିପି ଶୁଦ୍ଧତା ଲାଭ କରିଥିବା ସ୍ପଷ୍ଟ ଅନୁମିତ ହୁଏ ।

ସାରଳା ମହାଭାରତ, ସଂସ୍କୃତ ମହାଭାରତର ଅନୁବାଦ ନୁହେଁ ବା ଏହା କେବଳ ମହାଭାରତ ନୁହେଁ । ଏଥିରେ ସମସାମୟିକ

କଳିଙ୍ଗର ରାଜନୈତିକ ଇତିହାସ, ସାମାଜିକ ଅବସ୍ଥା, ଲୋକ ସଂସ୍କୃତି ପୁଣି ଲୋକ ପ୍ରଚଳିତ ନାନା କିମ୍ବଦନ୍ତୀ ଯେପରି ଉତ୍କୃଷ୍ଟ ଭାବରେ ଲିପିବଦ୍ଧ ହୋଇଅଛି, ତାହା ଯଥାର୍ଥରେ ବିସ୍ମୟୋଦ୍ଦୀପକ। ପୁଣି ଏଥିରେ ଓଡ଼ିଆ ଲୋକଚରିତର ଯେଉଁ ଅପୂର୍ବ ରୂପାୟନ ହୋଇଅଛି, ତାହା ଯଥାର୍ଥରେ ଅନନ୍ୟସାଧାରଣ।

ଦକ୍ଷିଣରେ ବିଜୟନଗର ବା ବିଦ୍ୟାନଗରର ମଲ୍ଲିକାର୍ଜ୍ଜୁନ ଓ ବାହ୍ମନୀର ସୁଲତାନ୍ ପ୍ରମୁଖଙ୍କ ପରାଜୟ, କପିଳେନ୍ଦ୍ରଙ୍କ ରାଜତ୍ୱ-କାଳରେ ଗୋଟିଏ ଗୋଟିଏ ବିଶିଷ୍ଟ ଘଟଣା। ସାରଳା ଦାସ ସ୍ୱ-ରଚିତ ମହାଭାରତରେ ଏ ସମସ୍ତ ଘଟଣା ପୌରାଣିକ କାହାଣୀ ଓ ଚରିତର ଆବରଣ ତଳେ ଅତି ନିପୁଣ ଭାବରେ ପ୍ରକାଶ କରି ଅଛନ୍ତି। ପ୍ରତ୍ନତତ୍ତ୍ୱବିତ୍ ଓ ସାରଳା ମହାଭାରତର ଜଣେ ବିଶିଷ୍ଟ ଗବେଷକ ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଏ ସମ୍ପର୍କରେ ଆଲୋଚନା କରି ଯେଉଁ ତଥ୍ୟମାନ ପ୍ରକାଶ କରିଅଛନ୍ତି, ସେଥିପାଇଁ ସେ ସ୍ମରଣୀୟ ହୋଇ ରହିବେ। ସାରଳାଙ୍କ ମହାଭାରତରେ ବିଜୟ-ନଗର ହୋଇଛି, କରବୀରପୁର ଓ ମଲ୍ଲିକାର୍ଜ୍ଜୁନ ହୋଇଛନ୍ତି ପୌଣ୍ଡ୍ରକ-ବାସୁଦେବ। ବିଜୟନଗର ମଲ୍ଲିକାର୍ଜୁନ ଜଗନ୍ନାଥ-ଦ୍ରୋହୀ ବା ଜଗନ୍ନାଥ-ନିନ୍ଦୁକ ଥିଲେ। ପୁଣ୍ଡ୍ରର ରାଜା ବାସୁଦେବ ମଧ୍ୟ କୃଷ୍ଣ-ଦ୍ୱେଷୀ ଥିଲେ। ପାଣ୍ଡବମାନେ କୃଷ୍ଣ-ଦ୍ୱେଷୀ ପୌଣ୍ଡ୍ରକ-ବାସୁଦେବଙ୍କୁ ପରାସ୍ତ କଲାପରି, କପିଳେନ୍ଦ୍ର ଜଗନ୍ନାଥ-ନିନ୍ଦୁକ ମଲ୍ଲିକାର୍ଜ୍ଜୁନଙ୍କୁ ପରାସ୍ତ କରିଥିଲେ। ବାହ୍ମନୀର ସୁଲତାନ ସେହିପରି ସାରଳାଙ୍କ କଳ୍ପନାରେ ହୋଇଛନ୍ତି ଦରଦସେନ। ବାହ୍ଲୀକର ରାଜା ଦରଦସେନ କୃଷ୍ଣ-ଦ୍ୱେଷୀ ରାଜାମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ। ମଧ୍ୟ-ଏସିଆର ଆଧୁନିକ ବାଲଖ୍, ପୌରାଣିକ କାଳରେ ବାହ୍ଲୀକ ନାମରେ ପରିଚିତ ଥିଲା। ବାହ୍ମନୀର

ମୁସଲମାନ ସୁଲତାନ ଏକପକ୍ଷରେ ଯେପରି ଜଗନ୍ନାଥ ବା କୃଷ୍ଣ-ଦ୍ରୋହୀ ଥିଲେ ଅପରପକ୍ଷରେ ସେହିପରି ମଧ୍ୟ-ଏସିଆରୁ ଆସିଥିବା ଯବନ ସୈନ୍ୟବାହିନୀଙ୍କ ଉପରେ ନିର୍ଭରଶୀଳ ଥିଲେ । ତେଣୁ ସାରଳାଙ୍କ ମହାଭାରତରେ ଦରଦସେନଙ୍କ ପରାଜୟର ସୂଚନା ଥିଲେ, କପିଳେନ୍ଦ୍ରଙ୍କ ଦ୍ୱାରା ବାହାମନିରାଜ୍ୟ ଜୟ ଅତି ନିପୁଣ ଭାବରେ ବର୍ଣ୍ଣିତ ହୋଇଅଛି । *

ଏ ପ୍ରକାର ସମସାମୟିକ ଐତିହାସିକ ଘଟଣାମାନ ମହାଭାରତରେ ଅନ୍ତର୍ଭୁକ୍ତ କରିବା ପାଇଁ ସାରଳା ଦାସ ଏକ ଅଭିନବ ତଥ୍ୟ ପ୍ରବର୍ତ୍ତନ କରିଥିଲେ । ତାଙ୍କ ବିଚାରରେ ମହାଭାରତ ଯୁଦ୍ଧ, ଅତୀତ, ପୌରାଣିକ କାଳର ଏକ ବିଚ୍ଛିନ୍ନ ଘଟଣା ନୁହେଁ । ତାଙ୍କ ମତରେ ମହାଭାରତ ଯୁଦ୍ଧ ଥରେ ନୁହେଁ, ଅତୀତରେ ତେସ୍ତରି ଥର ଭାରତ ଖଣ୍ଡରେ ଘଟି ଯାଇଅଛି । ଭବିଷ୍ୟତରେ ମଧ୍ୟ ଏହାର ଯେ ପୁନରାବୃତ୍ତି ନହେବ ନୁହେଁ । ( ସଭାପର୍ବ—ପୃ ୨୦୧—୨ ) ନ୍ୟାୟୋଚିତ ବିଚାର ପାଇଁ ସଂଗ୍ରାମ—ମହାଭାରତର ଭିତ୍ତି । ସେହି ଦୃଷ୍ଟିରୁ ନ୍ୟାୟ ବିଚାର ପାଇଁ କାଳେ କାଳେ ମଣିଷର ଅନାହତ ଓ ଅବାରିତ ସଂଗ୍ରାମହିଁ ମହାଭାରତର କାହାଣୀ । କୌରବମାନେ ପଛେ ସମଗ୍ର ଭାରତଖଣ୍ଡ ଭୋଗ କରନ୍ତୁ, ପାଣ୍ଡବମାନଙ୍କର ଦଲ୍ଡ଼ା ମୋଟେ ପାଞ୍ଚଖଣ୍ଡି ଗାଁ । ଶ୍ରୀକୃଷ୍ଣ ସୁଦ୍ଧା ପାଣ୍ଡବମାନଙ୍କର ଏ ସାମାନ୍ୟ ଦାବୀର ଭିକ୍ଷା ନେଇ ଦୁର୍ଯ୍ୟୋଧନଙ୍କ ଦ୍ୱାରସ୍ଥ ହେଲେ । ମାତ୍ର ସୂଚ୍ୟଗ୍ରପରିମିତ ଭୂମି ସୁଦ୍ଧା ମିଳିଲା ନାହିଁ । ଯଥାର୍ଥରେ ଯେତେ-

---

* 'ଝଙ୍କାର'ରେ ପ୍ରକାଶିତ ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ପ୍ରବନ୍ଧ ଗୁଡ଼ିକ ଦ୍ରଷ୍ଟବ୍ୟ ।

ଦିନ ପର୍ଯ୍ୟନ୍ତ, କ୍ଷମତାଦର୍ପୀର ଦର୍ପାନ୍ଧତାରେ ଦୁର୍ବଳ ଓ ଅସହାୟର ନ୍ୟାଯ୍ୟୋଚିତ ଦାବୀ ବିଡ଼ମ୍ବିତ ହେଉଥିବ, ସେତେଦିନ ପର୍ଯ୍ୟନ୍ତ ଭିନ୍ନ ରୂପରେ, ଭିନ୍ନ ପରିସ୍ଥିତିରେ ମହାଭାରତ ଯୁଦ୍ଧର ପୁନରାବୃତ୍ତି ହେଉଥିବ ! ତେଣୁ ମନୁଷ୍ୟ ଇତିହାସରେ ସେହି ଅବାରିତ ସଂଗ୍ରାମର ନିରବଚ୍ଛିନ୍ନ ଧାରା ରୂପେ, ସାରଳା ନିଜ ମହାଭାରତରେ କପିଳେନ୍ଦ୍ରଙ୍କ କାଳର ସମର-ବୃତ୍ତାନ୍ତମାନ ଲିପିବଦ୍ଧ କରିଅଛନ୍ତି ।

ସାରଳା ମହାଭାରତରେ ଓଡ଼ିଆ ସମାଜର ସାଧାରଣ ଚରିତ୍ରମାନ ପୌରାଣିକ ଚରିତ୍ରର ଛଦ୍ମବେଶରେ ଅତି ଅପୂର୍ବ ଭାବରେ ରୂପାୟିତ ହୋଇ ଅଛନ୍ତି । ଦରିଦ୍ର ଓଡ଼ିଆ କୃଷୀ ଘରେ, ପେଟ ବିକଳା ଲୋଭୀ ପୁଅ, ହାଣ୍ଡିଶାଳ ପଶି, ଅନ୍ୟମାନଙ୍କ ପାଇଁ କିଛି ନ ରଖି ସବୁ ଲୁଚାଇ ହାଣ୍ଡି ସଫା କରି ଦେଉଥିବା, ପୁଣି ବାପ କୃଷି ବିଲରୁ ଗାଧୋଇ ଫେରି, ହାଣ୍ଡିରେ କିଛି ନ ଥିବା ଦେଖି ପାଞ୍ଚଣବାଡ଼ି ଧରି ଡାଆଣା ପୁଅକୁ ପିଟିବା ପାଇଁ ଗୋଡ଼ାଇବାର ଘଟଣା ବିରଳ ନୁହେଁ । ଆଦିପର୍ବରେ ସାରଳା ଭୀମଙ୍କୁ, ଚିର-ବୁଭୁକ୍ଷୁ ଓଡ଼ିଆ କୃଷୀ-ବାଳକ ଓ ପାଣ୍ଡୁଙ୍କୁ ବଳବାହୁଡ଼ା, ଭୋକରେ କରଡ଼ି ଜଳୁଥିବା ଓଡ଼ିଆ ଚଷା ପରି ଚିତ୍ରଣ କରିଅଛନ୍ତି !

"ମଡ଼ଥିଲ ଘରେ ପଶିଲେକ ଗୁପ୍ତ ହୋଇ ।
ଦେଖିଲେ ଭୀମସେନ ପାଗ ସକଳ ଖାଇ ॥
ହାଣ୍ଡିକ ଉପରେ କରି ଚଲେ ତୁଣ୍ଡ ପାତେ ।
ପାଣ୍ଡୁ ରଜା ବସିଥିଲେ ସେଠାରେ ଗୁପତେ ॥
ଏହା ଦେଖି ପାଣ୍ଡୁ କୋପ ସହି ନ ପାରିଲେ ।
ହାଣିବି ବୋଲି ରାମ୍ଭେ ବେଗେ ଖଣ୍ଡା ଟୋକିଲେ ॥"

ପୁଣି ଆଦିପର୍ବରେ କୁରୁ-ପାଣ୍ଡବଙ୍କ ଝିମାଣି ଖେଳ, ଓଡ଼ିଆ ଲେଣ୍ଡାଙ୍କ ଡୁ-ଡୁ ଖେଳର ଏକ ଅପୂର୍ବ ଚିତ୍ର ।

ଶାନ୍ତିପର୍ବରେ ଭୀଷ୍ମ ଯୁଧିଷ୍ଠିରଙ୍କୁ ଉପଦେଶ ଛଳରେ ଯାହା କହିଛନ୍ତି, ସେଥିରେ ସେକାଳର ଶାସନାଦର୍ଶ ଅତି ନିପୁଣଭାବରେ ଲିପିବଦ୍ଧ ହୋଇ ରହିଅଛି । ସଂସ୍କୃତ ମହାଭାରତ ପରି ଏଥିରେ ଶାସନାଦର୍ଶର ତାତ୍ତ୍ୱିକ ଆଲୋଚନା ନାହିଁ—ମାତ୍ର ଅଛି, କୃଷି-ସର୍ବସ୍ୱ ଓଡ଼ିଆ କୃଷିକୁଳଙ୍କୁ ଶାସନ କରିବା ଦିଗରେ କେତେକ ବାସ୍ତବ ନିର୍ଦ୍ଦେଶ ।

"କୋଡ଼ିଏ ହାତରେ ଯେ କରିବୁ ଏକ କାଠି ।
ପଚିଶ ଗୁଣ୍ଠରେ ମାଣେ ବଂଶମାଣେ ବାଟି ॥
ବାଟିକର ଚନାଏ ଯେ ଘେନିଥିଲେ ସଞ୍ଜା ।
ଆମ୍ଭ ଆମ୍ଭୁ ଘେନ ବଞ୍ଚ ବୋଲିବେ ଯେ ପ୍ରଜା ॥

× × × ×

କୃଷିକାରୀଙ୍କ ଯେ ଧନ ହାରି ନ ଦଣ୍ଡିବୁ ।
ନିର୍ଦ୍ଦୋଷୀ ଦେଖିଲେ ତାକୁ କ୍ଷମା ଯେ କରିବୁ ॥"

"ଶୂଦ୍ର ମୁନି" ସାରଳା, ଓଡ଼ିଆ ଭାଷାରେ ମହାଭାରତ ରଚନା କରି, ସାଂସ୍କୃତିକ ଓ ବୌଦ୍ଧିକ କ୍ଷେତ୍ରରେ ଯେଉଁ ବିପ୍ଳବର ସୂତ୍ରପାତ କଲେ, ପରେ ତାହା ଜଗନ୍ନାଥ ଦାସ ଓ ବଳରାମ ଦାସଙ୍କଦ୍ୱାରା ଅନୁସୃତ ହୋଇଥିଲା ।

ସୂର୍ଯ୍ୟବଂଶର ଆରମ୍ଭରେ ଓଡ଼ିଆ ସାହିତ୍ୟ ଯେଉଁ ସାଂସ୍କୃତିକ-ସଂଘର୍ଷ ଓ ବୌଦ୍ଧିକ ବିପ୍ଳବ ମଧ୍ୟରୁ ଜନ୍ମଲାଭ କରିଥିଲା, ଏହି "ଶୂଦ୍ର" ବିଶେଷଣରେ ସମ୍ଭବତଃ ତାହାର ଉଜ୍ଜ୍ୱଳ ସଙ୍କେତ ରହିଅଛି ।

ଓଡ଼ିଆ ସାହିତ୍ୟର ନିତ୍ୟସ୍ମରଣୀୟ ବ୍ୟାସଦେବ କେବଳ "ଶୂଦ୍ର" ବୋଲି ନିନ୍ଦିତ ହୋଇ ନ ଥିଲେ । ଭାଗବତକାର

ଦିନ ପର୍ଯ୍ୟନ୍ତ, କ୍ଷମତାଦର୍ପୀର ଦର୍ପାନ୍ଧତାରେ ଦୁର୍ବଳ ଓ ଅସହାୟର ନ୍ୟାଯ୍ୟୋଚିତ ଦାବୀ ଖଣ୍ଡିତ ହେଉଥିବ, ସେତେଦିନ ପର୍ଯ୍ୟନ୍ତ ଭିନ୍ନ ରୂପରେ, ଭିନ୍ନ ପରିସ୍ଥିତିରେ ମହାଭାରତ ଯୁଦ୍ଧର ପୁନରାବୃତ୍ତି ହେଉଥିବ ! ତେଣୁ ମନୁଷ୍ୟ ଇତିହାସରେ ସେହି ଅବାରିତ ସଂଗ୍ରାମର ନିରବଚ୍ଛିନ୍ନ ଧାରା ରୂପେ, ସାରଳା ନିଜ ମହାଭାରତରେ କପିଳେନ୍ଦ୍ରଙ୍କ କାଳର ସମର-ଦୃଶ୍ୟମାନ ଲିପିବଦ୍ଧ କରିଅଛନ୍ତି ।

ସାରଳା ମହାଭାରତରେ ଓଡ଼ିଆ ସମାଜର ସାଧାରଣ ଚରିତ୍ରମାନ ପୌରାଣିକ ଚରିତ୍ରର ଛଦ୍ମବେଶରେ ଅତି ଅପୂର୍ବ ଭାବରେ ରୂପାୟିତ ହୋଇ ଅଛନ୍ତି । ଦରିଦ୍ର ଓଡ଼ିଆ କୃଷୀ ଘରେ, ପେଟ ବିକଳା ଲୋଭୀ ପୁଅ, ହାଣ୍ଡିଶାଳ ପଶି, ଅନ୍ୟମାନଙ୍କ ପାଇଁ କିଛି ନ ରଖି ସବୁ ଲୁଚାଇ ହାଣ୍ଡି ସଫା କରି ଦେଉଥିବା, ପୁଣି ବାପ କୃଷି ବିଲରୁ ଗାଧୋଇ ଫେରି, ହାଣ୍ଡିରେ କିଛି ନ ଥିବା ଦେଖି ପାଞ୍ଚଣବାଡ଼ି ଧରି ଡାଆଣା ପୁଅକୁ ପିଟିବା ପାଇଁ ଗୋଡ଼ାଇବାର ଘଟଣା ବିରଳ ନୁହେଁ । ଆଦିପର୍ବରେ ସାରଳା ଭୀମଙ୍କୁ, ଚିର-ବୁଭୁକ୍ଷୁ ଓଡ଼ିଆ କୃଷୀ-ବାଳକ ଓ ପାଣ୍ଡୁଙ୍କୁ ବଳବାହୁଡ଼ା, ଶୋକରେ କରଡ଼ ଜଳୁଥିବା ଓଡ଼ିଆ ଚଷା ପରି ଚିତ୍ରଣ କରିଅଛନ୍ତି !

"ମଡ଼ାଥିଲ ଘରେ ପଶିଲେକ ଗୁପ୍ତ ହୋଇ ।
ଦେଖିଲେ ଭୀମସେନ ପାଗ ସକଳ ଖାଇ ॥
ହାଣ୍ଡିକ ଉପରେ କରି ଚଳେ ତୁଣ୍ଡ ପାତେ ।
ପାଣ୍ଡୁ ରାଜା ବସିଥିଲେ ସେଠାରେ ଗୁପତେ ॥
ଏହା ଦେଖି ପାଣ୍ଡୁ କୋପ ସହି ନ ପାରିଲେ ।
ହାଣିବି ବୋଲି ରାଜ୍ୟେ ବେଗେ ଖଣ୍ଡା ତୋଳିଲେ ॥"

ପୁଣି ଆଦିପର୍ବରେ କୁରୁ-ପାଣ୍ଡବଙ୍କ ହିମାଣି ଖେଳ, ଓଡ଼ିଆ ନେଣ୍ଡାଙ୍କ ଡୁ-ଡୁ ଖେଳର ଏକ ଅପୂର୍ବ ଚିତ୍ର ।

ଶାନ୍ତିପର୍ବରେ ଭୀଷ୍ମ ଯୁଧିଷ୍ଠିରଙ୍କୁ ଉପଦେଶ ଛଳରେ ଯାହା କହିଛନ୍ତି, ସେଥିରେ ସେକାଳର ଶାସନାଦର୍ଶ ଅତି ନିପୁଣଭାବରେ ଲିପିବଦ୍ଧ ହୋଇ ରହିଅଛି । ସଂସ୍କୃତ ମହାଭାରତ ପରି ଏଥିରେ ଶାସନାଦର୍ଶର ତାତ୍ତ୍ୱିକ ଆଲୋଚନା ନାହିଁ—ମାତ୍ର ଅଛି, କୃଷି-ସର୍ବସ୍ୱ ଓଡ଼ିଆ କୃଷିକୁଳଙ୍କୁ ଶାସନ କରିବା ବିଷୟରେ କେତେକ ବାସ୍ତବ ନିର୍ଦ୍ଦେଶ ।

"କୋଡ଼ିଏ ହାତରେ ଯେ କରିବୁ ଏକ କାଠି ।
ପଚିଶ ଗୁଣ୍ଠରେ ମାଣେ ବଂଶମାଣେ ବାନ୍ଧି ॥
ବାନ୍ଧିକରି ଚଳାଏ ଯେ ହୋଇଥିଲେ ସଞ୍ଜା ।
ଆମ୍ଭ ଆମ୍ଭ ହୋଇ ବନ୍ଧ ବୋଲିବେ ଯେ ପ୍ରଜା ॥

× × × ×

କୃଷିକାର୍ଯ୍ୟ କା ଯେ ଧନ ହାର ନ ବଣ୍ଟିବୁ ।
ନିର୍ଦ୍ଧୋଷୀ ଦେଖିଲେ ତାକୁ କ୍ଷମା ଯେ କରିବୁ ॥"

"ଶୂଦ୍ର ମୁନି" ସାରଳା, ଓଡ଼ିଆ ଭଦାରେ ମହାଭାରତ ରଚନା କରି, ସାଂସ୍କୃତିକ ଓ ବୌଦ୍ଧିକ କ୍ଷେତ୍ରରେ ଯେଉଁ ବିପ୍ଳବର ସୂତ୍ରପାତ କଲେ, ପରେ ତାହା ଜଗନ୍ନାଥ ଦାସ ଓ ବଳରାମ ଦାସଙ୍କଦ୍ୱାରା ଅନୁସୃତ ହୋଇଥିଲା ।

ସୂର୍ଯ୍ୟବଂଶର ଆରମ୍ଭରେ ଓଡ଼ିଆ ସାହିତ୍ୟ ଯେଉଁ ସାଂସ୍କୃତିକ-ସଂଘର୍ଷ ଓ ବୌଦ୍ଧିକ ବିପ୍ଳବ ମଧ୍ୟରୁ ଜନ୍ମଲାଭ କରିଥିଲା, ଏହି "ଶୂଦ୍ର" ବିଶେଷଣରେ ସମ୍ଭବତଃ ତାହାର ଉଜ୍ଜ୍ୱଳ ସଙ୍କେତ ରହିଅଛି ।

ଓଡ଼ିଆ ସାହିତ୍ୟର ନିତ୍ୟସ୍ମରଣୀୟ ବ୍ୟାସଦେବ କେବଳ "ଶୂଦ୍ର" ବୋଲି ନିନ୍ଦିତ ହୋଇ ନ ଥିଲେ । ଭାଗବତକାର

ଜଗନ୍ନାଥ ଦାସ କପିଳେଶ୍ୱରପୁର ଶାସନର ଗୋଟିଏ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେହେଁ, ତାଙ୍କୁ ମଧ୍ୟ ତତ୍‌କାଳୀନ ସମାଜରେ ଶୂଦ୍ର ବୋଲି ନିନ୍ଦିତ ହେବାପାଇଁ ପଡ଼ିଥିଲା । ସଂସ୍କୃତ ପ୍ରଭାବିତ ପଣ୍ଡିତସମାଜରେ ସମ୍ଭବତଃ ଓଡ଼ିଆଭାଷା ଓ ସାହିତ୍ୟ ଚର୍ଚ୍ଚା, ସେକାଳେ ଶୂଦ୍ରତ୍ୱର ପରିଚୟ ବୋଲି ପରିଗଣିତ ହେଉଥିଲା । ଶ୍ରୀମଦ୍ଭାଗବତ ପ୍ରତ୍ୟେକ ହିନ୍ଦୁ ପକ୍ଷରେ ଏକ ବିଶିଷ୍ଟ ଧର୍ମଗ୍ରନ୍ଥ । ଅଗଣିତ, କୋଟି କୋଟି ହିନ୍ଦୁ ଏହି ଗ୍ରନ୍ଥରୁ ଜୀବନରେ ଶାନ୍ତି, ସାନ୍ତ୍ୱନା ଓ ଆଧ୍ୟାତ୍ମିକ ଜ୍ଞାନ ଆହରଣ କରିଥାନ୍ତି । ମାତ୍ର ଏହା ସଂସ୍କୃତଭାଷାରେ ଥିବାରୁ, ସଂସ୍କୃତଭାଷାନଭିଜ୍ଞ ସାଧାରଣ ଲୋକେ ଭାଗବତ ପାଠରୁ ବଞ୍ଚିତ ହେଉଥିଲେ । ମୁଷ୍ଟିମେୟ କେତେଜଣ ସଂସ୍କୃତଜ୍ଞ ପଣ୍ଡିତ ବ୍ରାହ୍ମଣ, ଏ ପରିସ୍ଥିତିରେ ଅବ୍ରାହ୍ମଣ ସମାଜରେ ଆଧ୍ୟାତ୍ମିକଜ୍ଞାନର ଏକମାତ୍ର ଅଧିକାରୀ ହୋଇ ପଡ଼ିଥିଲେ । ସାରଳାଙ୍କ ମହାଭାରତ ଲୋକରେ ବହୁ ଆଦୃତ ହେବା ଦେଖି ବ୍ରାହ୍ମଣ ସନ୍ତାନ ଜଗନ୍ନାଥ ଓଡ଼ିଆରେ ଶ୍ରୀମଦ୍ଭାଗବତ ରଚନା ପାଇଁ ମନ ବଳାଇଥିବା ସ୍ୱାଭାବିକ । ଜଗନ୍ନାଥଙ୍କ ପିତା ସଂସ୍କୃତରେ ପୁରାଣ ପଢ଼ି ସେଥିରୁ ଜୀବିକାନିର୍ବାହ କରୁଥିଲେ । ଏହାସତ୍ତ୍ୱେ କୌଳିକ ବୃତ୍ତିରେ ଜଳାଂଜଳି ଦେଇ ଜଗନ୍ନାଥଦାସ, ଓଡ଼ିଆରେ ଭାଗବତ ରଚନା କରିଥିଲେ । ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ, ଓଡ଼ିଆ ଜାତି ଓ ସାହିତ୍ୟର ଏକ ପରମ ସମ୍ପଦ । ମାତ୍ର ସେକାଳେ ଏହା ସଂସ୍କୃତଜ୍ଞ ବ୍ରାହ୍ମଣ ସମାଜରେ "ତେଲି ଭାଗବତ" ନାମରେ ଉପହସିତ ହୋଇଥିଲା ।

ଜନସାଧାରଣଙ୍କ ମଧ୍ୟରେ କେବଳ ଆଧ୍ୟାତ୍ମିକ ଚର୍ଚ୍ଚା ନୁହେଁ, ଶିକ୍ଷା ପ୍ରସାର ପଥକୁ ଏହା ଯେପରି ସୁଗମ କରିଥିଲା, ତାହା ବୁଝାଇ କହିବାର ନୁହେଁ । ବହୁକାଳପୂର୍ବେ ଓଡ଼ିଶା ଉଭିକନ୍‌ର ସ୍କୁଲ

ଇନ୍‌ସ୍ପେକ୍‌ଟର ସ୍ୱର୍ଗୀୟ ଭୂଦେବ ମୁଖାର୍ଜୀ ଏକ ରିପୋର୍ଟରେ ଉଲ୍ଲେଖ କରିଥିଲେ ଯେ, ଭାଗବତପାଠ ପାଇଁ ଆଗ୍ରହ ହେତୁ, ଓଡ଼ିଶାର ସାଧାରଣ ଲୋକଙ୍କ ମଧ୍ୟରେ, ବଙ୍ଗପ୍ରଦେଶ ତୁଳନାରେ, ଶିକ୍ଷାର ପ୍ରସାର ଓ ଆଦର ଯଥେଷ୍ଟ ବେଶୀ । କର୍ମକ୍ଳାନ୍ତ ଦିନାନ୍ତରେ ସାଧାରଣ ଓଡ଼ିଆ ଗୃହସ୍ଥ ଭାଗବତ ଶ୍ରବଣ ନ କରି ଜଳସ୍ପର୍ଶ କରୁ ନ ଥିଲା । ଜୀବନର ଅନ୍ତିମ ମୁହୂର୍ତ୍ତରେ ପୁଣି ଭାଗବତ ନ ଶୁଣିଲେ, ଜୀବର ମୋକ୍ଷ ପ୍ରାପ୍ତି ହେବନାହିଁ ବୋଲି ଏକ ଗଭୀର ବିଶ୍ୱାସ ଓଡ଼ିଶାର ସାଧାରଣ ସମାଜରେ ପ୍ରତିଷ୍ଠିତ ଥିଲା । ଗ୍ରାମେ ଗ୍ରାମେ "ଭାଗବତ-ଟୁଙ୍ଗୀ" ଗ୍ରାମ୍ୟଜୀବନର ପ୍ରାଣକେନ୍ଦ୍ର ଥିଲା । ଜଗନ୍ନାଥ ଦାସଙ୍କ ଭାଗବତ ସାରଳାଙ୍କ କାଳର ଓଡ଼ିଆସାହିତ୍ୟକୁ କେବଳ ଏକ ମାର୍ଜିତ ଓ ବିଶିଷ୍ଟ ରୂପ ଦେଇ ନଥିଲା, ଓଡ଼ିଆ ଜାତିର ଚଳଣି, ଚରିତ୍ର ଓ ସମାଜ ଗଠନରେ ଏହା ଯଥେଷ୍ଟ ସହାୟତା କରିଥିଲା । ଜଗନ୍ନାଥ ଦାସଙ୍କ ଭାଗବତ କେବଳ ଓଡ଼ିଆ ସାହିତ୍ୟର ନୁହେଁ, ଓଡ଼ିଆ ଜାତିର ମଧ୍ୟ ଏକ ପରମ ସମ୍ପଦ ।

ବଳରାମ ଦାସ ଓ ଜଗନ୍ନାଥ ଦାସ, ପ୍ରତାପରୁଦ୍ରଙ୍କ ରାଜତ୍ୱକାଳର ହୋଇଥିଲେହେଁ, ଜଗନ୍ନାଥ ଦାସଙ୍କ ପୂର୍ବରୁ ସମ୍ଭବତଃ ବଳରାମ ଦାସ ଓଡ଼ିଆରେ ରାମାୟଣ ରଚନା କରି ସାରିଥିଲେ । ଓଡ଼ିଆରେ ରାମାୟଣ ରଚନା କରିବାର ଅପରାଧ ହେତୁ, ତାଙ୍କୁ ସମ୍ଭବତଃ ମତ୍ତ ବା ପାଗଳ ବଳରାମ ବୋଲି ସେକାଳେ ଉପହାସ କରାଯାଉଥିଲା । ବଳରାମ ଉତ୍କଳ ଗଜପତିଙ୍କ ମନ୍ତ୍ରୀ ଶ୍ରୀ ସୋମନାଥ ମହାପାତ୍ରଙ୍କ ପୁତ୍ର ଥିଲେ ବୋଲି ନିଜ ରାମାୟଣରେ ଉଲ୍ଲେଖ କରିଅଛନ୍ତି :—

"ମହାପାତ୍ର ମନ୍ତ୍ରୀ ସୋମନାଥ ମହାପାତ୍ର,
ବଳରାମ ଦାସ ଯେ ତାହାର ମୁହିଁ ପୁତ୍ର ।"

ବଳରାମ ଏକ କୁଳୀନ ସମ୍ଭ୍ରାନ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେହେଁ, ଓଡ଼ିଆରେ ରାମାୟଣ ରଚନା କରିଥିବାରୁ ଘୋର ନିନ୍ଦିତ ହୋଇଥିଲେ । କେହି ତାଙ୍କୁ ଶୂଦ୍ର ବୋଲି ନିନ୍ଦା କରିବା ପୂର୍ବରୁ ସେ ନିଜେ ନିଜର "ଶୂଦ୍ରତ୍ୱ" ଘୋଷଣା କରି ଦେଇଛନ୍ତି······

"ମୁହିଁ ହୀନ ପାପୀ ଯେ ବଂଶେ ଶେଷ ଶୂଦ୍ର ଯୋନି ।
ବୁଦ୍ଧିଜନେ କୋପ ନ କରିବ ଏହା ଶୁଣି ॥"

ଏତେ ବିନୟ ସତ୍ତ୍ୱେ ସେକାଳର ସଂସ୍କୃତଜ୍ଞ ପଣ୍ଡିତ ସମାଜ, ବଳରାମ ଦାସଙ୍କ ରାମାୟଣକୁ ପୁରାଣର ମର୍ଯ୍ୟାଦା ଦେଇନଥିଲେ । ଏହା ଦାଣ୍ଡରେ ବୋଲା ହେଲା ଭଳି, ପୁଣି ଦାଣ୍ଡଲୋକଙ୍କ ସମାଜ ପାଇଁ ଉଦ୍ଦିଷ୍ଟ ଥିବାରୁ, ଏହି ରାମାୟଣକୁ ସମ୍ଭବତଃ "ଦାଣ୍ଡି" ରାମାୟଣ ବୋଲି ଉପହାସ କରା ଯାଉଥିଲା । ଏ ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ବଳରାମ ଦାସ ନିଜ ରାମାୟଣକୁ ପୁରାଣର ମର୍ଯ୍ୟାଦା ଦେବା ପାଇଁ କମ୍ ଚେଷ୍ଟା କରିନାହାନ୍ତି । ଶେଷରେ ସେ ଓଡ଼ିଆର ଇଷ୍ଟଦେବ, ଅ-ସଂସ୍କୃତ ଜଗନ୍ନାଥଙ୍କର ଶରଣ ନେଇ, ଜଗନ୍ନାଥଙ୍କ ଜଗମୋହନରେ ରାମାୟଣ ପାଠ କରିଅଛନ୍ତି । ସେଥିପାଇଁ ବଳରାମ ଦାସଙ୍କ ରାମାୟଣର ଅନ୍ୟନାମ "ଜଗମୋହନ ରାମାୟଣ" । "ଯୁଦ୍ଧକାଣ୍ଡ"ରେ ବଳରାମ ଦାସ ଲେଖିଛନ୍ତି :—

"ଜଗମୋହନ ବୋଲି ଏ ରାମାୟଣ ନାମ···
ତଥ୍ୟ କରି ଭଣିଲେ ପାଇବ ବିଷ୍ଣୁ ଜ୍ଞାନ ।"

ସାରଳାଙ୍କ ମହାଭାରତ ବା ଜଗନ୍ନାଥ ଦାସଙ୍କ ଭାଗବତ ପରି ବଳରାମ ଦାସଙ୍କ ରାମାୟଣ ସଂସ୍କୃତ ରାମାୟଣର ଅନୁବାଦ ନୁହେଁ । ବଳରାମ ଦାସଙ୍କ ରାମାୟଣରେ ରାମ-ପଦରେଣୁ ଓଡ଼ିଶାର ପର୍ବତ ନଦୀ, ଅଟବୀ, କାନ୍ତାର ଓ ଜନପଦକୁ ପବିତ୍ର କରିଅଛି ।

ଢେଙ୍କାନାଳର କପିଳାସ ପର୍ବତ, ବଳରାମଙ୍କ ବର୍ଣ୍ଣନାରେ ହୋଇଛି କୈଳାଶ ଶୃଙ୍ଗ । ଶ୍ରୀ ରାମଙ୍କ ସୈନ୍ୟବାହିନୀ ପୁଣି ଓଡ଼ିଶା ଭିତରେ ଯାଉଁ ଯାଉଁ ବାଟ ବଣା ହୋଇ ବଣାଇ ଓ ବାମଣ୍ଡାର ଜଙ୍ଗଲ-ମାନଙ୍କରେ ପଶି ଯାଇଛନ୍ତି :—

"ବଣା ହୋଇ ଯାଇଁ କରି ରହିଲେକ ଥାଟ ।
ବଣାଇ ନାମରେ ସେହୁ ହୋଇଲାକ ରାଷ୍ଟ୍ର ॥
ବାମ ଆଡ଼େ ତହିଁ ପୁଣି ବାଟ ନ ପାଇଲେ ।
ବାମଣ୍ଡା ବୋଲି ସେ ତହିଁର ନାମ ଦେଲେ ॥"

ସାରଳାଙ୍କ ମହାଭାରତ, ଜଗନ୍ନାଥଙ୍କ ଭାଗବତ ଓ ବଳରାମଙ୍କ ରାମାୟଣ, ପ୍ରତ୍ୟେକଟି ଏକ ସାଂସ୍କୃତିକ ବିପ୍ଳବର ଗୋଟିଏ ଗୋଟିଏ କୀର୍ତ୍ତିମାନ ସନ୍ତାନ । ଓଡ଼ିଆ ଜାତୀୟତା ଓ ସାହିତ୍ୟର ଘୋର ଦୁର୍ଦ୍ଦିନରେ ଏ ଗ୍ରନ୍ଥମାନ ପୁଣି କାଳେ କାଳେ ପ୍ରେରଣା ଯୋଗାଇ ଆସିଅଛି । ଏ ସାହିତ୍ୟ ଥିଲା ଜୀବନ୍ତ ଲୋକସାହିତ୍ୟ । ପରବର୍ତ୍ତୀ କାଳରେ ଓଡ଼ିଆ ସାହିତ୍ୟ ଯେପରି ରାଜଦରବାରର ରସବିଳାସିତା ଓ ଅଳଙ୍କାର ଭୃଙ୍ଗୀ ମଧ୍ୟରେ ପର୍ଯ୍ୟବସିତ ହୋଇ ସାଧାରଣ ଜନତା ସହିତ ପ୍ରାଣ ସମ୍ପର୍କ ହରାଇ ବସିଥିଲା, ଏ ସାହିତ୍ୟ ସେପରି ନଥିଲା । ସୂର୍ଯ୍ୟବଂଶର ସାମ୍ରାଜ୍ୟ ଠାରୁ ସାରଳା, ଜଗନ୍ନାଥ ଓ ବଳରାମଙ୍କ ଏ ସାହିତ୍ୟ, ଓଡ଼ିଶାର ଇତିହାସରେ ଅଧିକ ଗର୍ବର ବସ୍ତୁ । କାବେରୀ ଠାରୁ ଗଙ୍ଗା ପର୍ଯ୍ୟନ୍ତ ବିସ୍ତୃତ ସାମ୍ରାଜ୍ୟର ଅଧିକାରୀ ହୋଇ ନଥିଲେ, ଓଡ଼ିଆଜାତିର କୌଣସି କ୍ଷତି ହୋଇ ନଥାନ୍ତା । ମାତ୍ର ଏ ତ୍ରୟୀ ନଥିଲେ ଓଡ଼ିଆଜାତି ଓ ସଂସ୍କୃତିର ସ୍ୱତନ୍ତ୍ର ପରିଚୟ ନଥାନ୍ତା ।

କପିଳେନ୍ଦ୍ର ଓଡ଼ିଆଜାତିକୁ ଦେଇ ପାରିଥାନ୍ତି ସାମୟିକ ଆତ୍ମଗୌରବ—ମାତ୍ର ସାରଳା ଏ ଜାତିକୁ ଦେଇଛନ୍ତି ଭାଷା ଜଗନ୍ନାଥ ଦେଇଛନ୍ତି ତତ୍ତ୍ୱଜ୍ଞାନ ଓ ବଳରାମ ଦେଇଛନ୍ତି ଜାତୀୟତା ।

# ସନ୍ଧି ଓ ସର୍ତ୍ତ

ଆଜି ଏକାଦଶୀ । ସ୍ନାନପୂର୍ଣ୍ଣିମା ଆଜି ପାଞ୍ଚଦିନ ପରେ । ଶ୍ରୀ ଜଗନ୍ନାଥଙ୍କ ସ୍ନାନଯାତ୍ରା ଉପଲକ୍ଷେ ସାରା ଭାରତରୁ ଅଗଣିତ ଭକ୍ତ ଓ ଯାତ୍ରୀ ଏହି ସମୟରେ ପୁରୀ ଆସି ବଡ଼ଦାଣ୍ଡରେ ରୁଣ୍ଡ ହୋଇଥାନ୍ତି । ଯାତ୍ରି-ନିବାସ, ପାନ୍ଥଶାଳା ଓ ଚଟିଘରମାନଙ୍କରେ ତିଳଧାରଣ ପାଇଁ ସୁଦ୍ଧା ସ୍ଥାନ ରହେ ନାହିଁ । ମାତ୍ର ଏ ବର୍ଷ ବଡ଼ଦାଣ୍ଡ ଶ୍ମଶାନ ପରି ନୀରବ ଓ ନିର୍ଜନ । ରାଜପୁତ ଜାଗିରଦାର କେଶୋଦାସ ଦୁଇସପ୍ତାହ ପୂର୍ବେ ଜଗନ୍ନାଥଙ୍କ ମନ୍ଦିର ଆକ୍ରମଣ କରି ମନ୍ଦିରର ଅକଳିତ ସମ୍ପଦ ଲୁଣ୍ଠନ କରିବା ଉଦ୍ଦେଶ୍ୟରେ ଭିତରୁ ମନ୍ଦିରର ସିଂହଦ୍ୱାର ବନ୍ଦ କରି ଦେଇଅଛି । ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ଏକ ଦୁର୍ଗରେ ପରିଣତ ହୋଇଅଛି । ଖୋର୍ଦ୍ଧାରାଜା "ଗଜପତି" ପୁରୁଷୋତ୍ତମ ଦେବ ମନ୍ଦିର ଆକ୍ରମଣର ସମ୍ବାଦ ପାଇ ଦଶ ହଜାର ଅଶ୍ୱାରୋହୀ, ତିନିଲକ୍ଷ ପଦାତିକ ଓ ବହୁ ରଥବାହିନୀ ଖୋର୍ଦ୍ଧାରୁ ପୁରୀ ଆସିଛନ୍ତି । ଅଠରନଳା ଘାଟ ଠାରୁ ମନ୍ଦିର ପର୍ଯ୍ୟନ୍ତ ପୁରୁଷୋତ୍ତମଙ୍କ ସୈନ୍ୟମାନେ ଶିବିର ପକାଇ ରହିଛନ୍ତି । କେଶୋଦାସ ଭିତରୁ ମନ୍ଦିର ବନ୍ଦକରି ରହିଅଛି । ପୁରୁଷୋତ୍ତମଙ୍କ ସୈନ୍ୟମାନେ ପାଚଶି

ତେଇଁ ମନ୍ଦିର ଭିତରକୁ ପଶିବାପାଇଁ ଆପ୍ରାଣ ଚେଷ୍ଟା କରି ସୁଦ୍ଧା ପାରି ନାହାନ୍ତି । ପାଚେରୀ ଭାଙ୍ଗି ଭିତରକୁ ପଶିଗଲେ କେଶୋଦାସଙ୍କୁ ଅକ୍ଳେଶରେ ପରାସ୍ତ କରି ହୁଅନ୍ତା । ମାତ୍ର ହିନ୍ଦୁ ପୁଣି ଓଡ଼ିଆ ହୋଇ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ପାଚେରୀ ଭାଙ୍ଗିବାପାଇଁ ଓଡ଼ିଆ ପାଇକ-ମାନଙ୍କର ହାତ ଚଳୁ ନାହିଁ । ଆଜକୁ ଏକପକ୍ଷ ଧରି ଶ୍ରୀ ଜଗନ୍ନାଥଙ୍କ ସେବାପୂଜା ବନ୍ଦ । ଅଠରନଳା ଘାଟ ବାହାରେ ବିଦେଶାଗତ ହଜାର ହଜାର ଯାତ୍ରୀ, ଜଗନ୍ନାଥ ଦର୍ଶନପାଇଁ ଅଟକି ପଡ଼ିଛନ୍ତି । ଅନେକେ ମଧ୍ୟ ଅପେକ୍ଷା କରି କରି ନିରାଶ ହୋଇ ଫେରି ଯାଉଛନ୍ତି । ପୁରୀ ଶ୍ରୀକ୍ଷେତ୍ର ଏକ ସାମରିକ ଶିବିରରେ ପରିଣତ ହୋଇଅଛି ।

ରାଜା ପୁରୁଷୋତ୍ତମ ଅବଶେଷରେ ବାଧ୍ୟ ହୋଇ ମୋଗଲ-ଜାଗିରିଦାର କେଶୋଦାସଙ୍କ ସହିତ ସନ୍ଧି କରିବା ପାଇଁ ସନ୍ଧି ବିଗ୍ରହୀ ମୁକୁନ୍ଦ ରାଜଗୁରୁଙ୍କୁ ମନ୍ଦିର ଭିତରକୁ ପଠାଇଥିଲେ । ଗତ ଦୁଇଦିନ ପୂର୍ବେ ମୁକୁନ୍ଦ ରାଜଗୁରୁ କେଶୋଦାସଙ୍କ ସହିତ ସନ୍ଧି-ସର୍ତ୍ତ ଆଲୋଚନା ପାଇଁ ମନ୍ଦିର ଭିତରକୁ ଯାଇଥିଲେହେଁ, ଏ ପର୍ଯ୍ୟନ୍ତ ସେଠାରୁ ବାହାରି ନାହାନ୍ତି । ମୁକୁନ୍ଦ ରାଜଗୁରୁ ପ୍ରାଣରେ ଅଛନ୍ତି କି ନାହିଁ ସନ୍ଦେହ । ତାଙ୍କଠାରୁ କୌଣସି ସମ୍ବାଦ ନ ପାଇ ରାଜା ପୁରୁଷୋତ୍ତମ ଘୋର ଚିନ୍ତାନ୍ୱିତ ହୋଇ ପଡ଼ିଛନ୍ତି । ହିନ୍ଦୁ ଧର୍ମଦ୍ରୋହୀ ମୁସଲମାନମାନେ ବାରମ୍ବାର ଓଡ଼ିଶା ଆକ୍ରମଣ କରି ଯାହା କରି ନଥିଲେ, ରାଜପୁତ କୁଳକଳଙ୍କ କେଶୋଦାସ ହିନ୍ଦୁ ହୋଇ ସୁଦ୍ଧା ତାହା କରିବାପାଇଁ କୁଣ୍ଠିତ ହେଲେ ନାହିଁ । ଓଡ଼ିଶାର ଇଷ୍ଟଦେବ ଜଗନ୍ନାଥ ଗତ ଏକପକ୍ଷ ଧରି ଅପୂଜିତ ହୋଇ ପଡ଼ିଛନ୍ତି । ପୁରୁଷୋତ୍ତମ ଆହତ ବ୍ୟାଘ୍ର ପରି ଶିବିର ଭିତରେ, ଅସହାୟ ଭାବରେ କେବଳ ଏପାଖ ସେପାଖ ହେଉଛନ୍ତି ! କେଶୋଦାସ ଶୁଣିଛନ୍ତି ଉତ୍କଳ-ସାମ୍ରାଜ୍ୟର ସବୁ ସମ୍ପଦ ଶ୍ରୀ ଜଗନ୍ନାଥଙ୍କ ଗନ୍ତାଘରେ ଗଚ୍ଛିତ

ରହିଅଛି । ସେତକ ଲୁଣ୍ଠ କରି ପାରିଲେ କେଶୋଦାସର ଅର୍ଥପିପାସା କେବଳ ଚରିତାର୍ଥ ହେବ ନାହିଁ; ଜଗନ୍ନାଥଙ୍କ ମନ୍ଦିର ଲୁଣ୍ଠନ କରିଥିବା ହେତୁ ଜାହାଙ୍ଗୀରଙ୍କ ଦରବାରରେ କେଶୋଦାସଙ୍କ ପାହିଆଟା ମଧ୍ୟ ବଢ଼ିଯିବ ।

ଜ୍ୟେଷ୍ଠମାସର ରୌଦ୍ରଦଗ୍ଧ ମଧ୍ୟାହ୍ନ ପରେ, ମହୋଦଧିର ଜଳକଣାସିକ୍ତ ଶୀତଳ ସମୀରଣ ଦେହରେ ଚନ୍ଦନର ପ୍ରଲେପ ପରି ଲାଗୁଅଛି । ଅଳ୍ପକ୍ଷଣପୂର୍ବେ ସନ୍ଧ୍ୟା ହୋଇଅଛି । ଏହି ମୁହୂର୍ତ୍ତରେ ସନ୍ଧ୍ୟାରତିର ଘଣ୍ଟ, ଘଣ୍ଟା, ଭେରୀ, ତୁରୀ, କାହାଳୀ ଓ ମାଦଳଧ୍ୱନିରେ ବଡ଼ଦାଣ୍ଡ ମୁଖରିତ ହୋଇପଡ଼େ । ମାତ୍ର କେଶୋଦାସ ମନ୍ଦିର ଅଧିକାର କରିବାରୁ ସନ୍ଧ୍ୟାରତି ବନ୍ଦ । ସେଥିପାଇଁ ଏବେ ବଡ଼ଦାଣ୍ଡରେ ଛୁଞ୍ଚିଟିଏ ତଳେ ପକାଇଦେଲେ ସୁଦ୍ଧା ଶୁଭିବ । ବେଳେ ବେଳେ ମହୋଦଧିର ଗର୍ଜନ ରାଜା ପୁରୁଷୋତ୍ତମଙ୍କ ନିଷ୍ଫଳ ଗର୍ଜନପରି ଶୁଭୁଛି । ନିର୍ମେଘ ଆକାଶରେ ଶୁକ୍ଳତିଥିର ଚନ୍ଦ୍ର ଧୀରେ ଧୀରେ ଉଇଁ ଆସିଲଣି । ମୁକୁନ୍ଦ ରାଜଗୁରୁଙ୍କ ଅପେକ୍ଷାରେ ବୃଦ୍ଧମନ୍ତ୍ରୀ ସନାତନ ହରିଚନ୍ଦନ ମହାପାତ୍ର ସିଂହଦ୍ୱାରଠାରେ ଧାରଣା ଦେଲାପରି ବସିଛନ୍ତି । ଆଜି ଏକାଦଶୀ ବୋଲି କେତେଜଣ ବିଧବା ରମଣୀ ନିର୍ଜଳା ଏକାଦଶୀ ପାଳନ କରି ସକାଳୁ ସିଂହଦ୍ୱାର ତଳେ ମୁରୁଜ ପକାଇ ଅଖଣ୍ଡ ଦୀପ ଜାଳି ବସିଛନ୍ତି । ପ୍ରତି ଏକାଦଶୀରେ ଏମାନେ ସ୍ୱର୍ଗତ ସ୍ୱାମୀମାନଙ୍କ କଲ୍ୟାଣ କାମନାରେ ଏହିପରି ଅଖଣ୍ଡ ଦୀପ ଜାଳି ମନ୍ଦିର ବେଢ଼ା ଭିତରେ ବସନ୍ତି । ରାତି ଅଧବେଳକୁ ମହାଦୀପ ଉଠିଲା ପରେ, ନିଜ ନିଜ ଘରକୁ ପୁଣି ଫେରନ୍ତି । ମାତ୍ର ମନ୍ଦିର ବନ୍ଦ ଥିବାରୁ ସେମାନେ ବାହାରେ ଅଖଣ୍ଡ ଦୀପ ଜାଳି ବସିଛନ୍ତି ।

ବୃଦ୍ଧ ସନାତନ ମନ୍ଦିରର ପାଚେରୀ ଦେହରେ ଲଗି, ପାଷାଣ ପ୍ରତିମୂର୍ତ୍ତିପରି ନିଶ୍ଚଳ ପ୍ରତୀକ୍ଷାରେ ବସିଥିବା ସେହି ବିଧବାମାନଙ୍କଆଡ଼େ ଚାହିଁ ଗୋଟିଏ ଦୀର୍ଘନିଃଶ୍ୱାସ ପକାଇଲେ ।

ଅଖଣ୍ଡ ଦୀପର ନିଷ୍ପନ୍ଦ ଶିଖାଆଡ଼େ ଚାହିଁ କଣ ଭାବୁଥିଲେ ସେମାନେ ? ଅତୀତର କଥା ?·········ବୃଦ୍ଧ ସନାତନ ମଧ୍ୟ ଚନ୍ଦା ମୁଣ୍ଡରେ ଅସହାୟ ଭାବରେ ହାତ ବୁଲାଇ ଭାବୁଥିଲେ ଅତୀତର କଥା । ଓଡ଼ିଶା ଇତିହାସରେ, ଏହାପରେ ଅତୀତର ରୋମନ୍ଥନରେହିଁ ବର୍ତ୍ତମାନର ଉଦରଜ୍ୱାଳା ନିବାରଣ କରିବା ପାଇଁ ପଡ଼ିବ । ସନାତନ ହରିଚନ୍ଦନ ମହାପାତ୍ର ସ୍ଥାଣୁ ମୂର୍ତ୍ତି ପରି ନିଶ୍ଚଳ ଭାବରେ ବସି ସେହି ଅତୀତର ରୋମନ୍ଥନ କରୁଥିଲେ ।

କାହାନ୍ତି ଆଜ ନବକୋଟି କର୍ଣ୍ଣାଟ କଲବର୍ଗେଶ୍ୱର ଗୌଡ଼େଶ୍ୱର ଗଜପତିମାନେ ? ଗଜପତି ଆଜ କେବଳ ଏକ ପଦବୀ । କାବେରୀଠାରୁ ଗଙ୍ଗା ପର୍ଯ୍ୟନ୍ତ ବିସ୍ତୃତ ସାମ୍ରାଜ୍ୟର ଗଜପତି ଆଜ ମୋଗଲ ଦରବାରରେ ସାମାନ୍ୟ ଦରବାରୀ, ତିନିହଜାର ପାଞ୍ଚଶହ ଅଶ୍ୱାରୋହୀଙ୍କ ମନ୍‌-ସୁବେଦାର ! ଯେଉଁ ଇଷ୍ଟଦେବ ଜଗନ୍ନାଥ ଗଜପତି କପିଳେନ୍ଦ୍ରଙ୍କ ପକ୍ଷ ଧରି ବାହାମନି ଓ ଗୋଲକୁଣ୍ଡାର ଯବନବାହିନୀ ବିରୁଦ୍ଧରେ ଲଢ଼ି ଦକ୍ଷିଣରେ କଳିଙ୍ଗର ବିଜୟଧ୍ୱଜା ଉଡ଼ାଇ, କପିଳେନ୍ଦ୍ରଙ୍କଠାରୁ ଗୋପପୁଣ୍ଡରୀକ ଶାଢ଼ୀ ଭେଟି ପାଇଥିଲେ, ପୁଣି ଗଜପତି ପୁରୁଷୋତ୍ତମଙ୍କ ମାନରକ୍ଷା ପାଇଁ ଯେଉଁ ପୁରୁଷୋତ୍ତମ ସାମାନ୍ୟ ସୈନିକ ପରି କାଞ୍ଚି ରଣକ୍ଷେତ୍ରକୁ ଧାଇଁଥିଲେ ଆଜ ସେ ସ୍ୱୟଂ ବନ୍ଦୀ ! ହିନ୍ଦୁବିଦ୍ୱେଷୀ କଳାପାହାଡ଼ର ଉତ୍ପୀଡ଼ନରେ ଜଗନ୍ନାଥ ଯିନା ପଳାତକ ହୋଇ-ଥିଲେ; ହିନ୍ଦୁ କେଶୋଦାସର ଅତ୍ୟାଚାରରେ ଜଗନ୍ନାଥ ଆଜ ବନ୍ଦୀ ହୋଇଛନ୍ତି !

କିନ୍ତୁ ଉତ୍କଳ ଭାଗ୍ୟରେ ଆଜ ଏ ଦାରୁଣ ବଜ୍ରାଘାତ କାହିଁକି ଜଗନ୍ନାଥ ? କେଉଁ ପାପଫଳରେ ଉତ୍କଳ ଆଜି ଏପରି ଲାଞ୍ଛିତ ଓ ନିପୀଡ଼ିତ ? ସନାତନ ବାରମ୍ବାର ନିଜକୁ ନିଜେ ଏ ପ୍ରଶ୍ନ ପଚାରିଛନ୍ତି । କିନ୍ତୁ ପ୍ରତିଥର, କେବଳ ଗୋଟିଏ ଅସହାୟତାପୀଡ଼ିତ ଦୀର୍ଘଶ୍ୱାସ ତାଙ୍କୁ ଯେପରି ତାଙ୍କ ପ୍ରଶ୍ନର ନୀରବ ଉତ୍ତର ଦେଇଅଛି ।

ବୃଦ୍ଧ ସନାତନ ବସି ବସି ଅତୀତର ରୋମନ୍ଥନ କରୁଥିଲେ ।

···ଉତ୍କଳସିଂହାସନର ଭିତ୍ତି ଥିଲା ତ୍ୟାଗ ଓ ବୈରାଗ୍ୟ । ଚେଦୀବଂଶର ଖାରବେଳ ଉତ୍ତର-ଖଣ୍ଡର ବହୁ ଅଞ୍ଚଳ ଜୟ କରି କଳିଙ୍ଗ ସାମ୍ରାଜ୍ୟକୁ ସୁଦୂରପ୍ରସାରୀ କରିଥିଲେ ସୁଦ୍ଧା, ସ୍ୱେଚ୍ଛାରେ ସିଂହାସନ ଛାଡ଼ି ସନ୍ନ୍ୟାସ ଗ୍ରହଣ କରିଥିଲେ । ଅନଙ୍ଗଭୀମ ଦେବ ରାଜା ହେଲାବେଳେ ତ ଅଭିଷିକ୍ତ ହେବାପାଇଁ ମନା କରି ଦେଇଥିଲେ । ଯେଉଁ ଦେଶରେ ସ୍ୱୟଂ ଜଗନ୍ନାଥ ବିଦ୍ୟମାନ, ସେଠାରେ ସେ ରାଜାରୂପେ ଅଭିଷିକ୍ତ ହେବେ କିପରି ? କେଶରୀ-ମାନେ ଭୌମମାନଙ୍କ ଠାରୁ ଉତ୍କଳର ରାଜସିଂହାସନ ଅଧିକାର କଲାବେଳେ ଉତ୍କଳଭୂମିରେ ଏକ ବିନ୍ଦୁ ରକ୍ତପାତ ସୁଦ୍ଧା ହୋଇ ନ ଥିଲା । ଭୌମମାନେ ଶ୍ରଦ୍ଧାରେ କେଶରୀମାନଙ୍କୁ ସିଂହାସନ ଅର୍ପଣ କରି ପ୍ରବ୍ରଜ୍ୟା ଅବଲମ୍ବନ କରିଥିଲେ । କେଶରୀମାନଙ୍କର ସ୍ୱେଚ୍ଛାକୃତ କ୍ଷମତା ପରିହାର ହେତୁ ଉତ୍କଳ-ଇତିହାସରେ ଗଙ୍ଗବଂଶର ପ୍ରତିଷ୍ଠା ସମ୍ଭବ ହୋଇ ପାରିଥିଲା । ଗଙ୍ଗବଂଶର ଭାଗ୍ୟରବି ଅସ୍ତମିତ ହେବାପରେ ସୂର୍ଯ୍ୟବଂଶର ପ୍ରତିଷ୍ଠାବେଳେ ଉତ୍କଳଭୂମି କ୍ଷମତା ପାଇଁ ସଂଗ୍ରାମର ରକ୍ତପାତରେ କଳଙ୍କିତ ହୋଇ ନଥିଲା । ଭୌମମାନଙ୍କ ଠାରୁ ଗଙ୍ଗମାନଙ୍କ ପର୍ଯ୍ୟନ୍ତ ଭକ୍ତି-ବିନମ୍ର ଓ ତ୍ୟାଗପୂତ ଚିତ୍ତରେ, ଉତ୍କଳଲକ୍ଷ୍ମୀଙ୍କ ପାଦ ବନ୍ଦନା ପାଇଁ କେତେ

ରାଜବଂଶ ଆସିଛନ୍ତି ପୁଣି ଇତିହାସର ଯବନିକା ଅନ୍ତରାଳରେ କେତେ ରାଜବଂଶ ଅନ୍ତର୍ହିତ ହୋଇଛନ୍ତି । ଉତ୍କଳ ଲକ୍ଷ୍ମୀଙ୍କ ଶ୍ରୀମନ୍ଦିରକୁ ସମସ୍ତେ କୀର୍ତ୍ତିରେ, କଳାରେ, ସାହିତ୍ୟରେ, ଆଧ୍ୟାତ୍ମିକ ସାଧନାରେ ସମୁଜ୍ଜ୍ୱଳ କରି ଯାଇଛନ୍ତି । ମାତ୍ର କେଶୋଦାସ ପରି ଉତ୍କଳକୁ କେହି ଲୁଣ୍ଠନ କରି ନାହାନ୍ତି !

ଉତ୍କଳ ଇତିହାସର କି କୁକ୍ଷଣରେ, ଗୋବିନ୍ଦ ବିଦ୍ୟାଧରଙ୍କ ଆବିର୍ଭାବ ହୋଇଥିଲା କେଜାଣି ! ଆତତାୟୀ ଗୋବିନ୍ଦ ବିଦ୍ୟାଧର ଯେଉଁଦିନ ନୀଚ ବିଶ୍ୱାସଘାତକତାରେ ସୂର୍ଯ୍ୟବଂଶର ଶେଷ ବଂଶଧର-ମାନଙ୍କୁ ହତ୍ୟାକରି, ଉତ୍କଳ ସିଂହାସନରେ ଅଭିଷିକ୍ତ ହେଲା, ସେହିଦିନ ଉତ୍କଳ ଇତିହାସରେ ଦୁର୍ଯୋଗର ଆରମ୍ଭ । ମାତ୍ର ଭୋଇ-ବଂଶ କଣ ତିଷ୍ଠି ପାରିଲେ ? ବିଶ୍ୱାସଘାତକତା ଓ ବନ୍ଧୁହତ୍ୟାରେ ଯେଉଁ ସିଂହାସନ ଆହୃତ ହୋଇଥିଲା, ବିଶ୍ୱାସଘାତକତା ଓ ବନ୍ଧୁହତ୍ୟାର ରକ୍ତପ୍ଲାବନ ମଧ୍ୟରେ ସେ ସିଂହାସନ କାଠିକୁଟା ପରି ଭସିଗଲା । ଯେଉଁ ସିଂହାସନ ତ୍ୟାଗ ଓ ବୈରାଗ୍ୟ ଉପରେ ପ୍ରତିଷ୍ଠିତ ହୋଇଥିଲା, ସେହି ସିଂହାସନ ପାଇଁ ପୁତ୍ର ପିତୃହତ୍ୟା ପାଇଁ ସୁଦ୍ଧା କୁଣ୍ଠିତ ହେଲନାହିଁ । ଚକ୍ରପ୍ରତାପଙ୍କୁ ହତ୍ୟାକରି ତାଙ୍କ ପୁତ୍ର ନରସିଂହ ସିଂହାସନରେ ବସିଲେ । ନରସିଂହ ଜେନା ପିତୃ-ରକ୍ତରେ ଅଭିଷିକ୍ତ ହୋଇ ବା କେତେକାଳ ରହିପାରିଲେ ? ଭାଇ ରଘୁନାଥ ଜେନାଙ୍କ ସହିତ ସିଂହାସନ ପାଇଁ ଲାଗିଲା ଗୃହ-ବିବାଦ । ତେଲେଙ୍ଗା ମୁକୁନ୍ଦ ଦେବ ଏହି ପରିସ୍ଥିତିର ସୁଯୋଗ ନେଇ, ସେହି ବିଶ୍ୱାସଘାତକତା ଦ୍ୱାରା ପୁଣି ଉତ୍କଳ ସିଂହାସନ ଅଧିକାର କଲେ ।

ମୁକୁନ୍ଦଦେବ ହୁଅନ୍ତୁ ପଛେ ବିଶ୍ୱାସଘାତକ, ତାଙ୍କ ସ୍ମୃତିରେ ବୃଦ୍ଧ ସନାତନଙ୍କ ଦୁଇ ଚକ୍ଷୁ ଅଶ୍ରୁସିକ୍ତ ହୋଇଗଲା । ଉତ୍କଳ-

ଇତିହାସରେ ସେ ଶେଷ ସ୍ୱାଧୀନ ନରପତି, ଉତ୍କଳର ଶେଷ ସଂଗ୍ରାମର ସେ ଶେଷ ସେନାପତି ! ମୁକୁନ୍ଦଦେବଙ୍କ ଉଦ୍ଦେଶ୍ୟରେ ବୃଦ୍ଧ ସନାତନ କପାଳରେ ଦୁଇହାତ ଯୋଡ଼ି ନମସ୍କାର ଜଣାଇଲେ । କର୍ମଫଳର ଅଭିଶାପ କି ନିଷ୍ଠୁର ! ମୁକୁନ୍ଦଦେବ ପ୍ରାଣ ହରାଇଲେ ଧରଣୀକୁ ସାରଙ୍ଗଗଡ଼ର ସେନାପତି ରାମଚନ୍ଦ୍ର ଭଞ୍ଜ ହାତରେ— ବଙ୍ଗଃଶତ୍ରୁ ସୁଲେମାନ୍ କରାଣି ହାତରେ ନୁହେଁ ! ବିଶ୍ୱାସଘାତକତା, ପିତୃହତ୍ୟା, ଭ୍ରାତୃହତ୍ୟା, ବନ୍ଧୁହତ୍ୟାର ନୃଶଂସ, ନାରକୀୟ ଅନ୍ଧକାର ମଧ୍ୟରେ ଉତ୍କଳର ଭାଗ୍ୟସୂର୍ଯ୍ୟ ଏହିପରି ଭାବରେ ଅସ୍ତମିତ ହୋଇଗଲା !

ରାତି ପ୍ରଥମ ପ୍ରହର ଉତ୍ତୀର୍ଣ୍ଣ ହୋଇଗଲାଣି । ବୃଦ୍ଧ ସନାତନ ଗୋଟିଏ ଦୀର୍ଘ ନିଃଶ୍ୱାସ ପକାଇ ଉଠି ଠିଆ ହେଲେ । ମନ୍ଦିରରେ ଆଜ ମହାଦୀପ ଉଠିବ ନାହିଁ । ତଥାପି ଅଶରୀରୀ ଛାୟା ପରି ଅଖଣ୍ଡ ଦୀପ ଜାଳି ଏ ବିଧବାମାନେ ଆଉ କେତେ ସମୟ ଏଠାରେ ବସି ରହିବେ କେଜାଣି ? ସନାତନ ଧୀରେ ଧୀରେ ରାଜା ପୁରୁଷୋତ୍ତମଙ୍କ ଶିବିର ଆଡ଼େ ଚାଲିଲେ । ମୁକୁନ୍ଦ ରାୟଗୁରୁ ତଥାପି ମନ୍ଦିରରୁ ବାହାରି ନଥିଲେ; କମ୍ବା ତାଙ୍କର କୌଣସି ସମ୍ବାଦ ନଥିଲା !

## ( ଦୁଇ )

ମନ୍ଦିରର ମେଘନାଦ ପାଚେରୀ ଉପରେ ଯମଦୂତ ପରି ନିଆଁ-ହୁଳା ଓ କମାଣ ଧରି କେଶୋଦାସଙ୍କ ରାଜପୁତ ଦସ୍ୟୁମାନେ ଠିଆ ହୋଇଛନ୍ତି । ପୁରୁଷୋତ୍ତମ ଦେବଙ୍କ ପାଇକମାନେ ରଥମାନଙ୍କରେ ଚଢ଼ି ପାଚେରୀ ଅତିକ୍ରମ କରିବାପାଇଁ ଚେଷ୍ଟା କରିଥିଲେ । ମାତ୍ର କେଶୋଦାସଙ୍କ ସୈନ୍ୟମାନେ ନିଆଁହୁଳା ଲଗାଇ ଏହି ରଥମାନଙ୍କୁ ପୋଡ଼ି ଦେଇଥିଲେ । ତୋପ ଓ କମାଣରେ କେତେ ରଥ ମଧ୍ୟ

ଧ୍ୱଂସ ହୋଇଥିଲା । ବଡ଼ଦାଣ୍ଡଯାକ ସେହି ରଥର ଘୋଡ଼ାକାଠମାନ ଇତଃସ୍ତତ ବିକ୍ଷିପ୍ତ ହୋଇ ପଡ଼ିଛି ।

ଗୁଣ୍ଡିଚା ଘରଠାରୁ ଅଳ୍ପଦୂରରେ ଗୌଡ଼ରୁ ଆସିଥିବା ଦଳେ ଯାତ୍ରୀ ଜ୍ୟୋତ୍ସ୍ନାଲୋକରେ ବସି କୀର୍ତ୍ତନ କରୁଛନ୍ତି । ମୃଦଙ୍ଗ ଓ ମନ୍ଦିରାର ଧ୍ୱନି ସହିତ ନାମକୀର୍ତ୍ତନ ସେହି ପରିବେଶରେ କିପରି କମ୍ପିତ ଶୁଭୁଅଛି । ଅଠରନଳାଘାଟ ପାଖରେ ପ୍ରହରୀମାନେ ରହି ସହର ଭିତରକୁ କୌଣସି ଯାତ୍ରୀ ଛାଡ଼ୁ ନଥିଲେହେଁ, ଏମାନେ ଚୈତନ୍ୟଙ୍କ ଲୀଳାଭୂମି ଗୌଡ଼ର ବୈଷ୍ଣବ ବୋଲି ପ୍ରହରୀମାନେ ସେମାନଙ୍କୁ ସମ୍ଭବତଃ ଛାଡ଼ି ଦେଇଛନ୍ତି । ନାମକୀର୍ତ୍ତନ ପାଖରେ ଅସମ୍ଭବ ଲୋକଭିଡ଼ । ଜଣେ ମହନ୍ତଶ୍ରେଣୀର ପୃଥୁଳକାୟ ବୈଷ୍ଣବ-ଭକ୍ତ ନାରୀବେଶରେ ସାଜ ହୋଇ, ସୁଲଳିତ କଣ୍ଠରେ ବୈଷ୍ଣବ ପଦାବଳୀ କୀର୍ତ୍ତନ କରୁଛନ୍ତି । କୀର୍ତ୍ତନ ଶୁଣି ବହୁ ଭକ୍ତଙ୍କର ଦୁଇ ଚକ୍ଷୁରୁ ବର୍ଷାଧାରା ପରି ଲୋତକଧାର ବହିଯାଉଅଛି । ପଦାବଳୀର ଅର୍ଥ ଅନ୍ୟ ଜଣେ ଉତ୍କଳୀୟ ଭକ୍ତ ଓଡ଼ିଆରେ ବୁଝାଇ ଦେଉଛନ୍ତି । ଅଶ୍ରୁ, ଭକ୍ତି ଓ ପୁଲକରେ ସମସ୍ତେ ଆତ୍ମଜ୍ଞାନଶୂନ୍ୟ ହୋଇପଡ଼ିଛନ୍ତି । ଶ୍ରୋତାମାନଙ୍କ ମଧ୍ୟରେ ଅଧିକାଂଶ ପାଇକ । କେଶୋଦାସକୁ ତଡ଼ିବା ପାଇଁ ଏମାନେ ପୁରୁଷୋତ୍ତମଦେବଙ୍କ ସଙ୍ଗରେ ଖୋର୍ଦ୍ଧାରୁ ପୁରୀ ଆସିଥିଲେ ! ଗୌଡ଼ଦେଶୀ ବୈଷ୍ଣବ ମହନ୍ତ ଅଶ୍ରୁକମ୍ପିତ କଣ୍ଠରେ ଗାଇଲେ......

"ଲୁଟିଲ ପ୍ରେମା ଅଗେୟାନ
ନାହି ଜାନେ ସ୍ଥାନାସ୍ଥାନ,
ଭାଲ-ମନ୍ଦ ନାହିଁ ବିଚାରେ ।

ନୂର-ଶଠେର ଗୁଣ ଡୋରେ
    ହାଥେ-ଗଲେ ବାନ୍ଧ ମୋରେ,
ରାଖିଆଛେ ନାରି ଉକାଶିତେ
ସଖି ହେ..............."

ଉତ୍କଳୀୟ ଭକ୍ତ ପଦାବଳୀର ତର୍ଜମା କରି ବୁଝାଇଲେ, ବିରହବିଧୁରା ରାଧା ସଖିଙ୍କୁ କହୁଛନ୍ତି "ହେ ସଖି ! ପ୍ରେମ ସ୍ୱଭାବରେ କୁଟୀଳ ପୁଣି ଜଡ଼ବସ୍ତୁ ହେତୁ ଅଜ୍ଞାନ । ତାହାର ଭଲମନ୍ଦ ଜ୍ଞାନ ନାହିଁ । ଥିଲେ ମୋର ଏ ଦୁର୍ଦ୍ଦଶା ହୋଇ ନ ଥାନ୍ତା । ତୁମ୍ଭେମାନେ ଯେ ମୋତେ ଶ୍ରୀକୃଷ୍ଣଙ୍କୁ ଭୁଲିଯିବାକୁ କହୁଅଛ, ସେଥିରେ ମୋର କଣ ଗୁରା ଅଛି ? କାରଣ ସେହି ଶଠଚୂଡ଼ାମଣିଙ୍କ ରୂପ ଗୁଣ ଦଉଡ଼ିରେ ମୋହର ସର୍ବାଙ୍ଗକୁ ବାନ୍ଧି ଦେଇଅଛି । ମୁଁ ସେଥିରୁ ଫିଟି ପାରୁନାହିଁ ।"

ଗୌଡ଼ୀୟ ବୈଷ୍ଣବ ବାଁ କାନରେ ହାତ ରଖି, ଡାହାଣ ହାତ ଲମ୍ବାଇ ଆଉ ଥରେ ଗାଇବା ପାଇଁ ପୁଣି ଗଳା ଧରିଲେ... "ସଖି ହେ..." ଏତିକିବେଳେ ହଠାତ୍ ସମବେତ ଜନତା ଭିତରୁ "ପାଣି, ପାଣି" ବୋଲି ଚିତ୍କାର ଓ କୋଳାହଳ ଉଠିଲା । ସେହି କୋଳାହଳ ଭିତରେ ଗୌଡ଼ୀୟ ବୈଷ୍ଣବ ଭକ୍ତଙ୍କ ପଦାବଳୀ ଗାନ ବନ୍ଦ ହୋଇଗଲା । ପଦାବଳୀ ଶୁଣୁଶୁଣୁ ଜଣେ ଭକ୍ତ ସମ୍ଭବତଃ ଶ୍ୟାମ-ବିରହଜ୍ୱାଳାରେ ଜର୍ଜ୍ଜରିତ ହୋଇ ଚୈତନ୍ୟଶୂନ୍ୟ ହୋଇ ବସୁ ବସୁ ପଡ଼ିଗଲେ । ତାଙ୍କ ଚୈତନ୍ୟ ଫେରାଇ ଆଣିବା ପାଇଁ, ସମସ୍ତେ "ପାଣି ପାଣି" ବୋଲି କୋଳାହଳ କରୁଥିଲେ । ସନାତନ ହରିଚନ୍ଦନ ଏତେ ସମୟ ଧରି ଅଦୂରରେ ଠିଆ ହୋଇ ବୈଷ୍ଣବ ଭକ୍ତମାନଙ୍କ ନାମକୀର୍ତ୍ତନ ଶୁଣୁଥିଲେ ଆଉ ଗଭୀର ଦୁଃଖରେ ଓ

କ୍ଷୋଭରେ ଦୀର୍ଘନିଃଶ୍ୱାସ ପକାଉଥିଲେ । ଶ୍ରୀଚୈତନ୍ୟଙ୍କ ଭକ୍ତି ଓ ପ୍ରେମବାଦର ତାତ୍ତ୍ୱିକ ଅର୍ଥ ଯାହା ହେଉ ନା କାହିଁକି, ଗୋଟାଏ ଜାତି, ଗୋଟାଏ ଦେଶ ସେଥିରେ ମାତି ଏହିପରିଭାବରେ ଟଳଟଳାନ୍ତ ହୋଇଗଲା । ରାଧା ଓ କୃଷ୍ଣ, ଜୀବାତ୍ମା ଓ ପରମାତ୍ମାର ସଂକେତ । ତର୍କରେ ନୁହେଁ, ସଂଶୟରେ ନୁହେଁ, ବିଗ୍ରହରେ ନୁହେଁ, କେବଳ ଶ୍ରଦ୍ଧା, ବିଶ୍ୱାସ ଓ ଆତ୍ମନିବେଦନ ମଧ୍ୟରେହିଁ ରାଧାସ୍ୱରୂପିଣୀ ଜୀବାତ୍ମା କୃଷ୍ଣରୂପୀ ପରମାତ୍ମାଙ୍କ ସାମୀପ୍ୟ ଓ ସାଯୁଜ୍ୟ ପ୍ରାପ୍ତ ହୁଏ । ପ୍ରେମବାଦର ଏ ନୂତନ ସହଜଆଧର୍ମ ଭିତରେ ଯୁଗଯୁଗବ୍ୟାପୀ ନିଗୃହୀତ ଏକ ଉଗ୍ରକାମନା ଓ ଦୈହିକ ବାସନା ଉଦ୍‌ଗତ ହୋଇ, ମନୁଷ୍ୟର ସଂଯମ ଓ ସାଧନାରେ ସହାୟକ ହେବା ପରିବର୍ତ୍ତେ, ଅଧୋଗାମୀହୋଇ ଗୋଟାଏ ଜାତିକୁ ଏହିପରି ବିକାରଗ୍ରସ୍ତ କରିଅଛି । ଯେଉଁମାନଙ୍କ ସମରକୁହାଟରେ ଗଙ୍ଗାଠାରୁ କାବେରୀ ପର୍ଯ୍ୟନ୍ତ ଭୂମି ପ୍ରକମ୍ପିତ ହେଉଥିଲା, ଯେଉଁମାନଙ୍କ ପୌରୁଷ ଓ ପରାକ୍ରମ ଭାରତଭୂମିରେ ଏକା ଉତ୍କଳକୁ ଯବନମାନଙ୍କ ଆକ୍ରମଣ ଓ ଉତ୍ପୀଡ଼ନରୁ ରକ୍ଷା କରିପାରିଥିବା ହେତୁ, ଏହାର ପ୍ରତି ଧୂଳିକଣା ପ୍ରତି ହିନ୍ଦୁ ପକ୍ଷରେ ପବିତ୍ର ତୀର୍ଥରେଣୁ ହୋଇଥିଲା, ସେ ଜାତି ଆଜ କପାଳରେ ରସକଳି ଚିତା ପିନ୍ଧି, ନାମ କୀର୍ତ୍ତନ ଶୁଣୁ ଶୁଣୁ ଏହିପରି ମୂର୍ଚ୍ଛାଗ୍ରସ୍ତ ହେଉଅଛି !

ଭକ୍ତଙ୍କର ମୂର୍ଚ୍ଛା ତଥାପି ଭାଙ୍ଗିଲା ନାହିଁ । ଗୌଡ଼ୀୟ ବୈଷ୍ଣବ ମହନ୍ତ ମୂର୍ଚ୍ଛାଗ୍ରସ୍ତ ଭକ୍ତଙ୍କ ପାଖକୁ ଆସି ତାଙ୍କ ଦେହରେ ହାତ ବୁଲାଇ କହିଲେ···"ତୁମେମାନେ ସବୁ ପାଗଳ ! ଏହାଙ୍କ ମୂର୍ଚ୍ଛା ପାଣିରେ କଟିବ ନାହିଁ । କେତେ କଳ୍ପ, କଳ୍ପାନ୍ତର ପରେ ମୁଁ ତାଙ୍କୁ ଚିହ୍ନୁଛି ଆଜ । ଏ ଥିଲେ ଅଷ୍ଟସଖୀଙ୍କ ମଧ୍ୟରୁ ଜଣେ ସଖୀ— ବୃନ୍ଦା ! ସଖୀ ତମେ ପରମ ଭାଗ୍ୟବତୀ ; ଶ୍ୟାମ ନାମ ଶୁଣୁ ଶୁଣୁ

ମୂର୍ଚ୍ଛା ଗଲ, ମାନ୍ଦ ଶ୍ୟାମ ନାମ ଗାଇ ଗାଇ ମୋର କଣ୍ଠ ପଡ଼ିଗଲା ! ଏହାଙ୍କର ମୂର୍ଚ୍ଛା କଣ ଏପରି କଟିବ ? ଉଶୀର ବ୍ୟଜନ, ନୀଳଯମୁନା ନୀର, ଶ୍ୟାମ ବଂଶୀନାଦ ପୁଣି ଶ୍ରୀରାଧାଙ୍କ ଲୀଳାକମଳର ସ୍ପର୍ଶ ନ ଲାଗିଲେ ଏ ମୂର୍ଚ୍ଛା ଭାଙ୍ଗିବ ନାହିଁ !"

ଉଶୀର ବ୍ୟଜନ କେଜାଣି କେଉଁଠି ମିଳପାରେ ମାନ୍ଦ ଯମୁନା ନୀର ବା ଲୀଳାକମଳ ଏଠି ମିଳବ କେଉଁଠୁ ? ସମସ୍ତେ କିଂକର୍ତ୍ତବ୍ୟବିମୂଢ଼ ହୋଇ ଭକ୍ତଙ୍କର ପ୍ରାଣ ବଞ୍ଚାଇବା ପାଇଁ ଗୌଡ଼ୀୟ ବୈଷ୍ଣବଙ୍କୁ ନିବେଦନ କଲେ । ଗୌଡ଼ୀୟ ବୈଷ୍ଣବ ନୀରବରେ ବସି ଭକ୍ତଙ୍କ ଦେହ ଉପରେ ହାତ ବୁଲାଉଥାନ୍ତି, ଭକ୍ତ ଧୀରେ ଧୀରେ ଆଖିମେଲି ଉଠି ବସିଲେ । ଭକ୍ତଙ୍କ ମୂର୍ଚ୍ଛା ଏତେ ସହଜରେ ଓ ବୈଷ୍ଣବ ମହାରାଜଙ୍କ ସ୍ପର୍ଶମାତ୍ରେ ଭାଙ୍ଗିବା ଦେଖି ସମବେତ ଭକ୍ତମଣ୍ଡଳୀ "ହରିବୋଲ" ଧ୍ୱନିରେ ବଡ଼ଦାଣ୍ଡ କମ୍ପାଇ ଦେଲେ । ମୂର୍ଚ୍ଛାଗ୍ରସ୍ତ ଭକ୍ତ ଯେ ବୃନ୍ଦା, ସେଥିରେ ଆଉ କାହାରି ସନ୍ଦେହ ରହିଲା ନାହିଁ । ସେହିଦିନୁ ତାଙ୍କ ନାମ ହେଲା—ବୃନ୍ଦା ଦାସ ।

ବୃନ୍ଦା ଦାସ ନିବୋଧ ପରି ଲୋକ କୋଳାହଳ ଓ ଠେଲାପେଲା ମଧ୍ୟରେ ଉଠି ଠିଆ ହେଲେ । ଗୌଡ଼ୀୟ ବୈଷ୍ଣବ ତାଙ୍କୁ ଆଲିଙ୍ଗନ କରି ଗଦ୍‌ଗଦ କଣ୍ଠରେ କହିଲେ......"ସଖି, ବୃନ୍ଦେ ! ମୋତେ ଚିହ୍ନି ପାରିଲ ନାହିଁ; ମାନ୍ଦ କଳ୍ପ କଳ୍ପାନ୍ତର ପରେ ମୁଁ ତୁମକୁ ଆଜ ଚିହ୍ନିଲି । ମୋତେ ଚିହ୍ନୁଚ ? ମୁଁ ଯେ ଲଳିତା !"

ଗୌଡ଼ୀୟ ବୈଷ୍ଣବଙ୍କ ବାହୁପାଶ ମଧ୍ୟରେ ବୃନ୍ଦା ଦାସଙ୍କୁ ଜ୍ୟୋତ୍ସ୍ନାର ଅସ୍ପଷ୍ଟ ଆଲୋକରେ ଦେଖି ପାରି, ସନାତନ ଚମକି ପଡ଼ିଲେ । ଏ ଯେ ଖୋର୍ଦ୍ଧାର ଗୋବିନ୍ଦ ବାହୁବଳେନ୍ଦ୍ର ସିଂହ... ଖୋର୍ଦ୍ଧା ରାଜାଙ୍କ ଜଣେ ସେନାପତି ! କେଶୋଦାସ ବଟୁଙ୍କରେ

ଲଢ଼େଇ କରିବା ପାଇଁ ରାଜା ପୁରୁଷୋତ୍ତମ ଦେବଙ୍କ ସଙ୍ଗରେ ଖୋର୍ଦ୍ଧାରୁ ପୁରୀ ଆସିଥିଲେ !

ସନାତନ ଅସ୍ଫୁଟ କଣ୍ଠରେ ଆର୍ତ୍ତନାଦ କରି ଉଠିଲେ । କେବଳ ଗୋବିନ୍ଦ ବାହୁ ବଳେନ୍ଦ୍ର ତ ନୁହନ୍ତି; ଖୋର୍ଦ୍ଧାର ଅଧିକାଂଶ ପାଇକ ଯେ ଏଠି ରୁଣ୍ଡ ହୋଇଛନ୍ତି । ଏଇ ଯେ ନଳାମ୍ବର ଚମ୍ପତି ବୈଷ୍ଣବ ମହାରାଜଙ୍କ ପାଦଧୂଳି ନେଇ ମୁଣ୍ଡରେ ମାରୁଛନ୍ତି, ସେ ଯୁଦ୍ଧ ବିଗ୍ରହରେ ଖୋର୍ଦ୍ଧା ରାଜାଙ୍କ ଦକ୍ଷିଣହସ୍ତ କହିଲେ ଚଳେ !

ପୁଣି ସଂକୀର୍ତ୍ତନ ଓ ଖୋଲ କରତାଳ ଧ୍ୱନିରେ ବଡ଼ଦାଣ୍ଡ ଉଚ୍ଛ୍ୱସିତ ହୋଇ ଉଠିଲା । ସନାତନ ରାଜା ପୁରୁଷୋତ୍ତମଙ୍କ ଶିବିର ଆଡ଼େ ଆସିଲେ ।

## ( ତିନି )

ସନ୍ଧି-ବିଗ୍ରହୀ ମୁକୁନ୍ଦ ରାଜଗୁରୁ ସନ୍ଧିର ସର୍ତ୍ତ ଧରି ଫେରିଛନ୍ତି । ସେ ସର୍ତ୍ତ ଅତି ଭୀଷଣ ! ଓଡ଼ିଆ ଜାତି ପୁଣି ଗଜପତି ବଂଶକୁ ଯେ ସେପରି ସର୍ତ୍ତ ଦିଆ ଯାଇପାରେ, ତାହା ଯଥାର୍ଥରେ କେହି କଳ୍ପନା କରି ପାରୁ ନାହାନ୍ତି । ରାଜା ପୁରୁଷୋତ୍ତମ କପାଳରେ କରନ୍ୟସ୍ତ କରି ତାହା ଚିନ୍ତା କରୁଛନ୍ତି । ଅସହାୟତାଜର୍ଜରିତ ଦୀର୍ଘଶ୍ୱାସରେ ତାଙ୍କର ବିଶାଳବକ୍ଷ ବେଳେ ବେଳେ କମ୍ପି ଉଠୁଛି । ମୁକୁନ୍ଦ ରାଜଗୁରୁ ତଳକୁ ମୁଣ୍ଡ ନୁଆଇଁ ସ୍ଥାଣୁ ମୂର୍ତ୍ତି ପରି ବସିଛନ୍ତି । ସନାତନ ହରିଚନ୍ଦନ ନିଜ ଆସନରେ ଦଣ୍ଡେ ସ୍ଥିରହୋଇ ବସି ପାରୁନାହାନ୍ତି । ଉଠୁଛନ୍ତି ପୁଣି ବସୁଛନ୍ତି ! ଶିବିର ମଧ୍ୟରେ ମୁଖିଆ ମୁଖିଆ ପାଇକ ଓ ସେନାନାୟକମାନେ ଉଦାସୀନ, ନିସ୍ପୃହ ଭାବରେ ବସିଛନ୍ତି । ସେମାନଙ୍କ ମଧ୍ୟରୁ ଅନେକଙ୍କ କପାଳରେ ରସକଳୀ ଚିତା ଓ ବାହୁରେ ନାମାବଳୀର ଛାପ । ସେମାନଙ୍କ ଲୌହକଠିନ ବାହୁରେ

ନାମାବଳୀର ଚନ୍ଦନଗନ୍ଧ କମ୍ପିତ ହେଉଅଛି । ସମସ୍ତେ ନୀରବ । ରାଜା ପୁରୁଷୋତ୍ତମ ଅସହାୟ ପରି ସମସ୍ତଙ୍କ ଆଡ଼େ ଥରେ ଚାହିଁଲେ । ଓଡ଼ିଶା ଇତିହାସର ଏହି କିଂକର୍ତ୍ତବ୍ୟବିମୂଢ଼ତାପୀଡ଼ିତ ଦାରୁଣ ସଙ୍କଟବେଳେ ସେ ଯେପରି ନିଜେ କିଛି ସ୍ଥିର କରି ନପାରି ଅନ୍ୟ ମାନଙ୍କର ପରାମର୍ଶ ଲୋଡ଼ୁଥିଲେ ।

ମୁକୁନ୍ଦ ରାଉତରାୟ କହିଲେ·····"କେଶୋଦାସ ହିନ୍ଦୁ ହୋଇ ଚଳନ୍ତିବି ଉତ୍କଳର ଗଜପତିଙ୍କୁ ସେ ଏପରି ସର୍ତ୍ତ ଦେଇପାରେ, ଏହା ମୁଁ କଳ୍ପନା କରି ପାରୁନାହିଁ । ମାତ୍ର ସେ ଯାହାହେଉ ଆମ୍ଭେମାନେ ଏ ସର୍ତ୍ତ ସ୍ୱୀକାର କରିବା ଅସମ୍ଭବ ।"

ପୁରୁଷୋତ୍ତମ ଅସହାୟ କଣ୍ଠରେ କହିଲେ········"ତା' ହେଲେ ତ ଯୁଦ୍ଧ ଅନିବାର୍ଯ୍ୟ !"

ସନାତନ ହରିଚନ୍ଦନ ଦଳିତ ସର୍ପ ପରି ଗର୍ଜନ କରି ଉଠି କହିଲେ·····"ହେଉ ପଛେ ଯୁଦ୍ଧ; ଉତ୍କଳ ହେଉ ପଛେ ଶ୍ମଶାନ; ଆମ୍ଭେମାନେ ଏ ସର୍ତ୍ତ ସ୍ୱୀକାର କରିବା କସ୍ମିନ୍‌କାଳେ ଉଚିତ୍ ନୁହେଁ । ତୁମ୍ଭେ ଆଦେଶ ଦିଅନ୍ତୁ; ଆମର ପାଇକମାନେ ମନ୍ଦିର ଭିତରକୁ ପଶିଯାନ୍ତୁ । ତାପରେ କେଶୋଦାସକୁ ପିମ୍ପୁଡ଼ି ଦଳିଲା ପରି ଆମେ ଅକ୍ଲେଶରେ ଦଳି ଦେଇ ପାରିବା !"

ମୁକୁନ୍ଦ ରାଉତରାୟ କହିଲେ···"ମୁଁ ଯାହା ଦେଖିଲି କେଶୋଦାସ ସଙ୍ଗରେ ଚାରି ପାଞ୍ଚହଜାରରୁ ଅଧିକ ସିପାହୀ ନାହାନ୍ତି । ଥରେ ଆମ୍ଭେମାନେ ମନ୍ଦିର ଭିତରକୁ ପଶି ପାରିଲେ ସେମାନଙ୍କୁ ଅକ୍ଲେଶରେ ପରାସ୍ତ କରିହେବ ।"

ପୁରୁଷୋତ୍ତମ ଦେବ ସେନାପତିମାନଙ୍କ ଆଡ଼େ ଚାହିଁ ପଚାରିଲେ···"କଣ କହୁଛନ୍ତି ଆପଣମାନେ ? ହରିଚନ୍ଦନ ଓ ରାଜଗୁରୁଙ୍କ ପରାମର୍ଶ ତ ଶୁଣିଲେ !"

ସେନାପତିମାନଙ୍କ ଠାରୁ କୌଣସି ଉତ୍ତର ମିଳିଲାନାହିଁ । ରାଜା ପୁରୁଷୋତ୍ତମଙ୍କ ପ୍ରଶ୍ନରେ ସେମାନେ କେବଳ ପରସ୍ପର ଆଡ଼େ ନୀରବରେ ମୁହଁ ଚାହାଁଚାହିଁ ହେଲେ ।

ମାଳୀପୁର ଗଡ଼ନାୟକ ବେଣୁ ଦଣ୍ଡସେନା କହିଲେ··· "ସ୍ନାନଯାତ୍ରା ଆଉ ଦୁଇଦିନ ପରେ । ପ୍ରଭୁଙ୍କ ଦର୍ଶନପାଇଁ ହଜାର ହଜାର ଯାତ୍ରୀ ଆସୁଛନ୍ତି । ଆମେ ଜଗୁଲୀ ପୁଣି ବନ୍ଦ ହୋଇ ପ୍ରଭୁଙ୍କ ମନ୍ଦିର ଭାଙ୍ଗିବା ! ତା'ହେଲେ କଳାପାହାଡ଼କୁ ଆଉ ଲୋକେ ନିନ୍ଦିବେ କାହିଁକି ? ଆମେ ଯେ କଳାପାହାଡ଼କୁ ବଳି ପଡ଼ିବା !"

ବେଣୁ ଦଣ୍ଡସେନାଙ୍କ କଥା ଶେଷ ହେବାପରେ ଅନ୍ୟ ବଉଶୋଇ ଗଡ଼ନାୟକ ଓ ସେନାପତିମାନେ ପ୍ରାୟ ସେହି ମତ ବ୍ୟକ୍ତ କଲେ ।

ରସକଳ ଛତାଧାରୀ ଗୋବିନ୍ଦ ବାହୁବଳେନ୍ଦ୍ର ସିଂହ, ଓରଫ ବୃନ୍ଦା ଦାସ କହିଲେ···"ପ୍ରଭୁଙ୍କ ଶ୍ରୀମୁଖ ନଦେଖି କେତେ ଭକ୍ତ ଜଳସ୍ପର୍ଶ ନକରି ଉପବାସ ରହିଛନ୍ତି ! କେଶୋଦାସର ସର୍ତ୍ତ ମାନି ଶୀଘ୍ର ମନ୍ଦିର ନ ଖୋଲାଇଲେ ଆମ୍ଭେମାନେ ଘୋରପାତକ ଅର୍ଜିବା ।

ସନାତନ ହରିଚନ୍ଦନ କ୍ଷିପ୍ରକଣ୍ଠରେ ପଚାରିଲେ······ "ତା' ହେଲେ କଣ କେଶୋଦାସର ସର୍ତ୍ତ ଆମ୍ଭେମାନେ ବସି ଥାଉଁ ଥାଉଁ ପାଳନ କରିବା ?"

ବୃଦ୍ଧ ଦାସ ନିସ୍ପୃହ, ଉଦାସୀନ କଣ୍ଠରେ କହିଲେ···"ସନ୍ଧି-ବିଗ୍ରହୀ ମହାପାତ୍ରେ ସବୁ ହେଲା ଗୋବିନ୍ଦଙ୍କ ଇଚ୍ଛା ! ତାଙ୍କର ଇଚ୍ଛାହିଁ ପୂର୍ଣ୍ଣ ହେବ । ଆମେ ତ ନିମିତ୍ତ ମାତ୍ର !"

× × ×

ଅବଶେଷରେ ବିନା ଯୁଦ୍ଧରେ ପୁରୁଷୋତ୍ତମ ଦେବ କେଶୋଦାସର ସର୍ତ୍ତ ସ୍ୱୀକାର କରିବା ପାଇଁ ସମ୍ମତ ହେଲେ ।

ମନ୍ଦିରର ସିଂହଦ୍ୱାର ପୁଣି ଫିଟିଲା ।

କେଶୋଦାସ ମନ୍ଦିର ଭିତରୁ ବାହାରି ସର୍ତ୍ତ ପୂରଣ ପାଇଁ ସଙ୍ଗରେ ରାଜପୁତ ଦସ୍ୟୁବାହିନୀ ଧରି ଖୋର୍ଦ୍ଧା ଆସିଲେ ।

ଏହାର ଅଳ୍ପଦିନ ପରେ·········

ସର୍ତ୍ତ ପୂରଣ ପରେ କେଶୋଦାସ ଖୋର୍ଦ୍ଧାଗଡ଼ରୁ କଟକ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେଠାରେ ସୁବେଦାର ହାସିମ୍ ଖାଁ ଓ ତାଙ୍କ ମଧ୍ୟରେ ଲୁଣ୍ଠିତ ସମ୍ପଦ ଭାଗ ବଣ୍ଟା ହେବ । ତାପରେ ଅବଶିଷ୍ଟ ସମ୍ପଦ ସଙ୍ଗରେ ଧରି ସେ ଆଗ୍ରା ଫେରିଯିବେ । ସେଠାରେ ଜାହାଙ୍ଗୀରଙ୍କ ଦରବାରରେ ତାଙ୍କୁ କେତେ ହଜାର ଅଶ୍ୱାରୋହୀଙ୍କ ମନସୁବେଦାରୀ ମିଳିବ କେଜାଣି ? କେଶୋଦାସ ଉତ୍‌ଫୁଲ୍ଲ ମନରେ ସେଇଆ ଚିନ୍ତା କରି କରି ଆସୁଛନ୍ତି ।

କେଶୋଦାସଙ୍କ ବିଜୟବାହିନୀର ପୁରୋଭାଗରେ ଚାଲିଛନ୍ତି ରାଜପୁତ ପଦାତିକମାନେ । ସେମାନଙ୍କ ପଛରେ ପୁରୁଷୋତ୍ତମଙ୍କ ଠାରୁ ବଳପ୍ରୟୋଗ ଦ୍ୱାରା ଆହୃତ ଛଅଗୋଟି ହସ୍ତୀ । ଗୋଟିଏ ହସ୍ତୀ ପୃଷ୍ଠରେ ପୁରୁଷୋତ୍ତମଙ୍କ ଠାରୁ ଆଦାୟ ହୋଇଥିବା ଚାରି-ଲକ୍ଷ ଟଙ୍କା ଲଦା ହୋଇଅଛି । ଅନ୍ୟ ଏକ ହସ୍ତୀ ପୃଷ୍ଠରେ ଗୋଟିଏ

ସ୍ୱର୍ଣ୍ଣନିର୍ମିତ ହାଉଦା ମଧ୍ୟରେ ଗୋଟିଏ ଅବଗୁଣ୍ଠନବତୀ ନାରୀ ବନ୍ଦିନୀ ପରି ଆସୁଛନ୍ତି । ସମସ୍ତଙ୍କ ପଛରେ ଅନ୍ୟ ଗୋଟିଏ ହସ୍ତୀ-ପୃଷ୍ଠରେ ଆସୁଛନ୍ତି ସ୍ୱୟଂ କେଶୋଦାସ । ଅଶ୍ୱାରୋହୀମାନେ ହସ୍ତୀ-ମାନଙ୍କ ଦୁଇ ପାଖରେ ବଲ୍ଲମ ଓ ଖଣ୍ଡା ଉତ୍ତୋଳନ କରି ଆସୁଛନ୍ତି ।

କିନ୍ତୁ ହସ୍ତୀପୃଷ୍ଠରେ କିଏ ଏଇ ଅବଗୁଣ୍ଠନବତୀ ବନ୍ଦିନୀ ?

ଖୋର୍ଦ୍ଧା ଗଡ଼ର ସ୍ତବ୍ଧ ପୌରୁଷ-ବର୍ଜିତ କୌତୁହଳୀ ଜନତା ସେହି ପ୍ରଶ୍ନ ନିଜ ନିଜ ମଧ୍ୟରେ ଜିଜ୍ଞାସା କରୁଛନ୍ତି ।

କିନ୍ତୁ ସେ ନିଷ୍ଠୁର ପ୍ରଶ୍ନ ଆଉ ପଚାର ନାହିଁ !

ମୋଗଲ-ଐତିହାସିକ ଗାଟଦଂଷ୍ଟ୍ର ଫାରସୀ ପାଣ୍ଡୁଲିପିର ପୃଷ୍ଠାତଳୁ ବାଦ୍‌ସାହା ଜାହାଙ୍ଗୀରଙ୍କ ଅନ୍ତଃପୁର-ଯାତ୍ରିଣୀ ଏହି ବନ୍ଦିନୀଙ୍କ ପରିଚୟ ଆବିଷ୍କାର କରନ୍ତୁ ପଛେ, ତୁମେ ଆଉ ସେ ନିଷ୍ଠୁର ପ୍ରଶ୍ନ ପଚାର ନାହିଁ ।

ବୃଦ୍ଧ ସନାତନ ହରିଚନ୍ଦନ ଅଶ୍ରୁପୂର୍ଣ୍ଣ ଚକ୍ଷୁରେ କେଶୋଦାସଙ୍କ ବିଜୟବାହୁଡ଼ା ଚାହିଁ ଦେଖୁଥିଲେ । ସେ ବେଳେ ବେଳେ ଉପରକୁ ଚାହିଁ ହୁଏତ ରୌଦ୍ରଦଗ୍ଧ ମୌନ ଆକାଶକୁ ପଚାରୁଥିଲେ···ଇତିହାସରେ ବହୁ ଉତ୍‌ଥାନ ଓ ବହୁ ପତନ ତମେ ଦେଖି ଆସିଛ, ମନୁଷ୍ୟର ଅମନୁଷ୍ୟତା ବହୁ ଦେଶ ଓ ବହୁ ଜାତିକୁ କିପରି ନିର୍ଯ୍ୟାତିତ, ଲାଞ୍ଛିତ ଓ ଅପମାନିତ କରେ ତା ମଧ୍ୟ ଦେଖିଛ, ମାତ୍ର ଉତ୍କଳର ଏପରି ପୌରୁଷବିଲୟ ଓ ଚରମ ଅଧଃପତନର ଉଦାହରଣ ଅନ୍ୟ କେଉଁଠି ଦେଖିଛ କି ?

ଅଶ୍ୱମାନଙ୍କର ଦ୍ରୁତପଦବିକ୍ଷେପରୁ ଉତ୍ଥିତ ଧୂଳିର ଘୂର୍ଣ୍ଣି ଭିତରେ କେଶୋଦାସଙ୍କ ବାହିନୀ ଅଦୃଶ୍ୟ ହୋଇଗଲେ ।

ସେହି ଧୂଳିଘୂର୍ଣ୍ଣି ଭିତରେ, ଉତ୍କଳ ଇତିହାସର ରଙ୍ଗଭୂମିରେ ଯେପରି ଶେଷ ଯବନିକା ପଡ଼ିଗଲା ।

# ଦଲେଇ ବୁଢ଼ା

**ଯେଉଁ** ଦେଶର ସାମ୍ରାଜ୍ୟ ଦିନେ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ହୋଇଥିଲା, ଆଜି ସେ ଦେଶକୁ ବଙ୍ଗ, ବିହାର ଓ ଓଡ଼ିଶାର ନବାବ ଆଲ୍ଲି ବର୍ଦ୍ଧୀ ଖାଁ, ନାଗପୁର ଭୋଁସଲା ଦରବାରରେ ଚଉଥ ପାଇଁ ବନ୍ଧା ପକାଇଛନ୍ତି । ମାତ୍ର ପିଠି ବର୍ଷକୁ ବାରଲକ୍ଷ ଟଙ୍କା ଚଉଥ ଆଦାୟ କରି ନାଗପୁର ଦରବାରକୁ ପଠାଇବା କଟକରେ ମରହଟ୍ଟା ଫୌଜଦାରଙ୍କ ଏକମାତ୍ର କାର୍ଯ୍ୟ । ଏହା ଉପରେ ଯେଉଁ ଫୌଜଦାର ଯେତେ ବେଶୀ ଲୁଟତରାଜରୁ ଉଠାଇ ପାରିଲା, ନାଗପୁର ଦରବାରରେ ତାହାର ସେତେ ବେଶୀ ପ୍ରତିଷ୍ଠା । ଆଫଗାନ ଓ ମୋଗଲମାନେ ହିନ୍ଦୁଧର୍ମବିଦ୍ୱେଷୀ ହୋଇ ସୁଦ୍ଧା ଓଡ଼ିଶାରେ ଯାହା କରି ନଥିଲେ ହିନ୍ଦୁଧର୍ମର ପରମ ରକ୍ଷକ ସାଜି ମରହଟ୍ଟାମାନେ ତାହା କରିବାପାଇଁ କୁଣ୍ଠିତ ହେଲେ ନାହିଁ । ତୀର୍ଥଯାତ୍ରୀ ବିଶେଷରେ ଜଗନ୍ନାଥ-ପୁରୀଯାତ୍ରୀମାନେ ହିନ୍ଦୁ ସମାଜରେ ସର୍ବଥା ଆଦରଣୀୟ ଓ ପୂଜନୀୟ । ମୁସଲମାନ ଅମଳରେ ଏମାନଙ୍କ ଉପରେ କୌଣସି ଜୁଲୁମ ନଥିଲା । ନବାବ-ନାଜିମ ଅମଳରେ

ଜଗନ୍ନାଥ-ଯାତ୍ରୀମାନଙ୍କ ଉପରେ ଟିକସ ରାଜସ୍ୱର ଆଦାୟର ଏକ ପ୍ରଧାନ ସୂତ୍ର ଥିଲା । ମୁର୍ଶୀଦ କୁଲିଖାଁ ଓଡ଼ିଶାରେ ମୁସଲମାନ ଶାସନକର୍ତ୍ତା ଥିବା ସମୟରେ ଏହି ଟିକସରୁ ବର୍ଷକୁ ନଅଲକ୍ଷ ଟଙ୍କା ରାଜସ୍ୱ ଆଦାୟ କରୁଥିଲେ । ହିନ୍ଦୁ ମରହଟ୍ଟା ଫୌଜଦାରମାନେ ସେ ଘୃଣ୍ୟ ଟିକସ ଲୋପ କରିବା ପରିବର୍ତ୍ତେ ଆକ୍ଷିବୁଜ ତାହା ବଢ଼ାଇ ଦେଲେ । କିଏ କହେ ଭାରତରେ ମୁସଲମାନମାନେ ହିନ୍ଦୁର ଶତ୍ରୁ ? ଭାରତର ଅଭିଶପ୍ତ ଇତିହାସରେ ହିନ୍ଦୁଠାରୁ ବଳି ହିନ୍ଦୁର ଅନ୍ୟ ଶତ୍ରୁ ନ ଥିଲା । ଯାତ୍ରୀ ଟିକସ ଦେଇ ସୁଦ୍ଧା ରକ୍ଷା ନାହିଁ । ବାଘ ଭାଲୁଙ୍କ ହାବୁଡ଼ରୁ ବରଂ ଯାତ୍ରୀମାନଙ୍କ ରକ୍ଷା ପାଇବାର ଉପାୟ ଥିଲା; ମାତ୍ର ବର୍ଗୀମାନେ ବଣ ଜଙ୍ଗଲର ହିଂସ୍ର ପଶୁମାନଙ୍କୁ ସୁଦ୍ଧା ବଳି ପଡ଼ିଥିଲେ ।

ଏହିପରି ଉଲଙ୍ଗ ଅତ୍ୟାଚାର ଓ ପୀଡ଼ନରେ ଓଡ଼ିଆ ଜାତିର ମେରୁଦଣ୍ଡ ଭାଙ୍ଗି ପଡ଼ିଥିଲା । ଓଡ଼ିଆ ଜାତିର ବର୍ତ୍ତମାନ ଥିଲା ଅନିଶ୍ଚିତ, ଭବିଷ୍ୟତ ଥିଲା ଅନ୍ଧକାର, ଅତୀତହିଁ ଥିଲା ଏକମାତ୍ର ସାନ୍ତ୍ୱନା । ଅଧା କାହାଣୀ ଓ ଅଧା ଇତିହାସ ମଧ୍ୟରେ ସେ ଅତୀତର ଉଦ୍‌ବୋଧନ ଓ ସ୍ମରଣ ଏହି ଭଗ୍ନ-ଜାନୁ ଜାତିକୁ ବେଳେବେଳେ ବଞ୍ଚିବା ପାଇଁ ଯାହା କିଛି ପ୍ରେରଣା ଦେଉଥିଲା ।

ଜେନାପୁର ଓ ଢେଙ୍କାନାଳ ଦୋସୀମାଳରେ ଗଡ଼ ମାଳପୁର ଗାଁ । ଗଜପତି ବଂଶର ଗୌରବ ସଙ୍ଗେ ସଙ୍ଗେ ଗଡ଼ ମାଳପୁର ଗାଁର ସବୁ ଗୌରବ ମଧ୍ୟ ଲୋପ ପାଇଥିଲା । ଆଗେ ଏ ଗାଁରେ ଏକ ପ୍ରସିଦ୍ଧ ଚଉପାଢ଼ୀ ଥିଲା । ଉତ୍କଳ ବାରମ୍ବାର ଯାଜପୁର ଆଡ଼ୁ ଆକ୍ରାନ୍ତ ହେଉଥିବାରୁ ଏ ଅଞ୍ଚଳମାନଙ୍କରେ ବହୁ ଚଉପାଢ଼ୀ ଓ ପାଇକାଳୀ ଗାଁ ପ୍ରତିଷ୍ଠିତ ହୋଇଥିଲା । ଗଡ଼ ମାଳୀପୁର ପୂର୍ବେ ଥିଲା ଗୋଟିଏ

ଖଣ୍ଡାୟତ ବହୁଳ ପାଇକାଲି ଗାଁ । ଗାଁଟି ଏକଦା ଅତି ସମୃଦ୍ଧ ଥିଲା । ଚାରିକଡ଼େ ନଡ଼ିଆ କୁଞ୍ଜ ଓ ଆମ୍ବତୋଟା ମଝିରେ ଏ ଗାଁଟି ଖଣ୍ଡେ ଚିତ୍ରପଟ ପରି ଦିଶୁଥିଲା । ବ୍ରାହ୍ମଣୀ ବନ୍ଧ ଗଡ଼ାଣିରୁ ଯେଉଁ "ପଠାଣ-ସଡ଼କ"*ବଣପାହାଡ଼ ଭେଦ ସାପେଇସାପେଇ କଟକଆଡ଼େ ଚାଲିଯାଇଛି ସେଇ ସଡ଼କରେ ଯିବା ବାଟୋଇ, "ଗଡ଼ମାଳୀପୁର" ଗାଁଟିକୁ ଚାହିଁ ଦେଖିବା ପାଇଁ ଦଣ୍ଡେ ରହି ଯାଉଥିଲା । ମାତ୍ର ଏବେ ସେ ଗଛସବୁ କଟା ହୋଇ ଚାରିକଡ଼େ ବାଉଁଶ ଆଉ କଆ ଜଙ୍ଗଲ-ମାନ ବଢ଼ି ଉଠିଲାଣି । ବର୍ଗୀ ଡକାୟତ ମାନଙ୍କ ଗୃଧ୍ର ଦୃଷ୍ଟିରୁ ଆତ୍ମରକ୍ଷା ପାଇଁ ମୋଗଲବନ୍ଦି ଅଞ୍ଚଳର ବହୁ ଜନପଦ ଏହିପରି ଅରଣ୍ୟରେ ପରିଣତ ହୋଇଥିଲା ।

ଗଡ଼ମାଳୀପୁର ଗାଁରେ ଦଳେଇ ମହାପାତ୍ରଙ୍କ ଚଉପାଢ଼ୀ ନବାବ ଆଲିବର୍ଦ୍ଦିଖାଁଙ୍କ ଅମଳ ପର୍ଯ୍ୟନ୍ତ ସୁଦ୍ଧା ରହିଥିଲା । ଚଉପାଢ଼ୀରେ ଦଳେଇ ବଂଶ ବହୁ ବିସ୍ତୀର୍ଣ୍ଣ ଭୂସମ୍ପତ୍ତି ନିଷ୍କର ଜାଗିର ରୂପେ ଭୋଗ କରୁଥିଲେ । ଦଳେଇ ମହାପାତ୍ରଙ୍କ ପଥର ଚଉପାଢ଼ୀର ଶେଷଚିହ୍ନ ଏବେ ସୁଦ୍ଧା ଗାଁମୁଣ୍ଡରେ ରହିଅଛି । ମାତ୍ର ଦଳେଇ ମହାପାତ୍ରଙ୍କ ବଂଶ ନିଶ୍ଚିହ୍ନ ହୋଇଗଲାଣି । ଆଜକୁ କେଜାଣି ପଚାଶବର୍ଷ ତଳେ ଜାନୁଜୀ ଭୋଁସଲା କଟକରେ ଫୌଜଦାର ରୂପେ ଥିବାବେଳେ କେତେଜଣ ବର୍ଗୀ ଏହି ଗାଁଠାରେ ପଠାଣ-ସଡ଼କର ଗୋଟିଏ ଘାଟିରେ ବାଲେଶ୍ୱରଆଡ଼ୁ ଆସୁଥିବା ଦଳେ ତୀର୍ଥଯାତ୍ରୀଙ୍କ ଉପରେ ଆକ୍ରମଣ

* ବଙ୍ଗଳାଆଡ଼ୁ ଯେଉଁ ବାଟ ଦେଇ ଆଫଗାନ ଓ ମୋଗଲମାନେ ଓଡ଼ିଶା ଆସିଥିଲେ, ତାହା "ପଠାଣ-ସଡ଼କ" ନାମରେ ଏକଦା ପରିଚିତ ଥିଲା ।

କରି ସେମାନଙ୍କୁ ଲୁଣ୍ଠନ କରିବା ପାଇଁ ଉଦ୍ୟତ ହୋଇଥିଲେ । ସେତେବେଳେ ଚଉପାଢ଼ୀର ତତ୍କାଳୀନ ଅଧିକାଂଶ ବେଣୁଧର ଦଳେଇ ମହାପାତ୍ର ବର୍ଗୀ ଆକ୍ରମଣର ପ୍ରତିରୋଧ କରିଥିବାରୁ ମରହଟ୍ଟାମାନଙ୍କର ଶନିଦୃଷ୍ଟି ଗଡ଼ମାଳୀପୁର ଚଉପାଢ଼ୀ ଉପରେ ପଡ଼ିଥିଲା । ଏ ଘଟଣାର ଅଳ୍ପଦିନ ପରେ ବେଣୁଧର ଦଳେଇ ମହାପାତ୍ରଙ୍କୁ କଟକରେ ଲାଲବାଗ କୋଠିକୁ ଡାକନେଇ ସେଠାରେ ବାଉଁଶ ଗୃପୁଆଣି ଦେଇ ତାଙ୍କୁ ହତ୍ୟା କରାଯାଇଥିଲା । ଅପରାଧ—ରାଜଦ୍ରୋହ । ସେତିକରେ ଅପରାଧ ଖଣ୍ଡିଲା ନାହିଁ । ଜୋରିମାନା ବାବଦକୁ ତାଙ୍କ ଘର ଓ ଅମାରକୁ ଲୁଟ କରି ଗୋଟିଏ ପୁରୁଣା, ବୁନିଆଦି ବଂଶକୁ ତଳିତଳାନ୍ତ କରି ଦିଆଗଲା । ଚଉପାଢ଼ୀ ଲୋପ ପାଇବାଦିନୁ, ଏ ଗାଁର ଖଣ୍ଡାୟତମାନଙ୍କର ପାଇକାଳୀ ବୃତ୍ତି ମଧ୍ୟ ଲୋପ ପାଇଛି । ମାଳୀପୁର ଗାଁ ଖଣ୍ଡାୟତମାନଙ୍କର ପୂର୍ବପୁରୁଷମାନେ ଦିନେ ବୈତରଣୀ ଓ ବ୍ରାହ୍ମଣୀ ମଧ୍ୟରେ ବିସ୍ତୀର୍ଣ୍ଣ ଅଞ୍ଚଳକୁ ବହୁ ଆକ୍ରମଣରୁ ସୁରକ୍ଷିତ ରଖିଥିଲେ । ଏବେ ହଳ, ଲଙ୍ଗଳ ଛଡ଼ା ସେମାନଙ୍କର ଅନ୍ୟ ବୃତ୍ତି ନାହିଁ । ଣତଦସ୍ତା ଯେଉଁ ଘୋର ଦୁର୍ଭିକ୍ଷ ପଡ଼ିଥିଲା, ସେଥିରେ କେତେ ଗାଁ ଛାଡ଼ି ପଳାଇଥିଲେ, ଆଉ ଫେରି ନାହାନ୍ତି । ବର୍ଗୀମାନଙ୍କର ଜୁଲୁମ ଓ ବାରମ୍ବାର ଲୁଣ୍ଠନରୁ ରକ୍ଷା ପାଇବା ପାଇଁ ଅନେକେ ସୁକିନ୍ଦା ଓ ଢେଙ୍କାନାଳ ପ୍ରଭୃତି ଜିଲ୍ଲାର ପାର୍ବତ୍ୟ ଅଞ୍ଚଳମାନଙ୍କୁ ପଳାଇ ସେଆଡ଼େ ବସବାସ କରି ରହିଲେଣି । ଯେଉଁମାନେ ତଥାପି ଗାଁ-ମାଟିର ମାୟା କାଟି ନ ପାରି ରହିଛନ୍ତି ଦିନରେ ହଳ, ଆଉ ରାତିରେ ନଦିଘାଟ-ଘାଉଁନ ସେମାନଙ୍କର ଏକମାତ୍ର ବୃତ୍ତି । ଏ ସମସ୍ତ ଦୁର୍ଯୋଗ ଭିତରେ ତଥାପି ବଞ୍ଚି ରହିଛି ଗଡ଼ମାଳୀପୁର ଗାଁ ଆଉ ବଞ୍ଚି ରହିଛନ୍ତି ଗାଁର ପେଡ଼ିବୁଢ଼ା ମାଗୁଣି ଦଳେଇ । ମାଗୁଣି ଦଳେଇ କୁଆଡ଼େ ପୂର୍ବେ ଏଇ ଚଉପାଢ଼ୀର ସେନାପତି ଥିଲେ !

ଏବେ କିନ୍ତୁ ସେ ବର୍ତ୍ତମାନ ଓ ଭବିଷ୍ୟତହୀନ, ଅତୀତସର୍ବସ୍ୱ ହତଭାଗ୍ୟ ଓଡ଼ିଆଜାତିର ଏକ ଅନ୍ତରଙ୍ଗ ପ୍ରତିରୂପ ରୂପେ ବଞ୍ଚିଛନ୍ତି ।

ମାଗୁଣି ଦଳେଇଙ୍କ ଆନୁମାନିକ ବୟସ ସାତକୋଡ଼ି । ତାଙ୍କ ବୟସର ଖୁବ୍ କମଲୋକ ସେ ଅଞ୍ଚଳରେ ବଞ୍ଚିଥିଲେ । ସତ ମିଛ ଜଣାନାହିଁ, ମାତ୍ର ମାଗୁଣି ଦଳେଇ କହନ୍ତି, ତାଙ୍କ ଭେଣ୍ଡାବେଳେ ଚିଲିକା କୂଳର କାଳୁପଡ଼ା ଘାଟଠାରେ ଆଫଗାନ ସେନାପତି ଖାନ୍-ଇ-ଦୌରାନ ଖାଁ ସହିତ ଖୋର୍ଦ୍ଧାରାଜା ମୁକୁନ୍ଦ ଦେବଙ୍କର ଯେଉଁ ଲଢ଼େଇ ଲାଗିଥିଲା, ସେଥିରେ ସେ ମୁକୁନ୍ଦଦେବଙ୍କ ପକ୍ଷରେ ଲଢ଼ିଥିଲେ । ଦଳେଇଙ୍କ କଥା ଅନୁସାରେ, ଯିଏ ତାଙ୍କ ସଙ୍ଗରେ ଲଢ଼ିଛନ୍ତି ସେ ମାଟି କାମୁଡ଼ି ପଡ଼ିଛନ୍ତି ; କେହି ବର୍ତ୍ତି ନାହାନ୍ତି । ଖାନ୍-ଇ-ଦୌରାନ ମଧ୍ୟ ତାଙ୍କ ଖଣ୍ଡା ଚୋଟରେ ମରିଥିଲେ । ମାତ୍ର କଥାଟା ଖାଣ୍ଟି ମିଛ । କାରଣ ଏ ଯୁଦ୍ଧରେ ଖାନ୍-ଇ-ଦୌରାନ ମୁକୁନ୍ଦଦେବଙ୍କୁ ପରାସ୍ତ କରି ଖୋର୍ଦ୍ଧାଗଡ଼ ଅଧିକାର କରିଥିଲେ । ତଥାପି ଦଳେଇଙ୍କ ମୁହଁରେ ତାଙ୍କ କଥାଟା ମିଛ ବୋଲି କହିଦେଲେ ବା କଥାର ସତ୍ୟତାରେ ସାମାନ୍ୟ ସନ୍ଦେହ ପ୍ରକାଶ କଲେ ଆଉ ରକ୍ଷା ନାହିଁ । ନିଆଁରେ ଘିଅ ଢାଳିଲାପରି ଦପ୍‌କରି ଜଳିଉଠି, ସେ ହିନ୍ଦୁସ୍ଥାନୀ ମିଶା ଓଡ଼ିଆ ଅଥବା ଓଡ଼ିଆ ମିଶା ହିନ୍ଦୁସ୍ଥାନୀରେ "ମାର ଦେଙ୍ଗା", "ହାଣ ଦେଙ୍ଗା" ପ୍ରଭୃତି ଧମକ ଦେଇ, ଗମ୍ଭିରାଘର ଖଣ୍ଡା ପଟକ କାଢ଼ି ଆଣିବା ପାଇଁ ଡାକ ପକାନ୍ତି ।

ମାଗୁଣି ଦଳେଇଙ୍କ ଆଗରେ ଦଳେଇ ବୋଲି କହିଦେଲେ ମଧ୍ୟ ରକ୍ଷା ନଥିଲା । ଚଉପାଢ଼ୀର ପୂର୍ବ ଅଧିକାରୀ ଦଳପତି ମହାପାତ୍ର-ବଂଶର ଛଅପୁରା ସେ । ତାଙ୍କର ଯଥାର୍ଥ ନାମ ହେଲା ଦଳପତି ମାଗୁଣି ମହାପାତ୍ର । ମୁଣ୍ଡ ଚନ୍ଦା, କିନ୍ତୁ ଚଉଡ଼ା ଖଣ୍ଡା ଧାର ପରି

କପାଳ ତଳେ ଦୁଇ ଭ୍ରୂଲତା ବଡ଼ ଗହଳିଆ । ଏବେ ଅବଶ୍ୟ ପାଚ ଯୋଉଛି ହେଲାଣି । ଭ୍ରୂଲତା ବାଳରେ ତାଙ୍କ ଗହ୍ୱରିଆ ଆଖି ଦୁଇଟି ଅଧା ଢାଙ୍କି ହୋଇ ରହିଥାଏ । ତଥାପି ଏ ବୟସରେ ସୁଦ୍ଧା ମେରୁଦଣ୍ଡ ବାଙ୍କି ନାହିଁ ବା ଆଖିର ଦୃଷ୍ଟିଶକ୍ତି କମି ନାହିଁ । ଏ ବୟସରେ ସୁଦ୍ଧା ଘିଅ ଆଲୁଅରେ ସେ ପୋଥି ବୋଲି ପାରନ୍ତି । କପାଳରେ ଗୋଟିଏ ଲମ୍ବା ସିନ୍ଦୂର କଳି, ତାଙ୍କ ଚେହେରାରେ ଯେପରି ବୀର୍ଯ୍ୟବାନ ପୌରୁଷର ଗୋଟିଏ ସୁସ୍ପଷ୍ଟ ଛାପ ରଙ୍ଗି ଯାଇଅଛି । ଦୁଇପଟ ଗାଲରେ ଗାଲମୁଚ୍ଛ କଳା । ନାକ ତଳର ଦୁଇପଟ ବାଘୁଆ ନଶ ମୋଡ଼ା ହୋଇ ଗାଲମୁଚ୍ଛ କଳିରେ ମିଶି ଯାଇଛି । ହାତରେ ସବୁବେଳେ ଖଣ୍ଡେ କପିଳାସିଆ ଠେଙ୍ଗା । ଠେଙ୍ଗା ଦେହରେ ପିତଳ ଗୋବା । ଏଇ ଠେଙ୍ଗାଟାରେ କୁଆଡ଼େ ଢେଙ୍କାନାଳଗଡ଼ରେ ସେ ମରହଟ୍ଟା ଫୌଜଦାର ଚେମଣା ନାୟକର ନାକଦଣ୍ଡୀ ଫଟାଇ ଦେଇଥିଲେ । ସତମିଛ ଭଗବାନ ଜାଣନ୍ତି ।

ମାଗୁଣି ଦଳେଇଙ୍କ କଣ୍ଠ ଓ ଦେହ ଅବଶ୍ୟ ସାମାନ୍ୟ ଥରିଲାଣି । ତଥାପି ଦେହ ଓ ମନରୁ ଯୌବନର ପୂର୍ବତେଜ ମରିନାହିଁ । ତାଙ୍କ ନାତିମାନେ ସୁଦ୍ଧା ବୁଢ଼ା ହୋଇ ମଶାଣିକୁ ଗଲେଣି । କିନ୍ତୁ ମାଗୁଣି ଦଳେଇ ନିଶ୍ଚିନ୍ତରେ ଅଣନାତିମାନଙ୍କ ଅମଳ ଭୋଗୁଛନ୍ତି ।

ମାଗୁଣି ଦଳେଇଙ୍କ ଲୋଳିତ ଦେହରେ ବହୁ କ୍ଷତଚିହ୍ନ ଏବେ ସୁଦ୍ଧା ଦେଖି ହୁଏ । ପ୍ରତି କ୍ଷତଚିହ୍ନର ବହୁ ଇତିହାସ ତାଙ୍କ ଜିଭ ଅଗରେ ।

ପିଠିରେ ଏ ଯେଉଁ ଚିହ୍ନଟା ? ଆରେ, ହରିହରପୁରର ଭଞ୍ଜରାଜାଙ୍କ ପକ୍ଷ ହୋଇ, ସେ ଯେତେବେଳେ ମରହଟ୍ଟା ଫୌଜଦାର ଭାସ୍କରରାମ ବିରୁଦ୍ଧରେ ଲଢ଼ୁଥିଲେ, ସେହି ଲଢ଼େଇର ଏ ଚିହ୍ନ । ଗୋଟାଏ ମରହଟ୍ଟା ସିପାହୀ ତାଙ୍କ ପିଠିରେ ବର୍ଚ୍ଛାଭୁଷି ଦେଇଥିଲା । ହେଲେ ଯାଏ କୁଆଡ଼େ ? ଖଣ୍ଡାପଟକ ମାଗୁଣି ଦଳେଇ ବୁଲେଇ ଆଣିଲେ ଯେ, ମରହଟ୍ଟା ବର୍ଗୀ ଗୁଡ଼ା କଟା କଦଳୀଗଛ ପରି ତଳେ ଲୋଟିଗଲେ ।

ଦକ୍ଷିଣ ବାହାରେ ଏ ଯେଉଁ କଟା ଚିହ୍ନଟା ? ମରହଟ୍ଟା ଫୌଜଦାର ଚେମଣା ନାଏକ ବଞ୍ଚିଛି କି ମଲାଣି କିଏ ଜାଣେ ? ଚେମଣା ସେତେବେଳେ କଟକରେ ଫୌଜଦାର ଥିଲା । ଢେଙ୍କାନାଳ ରାଜା ତ୍ରିଲୋଚନ ମହେନ୍ଦ୍ର ବାହାଦୁର ମରହଟ୍ଟା ଫୌଜଦାରଙ୍କୁ ଷାଠିଏହଜାର କାହାଣ କଉଡ଼ି ପେଶକସ ଦେବାକୁ ନାସ୍ତି କରିଦେଲେ । ତହୁଁ ଚେମଣା ବର୍ଗୀ ଦଳ ଧରି ଢେଙ୍କାନାଳ ଆସିଲା ଗଡ଼ ଜପ୍ତ କରିବା ପାଇଁ । ଚେମଣା ଆସୁଥିବା ଶୁଣି, ଢେଙ୍କାନାଳ ଜିଲ୍ଲାର ଦଳେଇ, ବିଶୋୟୀ, ଗଡ଼ନାୟକ, ପାଇକଙ୍କ ଭିତରେ ଗଣ୍ଡି ବୁଲିଗଲା । ସୌରିକ ବିଶୋୟୀ ମାଗୁଣି ଦଳେଇଙ୍କ ମାମୁଁ ଲେଖା ହୁଅନ୍ତି । ବିଶୋଇଙ୍କ ଠାରୁ ଖବର ପାଇ ମାଗୁଣି ଦଳେଇ ଆଉ ଘରେ ରହନ୍ତି ? ସିଧା ବାହାରିଗଲେ ଢେଙ୍କାନାଳ । ଦଳେଇ ଗଲା ଖଙ୍କାର କବି ବ୍ରଜନାଥ ବଡ଼ଜେନାଙ୍କ "ସମର-ତରଙ୍ଗ" ପୋଥିରୁ ପଢେ ବୋଲି କହନ୍ତି······

"ସାରି ଫଉଜ ହେଲେ ତିୟାର, ମୁସଦ୍ଦି ମୁସା
ହେଲେ ବାହାର, ପାଗା ସୁଆର କି ଜମାଦାର,
କି ସରଦାର ଯେ । ଯେ ଯାହା ମୁରାତବ
ସମ୍ଭାର, ଦୌଲତ ଯେଣ ହେଲେ ହାଜର,

ମଜୁରୁ କର ହୁକୁମ ପାଇ ଯା'ନ୍ତି ସଉର ଯେ ।
କେତେ ଚଢ଼ିଛନ୍ତି ବାଜ ବାଜ ଉପର ଯେ ।
ରଙ୍ଗ ଅଙ୍ଗା ଅଙ୍ଗକୁ ଦିଶେ ସୁନ୍ଦର ଯେ ।
ଢାଲେକ ଧରି ବାମ ହାତରେ, ଖଣ୍ଡା କଷିଛନ୍ତି
ଦକ୍ଷିଣ କରେ, ଲାଲ ପଗଡ଼ି ଭଲ ମାନୁଛନ୍ତି
ଶିରକୁ ତାର ଯେ......।"

ଢେଙ୍କାନାଳ ସୌଖିକର ବଣୋଖୀ ଦଳେଇଙ୍କ ମାମୁଁ ଲେଖା ହୁଅନ୍ତି ବୋଲି ଗଡ଼ମାଳପୁରରେ କାହାକୁ ଜଣାନାହିଁ । ତଥାପି କଥାଟା ସତ ହେଉ ବା ମାଗୁଣି ଦଳେଇଙ୍କ ଗାଲଗପ ହେଉ, ଦଳେଇଙ୍କ ମୁହଁରୁ ଏ ଛାନ୍ଦ ପଦକ ଶୁଣିଲାବେଳେ ମାଳୀପୁର ଗାଁର ଭେଣ୍ଡି ଆମାନଙ୍କର ନର୍ଗିବ ଆଖିଗୁଡ଼ାକ ମୁହୂର୍ତ୍ତକ ପାଇଁ ଉଜ୍ଜ୍ୱଳ ହୋଇ ଉଠେ । ଧମନୀରେ ପଖାଳଖିଆ ଥଣ୍ଡା ରକ୍ତ ଟିକଏ ଉଷୁମ ହୋଇ ଉଠେ ।

ଦଳେଇଙ୍କ ମୁହଁରୁ ଏକଥା ଆଉ ଛାନ୍ଦ, ଗଡ଼ମାଳୀପୁର ଗାଁର ଲୋକେ କେତେବାର ଯେ ଶୁଣିଲେଣି ତାର ଇୟତ୍ତା ନାହିଁ । ଦଳେଇଙ୍କ ଏକମାତ୍ର କାର୍ଯ୍ୟ ତାଙ୍କ ଦାଣ୍ଡ ବାଟେ ଯିଏ ଯାନ୍ତି ତାଙ୍କୁ ଡାକି ଏସବୁ କାହାଣୀ ଶୁଣାଇବା । ସେଇକଥା ଶୁଣି ଶୁଣି ଆଉ ଶୁଣିବା ପାଇଁ କାହାର ଆଗ୍ରହ ନଥିଲା । ତଥାପି ମାଗୁଣି ଦଳେଇଙ୍କ ଡାକ ଶୁଣି, ପିଣ୍ଡାତଳେ ଠିଆ ହୋଇ, ତାଙ୍କୁ ଜୁହାରଟାଏ ପକାଇ ଦଳେଇଙ୍କ କଥା ନ ଶୁଣି ଚାଲିଯିବା ଲୋକ, ଗଡ଼ମାଳୀପୁର ଗାଁରେ ଖୁବ୍ କମ ଥିଲେ ।

ମରହଟ୍ଟା ବର୍ଗୀମାନେ ବଙ୍ଗଳା, ବିହାର ଓ ଓଡ଼ିଶାର ଘରେ ଘରେ ହତକମ୍ପ ଆଣି ପାରୁଥାନ୍ତି । ସେମାନଙ୍କ ହୁଙ୍କାରରେ

ବଡ଼ା ବଡ଼ା ନବାବ ଓ ଜମିଦାର ମାନେ ସୁଦ୍ଧା ଆଗଙ୍କ ଗଣୁଥାଇ ପାରନ୍ତି; ମାତ୍ର ମାଗୁଣି ଦଳେଇଙ୍କ କହିବା ଅନୁସାରେ ମରହଟ୍ଟା ଫୌଜଦାର ମାନେ ଦଳେଇଙ୍କ ନାଁ ଶୁଣିଲେ ଗ୍ରନଅାଁ ରେ ପିନ୍ଧାଲୁଗା ଅଶୁଦ୍ଧ କରି ପକାନ୍ତି ? ସେ କଣ ସାମାନ୍ୟ ବଂଶର ଲୋକ । ତାଙ୍କର ଗୋସିବାପା ଗୋହିରଟିକିରି ଲଢ଼େଇରେ ପଠାଣସେନାପତି-ମାନଙ୍କ ସଙ୍ଗରେ ଏକା ଏକା ଲଢ଼ିଥିଲେ । ଆହେ ତାଙ୍କ ବାପେ ଥିଲେ ଯେ, ଗଉଣିଏ ଚୂଡ଼ା ଦୁଇସେର କ୍ଷୀର ଆଉ ଦୁଇଟା ନଡ଼ିଆ ନ ହେଲେ ତାଙ୍କ ପାଣିଖିଆ ହେଉ ନ ଥିଲା । ନଡ଼ିଆ ଛଡ଼ାଇବା ପାଇଁ କଣ କଟୁରି ଲଗୁଥିଲା ? ଏକା ଏକାମୁଥକେ ନଡ଼ିଆ ଫାଟି ଆଁ କରୁଥିଲା । ଯାଅ ତ, ଏବେ ଭଦ୍ରଖ ନୋହିଲେ କଟକପଉଜଦାରଙ୍କୁ କହିବ, ଦଳପତି ମାଗୁଣି ମହାପାତ୍ରଙ୍କ ନାଁ ଶୁଣିଲେ ସେମାନଙ୍କୁ କମ୍ପଜର ଆସିବ ।

ସେଦିନ ଭେଣ୍ଡ୍ରାଟାଏ ଏଇ ଏକ କଥା ସବୁଦିନେ ଶୁଣିଶୁଣି ପଚାରି ଦେଲା···"ତୁମେ ତ ଅଜା ଏତେ ପରାକ୍ରମୀ ବଳୀୟାର୍ ସିଂହ ! ବର୍ଗୀମାନେ ଯେତେବେଳେ ଆସି ଚଉପାଢ଼ୀ ଲୁଟି ନେଲେ, ତମେ ଥିଲ କେଉଁଠି ?"

ମାଗୁଣି ସେତେବେଳେ ଅବଶ୍ୟ କେଉଁଠି ଥିଲେ ଜଣାନାହିଁ । କିମ୍ବା ସେ କଥା ସେ କହିଲେ ନାହିଁ । କିନ୍ତୁ ତାଙ୍କ କଥାର ସତ୍ୟତାରେ ସନ୍ଦେହ ଆରୋପ କରି ତାଙ୍କୁ ଅସମ୍ମାନ କରା ଯାଉଅଛି ବୋଲି କହି ସେ କାଳଶୀ ପରି ନାଚଗଲେ । ତାପରେ ଗମ୍ଭିରାଘର ଭିତରକୁ ଧାଇଁ ଯାଇ ପଟେ ଖଣ୍ଡା ବୁଲେଇ ବୁଲେଇ କାଢ଼ି ଆଣି ପାଟି କରି ଉଠିଲେ, "ମାଳପୁରିଆ ଗୁଡ଼ାକ ଖଣ୍ଡାଏତ ନୁହନ୍ତି, ଓଡ଼ ଚଷା । ହଁ ଚଷା ନୁହନ୍ତି ତ ଆଉ କଣ ? ନପାଆକାଉଁନ କରି କରି ମାଇଚିଆ ହୋଇଛନ୍ତି । ସାରା ଦେଶଟା ମାଇଚିଆ ହୋଇ ଯାଇଛି !"

ଆସନ୍ତୁ ଚ ଗାଁଯାକ ସମସ୍ତେ; ସେ ଖଣ୍ଡା ଫଟକରେ ସମସ୍ତଙ୍କୁ ଯମଲୋକ ପଠାଇ ଦେବେ ।

ଏହାପରେ ଆଉ ଅନ୍ୟ କୌଣସି ପ୍ରଶ୍ନ ଅବଶ୍ୟ ଉଠିଲା ନାହିଁ । ମାଗୁଣି ଦଳେଇଙ୍କ ବୀରଦର୍ପରେ ନାଗପୁର ଦରବାର ସୁଦ୍ଧା କମ୍ପି ଉଠେ ବୋଲି ସାବ୍ୟସ୍ତ ହୋଇଗଲା । ଦଳେଇ ଗାଁରେ ସମସ୍ତଙ୍କ ମାନ୍ୟ ଲୋକ, ପୁଣି ବୟସରେ ସମସ୍ତଙ୍କ ଠାରୁ ବଡ଼ । ତେଣୁ ମୁହଁରେ ତାଙ୍କୁ ଭରସି କେହି ଆଉ କିଛି କହନ୍ତି ନାହିଁ । ମାତ୍ର ଲଙ୍ଗଳା ପିଲା ଗୁଡ଼ାଙ୍କର ମୁହଁରେ କୋଉ ବାଡ଼ବତା ଅଛି ? ଦଳେଇଙ୍କୁ ଦେଖିଲେ ସେମାନେ ପାଟି କରି ଉଠନ୍ତି; "ଦଳେଇ, ବର୍ଗି ଗଲେ ପଳେଇ !"

ଦଳେଇଙ୍କୁ ଆଉ ସମ୍ଭାଳେ କିଏ ? ପିତଳଗୋବାବସା ଠେଙ୍ଗା ଖଣ୍ଡିକ ଉଞ୍ଚାଇ ସେ ପିଲା ଗୁଡ଼ାଙ୍କ ଆଡ଼େ ଧାଇଁ ଆସନ୍ତି । ମାତ୍ର ଥର ଥର ପାଦରେ ମାଗୁଣି ଦଳେଇ ଲଙ୍ଗଳା ପିଲା ଗୁଡ଼ାଙ୍କୁ ଦଉଡ଼ରେ ପାରନ୍ତି କେତେବେଳେ ?

× × ×

ବର୍ଗୀ ଜୁଲୁମ କେତେ ବର୍ଷ ହେବ ବନ୍ଦ ଥିଲା । ମାତ୍ର ପୁଣି ଚାରିଆଡ଼େ ବର୍ଗୀ ମାତିବା ଖବରଟା ମହାମାରୀର ଆତଙ୍କ ପରି ଖେଳିଗଲା । ଓଡ଼ିଶାର ସୁବାଦାର ସେତେବେଳକୁ ରାଜାରାମ ପଣ୍ଡିତ ଆଉ ଖୋର୍ଦ୍ଧାର ରାଜା ଦିବ୍ୟସିଂହ ଦେବ । ମରହଟ୍ଟାମାନଙ୍କ ଧମକରେ ଗଜପତିଙ୍କ ନାକଦଣ୍ଡୀରେ ପ୍ରାଣ । ରାଜାରାମ ପଣ୍ଡିତର ଡାକରେ ବସୁଥାନ୍ତି ଉଠୁଥାନ୍ତି । ଆଉ ଦେଶ ଲୋକଙ୍କ କଥା ପଚାରେ କିଏ ? ନାଗପୁର ଦରବାରରେ ସେତେବେଳେ ସୁବେଦାର, ଫୌଜଦାର ଓ କିଲ୍ଲାଦାର ପ୍ରଭୃତି ରାଜକର୍ମ ନିଲାମ ଡାକରେ

ଉଠୁଥିଲା । ଯିଏ ଯେତେ ବେଶୀ ଟଙ୍କା ନାଗପୁର ରାଜକୋଷରେ ଯଉଠ ଦେଇ ପାରୁଥିଲା, ତାହାର ସେତେବେଶୀ ପଦୋନ୍ନତ ହେଉଥିଲା ।

ମାତ୍ର ରାଜାରାମଙ୍କ ଅମଳରେ ଲଗାଲଗ ହୋଇ ଦୁର୍ଭିକ୍ଷ ପଡ଼ିଲା । ଗାଁ ଗଣ୍ଡା ଖାଲି ହୋଇଗଲା । ତନ୍ତୀ, ବୁଣାକାର, ଥଟାରୀ କୁମ୍ଭାର ଓ ବଢ଼େଇ ପ୍ରଭୃତ କାରିଗର ଶ୍ରେଣୀର ଲୋକେ ବର୍ଗୀ ଆତଙ୍କରେ ବାଲେଶ୍ୱର ଓ ପିପିଲି ପ୍ରଭୃତି ସ୍ଥାନରେ ଫିରିଙ୍ଗୀ ମାନଙ୍କ ଅଞ୍ଚଳକୁ ପଳାଉଥିଲେ । କାରଣ ସେ ଅଞ୍ଚଳମାନ ଇଂରେଜ ବଣିକମାନଙ୍କ ସାମରିକ ଶକ୍ତି ଦ୍ୱାରା ସୁରକ୍ଷିତ ଥିବାରୁ ସେଠାରେ ବର୍ଗୀ ଆକ୍ରମଣର ଆଶଙ୍କା ନଥିଲା । ଏହି ସୁଯୋଗରେ ଇଂରେଜ ବଣିକମାନେ ଏ କାରିଗରମାନଙ୍କ ଠାରୁ ଶସ୍ତାରେ ଜିନଷ କିଣି ବାହାରକୁ ଖୁବ୍ ରପ୍ତାନି ଚଳାଇଥିଲେ । ମାଟିର ମାୟା କାଟି ନପାରି ଯେଉଁମାନେ ତଥାପି ମାଟି କାମୁଡ଼ି ପଡ଼ି ରହିଥିଲେ, ସେମାନଙ୍କ ଘରେ ଓଳିଏ ଚୁଲି ଜଳିଲେ ଦୁଇ ଓଳି ଚୁଲିକି ହାଣ୍ଡି ଯାଉ ନଥିଲା । ଏ ଅବସ୍ଥାରେ ରାଜସ୍ୱ ଆଦାୟ ହେଉଛି କପରି ? ମୋଗଲବନ୍ଦୀରୁ ଶିବରାମ ଭଟ୍ଟ ୧୦ ଲକ୍ଷ ୭୮ ହଜାର ଟଙ୍କା ରାଜସ୍ୱ ଆଦାୟ କରୁଥିଲା । ମାତ୍ର ଶମ୍ଭୋଜୀ ଗଣେଶ ତାହା ବଢ଼ାଇ ୧୫ ଲକ୍ଷ କରି ଦେଇଥିଲା । ଏବେ ରାଜାରାମଙ୍କ ଅମଳରେ ତାହା ଉଣା ପଡ଼ିବାରୁ, ନାଗପୁର ଦରବାରରୁ ତାଗଦା ପରେ ତାଗଦା ଆସିଲା । ଲୋକେ ଅବଶ୍ୟ ଖାଇବାକୁ ନପାଇ ରାଜସ୍ୱ ଦେଇ ପାରୁ ନାହାନ୍ତି । ମାତ୍ର ରାଜ୍ୟଶାସନ ତ ମରହଟ୍ଟାମାନଙ୍କ ଉଦ୍ଦେଶ୍ୟ ନଥିଲା, ସେମାନଙ୍କ ଉଦ୍ଦେଶ୍ୟ ଥିଲା ଲୁଣ୍ଠନ । ତେଣୁ ମରହଟ୍ଟା ସୁବାଦାର ଲୋକଙ୍କ ଅବସ୍ଥା ବିଚାରିବେ କାହିଁକି ? ସେ ବର୍ଗୀ ଦଳଙ୍କୁ ବ୍ରିଆଡ଼େ ପଙ୍ଗପାଳ ଦଳ ପରି ପଠାଇ ଦେଲେ, ବାକି ରାଜସ୍ୱ

ଆଦାୟ ପାଇଁ । ଦେହରେ ପ୍ରାଣ ଥିବା ପର୍ଯ୍ୟନ୍ତ ମରହଟ୍ଟାମାନଙ୍କ ରାଜସ୍ୱ ନଦେଇ ଲୋକେ ଯିବେ କୁଆଡ଼େ ?

କ୍ରମାଗତ ଦୁଇବର୍ଷ ବ୍ୟାପି ମରୁଡ଼ି ପରେ, ଏବର୍ଷ ସୁଫଳକ ହୋଇଥିବାରୁ ଲୋକେ ବ୍ରଢ଼ିଆଡ଼େ ଶ୍ୱସ୍ତିର ଦୀର୍ଘ ନିଶ୍ୱାସ ମାରୁଥିଲେ । ମାତ୍ର ବର୍ଗୀ ଆକ୍ରମଣର ଆତଙ୍କ ସେ ଆଶ୍ୱସ୍ତିକୁ ଦୀର୍ଘକାଳସ୍ଥାୟୀ କଲା ନାହିଁ ।

ମାର୍ଗଶୀର ମାସ । ଗ୍ରାମେ ଗ୍ରାମେ ଶସ୍ୟଲକ୍ଷ୍ମୀଙ୍କ ଆବାହନ ପାଇଁ ଘରେ ଘରେ ହସ ଉକୁଟି ଉଠୁଛି । ଘର କାନ୍ଥ, ଲିପି ଚିତା ଲେଖୁ ଲେଖୁ ଝିଅ ବୋହୂମାନଙ୍କୁ ବେଳ ଅଣ୍ଟୁ ନାହିଁ । ଖଳାମାନ ଲିପାପୋଛା ସରିଲାଣି । ବହୁଦିନ ପରେ ଲକ୍ଷ୍ମୀ ଆସୁଛନ୍ତି । ପିଠୋଉରେ ତାଙ୍କ ପାଦଚିହ୍ନ ସବୁଆଡ଼େ ପଡ଼ିଗଲାଣି । ଧାନ ପାଚି ଆସୁଛି । ଏତେବେଳେ ଯଦି ବର୍ଗୀ ଆସନ୍ତି ତାହେଲେ·········
ଆଉ ଲୋକେ ଭାବି ପାରୁନାହାନ୍ତି !

+ + +

ସକାଳ । ଘାସପତ୍ରରୁ କାକର ବିନ୍ଦୁ ଶୁଖିନାହିଁ । ମାଗୁଣି ଦଳେଇ ତାଙ୍କ ପଥରବସା ଗୁଡ଼ିଏ ଭଙ୍ଗା ଦାଣ୍ଡ ପିଣ୍ଡାରେ ଖରାକୁ ପିଠିକରି ବସି,ଢୁଳେଇ ଢୁଳେଇ ହୁଏତ ତାଙ୍କ ଅତୀତ ଦିନର ବହୁ ବିଜୟ-କାହାଣୀ ମନେମନେ ସ୍ମରଣ କରୁଥିଲେ । ଏତିକିବେଳେ ଗଡ଼ମାଳପୁର ଗାଁ ଲୋକେ ଦଳବାନ୍ଧି ଦଳେଇଙ୍କ ପିଣ୍ଡାତଳେ ଆସି ଠିଆ ହେଲେ । ଦଳେଇଙ୍କ ଢୁଳ ଭାଙ୍ଗିଗଲା । ସେମାନଙ୍କ ଆଡ଼େ ଚାହିଁ ଅଳ୍ପ ହସି ଦଳେଇ ପଚାରିଲେ···"କିରେ ପିଲେ ଖବର କଣ ?"

ଦଳେଇ ଆଜ କେଉଁ ନୂଆ ଲଢ଼େଇର କାହାଣୀ ସେମାନଙ୍କୁ ଶୁଣାଇବା ପାଇଁ ମନେମନେ ହୁଏତ ପ୍ରସ୍ତୁତ ହେଉଥିଲେ । ମାତ୍ର ଗାଁ ଲୋକେ ସେଥିପାଇଁ ଉପଯୁକ୍ତ ମାନସିକ ଅବସ୍ଥାରେ ନଥିଲେ । ବର୍ଗୀମାନେ ରଥୀପୁର, ନନ୍ଦପୁର, ହରପୁର ପ୍ରଭୃତି ଗାଁମାନ ଲୁଟି ସାରିଲେଣି । ନନ୍ଦପୁର ଗାଁଟା ପଅରଦିନ ରାତିରେ ଜଳି ଜୁଆଡ଼େ ପାଉଁଶ ହୋଇଯାଇଛି । ଏହାପରେ ତ ଗଡ଼ମାଳପୁରର ପାଳି ପଡ଼ିବ । ଉପାୟ କଣ ? ପାଖ ବଣ ଜଙ୍ଗଲକୁ ନ ପଳାଇଲେ ଧନ, ଜୀବନ ରହିବ ନାହିଁ ।

ଦଳେଇ ସମସ୍ତଙ୍କ କଥା ଶୁଣି ମୁହୂର୍ତ୍ତକ ପାଇଁ ମନେମନେ ଆତଙ୍କିତ ହୋଇ ପଡ଼ିଲେ । ମାତ୍ର ଏତେଦିନ ଧରି ଯେଉଁମାନଙ୍କୁ ବର୍ଗୀଦଳନର ଏତେ ବୀରତ୍ୱପୂର୍ଣ୍ଣ କାହାଣୀ ସେ ଶୁଣାଇ ଆସିଛନ୍ତି, ସେମାନଙ୍କୁ ଏବେ ଛତ୍ରଭଙ୍ଗ ଦେଇ ପଳାଇବା ପାଇଁ ସେ ପରାମର୍ଶ ଦେବେ କିପରି ? ଦଳେଇ କହିଲେ..." କରେ ତମେ ଗୁଡ଼ା ଖଣ୍ଡାଇତ ପାଇକ ହୋଇ ପଳାଇବ କଣ ? ଏଇ ଠେଙ୍ଗା ଦେଖୁଛ; ଏଥିରେ ଢେଙ୍କାନାଳ ଖାଁଟିଏବାଟିଆ ବାଟରେ ଚେମଣା ନାୟକର ନାକଦଣ୍ଡା ଫଟାଇଥିଲି । ମରହଟ୍ଟା ବର୍ଗୀମାନେ ସବୁଆଡ଼ ଲୁଟିବେ ସିନା, ଏ ଗାଁ ମାଡ଼ିବେ ନାହିଁ ।"

ମାଗୁଣି ଦଳେଇ ଚେମଣା ନାଏକ ସହିତରେ ଯୁଦ୍ଧଯାତ୍ରାର ବର୍ଣ୍ଣନା "ସମର-ତରଙ୍ଗ" ପୋଥିରୁ ବୋଲିବାପାଇଁ ଗଳା ଖଙ୍କାରୁଥିଲେ ; ମାତ୍ର ଅନ୍ୟଦିନପରି ଆଜି ତାହା ଶୁଣିବାପାଇଁ ଗାଁଲୋକଙ୍କର ଧୈର୍ଯ୍ୟ ନଥିଲା । ସନ୍ଧ୍ୟା ଆଗରୁ ଯେ ଯୁଆଡ଼େ ପଳାଇବାପାଇଁ, ସେମାନେ ଆଜି କାଳବିଳମ୍ବ ନକରି ଚାଲିଗଲେ ।

ଅପରାହ୍ନର ଶୀତଳଛାୟା ବୁଲିଆସିଲା ବେଳକୁ ଗଡ଼ମାଳପୁର ଗାଁ ଏକାବେଳକେ ଜନଶୂନ୍ୟ ହୋଇ ସାରିଥିଲା । ବ୍ରାହ୍ମଣୀ ନଈ ମଝିରେ ଗୋଟାଏ ଜଙ୍ଗଲି କୁଦ ଅଛି । ବର୍ଗୀ ଆକ୍ରମଣର ସଙ୍କେତ ପାଇଲେ ଗଡ଼ମାଳପୁର ଗାଁଲୋକେ ସେହିଠାରେ ଆତ୍ମଗୋପନ କରନ୍ତି । ଆବାଳବୃଦ୍ଧବନିତା ଏବେ ସେହି କୁଦକୁ ପଳାଇ ଯାଉଥିଲେ । ଏକା ଗଲେ ନାହିଁ ମାଗୁଣି ଦଳେଇ । ଅନ୍ୟମାନଙ୍କ ପରି ସେ ବର୍ଗୀମାନଙ୍କ ଭୟରେ ଆତ୍ମରକ୍ଷା ପାଇଁ ଗାଁ ଛାଡ଼ି ପଳାଇଲେ, ଆଉ କେଉଁ ମୁହଁରେ ପୁଣି ସେମାନଙ୍କୁ ଶୁଣାଇବେ ନିଜ ଅତୀତଗୌରବର କାହାଣୀ ? ଗାଁ ଲୋକେ ଯିଏ ଯେତେ ବୁଝାଇଲେ, ନାତି ଓ ନାତୁଣୀ ବୋହୂମାନେ ଯେତେ ବାଧକଲେ ମଧ୍ୟ ମାଗୁଣି ଦଳେଇ କୌଣସି ମତେ ଟଳିଲେ ନାହିଁ । ଶେଷକୁ ପ୍ରାଣରକ୍ଷାପାଇଁ ଦଳେଇ ବୁଢ଼ାଙ୍କୁ ଛାଡ଼ି ତାଙ୍କ ଘରଲୋକମାନେ ମଧ୍ୟ, ଅନ୍ୟ ଗାଁଲୋକମାନଙ୍କ ସଙ୍ଗରେ ମିଶି ଗାଁ ଛାଡ଼ି ପଳାଇଲେ ।

ସତକୁ ସତ ରାତି ପହରରେ ନହେଉଣୁ ବର୍ଗୀମାନେ ମଶାଲ ଜାଳି, ଘୋଡ଼ା ଉପରେ ଚଢ଼ି ଗଡ଼ମାଳୀପୁର ଗାଁ ଉପରେ ଆସି ପଡ଼ିଲେ ।

\+ \+ \+

ସବୁ ରାତି ପାହି ପୁଣି ସକାଳ ହୁଏ । ବ୍ରାହ୍ମଣୀ ନଈ ମଝି ବାଲିକୁଦର ବେଣା ଜଙ୍ଗଲ ଭିତରେ, ଶୀତ କାକରରେ ଗୋଟିଏ ଦୀର୍ଘ ଶୀତରାତି ପାହିଗଲା । ବର୍ଗୀ ଦଳ କୌଣସି ସ୍ଥାନରେ ଗୋଟିଏ ରାତିରୁ ଅଧିକ ରହନ୍ତି ନାହିଁ । ରାତି ରାତି ଲୁଟ ତରାଜ ସାରି ସେମାନେ ପୁଣି ଅନ୍ୟ ଗାଁ ଆଡ଼େ ମୁହାଁନ୍ତି ।

ଭଲକରି ସକାଳ ହେବାପରେ ବେଣାଜଙ୍ଗଲ ଭିତରୁ ବାହାରି କେତେଜଣ ଗାଁର ଅବସ୍ଥା ଦେଖି ଆସିବାପାଇଁ ଜଙ୍ଗଲେ ଜଙ୍ଗଲେ ଗାଁ ଭିତରକୁ ଆସିଲେ । ବନ୍ଧ ଘରେ କବାଟ ଚଡ଼ାହୋଇ ଭଙ୍ଗାଯାଇଛି । କେତେ ଆଣ୍ଠୁ ଘରେ ନିଆଁ ତଥାପି ଜଳୁଛି । ବର୍ଗୀମାନେ ଗୁହାଳରୁ ଗାଈ ଗୋରୁମାନଙ୍କୁ ସୁଦ୍ଧା ଫିଟାଇ ନେଇ ଯାଇଛନ୍ତି । ଗାଁର ଦୃଶ୍ୟ ସେମାନେ ଯାହା ଦେଖିଲେ ସେଥିରେ ଫେରିଯାଇଁ ଅନ୍ୟମାନଙ୍କୁ ଖବର ଦେବାପାଇଁ ସେମାନଙ୍କର ସବୁ ସାହସ ହଜିଗଲା ।

ମାଗୁଣି ଦଳେଇ କାହାନ୍ତି ?

ଦଳେଇଙ୍କୁ ଖୋଜି ଖୋଜି ସେମାନେ ଗାଁ ମୁଣ୍ଡକୁ ଆସିଲେ ।

ଏଇ ଯେ ! ସାମନାରେ ମାଗୁଣି ଦଳେଇ, ମାଲକଚ୍ଛା ମାରି, ଅଣ୍ଟାରେ କଟୁରି, ବାଙ୍କଛୁରି, କଟିତାଲି, ବାଘନଖୀ ଓ ଶିଙ୍ଘା ପୁଣି ପିଠିରେ ଢାଲ ଝୁଲାଇ, ହାତରେ ପଟେ ଖଣ୍ଡାଧରି, ମାଗୁଣି ଦଳେଇ ପଥରର ଗୋଟିଏ ମୂର୍ତ୍ତି ପରି ଆମ୍ବଗଛ ତଳେ ଠିଆ ହୋଇଛନ୍ତି । ଗଛ ଗୁଳ ଅନ୍ଧାରରେ ତାଙ୍କ ମୁହଁ ଭଲ କରି ଦିଶୁନାହିଁ । ଦଳେଇ ଏସବୁ କେଉଁକାଳର ସାଇତା ଅସ୍ତ୍ରଶସ୍ତ୍ରମାନଙ୍କରେ ସାଜି ହୋଇ ସମ୍ଭବତଃ ଏକାଏକା ବର୍ଗୀମାନଙ୍କ ପ୍ରତିରୋଧ ପାଇଁ ବାହାରିଥିଲେ । ଏତେ ବିପଦରେ ସୁଦ୍ଧା ଗାଁ ଲୋକଙ୍କ ମୁହଁରେ ହସର ଗୋଟିଏ କ୍ଷୀଣ ରେଖା ଖେଳିଗଲା । ସେମାନେ ଗଛ ପାଖକୁ ଆସିଲେ । ମାତ୍ର ଯାହା ଦେଖିଲେ ସେଥିରେ ସେମାନଙ୍କର ଓଠର ହସ ଲିଭିଗଲା । ବର୍ଗୀମାନଙ୍କ ପ୍ରତିରୋଧ ପାଇଁ ହେଉ ଅଥବା କଅଁଳିଣ ଭିତରେ ଆତ୍ମରକ୍ଷା ପାଇଁ ହେଉ; ମାଗୁଣି ଦଳେଇ ପାଇକମାନଙ୍କ ଅସ୍ତ୍ରଶସ୍ତ୍ରରେ ସାଜି ହୋଇ ଗାଁ ମୁଣ୍ଡ ଗୋହିରି ପର୍ଯ୍ୟନ୍ତ ଆସିଥିଲେ । ସକାଳେ

ଗଡ଼ମାଳିପୁରଆ ଗାଁକୁ ଫେରିଲା ପରେ, ଦଳେଇ ସେମାନଙ୍କୁ ଚଉପାଢ଼ୀର ଭୂତପୂର୍ବ ସେନାପତି-ଅବତାର ଦେଖାଇ, ବର୍ଗୀମାନେ କିପରି ତାଙ୍କୁ ଦେଖିବା ମାତ୍ରେ ଗାଁ ଛାଡ଼ି ପଳାଇଥିଲେ ତାହା ହୃଏତ ବର୍ଣ୍ଣନା କରିଥାନ୍ତେ । ମାତ୍ର ବର୍ଗୀମାନେ ତାଙ୍କୁ ଧରି, ଆମ୍ବଗଛର ଗଣ୍ଡି ଦେହରେ ବାନ୍ଧି ରଖିଯାଇଛନ୍ତି । କିନ୍ତୁ ମାଗୁଣି ଦଳେଇଙ୍କ ପିଣ୍ଡରେ ପ୍ରାଣ ନାହିଁ । ଯଁବାଳୁଆ ପରି ଗୋଟା ଗୋଟା ଦୁଇ ଭୂଲତା ତଳେ ତାଙ୍କର ଦୁଇ ଆଖି ପଥରର ଆଖି ପରି ମେଲା ହୋଇ ରହିଛି । ଡାହାଣ ହାତରେ ଖଣ୍ଡା ବେଣ୍ଟରେ ହାତମୁଠା ଯାବ ପଡ଼ିଯାଇଛି ।

ସାତକୋଡ଼ି ବର୍ଷର ପୋକଲଗା ଇତିହାସ, ଗଡ଼ମାଳିପୁର ଗାଁମୁଣ୍ଡ କିଆଗୋହିରୀରେ ପାଲଭୂତ ପରି ଠିଆ ହୋଇଛି !

# ଓଡ଼ିଶାରେ ଇଂରେଜ

**ପ**ଲାସୀ ରଣକ୍ଷେତ୍ରରେ ନବାବଶକ୍ତିକୁ ପରାସ୍ତ କରି ବଙ୍ଗଳାର ରାଜସିଂହାସନ ଅଧିକାର କରିବାପାଇଁ ଇଂରେଜମାନଙ୍କୁ ମୋଟେ ୨୨ ଜଣ ସୈନ୍ୟଙ୍କ ପ୍ରାଣ ବିସର୍ଜନ ଦେବା ପାଇଁ ପଡ଼ିଥିଲା । ମାତ୍ର ୧୮୦୩ ମସିହା ଅକ୍ଟୋବର ୧୪ ତାରିଖ ଦିନ ପିପିଲି ଠାରେ ଇଂରେଜ ସେନାପତି ଜେମସ୍ ହଣ୍ଟର୍ ଓ ଦଶହଜାର ସୈନ୍ୟ-ବିଶିଷ୍ଟ ମରହଟ୍ଟାବାହିନୀ ମଧ୍ୟରେ ଓଡ଼ିଶା ଅଧିକାର ପାଇଁ ଯେଉଁ ଶେଷ-ସଂଗ୍ରାମ ହୋଇଥିଲା, ସେଥିରେ ପଚିଶ ଜଣରୁ ବେଶୀ ଇଂରେଜ ସିପାହୀ ପ୍ରାଣ ହରାଇ ନଥିଲେ । ମୃତାହତ ସୈନ୍ୟମାନଙ୍କୁ ଶିବିରକୁ ବୋହି ନେବା ପାଇଁ ଇଂରେଜମାନେ ମାନ୍ଦ୍ରାଜରୁ ଯେଉଁ ସ୍ୱତନ୍ତ୍ର ଶିବିକା ସଙ୍ଗରେ ଧରି ଆସିଥିଲେ ତାହା ଖାଲିଖାଲି ପୁରୀ ଫେରିଯାଇଥିଲା । କଟକ ଠାରୁ ପୁରୀ ପର୍ଯ୍ୟନ୍ତ କୌଣସିଠାରେ ସେସବୁ କାର୍ଯ୍ୟରେ ଲଗାଇବାର ଆବଶ୍ୟକତା ପଡ଼ି ନଥିଲା । ପୁରୀ ଅଧିକାର କରିବାବେଳେ କେବଳ ପିପିଲିଠାରେ ଇଂରେଜମାନଙ୍କୁ ଯାହା କିଛି ବିରୋଧର ସମ୍ମୁଖୀନ ହେବାପାଇଁ ପଡ଼ିଥିଲା । ଏହାପରେ ଏକଦା ଗଙ୍ଗାଠାରୁ କାବେରୀ ପର୍ଯ୍ୟନ୍ତ ବିସ୍ତୃତ ସାମ୍ରାଜ୍ୟର ପ୍ରାଣକେନ୍ଦ୍ର

ଜଗନ୍ନାଥ ଦୁର୍ଗକୁ ଅଧିକାର କରିବାପାଇଁ ଇଂରେଜମାନଙ୍କୁ ଗୋଟିଏ ଅଙ୍ଗୁଳି ସୁଦ୍ଧା ଉତ୍ତୋଳନ କରିବା ପାଇଁ ପଡ଼ି ନଥିଲା । ଇଂରେଜମାନେ ୧୮୦୩ ମସିହା ଅକ୍ଟୋବର ୧୪ ତାରିଖ ଦିନ କଟକ ସହର ଭିତରେ ପଶି ଯେତେବେଳେ ବାରବାଟୀ ଦୁର୍ଗ ଅଧିକାର କଲେ, ସେତେବେଳେ ସେମାନଙ୍କୁ ପ୍ରତିରୋଧ କରିବା ପାଇଁ କେହି ନଥିଲେ । ମରହଟ୍ଟାମାନଙ୍କ ପକ୍ଷରୁ ଯାହା କିଛି ସାମାନ୍ୟ ପ୍ରତିରୋଧ ହୋଇଥିଲା; ଇଂରେଜମାନଙ୍କ ଆକ୍ରମଣ ସମ୍ମୁଖରେ ତାହା ତିଷ୍ଠି ପାରି ନଥିଲା । ଜଣେ ଇଂରେଜ ସିପାହୀ କେବଳ ବେକରେ ସାମାନ୍ୟ ଆଘାତ-ପ୍ରାପ୍ତ ହୋଇଥିଲେ । ଐତିହାସିକ ହଣ୍ଟର ଲେଖିଛନ୍ତି, ଇଂରେଜମାନେ କଟକ ସହରରେ ପହଞ୍ଚିଲାବେଳେ ସେମାନଙ୍କ ସଙ୍ଗରେ ଗୋଳା ବାରୁଦ ବା ଅନ୍ୟ ଯୁଦ୍ଧ ସରଞ୍ଜାମମାନ ନଥିଲା । ଶତ୍ରୁପକ୍ଷ ସହିତ ସମ୍ମୁଖ ଯୁଦ୍ଧ ନକରି ଦୂରରୁ ଗୋଳାଗୁଳି ପ୍ରୟୋଗ କରି ସେମାନଙ୍କୁ ପର୍ଯ୍ୟୁଦସ୍ତ କରିଦେବା ଇଂରେଜମାନଙ୍କ ଯୁଦ୍ଧକୌଶଳର ଏକ ବିଶିଷ୍ଟ ଦିଗ ଥିଲା । ଶତ୍ରୁପକ୍ଷ ଛତ୍ରଭଙ୍ଗ ହୋଇ ପଳାୟନ କରିବା ପରେ ଇଂରେଜ ସୈନ୍ୟବାହିନୀ ସମ୍ମୁଖ ଦିଗକୁ ଅଗ୍ରସର ହେଉଥିଲେ । ଇଂରେଜ ସୈନ୍ୟବାହିନୀ ଏହିପରି ଭାବରେ ପୁରୀ ଆଡ଼ୁ କଟକରେ ପହଞ୍ଚିବାର କିଛିଦିନ ପର୍ଯ୍ୟନ୍ତ ଅଟସ୍ତ ଥିଲେ ବୋଲି ବୁଝାଯାଇପାରେ । ସେତେବେଳେ ସେମାନଙ୍କ ବିରୁଦ୍ଧରେ ସାମାନ୍ୟ ବଳପ୍ରୟୋଗ କରିଥିଲେ, ଇଂରେଜମାନେ ଅତି ଶୋଚନୀୟ ଭାବରେ ପରାସ୍ତ ହୋଇଥାନ୍ତେ । ମାତ୍ର ଓଡ଼ିଶା ଇତିହାସର ସେହି ସନ୍ଧିକ୍ଷଣରେ ମରହଟ୍ଟା ଶକ୍ତିର ନୈତିକ ମେରୁଦଣ୍ଡ ଭାଙ୍ଗି ପଡ଼ିଥିଲା । ଇଂରେଜମାନଙ୍କର ସମ୍ମୁଖୀନ ହେବା ପାଇଁ ସେମାନଙ୍କର ନୈତିକ ସାହସ ନ ଥିଲା । ଓଡ଼ିଶାର ଜନସାଧାରଣଙ୍କୁ ଏଥିପାଇଁ ଦାୟୀ କରି ମଧ୍ୟ ଲାଭ ନାହିଁ । ଉତ୍କଳର ସାମ୍ରାଜ୍ୟ ନିର୍ମାତା ପାଇକକୁଳ ବହୁ

ଅତ୍ୟାଚାର ଓ ଉତ୍ପୀଡ଼ନ ଭିତରେ ସବୁ ନୈତିକ ଶକ୍ତି ଓ ସାହସ ହରାଇ ସାରିଥିଲେ । ଏ ପରିସ୍ଥିତିରେ ସେମାନେ ଇଂରେଜମାନଙ୍କର ପ୍ରତିରୋଧ କରନ୍ତେ କୁଆଡ଼ୁ ? ତେଣୁ ସାମରିକ ଇତିହାସରେ ଇଂରେଜମାନଙ୍କର ଓଡ଼ିଶା ବିଜୟ ପରି ଏତେ ସହଜ ଓ ସୁଲଭ ବିଜୟର ଅନ୍ୟ ଉଦାହରଣ ନାହିଁ ।

ଦକ୍ଷିଣରେ ଗଞ୍ଜାମ ସୀମାନ୍ତ ଆଡ଼ୁ ୧୮୦୩ ମସିହା ସେପ୍ଟେମ୍ବର ୪ ତାରିଖ ଦିନ ଇଂରେଜ ମାନଙ୍କ ଯୁଦ୍ଧଯାତ୍ରାର ବିବରଣୀ ଏକାନ୍ତ ହାସ୍ୟୋଦ୍ଦୀପକ । ଇଂରେଜବାହିନୀର ସଂଖ୍ୟା ଅଳ୍ପ; ସଙ୍ଗରେ ପୁଣି ଆଠଶହ ଶଗଡ଼ ଖାଦ୍ୟଶସ୍ୟ ଓ ଏକଲକ୍ଷ ପଇଁଚାଳିଶି ହଜାର ଟଙ୍କା ! ଏ ଧନ ସେମାନେ ସମ୍ଭବତଃ ବ୍ୟବସାୟ ପାଇଁ ସଙ୍ଗରେ ଆଣିଥିଲେ । ନଚେତ ସଙ୍ଗରେ ଧାନ ଶଗଡ଼ ଧରି କୌଣସି ସୈନ୍ୟବାହିନୀ କେବେ ରାଜ୍ୟ ଜୟ ପାଇଁ ବାହାରନ୍ତି ନାହିଁ । ଏହିପରି ଭାବରେ ଇଂରେଜ ମାନେ ଚିଲିକା ମୁହାଣ ପାରି ହୋଇ, ଚିଲିକା ଓ ସମୁଦ୍ରର ଅନ୍ତର୍ବର୍ତ୍ତୀ ସଂକୀର୍ଣ୍ଣ ଭୂଖଣ୍ଡରେ ପାଦ ଦେଲେ । ଐତିହାସିକ ହଣ୍ଟର ଲେଖିଛନ୍ତି, ସେତେବେଳେ ଦୁଇଗୋଟା ତୋପ ଓ ତିନିଶହ ସିପାହୀ ମିଳିଥିଲେ, ଇଂରେଜବାହିନୀ ଚିଲିକା ମୁହାଣ ପାରି ହୋଇ ନ ଥାନ୍ତେ ! ସେହିଠାରେ ସେମାନଙ୍କର ସଲିଳ ସମାଧି ହୋଇଥାନ୍ତା ! ମାତ୍ର ମରହଟ୍ଟାମାନଙ୍କ ପକ୍ଷରୁ ସେତେବେଳେ ଏ ସାମାନ୍ୟ ପ୍ରତିରୋଧ ସୁଦ୍ଧା ସଂଗଠିତ ହୋଇ ପାରି ନଥିଲା । ଇଂରେଜମାନେ ପୂର୍ବାପେକ୍ଷା ଅଧିକ ସାହସରେ ପୁରୀ ଆଡ଼େ ମାଡ଼ି ଚାଲିଲେ । ପୁରୀରେ ପହଞ୍ଚିବା ପର୍ଯ୍ୟନ୍ତ କୌଣସିଠାରେ ମରହଟ୍ଟା ମାନଙ୍କର ଦେଖା ନଥିଲା । ବେଳେ ବେଳେ ଦୂର ଦିଗନ୍ତରେ ଜଣେ ଅଧେ ଅଶ୍ୱାରୋହୀ ମରହଟ୍ଟା ବର୍ଗୀ ଧୂଳିର ଘୂର୍ଣ୍ଣି ଉଡ଼ାଇ ଚାଲି ଯାଉଥିଲେ । ମାତ୍ର

ସେଥିରେ ଆକ୍ରମଣର ପୌରୁଷ ନଥିଲ—ଥିଲ ଆତ୍ମରକ୍ଷାର କ୍ଳୀବତ୍ୱପୀଡ଼ିତ ଭୀରୁତା । ଏହିପରି ଭାବରେ ଇଂରେଜ ବାହିନୀ ନିର୍ବିରୋଧରେ ଚିଲିକା ମୁହାଣରୁ ପୁରୀ ଓ ପୁରୀରୁ କଟକରେ ଆସି ପହଞ୍ଚିଥିଲେ ।

ଇଂରେଜମାନେ କଟକ ଅଧିକାର କରିବାର ଅବ୍ୟବହିତ ପୂର୍ବରୁ, ବାଲେଶ୍ବର ଇଂରେଜମାନଙ୍କ ଦ୍ୱାରା ଅଧିକୃତ ହୋଇ ସାରିଥିଲା । ୧୮୦୩ ମସିହା ସେପ୍‌ଟେମ୍ବର ୨୧ ତାରିଖ ଦିନ ଇଂରେଜ ସେନାପତି କାପ୍‌ଟେନ ମୋର୍ଗାନ୍ ଓ ଲେଫ୍‌ଟେନେଣ୍ଟ ବାଲ୍ଟନ୍‌ଙ୍କ ନେତୃତ୍ୱରେ ଏକ ହଜାର ଜଣ ସିପାହୀ ତିନିଗୋଟି ଜାହାଜରେ କଲିକତାଠାରୁ ଆସି ବାଲେଶ୍ବର ଉପକୂଳରେ ପହଞ୍ଚିଥିଲେ । ମୟୂର ପଣ୍ଡିତ ସେତେବେଳେ ବାଲେଶ୍ବରରେ ମରହଟ୍ଟା ଫୌଜଦାର ରୂପେ ଅବସ୍ଥାପିତ ଥିଲେ । ଇଂରେଜମାନେ ବାଲେଶ୍ବର ଅଧିକାର କଲାବେଳେ ମରହଟ୍ଟାମାନଙ୍କ ପକ୍ଷରୁ ବିଶେଷ ପ୍ରତିରୋଧ ପ୍ରକାଶ ପାଇ ନଥିଲା । ବାରବାଟୀ ଚଳକୁ ବାଲଘାଟ ଠାରେ ଦଳେ ମରହଟ୍ଟା ବର୍ଗୀ ଇଂରେଜ ବାହିନୀଙ୍କ ପ୍ରତିରୋଧ କରିବା ପାଇଁ ଚେଷ୍ଟା କରିଥିଲେ । ମାତ୍ର ଇଂରେଜ-ବାହିନୀଙ୍କ ଆକ୍ରମଣ ସମ୍ମୁଖରେ ମରହଟ୍ଟା ପ୍ରତିରୋଧ ନିଷ୍ଫଳ ହୋଇଗଲା । ଏହି ଯୁଦ୍ଧରେ ମୋଟେ ଜଣେ ଇଂରେଜ ସିପାହୀ ପ୍ରାଣ ହରାଇଥିଲେ । ଏହାପରେ ବାଲେଶ୍ବର ସହରର ମରହଟ୍ଟା ଦୁର୍ଗ ଉପରେ ଇଂରେଜ ମାନଙ୍କର ୟୁନିଅନ୍‌ଜାକ ପତାକା ଉତ୍ତୋଳିତ ହୋଇଥିଲା । ବାଲେଶ୍ବରରୁ ତଡ଼ାଖାଇ ମୟୂର ପଣ୍ଡିତ କଟକ ପଳାଇ ଆସିଲେ । ଇଂରେଜ ମାନଙ୍କ ହାତରେ ଶୋଚନୀୟ ପରାଜୟର ଗ୍ଳାନି ମେଣ୍ଟାଇବା ପାଇଁ ବାଲେଶ୍ବର ଠାରୁ କଟକ

ପର୍ଯ୍ୟନ୍ତ ଯେତେ ଗାଁଗଣ୍ଡା ପଡ଼ିଲା ମୟୂର ପଣ୍ଡିତ୍ରି ଓଡ଼ିଶାର ଦୁର୍ଗତି
ଓଡ଼ିଶାର
ସେ ସବୁ ଲୁଟ୍ କରନେଲେ !

୧୮୦୩ ମସିହା ଶେଷବେଳକୁ ଗଞ୍ଜାମ ଠାରୁ ବାଲେଶ୍ବର ପର୍ଯ୍ୟନ୍ତ ସମଗ୍ର ସମୁଦ୍ରୋପକୂଳବର୍ତ୍ତୀ ଭୂମି ଇଂରେଜମାନଙ୍କ ଅଧିକାରକୁ ଆସିବା ପରେ, ପଶ୍ଚିମ ଆଡ଼ୁ ମରହଟ୍ଟା ଆକ୍ରମଣରୁ ଓଡ଼ିଶାରେ ଇଂରେଜ ପ୍ରତିଷ୍ଠାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ୧୮୦୪ ମସିହା ଜାନୁୟାରୀ ୧୨ ତାରିଖ ଦିନ ମେଜର ବ୍ରାଉଟନ ସମ୍ବଲପୁର ଅଧିକାର କରିଗଲେ । ଏହିପରି ଭାବରେ ସମଗ୍ର ଓଡ଼ିଶା ଇଂରେଜ-ମାନଙ୍କ ଅଧିକାରକୁ ଆସିଲା ।

ଊନବିଂଶ ଶତାବ୍ଦୀର ଆରମ୍ଭରେ, ଇତିହାସ ମରହଟ୍ଟାଙ୍କ ଉପରେ ଏକ ଐତିହାସିକ ଦାୟିତ୍ୱ ଓ ସୁଯୋଗ ନ୍ୟସ୍ତ କରିଥିଲା । ନାନା ଅନ୍ତର୍ବିବାଦ ସତ୍ତ୍ୱେ ମରହଟ୍ଟାଙ୍କ ସେତେବେଳ ପର୍ଯ୍ୟନ୍ତ ସୁଦ୍ଧା ସମ୍ପୂର୍ଣ୍ଣ ହୀନବଳ ହୋଇ ନଥିଲେ । ଇଂରେଜମାନଙ୍କର ସାମରିକ କୌଶଳ ଅବଶ୍ୟ ଉନ୍ନତ ଧରଣର ଥିଲା । ମାତ୍ର ମରହଟ୍ଟାମାନେ ଓଡ଼ିଶାର ପାଇକକୁଳଙ୍କର ଦେଶାତ୍ମବୋଧ ଓ ସ୍ୱଦେଶୀମାନଙ୍କୁ ଆବେଦନ କରିପାରିଥିଲେ, ସମଗ୍ର ଭାରତ ଇଂରେଜମାନଙ୍କ ଦ୍ୱାରା ଅଧିକୃତ ହୋଇଥିଲେହେଁ, ଓଡ଼ିଶା ବହୁକାଳ ପର୍ଯ୍ୟନ୍ତ ଇଂରେଜ ଅଧିକାରରୁ ମୁକ୍ତ ରହିଥାନ୍ତା । ସମ୍ଭବତଃ ଇତିହାସରେ ଓଡ଼ିଶା, ଇଂରେଜ ଅଧିକୃତ ଭାରତରେ ସ୍ୱାଧୀନତାର ଶେଷଦୁର୍ଗରୂପେ ତିଷ୍ଠି ରହିପାରିଥାନ୍ତା । ମାତ୍ର ତାହା ହେଲା ନାହିଁ । ଓଡ଼ିଶାର ଜନସାଧାରଣ ଇଂରେଜମାନଙ୍କୁ ଯେ ଆମନ୍ତ୍ରଣ କରିଥିଲେ ତାହା ନୁହେଁ । ଇଂରେଜମାନେ ଓଡ଼ିଶା ଅଧିକାର କରିବାର ଅବ୍ୟବହିତ-ପର ଠାରୁ ୧୮୫୭ ସାଲ୍ ପର୍ଯ୍ୟନ୍ତ ଓଡ଼ିଶାରେ ଇଂରେଜଶାସନ

ସେଥିରେ ଆକ୍ରମଣର ଦ୍ରୋହ ଓ ସଂଗ୍ରାମର ସମ୍ମୁଖୀନ ହୋଇଥିଲା । କ୍ଷୀବଭୂପ୍ରୀଦ ସାଲରେ "ସିପାହୀ ବିଦ୍ରୋହ" ବା ପ୍ରଥମ ସ୍ୱାଧୀନତା ସମରରେ ଇଂରେଜଶକ୍ତି ଭାରତରେ ଏକ ସଂଗଠିତ ବିଦ୍ରୋହର ସମ୍ମୁଖୀନ ହୋଇଥିଲେ । ମାତ୍ର ୧୮୦୪ ସାଲରୁ ୧୮୫୭ ସାଲ ପର୍ଯ୍ୟନ୍ତ ବହୁ ବିଦ୍ରୋହର ଇତିହାସହିଁ ଓଡ଼ିଶାର ଇତିହାସ । ଭାରତର ସ୍ୱାଧୀନତା ସମରର ଇତିହାସରୁ ଓଡ଼ିଶାର ନାମ ଲୁପ୍ତ ହୋଇ ପାରିଥାଏ ; ମାତ୍ର ସମଗ୍ର ଭାରତ ଇଂରେଜ ରାଜଶକ୍ତିର ଦାସତ୍ୱ ନିର୍ବିରୋଧରେ ସ୍ୱୀକାର କରିଥିବାବେଳେ, ଏକା ଓଡ଼ିଶାରେହିଁ ସ୍ୱାଧୀନତାର ଅଭୀପ୍ସା ଅତି ପ୍ରଚଣ୍ଡ ଭାବରେ ପ୍ରକାଶ ପାଇଥିଲା । ଖୋର୍ଦ୍ଧାର ରାଜା ମୁକୁନ୍ଦ ଦେବ, ଜୟୀ ରାଜଗୁରୁ, ବକ୍‌ସୀ ଜଗବନ୍ଧୁ, ଗଞ୍ଜାମର ମଞ୍ଜୁଷା ରାଣୀ, ଘୁମୁସରର ଧନଞ୍ଜୟ ଭଞ୍ଜ, ଅନୁଗୁଳର ରାଜା ସୋମନାଥ ଜଗଦେବ, ସମ୍ବଲପୁରର ସୁରେନ୍ଦ୍ର ସହାୟ ଓ ସିଂହଭୂମିର ରାଜା ଅର୍ଜ୍ଜୁନ ସିଂହ ପ୍ରମୁଖ,ଭାରତର ସ୍ୱାଧୀନତାସମରର ଇତିହାସରେ ଗୋଟିଏ ଗୋଟିଏ ସମ୍ମାନିତ ନାମ । ମାତ୍ର ଯେଉଁ ଜାତି ୧୮୦୪ ସାଲରୁ ୧୮୫୭ ସାଲ ପର୍ଯ୍ୟନ୍ତ ତେଇବନ ବର୍ଷକାଳ ଇଂରେଜଶକ୍ତି ବିରୁଦ୍ଧରେ ନିରବଚ୍ଛିନ୍ନ ସଂଗ୍ରାମ ଚଳାଇ ଆସିଲେ, ସେମାନେ ଇଂରେଜମାନଙ୍କ ଠାରେ ଏପରି ମୂଢ଼ଭାବରେ ଆତ୍ମ-ସମର୍ପଣ କରିଥିଲେ କପରି ?

ପୂର୍ବେ ଉଲ୍ଲେଖ କରାଯାଇଅଛି, ମରହଟ୍ଟାମାନଙ୍କ ପୀଡ଼ନ ଓ ଲୁଣ୍ଠନରେ ଓଡ଼ିଆଜାତିର ମେରୁଦଣ୍ଡ ଭାଙ୍ଗି ପଡ଼ିଥିଲା । ଏହା ପୂର୍ବରୁ ଓଡ଼ିଶାରେ ଆଫଗାନ ଓ ମୋଗଲ ପୁଣି ମୋଗଲ ଓ ମରହଟ୍ଟାମାନଙ୍କ ମଧ୍ୟରେ କ୍ଷମତା ପାଇଁ ଶତାବ୍ଦୀ ପରେ ଶତାବ୍ଦୀ-ବ୍ୟାପୀ ଯେଉଁ ସଂଗ୍ରାମ ଲାଗି ରହିଥିଲା ; ସେଥିରେ ଓଡ଼ିଶା ଶ୍ମଶାନ ପାଲଟି ଥିଲା । ଶାସନ, ଶୋଷଣ ଓ ଲୁଣ୍ଠନରେ ପରିଣତ

ହୋଇଥିଲା । ମାତ୍ର ମରହଟ୍ଟାମାନଙ୍କ କାଳରେ ଓଡ଼ିଶାର ଦୁର୍ଗତି ଚରମସୀମା ସ୍ପର୍ଶ କରିଥିଲା । ଓଡ଼ିଆ ସାହିତ୍ୟରେ କିମ୍ବା ଓଡ଼ିଶାର ଇତିହାସରେ ସେକାଳ ଓଡ଼ିଶାର ଘୋର ଦୁର୍ଗତିର ଚିତ୍ର ଯଥାର୍ଥ ଭାବରେ ରୂପାୟିତ ହୋଇନାହିଁ । ଔପନ୍ୟାସିକ ରାମଶଙ୍କରଙ୍କ "ବିବାସିନୀ" ଓ ଫକୀରମୋହନଙ୍କ "ଲଛମା"ରେ ଓଡ଼ିଶାର ଜାତୀୟ ଦୁର୍ଗତି ଆଂଶିକ ଭାବରେ ମାତ୍ର ସୂଚିତ ହୋଇଅଛି । 'ଲଛମା' ଉପନ୍ୟାସରେ ମଧୁମଲକାନ୍ଥି ଗାଁର ଜଗଫତେସିଂହ ମା'ର ଚରିତ୍ରରେ,କୀର୍ତ୍ତି-କଳଙ୍କିନୀ,ସାମ୍ରାଜ୍ୟବିଳାସିନୀ ଉତ୍କଳଲକ୍ଷ୍ମୀଙ୍କର ତତ୍କାଳୀନ ସ୍ୱରୂପ ଅତି ମର୍ମସ୍ପର୍ଶୀ ଭାବରେ ପ୍ରକାଶିତ ହୋଇଅଛି···

"ନିତାନ୍ତ ମଳିନ ଛିନ୍ନବସ୍ତ୍ର ପରିହିତା, ଦଶନବିହୀନା, ଅସ୍ଥି ଚର୍ମମାତ୍ରାବଶିଷ୍ଟା, କମ୍ପିତଦେହା, ଅନାବୃତ ମସ୍ତକରେ କେତେ କେତେ ତୈଳହୀନ, କଙ୍କତିକାସ୍ପର୍ଶବର୍ଜିତ କ୍ଷୁଦ୍ର କାଉଁରିଆ ଝୋଟ ପରି ଶୁକ୍ଳବର୍ଣ୍ଣ କେଶ ଫରଫର ହୋଇ ଉଡ଼ୁଅଛି । ବାଁ-କାଖରେ ଟୋକେଇଟିଏ, କମ୍ପିତ ଦକ୍ଷିଣ ହସ୍ତରେ ଖଣ୍ଡେ ବାଉଁଶ ଯଷ୍ଟି, ଈଷତ୍ ଅନ୍ଧକାରରେ ଆପଣା ଦେହର ବର୍ଣ୍ଣ ମିଳାଇ ଛିଡ଼ା ହୋଇଅଛି ।······ଏଇ ସେ ଜଗାଫତେସିଂହର ମା' । ବର୍ତ୍ତମାନ ଏହାକୁ ଦେଖିଲେ କିଏ କହିବ ଏହାର ଘର ପରି ଗୋଟାଏ ଘର ଥିଲା !"

ମାତ୍ର ଷ୍ଟାମସ୍ ଓ ହଣ୍ଟର ପ୍ରମୁଖଙ୍କ ବିବରଣୀରେ ସେକାଳ ଉତ୍କଳର ଚିତ୍ର ଅତି ମର୍ମସ୍ପର୍ଶୀ ଭାବରେ ଉତ୍କୀର୍ଣ୍ଣ ହୋଇଅଛି । ବର୍ଗୀ-ମାନଙ୍କ ଜୁଲୁମ ଓ ଲୁଣ୍ଠନରେ ସୁଜଳା, ସୁଫଳା ଉତ୍କଳ ଅରଣ୍ୟରେ ପରିଣତ ହୋଇଥିଲା । ଗାଁ ସବୁ ଜନଶୂନ୍ୟ । ବର୍ଗୀମାନଙ୍କ ନାଁ ଶୁଣିବା ମାତ୍ରେ ଲୋକେ ଆତ୍ମରକ୍ଷା ପାଇଁ ପାଖ ଜଙ୍ଗଲମାନଙ୍କୁ

ବ୍ୟାଧଗ୍ରସ୍ତ ହରିଣ ପଲ ପରି ପଳାଉଥିଲେ । ଜମି ସବୁ ପଡ଼ିଆ । ଜମି ଚାଷ କରିବାକୁ ଲୋକ ନାହାନ୍ତି । ଯେଉଁମାନେ ଜମି ଚାଷ କରନ୍ତେ, ସେମାନେ ବର୍ଗୀମାନଙ୍କ ଆକ୍ରମଣରୁ ଆତ୍ମରକ୍ଷା ପାଇଁ ଅରଣ୍ୟରେ ପଶୁପରି ଇତଃସ୍ତତ ହେଉଥିଲେ । ସମାଜରେ ଶାନ୍ତି ଓ ଶୃଙ୍ଖଳା ପୁଣି ବ୍ୟକ୍ତିଗତ ନିରାପତ୍ତା ଅନାହତ ନଥିଲେ, ଭୂମି ବା ଅନ୍ୟ ବ୍ୟକ୍ତିଗତ ସମ୍ପତ୍ତିର କୌଣସି ମୂଲ୍ୟ ନଥାଏ । ଆତ୍ମରକ୍ଷା ଯେଉଁଠି ଅନିଶ୍ଚିତ, ସେଠି ସମ୍ପତ୍ତି ରକ୍ଷା କରିବ କିଏ ବା ସମ୍ପତ୍ତିର ମୂଲ୍ୟ ଆସିବ କୁଆଡ଼ୁ ? ହଣ୍ଟର ଲେଖିଛନ୍ତି······ "××× ଆମେ ଜମି ସବୁ ପାଇଲୁ, ମାତ୍ର ଆମ ଠାରୁ ଖଜଣା ସୂତ୍ରରେ ଜମି ନେବାପାଇଁ କିମ୍ବା ଜମି ଚଷିବାପାଇଁ ଲୋକ ମିଳିଲେ ନାହିଁ । ××× ଆମେ ଯେତେବେଳେ ଓଡ଼ିଶା ଅଧିକାର କଲୁ ସେତେବେଳେ ଜମି ଉପରେ ଠିଆ ହୋଇଥିବା ଫସଲ ଛଡ଼ା, ଜମିର ଅନ୍ୟ କୌଣସି ମୂଲ୍ୟ ନଥିଲା ।"

କୃଷକମାନଙ୍କ ଅପେକ୍ଷା କାରିଗରମାନେ ସମ୍ଭବତଃ ସାମାନ୍ୟ ଭଲ ଅବସ୍ଥାରେ ଥିଲେ । ବିଶେଷତଃ ଇଂରେଜ ବଣିକମାନଙ୍କର ବ୍ୟବସାୟ ସେତେବେଳେ ମୁଖ୍ୟତଃ ଓଡ଼ିଶାର ବସ୍ତ୍ରଶିଳ୍ପ ଉପରେ ନିର୍ଭର କରୁଥିଲା । ଦୁଇଶହ ବର୍ଷ ପୂର୍ବେ ଇଂରେଜମାନେ ଓଡ଼ିଶାର ବସ୍ତ୍ରଶିଳ୍ପ ପ୍ରତି ଆକୃଷ୍ଟ ହୋଇ ମସୁଲିପଟ୍ଟମ ଠାରୁ ଓଡ଼ିଶା ଆସିଥିଲେ । ଓଡ଼ିଶାର ତନ୍ତୀମାନଙ୍କ ନିରାପତ୍ତା ଉପରେ ଇଷ୍ଟଇଣ୍ଡିଆ କୋମ୍ପାନୀର ବାଣିଜ୍ୟ ନିର୍ଭରଶୀଳ ଥିଲା । ଏଣୁ ଓଡ଼ିଶାରେ ତନ୍ତୀ ଗାଁ ମାନ କେବଳ, ଇଂରେଜ ସୈନ୍ୟମାନଙ୍କର ବାହୁଚ୍ଛାୟା ତଳେ ସୁରକ୍ଷିତ ରହୁଥିଲା । ସେଇଥିପାଇଁ ସମ୍ଭବତଃ ଓଡ଼ିଶାର ଗ୍ରାମ୍ୟସମାଜରେ ତନ୍ତୀମାନଙ୍କ ପ୍ରତି ଅନ୍ୟମାନଙ୍କର ଏକ ବିରାଗ ଏବେ ସୁଦ୍ଧା ନାନା ଆକାରରେ ରହିଅଛି ।

ଦୁର୍ଭିକ୍ଷ, ଉତ୍ପୀଡ଼ନ ଓ ଲୁଣ୍ଠନ ଭିତରେ ଓଡ଼ିଶାର କୃଷିଜୀବୀ ପାଇକକୁଳ ଏହିପରି ଭାବରେ ଜୀବନ୍ମୃତ ହୋଇ ପଡ଼ିଥିଲେ । ପ୍ରାଣ ବଞ୍ଚାଇବା ପାଇଁ ସେତେବେଳେ ଅନେକେ ନିଜକୁ କ୍ରୀତଦାସ ବ୍ୟବସାୟୀମାନଙ୍କ ଠାରେ ବନ୍ଦୀ କରୁଥିବା ହଣ୍ଟର ନିଜ ଇତିହାସରେ ଉଲ୍ଲେଖ କରିଛନ୍ତି । ହଣ୍ଟର ଲେଖିଛନ୍ତି·········
"××ମରହଟ୍ଟା ଦୁଃଶାସନରେ ଦୁର୍ଗତି ଓଡ଼ିଶାରେ କ୍ରୀତଦାସ ପ୍ରଥାର ଏକ ନୂତନ ଅଧ୍ୟାୟ ଆରମ୍ଭ କରିଦେଲା । କୃଷୀମାନେ ଜୀବନଧାରଣର ଅନ୍ୟ ଉପାୟ ନ ଦେଖି ନିଜକୁ କ୍ରୀତଦାସ ବ୍ୟବସାୟୀମାନଙ୍କ ଠାରେ ବନ୍ଦୀ କରି ଦେଉଥିଲେ । ସେମାନଙ୍କୁ ଜାହାଜରେ ଲଦି କ୍ରୀତଦାସ ବ୍ୟବସାୟୀମାନେ ବିଦେଶକୁ ପଠାଇ ଦେଉଥିଲେ । ମାନ୍ଦ୍ରାଜ ଠାରେ ଓଡ଼ିଶାରୁ ରପ୍ତାନି କରାଯାଉଥିବା ବହୁ କ୍ରୀତଦାସଙ୍କୁ ଇଷ୍ଟ ଇଣ୍ଡିଆ କୋମ୍ପାନୀର କର୍ମଚାରୀମାନେ ଉଦ୍ଧାର କରିଥିବା କୋମ୍ପାନୀର "ଗଞ୍ଜାମ -ରେକର୍ଡ଼" (Ganjam Records)ରେ ଲିପିବଦ୍ଧ ରହିଅଛି । ××× ପୁରୀ ବନ୍ଦର (Puri Roadstead)ସେତେବେଳେ କ୍ରୀତଦାସ ବ୍ୟବସାୟର ଏକ ପ୍ରଧାନ ପେଣ୍ଠ ଥିଲା । ଏଠାରୁ ଓଡ଼ିଆମାନଙ୍କୁ କ୍ରୀତଦାସ ରୂପେ କିଣି ବ୍ୟବସାୟୀମାନେ ମାନ୍ଦ୍ରାଜକୁ ରପ୍ତାନି କରୁଥିଲେ ।" *

ଇତିହାସର ଏପରି ନିର୍ମମ, ନିଷ୍କରୁଣ ପରିହାସ, ସମ୍ଭବତଃ ଅନ୍ୟ କୌଣସି ଦେଶ ବା ଜାତିର ଇତିହାସରେ ବିରଳ । ଦୁଇଶହ ବର୍ଷ ପୂର୍ବେ ଯେଉଁମାନେ ଭାରତରେ ସାମ୍ରାଜ୍ୟ ବିସ୍ତାର କରି ପାରିଥିଲେ, ଊନବିଂଶ ଶତାବ୍ଦୀର ଆରମ୍ଭରେ ସେମାନେ କ୍ରୀତଦାସ

---

* A Histary of Orissa, Vol. I.
ଶ୍ରୀ ନବୀନ କୁମାର ସାହୁଙ୍କ ଦ୍ୱାରା ସମ୍ପାଦିତ; ପୃ ୧୯୪—୧୯୫

ବ୍ୟବସାୟୀମାନଙ୍କ ଦ୍ୱାରା ଗଣ୍ୟପରି ବନ୍ଦୀ ହେଲେ !! ଏ ନିଷ୍ଠୁର ପରିସ୍ଥିତିରେ ଓଡ଼ିଆଜାତି ପକ୍ଷରେ ଆତ୍ମରକ୍ଷାହିଁ ଥିଲା ଏକମାତ୍ର ଚିନ୍ତା ! ଦେଶର ସ୍ୱାଧୀନତା ରକ୍ଷା ପାଇଁ ଚିନ୍ତା କରିବାକୁ ଅବସର ନ ଥିଲା ! ଓଡ଼ିଶାରୁ ମରହଟ୍ଟା-ଶାସନର ଅଭିଶାପ ଓ ଦୁର୍ଯୋଗ ଲୋପ କରିବା ସେତେବେଳେ ଓଡ଼ିଆଜାତି ପକ୍ଷରେ ମୁଖ୍ୟ ସମସ୍ୟା ଥିଲା । ମରହଟ୍ଟାମାନଙ୍କ କବଳରୁ ରକ୍ଷା ପାଇବା ପାଇଁ, ସେତେବେଳେ ଓଡ଼ିଶାର ଜନସାଧାରଣ ଇଂରେଜଶକ୍ତିକୁ ସମର୍ଥନ ଜଣାଇଥିବା ତେଣୁ ବିଚିତ୍ର ନୁହେଁ ! ଏହି ଦୁର୍ଗତିର ନୀତିଶିକ୍ଷା,କୌଣସି ସ୍ୱାଧୀନ ଜାତି ଓ ଦେଶ ବିସ୍ମୃତ ହେବା ଉଚିତ ନୁହେଁ । ଜନସାଧାରଣ ଯେଉଁ ରାଷ୍ଟ୍ରରେ ଅତ୍ୟାଚାରିତ ଓ ଉତ୍ପୀଡ଼ିତ ହୋଇ ସ୍ୱାଧୀନତାର ଗୌରବ ଓ ମର୍ଯ୍ୟାଦା ଠାରୁ ଦାସତ୍ୱର ଶୃଙ୍ଖଳକୁ ଶ୍ରେୟସ୍କର ମନେ କରନ୍ତି, ରାଷ୍ଟ୍ରର ଅକ୍ଷୌହିଣୀ ସେନା ସୁଦ୍ଧା ସେ ଦେଶ ଓ ଜାତିକୁ ବୈଦେଶିକ ଆକ୍ରମଣରୁ ରକ୍ଷା କରିବା ଅସମ୍ଭବ । ସାମରିକ ଶକ୍ତିରେ ସଜ୍ଜିତ ସୈନ୍ୟବାହିନୀ ଅପେକ୍ଷା ଅଶସ୍ତ୍ର ଜନସାଧାରଣଙ୍କ ସନ୍ତୋଷ ଓ ଶୁଭେଚ୍ଛାହିଁ ବୈଦେଶିକ ଆକ୍ରମଣରୁ ଯେ କୌଣସି ଦେଶର ଏକମାତ୍ର ରକ୍ଷାକବଚ ।

ଓଡ଼ିଆଜାତିର ନୈତିକ ମେରୁଦଣ୍ଡ ଏହିପରି ଭାବରେ ଭାଙ୍ଗି ପଡ଼ିଥିବା ବେଳେ, ଖୋର୍ଦ୍ଧା ରାଜା ମୁକୁନ୍ଦଦେବ ବା ବକ୍ସୀ ଜଗବନ୍ଧୁ ପ୍ରମୁଖ ଯେଉଁ ରାଜା, ସାମନ୍ତ ଓ ସେନାପତିମାନଙ୍କ ଠାରେ ନେତୃତ୍ୱ ନିହିତ ଥିଲା, ପୁଣି ପରିସ୍ଥିତିର ସବୁ ଅଭିଶାପ ଓ ଉତ୍ପୀଡ଼ନ ଭିତରେ ଯେଉଁମାନେ ଦୂରଦୃଷ୍ଟି ହରାଇ ନଥିଲେ, ସେମାନେ ସେତେବେଳେ ନିଜ ନିଜର ବ୍ୟକ୍ତିଗତ ସ୍ୱାର୍ଥର ସଙ୍କୀର୍ଣ୍ଣ ଆବେଷ୍ଟନୀ ଭେଦ ଭବିଷ୍ୟତର କଳ୍ପନା କିମ୍ବା ବର୍ତ୍ତମାନରେ କର୍ମପନ୍ଥାର କଳନା କରି ପାରି ନ ଥିଲେ । ୧୮୦୪ ସାଲ ଠାରୁ ୧୮୫୭ ସାଲ ପର୍ଯ୍ୟନ୍ତ

ଓଡ଼ିଶାରେ ଇଂରେଜ ଶକ୍ତି ବିରୁଦ୍ଧରେ ଯେତେ ଯେତେ ବିପ୍ଳବ ଓ ବିଦ୍ରୋହ ସଂଗଠିତ ହୋଇଗଲା, ସେ ସବୁ ସଂଗଠିତ ଓ ସୁନିୟନ୍ତ୍ରିତ ହୋଇ ପାରିଥିଲେ, ଓଡ଼ିଶାର ଇତିହାସ ଭିନ୍ନ ଗତି ଧରିଥାନ୍ତା। ମାତ୍ର ସେହି ଅଶୁଭ ମୁହୂର୍ତ୍ତରେ ଭବିତବ୍ୟର ଇଙ୍ଗିତ ଥିଲା ସ୍ୱତନ୍ତ୍ର ! ଏକ ଦୁରାରୋଗ୍ୟ ପକ୍ଷାଘାତ ବ୍ୟାଧି ପରି ଇଂରେଜଶକ୍ତି ଓଡ଼ିଶାର ରକ୍ତହୀନ ଅଙ୍ଗ ପ୍ରତ୍ୟଙ୍ଗକୁ ଅଥର୍ବ କରିଦେଲା ।

\+ \+ \+

ମାତ୍ର ୧୮୦୪ ସାଲରେ ଇଂରେଜମାନେ ଓଡ଼ିଶା ଅଧିକାର କରିବାର ବହୁ ପୂର୍ବରୁ, ଇଂରେଜମାନେ ପ୍ରଥମେ ବଣିକ ଓ ବ୍ୟବସାୟୀ ରୂପରେ ଓଡ଼ିଆ ଭୂମିରେ ପାଦ ଦେଇ ସାରିଥିଲେ ।

୧୬୩୨ସାଲ ଅପ୍ରେଲ ମାସ୨୧ ତାରିଖ,ଦକ୍ଷିଣରେ ମସୁଲିପଟ୍ଟମ ଠାରୁ ଆଠଜଣ ଇଂରେଜ ଗୋଟିଏ ପାଲଟଣା ବୋଇତରେ ଆସି କଟକ ଜିଲ୍ଲାର ହରିଶପୁର ବନ୍ଦରଠାରେ ପହଞ୍ଚିଥିଲେ । ଏମାନଙ୍କର ନାମ ରାଲ୍ଫ୍ କାର୍ଟରାଇଟ୍, ଥମାସ କୋଲି, ଉଇଲିଅମ ବ୍ରୁଟନ, ଜନ୍ ଡବ୍‌ସନ୍, ଏଡ୍‌ୱାର୍ଡ ପିଟେଫୋର୍ଡ଼, ଜନ୍ ବୃସ୍‌ବି, ଜନ୍ ୱାର୍ଡ ଓ ଉଇଲିଅମ ଉଇଥଲ୍ । ଏମାନେ ଅପ୍ରେଲ ଛଅ ତାରିଖ ଦିନ ମସୁଲିପଟ୍ଟମ୍ ବନ୍ଦରଠାରୁ, ସମୁଦ୍ରରେ ଓଡ଼ିଶାର ଉପକୂଳ ଅଭିମୁଖରେ ଯାତ୍ରା ଆରମ୍ଭ କରିଥିଲେ ।

ଆଜି ଅବଶ୍ୟ ପୋତିହୋଇ ପଡ଼ିଥିବା ଅଲକା ନଦୀ ମୁହାଣରେ, ହରିଶପୁରର ଅବସ୍ଥିତି, ଭାରତ କାହିଁକି ଓଡ଼ିଶାର ମାନଚିତ୍ରରେ ଖୋଜିଲେ ସୁଦ୍ଧା ମିଳିବ ନାହିଁ । ମାତ୍ର ସେତେବେଳେ ହରିଶପୁର ଏକ ପ୍ରଧାନ ସାମୁଦ୍ରିକ ବାଣିଜ୍ୟକେନ୍ଦ୍ର ଥିଲା । ମସୁଲିପଟ୍ଟମ୍ ଓ ଅନ୍ୟ ବନ୍ଦରମାନଙ୍କ ସହିତ ହରିଶପୁର ବନ୍ଦରର ପ୍ରତ୍ୟକ୍ଷ ବାଣିଜ୍ୟ ସମ୍ପର୍କ ରହିଥିଲା । ଓଡ଼ିଶା ଉପକୂଳରେ ଅନ୍ୟ

ବନ୍ଦରମାନଙ୍କ ପରି ହରିଶପୁର ବନ୍ଦର ମଧ୍ୟ ପର୍ତ୍ତୁଗୀଜ ଜଳଦସ୍ୟୁ-ମାନଙ୍କର ଲୁଣ୍ଠନ ଓ ଉତ୍ପୀଡ଼ନର ଚାରଭୂଇଁ ଥିଲା । ଇଂରେଜ ବଣିକମାନେ ହରିଶପୁର ବନ୍ଦରରେ ପହଞ୍ଚିବା ମାତ୍ରେ ପର୍ତ୍ତୁଗୀଜ-ଜଳଦସ୍ୟୁମାନଙ୍କ ଦ୍ୱାରା ଆକ୍ରାନ୍ତ ହୋଇଥିଲେ । ଥମାସ କୋଲ୍ଲାଙ୍କ ଗୋଟିଏ ହାତରେ ଏହି ଆକ୍ରମଣ ଫଳରେ ଆଘାତ ଲାଗିଥିଲା । ପର୍ତ୍ତୁଗୀଜମାନଙ୍କ ପକ୍ଷରୁ ଜଣେ ଭାରତୀୟ ନାଖୁଦା ବା ସାରଙ୍ଗ ଏହି ସଂଘର୍ଷରେ ଗୁରୁତର ଭାବରେ ଆହତ ହୋଇଥିଲା । ଏହାପରେ ହରିଶପୁରର ମୁସଲମାନ ଶାସନକର୍ତ୍ତାଙ୍କ ହସ୍ତକ୍ଷେପ ଫଳରେ, ଇଂରେଜ ବଣିକମାନେ ପର୍ତ୍ତୁଗୀଜମାନଙ୍କର ଆକ୍ରମଣରୁ ରକ୍ଷା ପାଇଥିଲେ ।

ହରିଶପୁରଠାରେ କେତେଦିନ ରହି ଅପ୍ରେଲ ୨୨ ତାରିଖ ଦିନ ଇଂରେଜ ବଣିକମାନେ ସଙ୍ଗରେ ମାଲପତ୍ର ଧରି ବାଲକୁଦା ପର୍ଯ୍ୟନ୍ତ ଆସିଲେ । ସେତେବେଳେ ବାଲକୁଦା ଗୋଟିଏ "ପ୍ରକାଣ୍ଡ ସହର" ଥିଲା ବୋଲି, ଉଇଲିଅମ୍ ବ୍ରୁଟନ୍ ନିଜ ବିବରଣୀରେ ଉଲ୍ଲେଖ କରିଅଛନ୍ତି । ବାଲକୁଦା ସହରରେ ଗୋଟିଏ ରାତି କଟାଇ ତା'ପରଦିନ ସକାଳେ ଇଂରେଜ ବଣିକମାନେ ହରିହରପୁର ଅଭିମୁଖରେ ବାହାରିଲେ । ଏବର ଜଗତସିଂହପୁର ସେକାଳେ ହରିହରପୁର ନାମରେ ପ୍ରସିଦ୍ଧ ଥିଲା । ଇଂରେଜବଣିକମାନେ ହରିହରପୁର ବାହାରିବା ବେଳେ, ସେମାନଙ୍କୁ ବାଟୋଇ ଦେବା-ପାଇଁ, ବାଲକୁଦା ସହରର ଶାସନକର୍ତ୍ତା ଗହଣରେ ବହୁଲୋକ ଓ ବାଦ୍ୟଧରି ଏକ ପଟୁଆରରେ ଅଧମାଇଲ ବାଟ ଆସିଥିଲେ । ବାଲକୁଦା ଠାରୁ ଏହିପରି ଭାବରେ ବାହାରି, ଇଂରେଜ ବଣିକ-ମାନେ ସନ୍ଧ୍ୟାପୂର୍ବରୁ ହରିହରପୁର ସହରଠାରେ ପହଞ୍ଚିଥିଲେ ।

ଏବେ ବାଲକୁଦା ଓ ଜଗତସିଂହପୁର ବା ହରିହରପୁର ପ୍ରଭୃତି ସ୍ଥାନ ପରିବର୍ତ୍ତିତ ପରିସ୍ଥିତିରେ ଗୋଟିଏ ଗୋଟିଏ ଗାଉଁଲି ବଜାରରେ ପରିଣତ ହୋଇଅଛି । ମାତ୍ର ହରିଶପୁର ଏକ ବନ୍ଦର ଥିବାବେଳେ, ଜଗତସିଂହପୁର ଓ ବାଲକୁଦା ଗୋଟିଏ ଗୋଟିଏ ସମୃଦ୍ଧିଶାଳୀ ସହର ଥିଲା । ବାଲକୁଦା ପରି ହରିହରପୁର ସହରରେ ମଧ୍ୟ ଜଣେ ମୁସଲମାନ ଶାସନକର୍ତ୍ତା ଅବସ୍ଥାପିତ ଥିଲେ । ହରିହରପୁର ଶାସନକର୍ତ୍ତାଙ୍କ ନାମ ଥିଲା ମିର୍ଜା ମୋମିନ୍ ! ହରିହରପୁର ସହରରେ ଗୋଟିଏ ଦିନ ଅତିବାହିତ କରିବା ପରେ ଅପ୍ରେଲ ୩୦ ତାରିଖ ଦିନ ଇଂରେଜ ବଣିକମାନେ କଟକ ଅଭିମୁଖରେ ବାହାରିଲେ ।

କଟକର ବାରବାଟୀ ଦୁର୍ଗ ସେତେବେଳେ ଓଡ଼ିଶାରେ ମୋଗଲଶାସନର କର୍ମକେନ୍ଦ୍ର ଥିଲା । ଓଡ଼ିଶାର ଶେଷ ସ୍ୱାଧୀନ ନରପତି ମୁକୁନ୍ଦଦେବ ଏହି ଦୁର୍ଗ ନିର୍ମାଣ କରିଥିଲେ । ମୁକୁନ୍ଦ-ଦେବଙ୍କ ନାମାନୁସାରେ ବାରବାଟୀ ଦୁର୍ଗ ସେକାଳେ ସମ୍ଭବତଃ ନାମିତ ହେଉଥିଲା । ଇଂରେଜ ବଣିକମାନଙ୍କର ବିବରଣୀରେ ଏହି ଦୁର୍ଗ "ମାଲକାଣ୍ଡି"ନାମରେ ନାମିତ ହୋଇଅଛି । ସେ ସମୟରେ ତେହେରାନ୍‌ର ଆଘା ମହମ୍ମଦ ଜମାନ ମୋଗଲ-ଶାସନକର୍ତ୍ତା ଓ ପ୍ରତିଭୂ ରୂପେ ଏହି ଦୁର୍ଗରେ ଅବସ୍ଥାନ କରୁଥିଲେ । ଗୋଲକୁଣ୍ଡାର ନବାବଙ୍କ ବିରୁଦ୍ଧରେ ଅଭିଯାନ ଚଳାଇବା ପାଇଁ ମୋଗଲ ସମ୍ରାଟ ସାହାଜାହାନ, ଆଘା ମହମ୍ମଦ ଜମାନ୍‌ଙ୍କୁ ଏଠାରେ ଅବସ୍ଥାପିତ କରିଥିଲେ । ଆଘା ମହମ୍ମଦ ଜମାନ୍ ଦିନସାରା ଦୁର୍ଗର ଅଭ୍ୟନ୍ତରରେ ରହୁଥିଲେହେଁ, ସୂର୍ଯ୍ୟାସ୍ତ ପରେ ଦୁର୍ଗ ବାହାରେ ଏକ ତମ୍ବୁ ପକାଇ ରାତ୍ରି ଯାପନ କରୁଥିଲେ । ହିନ୍ଦୁ କାଫେର୍ ଦ୍ୱାରା ନିର୍ମିତ ଘରେ ରାତ୍ରି ଯାପନ କରିବା ମୋଗଲମାନଙ୍କ ପକ୍ଷରେ

ଅସମୀଚୀନ ବିବେଚିତ ହେଉଥିଲା । ସେଥିପାଇଁ ଆଘା ମହମ୍ମଦ ଜମାନ୍ ଏଠାରେ ଏକ ରମଣୀୟ ପ୍ରାସାଦ ନିର୍ମାଣ କରିବାର ଯୋଜନା କରିଥିଲେ । ମାତ୍ର ଯୋଜନାକୁ କାର୍ଯ୍ୟରେ ପରିଣତ କରିବାପାଇଁ ମରହଟ୍ଟାମାନେ ସମ୍ଭବତଃ ଆଘା ମହମ୍ମଦ ଜମାନ୍‌ଙ୍କୁ ଅବକାଶ ଦେଇ ନଥିଲେ । ଆଘା ମହମ୍ମଦ ଜମାନ୍ ଏହି 'ମାଲକାଣ୍ଡି' ଦୁର୍ଗରେ ତିନିଶହ ବେଗମ୍‌ଙ୍କ ଗହଣରେ ରହୁଥିଲେ ।

ବ୍ରୁଟନ ନିଜ ବିବରଣୀରେ ଲେଖିଛନ୍ତି, "× × ମିର୍ଜା ମୋମିନ (ହରିହରପୁରର ଶାସନକର୍ତ୍ତା) ଇଂରେଜ ବଣିକ-ମାନଙ୍କର ଦଳପତି ମିଷ୍ଟର କାର୍ଟରାଇଟ୍‌ଙ୍କୁ ଆଘା ମହମ୍ମଦ ଜମାନ୍‌ଙ୍କ ଠାରେ ପରିଚିତ କରାଇଦେବା ପରେ, ଆଘା ମହମ୍ମଦ ଜମାନ୍ ତାଙ୍କ ପାଦରୁ ଜୋତା କାଢ଼ି ପଦଲେହନ କରିବାପାଇଁ ତାହା ଇଂରେଜ ବଣିକଦଳର ମୁଖ୍ୟ କାର୍ଟରାଇଟଙ୍କ ଆଡ଼େ ବଢ଼ାଇଦେଲେ । କାର୍ଟରାଇଟ ଏଥିପାଇଁ ଦୁଇଥର କୁଣ୍ଠା ପ୍ରକାଶ କରିବା ପରେ, ଶେଷରେ ଆଘା ମହମ୍ମଦ ଜମାନ୍‌ଙ୍କ ପଦଲେହନ କରିଥିଲେ ।"

ପଦଲେହନ କରିବାପରେ ଆଘା ମହମ୍ମଦ ଜମାନ୍ ଇଂରେଜ ବଣିକମାନଙ୍କୁ ଓଡ଼ିଶାରେ ଅବାଧ ବାଣିଜ୍ୟ କରିବାପାଇଁ ସନନ୍ଦ ଦେଇଥିଲେ ।

ଇତିହାସରେ ଏପରି ପଦଲେହନ ପୁଣି ପଦଲେହନ ପରେ ପରେ ପଦାଘାତର ଦ୍ୱିତୀୟ ଉଦାହରଣ ନାହିଁ ।

# ଶେଷର ଆରମ୍ଭ

**ଖୋର୍ଦ୍ଧା** ଓ ନୟାଗଡ଼ ଦୋସୀମାଳରେ ଏକ ଘଞ୍ଚ ଅରଣ୍ୟ । ଏ ଅରଣ୍ୟ ଲମ୍ବି ଲମ୍ବି ପଶ୍ଚିମରେ ଘୁମୁସର ଓ ପୂର୍ବରେ ଦଶପଲ୍ଲା ଓ ବୌଦର ଅରଣ୍ୟମାନଙ୍କ ସଙ୍ଗେ ମିଶି ଯାଇଛି । ଘୁମୁସରିଆ କନ୍ଧମାନେ, ଏଇ ଜଙ୍ଗଲେ ଜଙ୍ଗଲେ ଆସି ଖୋର୍ଦ୍ଧାର ମେଳିଆ ପାଇକଙ୍କ ସଙ୍ଗେ ମିଶିଥିଲେ । ସାଧାରଣ ଲୋକ ବା ସରକାରୀ ଫଉଜମାନଙ୍କ ପକ୍ଷରେ ଏ ଅରଣ୍ୟ ଦୁର୍ଗମ ଓ ଦୁର୍ଭେଦ୍ୟ ହେଲେହେଁ, କନ୍ଧମାନଙ୍କ ପକ୍ଷରେ ଏହା ଅତି ସୁଗମ । ବହୁ କନ୍ଧ ପୁଣି ଏହି ଅରଣ୍ୟରେ କେଉଁ ଆଦିମକାଳରୁ ବସବାସ କରି ରହିଛନ୍ତି । ୧୮୦୪ ସାଲରେ ଯେଉଁ ମେଳି ଆରମ୍ଭ ହୋଇଥିଲା, ସେଥିରେ ଏ କନ୍ଧମାନେ ଗୋଟିଏ ବିଶିଷ୍ଟ ଅଂଶ ଗ୍ରହଣ କରିଥିଲେ । ଗୋରା ସିପାହୀମାନଙ୍କର ତୋପ, କମାଣ ଆଉ ବନ୍ଧୁକ, ଏହି କନ୍ଧମାନଙ୍କର ଅତର୍କିତ ଆକ୍ରମଣ ଓ ଆରଣ୍ୟ-ଯୁଦ୍ଧରେ କାବୁ ହୋଇ ପଡ଼ିଥିଲା । ଲୁଟ-ତରାଜରେ ପୁଣି ଏମାନେ ଅଦ୍ୱିତୀୟ । ଏମାନଙ୍କୁ ଯବତ୍ କରିବାପାଇଁ ବୋଲଗଡ଼ ଠାରେ ଗୋରା କାପ୍ଟେନ୍ ଲ ଫାବ୍ରେ (Le Favre) କେତେମାସ ହେବ ଘାଟି କରି ବସିଥିଲେହେଁ, ଏ ଅଞ୍ଚଳ ଭିତରକୁ ପଶି ପାରି ନାହିଁ ।

ଏହି ଜଙ୍ଗଲ ମଝିରେ ଗୋଟିଏ ପାହାଡ଼ରେ ବକ୍ସୀ ଜଗବନ୍ଧୁ ଓ ଦେୱାନ୍ କୃଷ୍ଣଚନ୍ଦ୍ର ଭ୍ରମରବର ରାୟ, କିଛିଦିନ ହେବ ଲୁଚି

ପକାଇ ରହିଛନ୍ତି । ଶେରଗଡ଼ରୁ ଆଠଗଡ଼, ଆଠଗଡ଼ରୁ ଘୁମୁସର, ଘୁମୁସରରୁ ଦଶପଲ୍ଲା, ଦଶପଲ୍ଲାରୁ ନୟାଗଡ଼; ଆତ୍ମରକ୍ଷା ପାଇଁ ନୁହେଁ, ବିପ୍ଳବର ଶେଷ, ନିର୍ବାଣୋନ୍ମୁଖ ଶିଖା ପ୍ରଦୀପ୍ତ ରଖିବାପାଇଁ, ଜଗବନ୍ଧୁ ଓ କୃଷ୍ଣଚନ୍ଦ୍ର, ଝଡ଼ରେ ଶୁଖିଲାପତ୍ର ପରି ଉଡ଼ି ବୁଲୁଥିଲେ । ରଣପୁର, ଦଶପଲ୍ଲା, ନୟାଗଡ଼, ଘୁମୁସର, ଆଠଗଡ଼ ଓ ଶେରଗଡ଼ ପ୍ରଭୃତିର ରାଜା, ଜମିଦାରମାନେ ପ୍ରଥମେ ବକ୍ସିଙ୍କ ପ୍ରତି ଅତ୍ୟନ୍ତ ସହାନୁଭୂତିସମ୍ପନ୍ନ ଥିଲେ । ୧୮୦୪ ସାଲରୁ ୧୮୨୫ ସାଲ, ଇତିମଧ୍ୟରେ ଦୀର୍ଘ ବାରଣ ବର୍ଷ ବିତିଗଲାଣି । ବକ୍ସୀ ଓ କୃଷ୍ଣଚନ୍ଦ୍ରଙ୍କୁ ଧରିବା ପାଇଁ, ଇଂରେଜ ସରକାର ଗଲଦ୍‌ଘର୍ମ ହୋଇ ପଡ଼ିଲାଣି । ମାତ୍ର ଏହି ରାଜା, ଜମିଦାରମାନଙ୍କ ସହାନୁଭୂତି ହେତୁ, ବକ୍ସୀ ଓ କୃଷ୍ଣଚନ୍ଦ୍ର ତଥାପି ଧରା ପଡ଼ି ନଥିଲେ । କିନ୍ତୁ ବର୍ତ୍ତମାନ ଇଂରେଜ ସରକାରର ଚାପରେ, ସେମାନଙ୍କ ମତିଗତି ବଦଳିଲାଣି । ସେମାନେ ବା ଆଉ କେତେକାଳ ଏକ ଅନିଶ୍ଚିତ ସମ୍ଭାବନା ପଛରେ ଧାଇଁଥିବେ ? ପ୍ରତ୍ୟେକେ ତେଣୁ ଆତ୍ମସ୍ୱାର୍ଥ ରକ୍ଷା, ବୁଦ୍ଧିମାନର କାର୍ଯ୍ୟ ବୋଲି ବିବେଚନା କଲେଣି । ଘୁମୁସରର ରାଜା ଶ୍ରୀକର ଭଞ୍ଜଙ୍କ ଆଶ୍ରୟରେ, ଜଗବନ୍ଧୁ ଦୁର୍ଗାପ୍ରସାଦ ଗଡ଼ରେ ଏତେକାଳ ରହିଥିଲେ । ମେଳି ଲାଗି, ଶ୍ରୀକର ଭଞ୍ଜଙ୍କ ପରି ଆଉ କେହି ଏପରି ସର୍ବସ୍ୱାନ୍ତ ହୋଇ ନଥିଲେ । ମେଳିଆମାନଙ୍କ ସଙ୍ଗରେ ଯୋଗ ଦେଇଥିବା ଅପରାଧରେ, ତାଙ୍କ ଜମିଦାରୀ ଖାସ୍ ହୋଇ ଯାଇଥିଲା । ମାତ୍ର ଏବେ ତାଙ୍କୁ ପୁଣି ଜମିଦାରୀ ଫେରି ପାଇବାର ଲୋଭ ହେଲାଣି । ତେଣୁ ଜଗବନ୍ଧୁ ଦୁର୍ଗାପ୍ରସାଦ ଗଡ଼ ଛାଡ଼ି ନୟାଗଡ଼ ପଳାଇ ଆସିଥିଲେ । ନୟାଗଡ଼ ମଧ୍ୟ ଆଉ ନିରାପଦ ନୁହେଁ । ତେଣୁ ଜଗବନ୍ଧୁ ବାଧ୍ୟ ହୋଇ, ଏହି ଦୁର୍ଗମ ଅରଣ୍ୟରେ ଆସି ରହିଛନ୍ତି ।

ପାହାଡ଼ କାନ୍ଥିରେ ଦୁଇଟି ଅନ୍ଧାରିଆ ଗୁମ୍ଫା ଥିଲା । ଗୁମ୍ଫା ମୁହଁରେ ଲଟା ଆଉ ପଥର ଘନ ଆବରଣ । ବାହାର ଦେଖିଲେ, କାନ୍ଥିରେ ଗୁମ୍ଫା ଥିବା କେହି ପ୍ରଥମରେ ଅନୁମାନ କରି ପାରିବେନାହିଁ । ଜଗବନ୍ଧୁ ଓ କୃଷ୍ଣଚନ୍ଦ୍ର ଏହିଠାରେ 'ଘୁଣ୍ଟି' ପକାଇ ରହିଛନ୍ତି । ପାହାଡ଼ ଚୂଡ଼ପଟେ ଢେର କନ୍ଧ ପଲ୍ଲୀ । ଗୋରା ପଲ୍ଟନମାନେ ଆସୁଥିବାର ସାମାନ୍ୟ ସଂକେତ ପାଇଲେ, ଗାଁକୁ ଗାଁ ଧୁମସା ଆଉ ମାଦଳ ବାଜା ବାଜି ଉଠେ । ଆକ୍ରମଣର ଏହା ସାଙ୍କେତିକ ବାର୍ତ୍ତା । ଏହା ପରେ ଜଗବନ୍ଧୁ, ଦଳବଳ ନେଇ ପାହାଡ଼ର ଅନ୍ୟ ଘାଟୀମାନଙ୍କରେ ଆତ୍ମଗୋପନ କରନ୍ତି । ଏ ଲୁଚକାଳି ଖେଳ ଆଜି ନୂଆ ନୁହେଁ । ଦୀର୍ଘ ବାରଶ ବର୍ଷ କାଳ ଏହି ଖେଳ ଚାଲି ଆସିଛି ।

ଶାଳଗଛ ପରି ଜଗବନ୍ଧୁଙ୍କର ଦୀର୍ଘ, ଋଜୁ ଦେହ ବାର୍ଦ୍ଧକ୍ୟ, ଅର୍ଦ୍ଧାସନ ଓ ଅନଶନରେ, ଲୋଳିତ ଓ ଅବନତ ହେଲଣି । ଦେହରେ ପୂର୍ବର ଗୌରକାନ୍ତି ନାହିଁ । ମୁଣ୍ଡର ବାଳ ସବୁ ପାଚି ଆସିଲଣି । ମୁହଁରେ ଦାଢ଼ୀର ଜଙ୍ଗଲ ।

ସନ୍ଧ୍ୟା ପାଇଁ ଆଉ ଅଳ୍ପ ଡେରି ଅଛି । ବୈଶାଖ ମାସର ଅଗ୍ନିବର୍ଷା ଖରାରେ ଜଙ୍ଗଲର ଗଛସବୁ ଝାଉଁଳିଲା ପରି ଦିଶୁଛି । ପାହାଡ଼ ଆଉ ମାଟିରୁ ଏକ ଉତ୍ତପ୍ତ ବାଷ୍ପ ବାହାରି ନିଃଶ୍ୱାସକୁ ଯେପରି ରୁନ୍ଧି ଦେଉଛି । ଜଗବନ୍ଧୁ ଗୁମ୍ଫା ଭିତରୁ ବାହାରି, ଘୁଣ୍ଟି ସାମ୍ନାରେ ଠିଆ ହୋଇ, ଏ ଲୁଚକାଳି ଖେଳ ଆଉ କେତେଦିନ ପୁଣି କାହିଁକି ଚାଲିବ, ସେଇଆ ଚିନ୍ତା କରୁଥିଲେ । କୃଷ୍ଣଚନ୍ଦ୍ର, ଦୁଇଦିନ ହେବ ନୟାଗଡ଼ ଆଡ଼େ ଯାଇଛନ୍ତି, ତଥାପି ଏପର୍ଯ୍ୟନ୍ତ ଫେରିନାହାନ୍ତି । ସେ ନଫେରିବା ପର୍ଯ୍ୟନ୍ତ ବାହାର ଦୁନିଆର ଖବର କିଛି ଜଣା ପଡ଼ିବ ନାହିଁ । ଘୁଣ୍ଟିରେ ମାଲୁଦଳ ସୋମନାଥ ଦଣ୍ଡସେନାଙ୍କ ଛଡ଼ା ଆଉ କେହି ନାହାନ୍ତି । ସୋମନାଥ ଦଣ୍ଡସେନା ବୃଦ୍ଧ । ଖୋର୍ଦ୍ଧା

ରାଜାଙ୍କ ପାଇକବାହିନୀରେ, ସେ ତାଙ୍କ ଯୌବନରେ ଜଣେ ସେନାପତି ଥିଲେ । ଖଣ୍ଡଗିରି ପାହାଡ଼ରେ, ପରମଗୁରୁଙ୍କ ସହିତ ସେ ଲୁଚି ରହୁଥିଲେ । ସେଠାରେ ଦଳେ ଗୋରା ସିପାହୀଙ୍କ ସହିତ ଏକ ଖଣ୍ଡଯୁଦ୍ଧରେ, ତାଙ୍କ ବାଁ ଜଂଘରେ ଗୋଟାଏ ବନ୍ଧୁକ ଗୁଳିର ଆଘାତ ଲାଗିଥିଲା । ମାତ୍ର ତା ସତ୍ତ୍ୱେ ସେ ଜଙ୍ଗଲ, ପାହାଡ଼ ବୁଲି ବୁଲି, ଆତ୍ମସମର୍ପଣ କରିନାହାନ୍ତି । ବାଁ ଜଂଘରେ ବନ୍ଧୁକ ଗୁଳିର ଘା'ଟା ଚକଡ଼ା ମେଲାଇ ମାଡ଼ିଗଲାଣି । ଏବେ ସେ ଚଳତ୍‌ଶକ୍ତିହୀନ ଓ ପ୍ରାୟ ମୁମୂର୍ଷୁ । ବେଳେ ବେଳେ ତାଙ୍କରି ରୁଗ୍‌ଣ କଣ୍ଠର ଆର୍ତ୍ତନାଦ, ମୁହୂର୍ତ୍ତିକ ପାଇଁ ସେହି ନୀରବତା ଭଙ୍ଗ କରି, ପୁଣି ନୀରବ ହୋଇପଡ଼ୁଛି । ପଶ୍ଚିମ-ଦିଗ୍‌ବଳୟରେ, ଶାଳ-ଅରଣ୍ୟର ଧୂସର ଶୀର୍ଷ ଉପରେ ସୂର୍ଯ୍ୟ ଅସ୍ତ ପ୍ରାୟ । ଜଗବନ୍ଧୁ ସେହି ନିରୁତ୍ସବ ସୂର୍ଯ୍ୟାସ୍ତଆଡ଼େ ଚାହିଁ ଭାବୁଥିଲେ,......ଅଭିଶପ୍ତ ଓଡ଼ିଶାର ଆକାଶରେ ସୁଦିନ ଓ ସୌଭାଗ୍ୟର ସୂର୍ଯ୍ୟ ଏହିପରି ଅସ୍ତମିତ ହୋଇଅଛି । କାଲି ହୁଏତ ପୁଣି ସୂର୍ଯ୍ୟୋଦୟ ହେବ । ଶାଳ ଅରଣ୍ୟର ଧୂସର ଶୀର୍ଷ ପୁଣି ହୁଏତ ସ୍ୱର୍ଣ୍ଣ କିରଣ-ମୁକୁଟରେ ଉଦ୍ଭାସିତ ହୋଇ ଉଠିବ । ମାତ୍ର ଆଜିର ସୂର୍ଯ୍ୟାସ୍ତ ଓ କାଲିର ସୂର୍ଯ୍ୟୋଦୟ ମଧ୍ୟରେ ଏହି ଆରଣ୍ୟ ଅନ୍ଧକାର ଏକ ନିଷ୍ଠୁର ସତ୍ୟ !

ଜଗବନ୍ଧୁଙ୍କ ପୁଟିରେ ଦିନେ ତିଳଧାରଣ ପାଇଁ ସୁଦ୍ଧା ସ୍ଥାନ ରହୁ ନଥିଲା । ସାରା ଓଡ଼ିଶାର କେତେ ବିପ୍ଳବୀ, ପ୍ରାଣ ବିସର୍ଜନ ଦେଇ ଜଗବନ୍ଧୁଙ୍କ ଦଳରେ ମିଶିଥିଲେ । ପଞ୍ଚୁପଲ୍ଲୀର ଦୀନବନ୍ଧୁ ସାନ୍ତରା, ଅରାଙ୍ଗର ଦଳ ବେହେରା, ଘୁମୁସରର ଶ୍ୟାମ କରଣୋଇ, ବାଣପୁରର ଦାମ ସୁବୁଦ୍ଧି, ଛକଗଡ଼ର ରଥୀ ସାମନ୍ତସିଂହାର, ପିପିଲିର ହରି ମାନସିଂହ, ଗଙ୍ଗପଡ଼ାର ଭଗିରଥୀ ଶ୍ରୀଚନ୍ଦନ...... ଓ ଆହୁରି

ଅନେକ ପ୍ରାଣ ପ୍ରାୟଶ୍ଚିତ୍ତ କରି, ଖଣ୍ଡେ ଖଣ୍ଡେ ନଳୀବନ୍ଧୁକ ଧରି ଗୋରା ଫଉଜର ତୋପ, କମାଣ ଆଉ ଘୋଡ଼ସବାରବାହିନୀ ବିରୁଦ୍ଧରେ ଲଢ଼ି ଆସିଥିଲେ । ସେମାନଙ୍କ ଭିତରୁ କେତେ ଆତ୍ମ-ସମର୍ପଣ କଲେଣି, ଆଉ କେତେ ଆଲିପୁର ଜେଲରେ କାରାଦଣ୍ଡ ଭୋଗିଲେଣି ପୁଣି ଆଉ କେତେ ଫାଶୀଖୁଣ୍ଟରେ ଝୁଲିଲେଣି ! ଭବିଷ୍ୟକାଳର ଐତିହାସିକ ଏମାନଙ୍କ ସଂକ୍ଷିପ୍ତ ପରିଚୟ ସୁଦ୍ଧା ଉଲ୍ଲେଖ କରିବାପାଇଁ ହୁଏତ କୁଣ୍ଠିତ ହେବ; କାରଣ ଇତିହାସ ବିଜେତାର ବିଜୟର ନୁହେଁ ! ମାତ୍ର ମୁକ୍ତିସଂଗ୍ରାମର ଇତିହାସରେ ଏହି ଆଦ୍ୟ-ବିପ୍ଲବୀମାନଙ୍କର ନାମ ଅଗ୍ନେୟଲିପିରେ ଉତ୍କୀର୍ଣ୍ଣ ହୋଇ ରହିବ । ଭାରତରେ ମୁକ୍ତି-ଗଙ୍ଗାର ଏଇମାନେହିଁ ପ୍ରାତଃ-ସ୍ମରଣୀୟ ଭଗୀରଥ !

କୁଟି ଭିତରୁ ଦଣ୍ଡସେନାଙ୍କର ଆର୍ତ୍ତନାଦ ପୁଣି ସେପରି ସେହି ସାନ୍ଧ୍ୟ ନୀରବତାକୁ ବିଦୀର୍ଣ୍ଣ କରିଦେଲା । ଜଗବନ୍ଧୁ ଦଣ୍ଡ-ସେନାଙ୍କ ଆର୍ତ୍ତନାଦ ଶୁଣି ଗୁମ୍ଫା ଭିତରକୁ ଆସିଲେ । ଗୁମ୍ଫାର ଗୋଟିଏ କୋଣରେ, ପତ୍ରଶଯ୍ୟା ଉପରେ ବୃଦ୍ଧ ଦଣ୍ଡସେନା ଚଳତଶକ୍ତିହୀନ ହୋଇ ପଡ଼ିଥିଲେ । ତାଙ୍କ ମୁଣ୍ଡପାଖରେ ମାଟିର କଳସୀଟି ଜଳଶୂନ୍ୟ ହୋଇ ପଡ଼ିଥିଲା । ସମ୍ଭବତଃ ତୃଷାରେ ଦଣ୍ଡସେନା ଚିତ୍କାର କରୁଥିଲେ । ଗୁମ୍ଫାର ଅନ୍ୟ ଗୋଟିଏ କୋଣରେ, ରୋଡ଼ଙ୍ଗକଲ୍ଲାର ଇଷ୍ଟଦେବୀ ମୁକୁଟେଶ୍ୱରୀଙ୍କ ବିଗ୍ରହ, ଖଣ୍ଡେ ପଥର ଉପରେ ସ୍ଥାପିତ ହୋଇ ରହିଥିଲା । ତାଙ୍କ ପାଦ-ତଳେ ଜଳୁଥିବା ଦୀପର ଆଲୋକରେ ଗୁମ୍ଫାର ଅଭ୍ୟନ୍ତର ଈଷତ୍ ଆଲୋକିତ ହୋଇଥିଲା । ଜଗବନ୍ଧୁ ରୋଡ଼ଙ୍ଗ ଛାଡ଼ିଲାଦିନୁ, ମୁକୁଟେଶ୍ୱରୀ ତାଙ୍କ ସଙ୍ଗେ ମଧ୍ୟ ଅରଣ୍ୟରୁ ଅରଣ୍ୟ, ପର୍ବତରୁ ପର୍ବତ ଓ ଜନପଦରୁ ଜନପଦ ଘୂରି ବୁଲୁଛନ୍ତି । ଜଗବନ୍ଧୁ ଦେବୀଙ୍କ

ପାଦତଳେ ଥିବା ଗୋଟିଏ ଜଳପାତ୍ରରୁ ସାମାନ୍ୟ ଜଳ ଆଣି ଦଣ୍ଡସେନାଙ୍କ ମୁହଁରେ ଛାଟିଦେଲେ । ଦଣ୍ଡସେନା ଦୁଇ ଆଖି ମେଲି ଜଗବନ୍ଧୁଙ୍କ ଆଡ଼େ ଚାହିଁଲେ । ତାଙ୍କର ବେଦନାବିବର୍ଣ୍ଣ, ପାଣ୍ଡୁର ମୁହଁରେ ହସର ଗୋଟିଏ କ୍ଷୀଣରେଖା ଫୁଟି ଉଠିଲା । ସେ କ୍ଷୀଣକଣ୍ଠରେ ଜଗବନ୍ଧୁଙ୍କୁ କଣ କହିବାପାଇଁ ଚେଷ୍ଟା କରୁଥିଲେ, ମାତ୍ର କହି ପାରିଲେନାହିଁ । ଜଗବନ୍ଧୁ ଗୋଟିଏ ଦୀର୍ଘନିଃଶ୍ୱାସ ପକାଇ ସେଠାରୁ ପୁଣି ବାହାରକୁ ଉଠି ଆସିଲେ ।

ରୋଢ଼ଙ୍ଗର ଭଗବାନ ଦାସ, ବକ୍ସୀଙ୍କର ଏକ ପରମ ସହାୟକ ଥିଲେ । ନାନାସ୍ଥାନରୁ ସେ ଚାନ୍ଦା ଓ ପାଣି ଆଦାୟ କରି ବକ୍ସୀଙ୍କ ପାଖକୁ ପଠାଉଥିଲେ ଓ ମେଳର ସମ୍ବାଦ ଜଣାଉଥିଲେ । ଗତ ଦୁଇ ତିନମାସ ଧରି ତାଙ୍କର ଦେଖା ନଥିଲା । ସେ ବନ୍ଦୀ ହୋଇଥିବେ, ଅଥବା ଆତ୍ମସମର୍ପଣ କରିଥିବେ ଭାବି, ଜଗବନ୍ଧୁ ତାଙ୍କ ଆଶା ଛାଡ଼ି ଦେଇଥିଲେ । ମାତ୍ର ଆଜି ସନ୍ଧ୍ୟାରେ ତାଙ୍କୁ ପୁଟିରେ ଆକସ୍ମିକ ଭାବରେ ଦେଖି ଜଗବନ୍ଧୁ ଆନନ୍ଦିତ ହୋଇ ପଡ଼ିଲେ ।

ଭଗବାନ ଦାସ, ବକ୍ସୀଙ୍କୁ ଦେଖି ତାଙ୍କର ଦୁଇ ପାଦରେ ମୁଣ୍ଡ ଲଗାଇ ସାଷ୍ଟାଙ୍ଗ ପ୍ରଣାମ କଲେ । ଜଗବନ୍ଧୁ ପ୍ରଥମେ ତାଙ୍କୁ କଣ ପଚାରିବେ ଭାବି ସ୍ଥିରକରି ପାରିଲେନାହିଁ । ଭଗବାନ କହିଲେ·····"ଗୋରାମାନେ ରାଣୀମା'ମାନଙ୍କୁ ଆଉ ବିଦ୍ୟାଧର ସା'ନ୍ତଙ୍କୁ ଏବେ ବାରବାଟୀ ଗଡ଼ରୁ ମୁକୁଳାଇ ଦେଇଛନ୍ତି ।"

ଜଗବନ୍ଧୁଙ୍କୁ ଧରି ନପାରିବାରୁ ଇଂରେଜମାନେ ତାଙ୍କର ଦୁଇ ସ୍ତ୍ରୀ ରାଧାମଣି, ଚନ୍ଦ୍ରମଣି ଓ ଦୁଇପୁଅ ଗୋପିନାଥ ବିଦ୍ୟାଧର ଓ ଶ୍ୟାମସୁନ୍ଦରଙ୍କୁ ଗିରଫ କରି, କଟକ ବାରବାଟୀ ଗଡ଼ରେ ଅଟକ କରି ରଖିଥିଲେ । ବହୁକାଳ ଅଟକ ରଖିଲା ପରେ ସୁଦ୍ଧା

ଜଗବନ୍ଧୁ ଆତ୍ମସମର୍ପଣ ନକରିବାରୁ, ଏବେ ବାଧ ହୋଇ ସେମାନଙ୍କୁ ଛାଡ଼ି ଦେଇଛନ୍ତି ।

ଭଗବାନ କହିଲେ······"ରାଣୀ ମା'ମାନେ ଏବେ ଖୋର୍ଦ୍ଧା-ଠାରେ ରହୁଛନ୍ତି । ଏଠାକୁ ଆସିଲା ବାଟରେ ସେମାନଙ୍କୁ ମୁଁ ଦେଖାକରି ଆସିଥିଲି । ସେମାନେ ସମସ୍ତେ ଭଲରେ ଅଛନ୍ତି ।"

ଜଗବନ୍ଧୁ କହିଲେ······"ସେମାନେ ଖଲାସ ହୋଇଥିବା ଖବର ମୁଁ ଆଗରୁ ପାଇଥିଲି । ଆଉ ନୂଆ ଖବର କଣ ?"

ଭଗବାନ କହିଲେ······"ଆପଣ ଜାଣିଛନ୍ତି, ମଳପଡ଼ାର ଜାଗିରଦାର, ଦଣ୍ଡିକ ବାହୁବଳେନ୍ଦ୍ରଙ୍କୁ ଧରାଇଦେଲେ !"

ଜଗବନ୍ଧୁ ଆହତ କଣ୍ଠରେ ପଚାରିଲେ······"କଣ ହେଲା, ଦଣ୍ଡିକ ବାହୁବଳେନ୍ଦ୍ରଙ୍କୁ ମଳପଡ଼ା ଜାଗିରଦାର ପୁଣି ଧରାଇ ଦେଲେ !"

ଭଗବାନ କହିଲେ······"ଘୋର ବିଶ୍ୱାସଘାତକତା କରି ତାଙ୍କୁ ଧରାଇଦେଲେ ସିନା ! ନହେଲେ ବାହୁବଳେନ୍ଦ୍ର କଣ ଧରା-ପଡ଼ିବା ଲୋକ ? ମଇଁଷ ବୋଲି ତାଙ୍କୁ ନିମନ୍ତ୍ରଣ କରିଆଣି ଭାଙ୍ଗରେ ଦୁଦୁରାମଞ୍ଜି ବାଟି, ପିଆଇ ଅଚେତା କରିଦେଲେ । ତାପରେ ଗୋରା ଫଉଜଦାରକୁ ଖବର ଦେଇ ତାଙ୍କୁ ବନ୍ଧାଇଲେ । ନୋହିଲେ ବାହୁବଳେନ୍ଦ୍ରଙ୍କ ଦେହରେ ଟିପ ଛୁଆଁନ୍ତା କିଏ ?"

ଜଗବନ୍ଧୁ କଣ କହିବେ ଭାବି ଠିକ୍ କରିପାରିଲେ ନାହିଁ ! ବିଶ୍ୱାସଘାତକତା ଓ ବନ୍ଧୁଦ୍ରୋହରେ ଗୋଟାଏ ଜାତି ଓ ଗୋଟାଏ ଦେଶ କିପରି ଉଚ୍ଛନ୍ନ ହୋଇଗଲା, ଜଗବନ୍ଧୁଙ୍କ ମାନସଭୂମିରେ ତାହାର ବହୁ ଚିତ୍ର ଗୋଟିକ ପରେ ଗୋଟିଏ ଭାସିଗଲା । କୁଜଙ୍ଗ ରାଜା ମଧୁସୂଦନ ଷେଣ୍ଢ଼ୁ ଏମିତି ବିଶ୍ୱାସଘାତକତା କରି, ନାରାୟଣ

ପରମଗୁରୁ ଓ ବାମଦେବ ପାଠଯୋଷୀଙ୍କୁ ଧରାଇଦେଲେ । ଖୋର୍ଦ୍ଧା-ରଜା ମୁକୁନ୍ଦଦେବ ମଧ୍ୟ ବନ୍ଧୁଦ୍ରୋହ କରି, ଇଂରେଜଙ୍କ ପାଖରେ ଭଲେଇ ହୋଇ, ସବୁ ଦୋଷ ଜଗବନ୍ଧୁଙ୍କ ମୁଣ୍ଡରେ ବୋଳିଦେଲେ ।

ଜଗବନ୍ଧୁ ନୀରବ ରହିଲେ ।

ଭଗବାନ କହିଲେ······"ସା'ନ୍ତେ, ଆଉ କେତେଦିନ ବା ଏମିତି ବୁଲିବେ ? ଆପଣ ଆତ୍ମସମର୍ପଣ କଲେ ସାହେବମାନେ ଆପଣଙ୍କୁ ମାସକୁ ମାସ ଭତ୍ତା ଦେବେ, ପୁଣି ସମ୍ପତ୍ତି ଫେରାଇ ଦେବେ ବୋଲି ଘୋଷଣା କରିଛନ୍ତି ।"

ଜଗବନ୍ଧୁ ପଚାରିଲେ······"ତା'ହେଲେ ମୋତେ କଣ ସେହି ଲୋଭରେ ଆତ୍ମସମର୍ପଣ ପାଇଁ ପରାମର୍ଶ ଦେଉଛ ? ବାଇଶ ବର୍ଷକାଳ ଯଦି ଆତ୍ମସମର୍ପଣ ନକରି ରହି ପାରିଲି, ଆଉ ବର୍ଷ କେତେଟା କଣ ପାରିବି ନାହିଁ ?"

ଭଗବାନ କହିଲେ······"ମୁଁ ସେ କଥା କହୁନାହିଁ ଯେ, କିନ୍ତୁ କେଉଁଥିପାଇଁ ଆପଣ ଏମିତି ଏ ବୟସରେ ବୁଲିବେ ? ମୁଁ ଯେଉଁଠିକି ଯିବାପାଇଁ ଯାଉଛି, ସେଠି ଲୋକେ ଏବେ ସ୍ୱର ବଦଳେଇ କହୁଛନ୍ତି, ବକ୍ସୀ ନିଜ ସ୍ୱାର୍ଥ ପାଇଁ ଗୋରାମାନଙ୍କ ସଙ୍ଗରେ ଲଢ଼ିଲେ । ଆମେ ସେଥିରେ ମାତ୍ର ଡଳାଚଳା ହୋଇଗଲୁ !"

ଜଗବନ୍ଧୁ କହିଲେ······"ସ୍ୱାର୍ଥ ତ ଥିଲା, ସେଥିରେ ସନ୍ଦେହ କଣ ? ସ୍ୱାର୍ଥ ନଥାଇ କେଉଁ କଥା ଅଛି ? ଇଂରେଜ-ମାନେ କଣ ବିନା ସ୍ୱାର୍ଥରେ ଏ ଦେଶକୁ ଆସିଛନ୍ତି ? ସ୍ୱାର୍ଥପାଇଁ ତ ସବୁ । ମାତ୍ର ନିଜ ସ୍ୱାର୍ଥ ସହିତ ଦେଶର ସ୍ୱାର୍ଥ ମିଶାଇପାରିବା

ହେଲା ବଡ଼ କଥା । ଲୋକେ ତ କାଳକାଳକୁ ସେଇଆ କହିବେ ! କହନ୍ତୁ । କିନ୍ତୁ ମୋ କର୍ତ୍ତବ୍ୟ ମୁଁ କରୁଛି । ଆହେ, ପାଇକମାନେ ନଳୀବନ୍ଧୁକ ଆଉ ତୀରଧନୁ ଧରି କେତେକାଳ ଗୋରା ଫଉଜର ତୋପ, କମାଣ ବିରୁଦ୍ଧରେ ଲଢ଼ନ୍ତେ ?"

ଆକାଶରେ ଗୋଟି ଗୋଟି ହୋଇ ନକ୍ଷତ୍ର ସବୁ ଫୁଟି ଉଠୁଥିଲା । ସନ୍ଧ୍ୟାର ଅନ୍ଧକାର ଏକ ଶୀତଳ ପ୍ରଲେପ ପରି ରୌଦ୍ରଦଗ୍ଧ ଅରଣ୍ୟ ଉପରେ ବୁଲି ଆସୁଥିଲା । ଲକ୍ଷ ଲକ୍ଷ ଝିଙ୍କାରି-କଣ୍ଠର ଝିଲ୍ଲୀନାଦରେ ଅରଣ୍ୟ ଭୂମି ମୁଖରିତ ହୋଇ ଉଠୁଥିଲା । ଦଣ୍ଡସେନାଙ୍କ ବେଦନାଜର୍ଜରିତ ଆର୍ତ୍ତନାଦ ବେଳେବେଳେ ସେହି ଆରଣ୍ୟପ୍ରଶାନ୍ତିକୁ ଯାହା ଭଙ୍ଗ କରୁଥିଲା । ଅଦୂରରେ କେଉଁଠି ଘୋଡ଼ାର ଟାପୁଶବ୍ଦ ଶୁଭିଲା । ଭଗବାନ ଦାସ, ଆତଙ୍କିତ ହୋଇପଡ଼ି କହିଲେ......"ଏ ଘୋଡ଼ାଟାପୁ ଶବ୍ଦ ନାଁ । ଫଉଜମାନେ ଆସିଲେ ପରା !"

ଜଗବନ୍ଧୁ କହିଲେ..."ଫଉଜମାନେ ଏତେ ସହଜରେ ଏଠାକୁ ଆସି ପାରିବେ ନାହିଁ । ସେମାନଙ୍କ ସଙ୍କେତ ପାଇଲା ମାତ୍ରେ କନ୍ଧ ଗାଁ'ମାନଙ୍କରେ ଧୂମସା ଆଉ ମାଦଳ ବାଜି ଉଠିବ । ଦେବାନ୍ କୃଷ୍ଣଚନ୍ଦ୍ର, ଦୁଇଦିନ ତଳେ ନୟାଗଡ଼ ଯାଇଥିଲେ, ସେ ସମ୍ଭବତଃ ଫେରି ଆସିଛନ୍ତି ।

ଘୋଡ଼ାଟାପୁର ଶବ୍ଦ, ପୁଟୀ ଠାରୁ ଅଳ୍ପ ଦୂରରେ ବନ୍ଦ ହୋଇଗଲା । କୃଷ୍ଣଚନ୍ଦ୍ର ଘୋଡ଼ା ପିଠିରୁ ଓହ୍ଲାଇପଡ଼ି, ଅତ୍ୟନ୍ତ ବ୍ୟସ୍ତ ଓ ବିଚଳିତ ଭାବରେ ପୁଟୀ ଭିତରକୁ ପଶି ଆସିଲେ । ଜଗବନ୍ଧୁ, ଅନ୍ଧାରରେ କୃଷ୍ଣଚନ୍ଦ୍ରଙ୍କୁ ଦେଖି ପଚାରିଲେ..."କି ହୋ ଦେବାନ ଖବର କଣ ?"